


ନୀଳକଣ୍ଠ ଦାସ

GPNanda Colln., Digitized by srujanika@gmail.com

# କୋଣାର୍କ

ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାସ ଏମ୍. ଏ.

ଡକ୍ଟର ଶ୍ରୀ ମାୟାଧର ମାନସିଂ ଏମ୍. ଏ., ପି. ଏଇଚ୍., ଡି.ଙ୍କ
ଭୂମିକା ସହିତ

—ଭାରତୀ ବିହାର—

GPNanda Colln., Digitized by srujanika@gmail.com

ଦାମ ଦ'ଟଙ୍କା ବାରଅଣା

୧ମ ସଂସ୍କରଣ ୧୨୦୦—୧୯୨୯
୨ୟ ସଂସ୍କରଣ ୨୦୦୦—୧୯୪୭

ଛନ୍ଦ ପ୍ରବେଶ ଓ ପାଦଟୀକା ଲେଖିଛନ୍ତି,
ପଣ୍ଡିତ ଶ୍ରୀ ବାସୁଦେବ ମହାପାତ୍ର

ଟୀକା ଲେଖିଛନ୍ତି,
ଅଧ୍ୟାପକ ପଣ୍ଡିତ ଶ୍ରୀ ବାନାମ୍ବର ଆଚାର୍ଯ୍ୟ, ସାହିତ୍ୟାଚାର୍ଯ୍ୟ, ବିଦ୍ୟାଭୂଷଣ ।

ପ୍ରକାଶ କରିଛନ୍ତି, "ଭରଙ୍ଗ-ବନ୍ଧାର"—କଟକ ।

ମୁଦ୍ରଣ କରିଛନ୍ତି, ଶ୍ରୀ ବନମାଳୀ ମିଶ୍ର, ନବଭାରତ ପ୍ରେସ, କଟକ ।

GPNanda Colln., Digitized by srujanika@gmail.com

# ଭୂମିକା

ଓଡ଼ିଆ ସାହିତ୍ୟ, କାବ୍ୟ-ବହୁଳ । କିନ୍ତୁ 'ଗୋଦାବରୀଠାରୁ ଗଙ୍ଗା ଯାଏଁ ବ୍ୟାପି, କୀର୍ତ୍ତିମାଳା ଯା'ର ବିରାଜେ ଅଦ୍ୟାପି, ଏକାମ୍ରେ କୋଣାର୍କେ ଯା କୀର୍ତ୍ତି ଭାସ୍ୱର', ସେହି ତୁଙ୍ଗ-ଗୌରବ ସ୍ୱାଧୀନ, ସମୃଦ୍ଧ, ସୁନ୍ଦର ଉତ୍କଳର ଚିତ୍ର ଏହି କାବ୍ୟ-ବହୁଳ ଭାଷାରେ ଖୋଜି ପାଇବା ଦୁଷ୍କର । ଅବଶ୍ୟ, ପ୍ରାଚୀନ ଓଡ଼ିଆମାନେ କଠିନ ପଥରରେ ଯେଉଁ ଏପିକ୍ ଓ ଲିରିକ୍ ଲେଖି ଯାଇଛନ୍ତି, ତାହା ସମଗ୍ର ବିଶ୍ୱ-ଚିତ୍ତକୁ ଆନନ୍ଦ ଓ ବିସ୍ମୟ ଦାନ କରିପାରୁଛି । କିନ୍ତୁ ସ୍ଥାପତ୍ୟ ଦେଖାଏ ସିନା, କାବ୍ୟ କଥା କହେ । ପ୍ରାଚୀନ ଉତ୍କଳ କେଉଁଠି କଥା କହୁଛି, ତାହାର ବହୁ ଅନୁସନ୍ଧାନ ମୁଁ ନିଜେ କରିଛି । ପଣ୍ଡିତ ନୀଳକଣ୍ଠ ଦାସଙ୍କ 'କୋଣାର୍କେ' କାବ୍ୟ-ଯୁଗ୍ମରେ ପୁରାଣ ଉତ୍କଳର ପ୍ରାଣ-ବାଣୀ ଯେପରି ସ୍ପଷ୍ଟ ଭାବରେ ମୋର ଶ୍ରୁତିଗୋଚର ହୋଇଛି, ତାହା ଓଡ଼ିଆ, ଇଂରାଜୀ, ବା ଅନ୍ୟ କୌଣସି ଭାଷାର କୌଣସି ଲେଖାଠାରୁ ମୁଁ ପାଇ ପାରିନି ।

କିନ୍ତୁ 'କୋଣାର୍କେ' କାବ୍ୟ; ଇତିହାସ ନୁହେଁ । ମୁଖ୍ୟ ଭାବରେ କାବ୍ୟ, ଇତିହାସ କେବଳ ପୀଠିକା ମାତ୍ର । କାବ୍ୟ-ଉତ୍କର୍ଷ ଫଳରେ ହିଁ ନୀରସ ଇତିହାସ ଜୀବନ୍ତ ହୋଇ ଉଠିଛି । ମୁଁ ଏ ପୁସ୍ତକ ବାରଂବାର

GPNanda Colln., Digitized by srujanika@gmail.com

ପଢ଼ିଛି । କାବ୍ୟ ଭାବରେ ମନୋଜ୍ଞ ହୋଇ ନ ଥିଲେ, ଏ ପୁସ୍ତକକୁ ଏତେ ଥର ପଢ଼ିବା ମୋ ପକ୍ଷରେ ସମ୍ଭବ ହୋଇ ନ ଥାନ୍ତା । ଭାଷା, ଭାବ, ଚରିତ୍ର-ଚିତ୍ରଣ, କଳ୍ପନା, ବର୍ଣ୍ଣନା, ଉପମା, ଅଳଂକାରାଦି ଯେ କୌଣସି ଦିଗରୁ ବିଚାର କରି ଦେଖିଲେ, 'କୋଣାର୍କ' ଓଡ଼ିଆ ଭାଷାରେ ଅନୁପମ କାବ୍ୟ । ସମ୍ଭବ ବଙ୍ଗଳା ଭାଷାରେ ମଧ୍ୟ ଏପରି ଖଣ୍ଡିଏ କାବ୍ୟ ଏପର୍ଯ୍ୟନ୍ତ ମୋ ଆଖିରେ ପଡ଼ିନାହିଁ ।

ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନଙ୍କୁ ଘେନି କବି ନିଜେ ଥରେ କୋଣାର୍କ ବୁଲି ଯାଇଥିଲେ । ସେଦିନ କୋଜାଗରୀ ପୂର୍ଣ୍ଣିମା । ଶାରଦ ଜ୍ୟୋତ୍ସ୍ନାରେ କୋଣାର୍କ ଦର୍ଶନ କିନ୍ତୁ ବିଫଳ ହେଲା । କାରଣ ଏତେ ଝଡ଼ ବର୍ଷା ହେଲା ଯେ, ଛାତ୍ର ଓ ଶିକ୍ଷକ କୋଣାର୍କରୁ ଆସି ୪ ମାଇଲ ଦୂର ରାମଚଣ୍ଡୀ ମନ୍ଦିରରେ ରାତିକ ଆଶ୍ରୟ ନେବାକୁ ବାଧ୍ୟ ହେଲେ । ପିଲାମାନେ ଶୋଇ ପଡ଼ିଲେ । ତରୁଣ ଶିକ୍ଷକ-କବିଙ୍କୁ କିନ୍ତୁ ନିଦ ହେଲାନି । ଭଗ୍ନ କୋଣାର୍କକୁ ସ୍ମରଣ କରୁ କରୁ ଅଧଃପତିତ ଓଡ଼ିଆ ଜାତିର ଗୌରବମୟ ସମଗ୍ର ପ୍ରାଚୀନ ତାଙ୍କ ମନରେ ଖେଳିଗଲା । ସ୍ୱଜାତିର ମୂର୍ତ୍ତିମନ୍ତ ଆଶା ସ୍ୱରୂପ ସୁପ୍ତ କିଶୋର ଛାତ୍ରମାନଙ୍କର ସ୍ୱପ୍ନ-ପର୍ଯ୍ୟାୟ ଭାବରେ କବିଙ୍କର ସେହି ଜାଗର ମୁହୂର୍ତ୍ତ ଗୁଡ଼ିକର ବିବରଣୀ 'ରାମଚଣ୍ଡୀଠାରେ ରାତି'ରେ ବର୍ଣ୍ଣିତ ହୋଇଛି । ତାପରେ ହୋଇଛି, 'ରାମଚଣ୍ଡୀଠାରେ ସକାଳ ।' ଶିକ୍ଷକ ଓ ଛାତ୍ର ସତୃଷ୍ଣ ନୟନରେ କୋଣାର୍କକୁ ଚାହିଁ ଚାହିଁ ସତ୍ୟବାଦୀ ଫେରିଛନ୍ତି । ବକୁଳବନର ଛାଇ ତଳେ କବି-କୁଳପତି କିଶୋରମାନଙ୍କର ଜିଜ୍ଞାସାକୁ ସନ୍ତୁଷ୍ଟ କରିବାପାଇଁ କୋଣାର୍କ-ରଚନା ଓ କୋଣାର୍କ-ପୀଠରେ ମାୟା-ଦେବୀ ମନ୍ଦିର ଗଠନ କିପରି ଓ କାହିଁକି ହେଲା, ସେ ସମ୍ବନ୍ଧରେ ସେ ଥରେ ଗଡ଼ଜାତ ବୁଲି ଯାଇଥିଲା ବେଳେ ଜଣେକ ଭାଟ ମୁଖରୁ ଯେଉଁ ଗଳ୍ପ ଶୁଣିଥିଲେ, ତାହା 'ମାୟାଦେବୀ' କାବ୍ୟରେ ବର୍ଣ୍ଣିତ ହୋଇଛି ।

ଓଡ଼ିଆରେ ସାଧାରଣତଃ ଯେପରି କାବ୍ୟ ଅମ୍ଭେମାନେ ପଢ଼ିବାକୁ ପାଉଁ, ସେଗୁଡ଼ିକର ଗତାନୁଗତିକ ସ୍ଥାପତ୍ୟଠାରୁ 'କୋଣାର୍କ' କାବ୍ୟର

GPNanda Colln., Digitized by srujanika@gmail.com

ସ୍ଥାପତ୍ୟ ସମ୍ପୂର୍ଣ୍ଣ ଭିନ୍ନ । ଏହାର କାରୁ-ଶିଳ୍ପ ମଧ୍ୟ କବିଙ୍କର ଅନେକାଂଶରେ ନିଜସ୍ୱ ହୋଇଥିବାରୁ, ଏ କାବ୍ୟ ଜନସାଧାରଣରେ ପ୍ରିୟ ନ ହୋଇପାରେ । କିନ୍ତୁ ଠିକ୍ ସେଇ ସେଇ କାରଣରୁହିଁ ଉଚ୍ଚସ୍ତରର ଗ୍ରାହକମାନଙ୍କ ନିକଟରେ ଏହାର ମୂଲ୍ୟ ବେଶି । ଗତାନୁଗତିକତାରୁ ଭିନ୍ନ ହୋଇଥିବାରୁହିଁ, ଏଇ କାବ୍ୟପ୍ରତି ମୋର ସ୍ୱତନ୍ତ୍ର ଶ୍ରଦ୍ଧା ।

ସବୁ କାବ୍ୟପରି ଏ କାବ୍ୟରେ ମଧ୍ୟ ପ୍ରଣୟହିଁ ମୂଳ କଥା । କିନ୍ତୁ ଏ ପ୍ରଣୟରେ ଏପରି ଏକ ଶୁଚିତା, ପୌରୁଷ ଓ ଦୃଢ଼ତା ସୂଚିତ ହୋଇଛି, ଯାହା ଓଡ଼ିଆ ସାହିତ୍ୟର ଅନ୍ୟ କୁତ୍ରାପି ଦୃଷ୍ଟିଗୋଚର ହୁଏ ନାହିଁ । କୁମାର ନରସିଂହ ଓ ଦରିଦ୍ରୀଭୂତ ସାମନ୍ତର କନ୍ୟା ମାୟାଦେବୀଙ୍କର ପ୍ରେମ, କାବ୍ୟ-ପୁରାଣର ବର୍ଣ୍ଣ-ରଂଜିତ ପ୍ରେମ ନୁହେଁ । ଏଠି ସ୍ୱର୍ଣ୍ଣ-ପ୍ରଦୀପରେ ଗଂଧ-ତୈଳ ଜଳୁ ନ, ବା ବିରହିଣୀର ଉତ୍ତାପ ନାଶ ପାଇଁ ପରିଚାରିକାମାନେ ଉଶୀରମୂଳ ବାନ୍ଧୁଥିବାର ଶସ୍ତା ବର୍ଣ୍ଣନା କବି ଆମକୁ ଦେଇ ନାହାନ୍ତି । ତସ୍କର-ତାଡ଼ନବ୍ୟସ୍ତ ନରସିଂହ ଲୁଣ୍ଠିତ ଶିଶୁପାଳ ଗଡ଼ର ଭଗ୍ନ ଦୁର୍ଗରେ ମାୟାଦେବୀଙ୍କୁ ଭେଟନ୍ତି, ପରିଚୟର ଘନିଷ୍ଠତା ଉଦ୍ଧାରେ, ସେଇ ସ୍ଥାନରେ ଭଙ୍ଗା ଖଟରେ ତାଙ୍କର ହୁଏ ପ୍ରଥମ ମିଳନ । ବାପା ଅନଙ୍ଗଭୀମ ଦେବ ତେଣେ ଯୁବରାଜଙ୍କର କାଶ୍ମୀର ରାଜକନ୍ୟାଙ୍କ ସଂଗେ ନିର୍ବନ୍ଧ କରେଇ ସାରିଛନ୍ତି । ଏକଥା ନରସିଂହ ଜାଣି ନ ଥିଲେ । ଜାଣିଥିଲେ, ନରସିଂହ ମାୟାଦେବୀଙ୍କ ପ୍ରତି ଗୃହୀ ନ ଥାନ୍ତେ,·ବୋଧହୁଏ । ଜାଣିଲାପରେ, ସେ ବାରବାଟୀ ଦୁର୍ଗରୁ ଶିଶୁପାଳ ଗଡ଼କୁ ନିଜେ ଧାଇଁ ଆସି ମାୟାଦେବୀଙ୍କ ନିକଟରେ ପ୍ରଥମ ଅଶ୍ରୁ ବିନ୍ଦୁ ତ୍ୟାଗ କଲେ । କିନ୍ତୁ ମାୟା ନିଜର ସମସ୍ତ ଅସ୍ମିତାକୁ ପୋଛି ଦେଇ ନରସିଂହଙ୍କର ମନୋବେଦନା ଦୂର କରିବାକୁ ଚେଷ୍ଟା କରି, ନିଜ ସ୍ୱାମୀ ଓ ସପତ୍ନୀ କାଶ୍ମୀର ଜେମାଙ୍କ ହୃଦୟରେ ଯେପରି, ପାଠକମାନଙ୍କ ହୃଦୟରେ ମଧ୍ୟ ସେଇପରି, କାରୁଣ୍ୟ-ଧୌତ ସ୍ୱର୍ଣ୍ଣ ସିଂହାସନରେ ଆସୀନା ହୋଇ ପାରିଛନ୍ତି ।

ଏହି ସାମାନ୍ୟ କଥାବସ୍ତୁ ଉପରେ 'ମାୟାଦେବୀ' ରଚିତ। ଧ୍ୱଂସସ୍ତୂପ ଗଡ଼ର ତସ୍କର, ଟଂକ ସହିତ ନରସିଂହଙ୍କର ସଂଘର୍ଷ, ଏଇ କାବ୍ୟ ଭିତରେ

GPNanda Colln., Digitized by srujanika@gmail.com

ଏକ ଶାଖା-ଉପାଖ୍ୟାନ । ଏ ଉପାଖ୍ୟାନ ନ ଥିଲେ କାବ୍ୟ ଅସଂପୂର୍ଣ୍ଣ ହୋଇ ନ ଥାନ୍ତା, କିନ୍ତୁ ଥିବା ଦ୍ୱାରା କାବ୍ୟ ଶବଳିତ ଓ ସେକାଳର ଉତ୍କଳର ଚିତ୍ର ସ୍ପଷ୍ଟତର ହୋଇ ଉଠିଛି ।

କିନ୍ତୁ ଗଳ୍ପର ଚମତ୍କାରିତା ବା ଭାଷାର ସ୍ନିଗ୍ଧତା ଦେଇ ପାଠକ ଚିତ୍ତ ମୁଗ୍ଧ କରିବାର ପ୍ରୟାସ ଆମ୍ଭେମାନେ 'କୋଣାର୍କ'ରେ ପାଉନା । ସେ ଲିପ୍ସା ଥିଲେ କବି ଅନାୟାସରେ ସେପ୍ରକାର ସିଦ୍ଧି ଲାଭ କରି ପାରିଥାନ୍ତେ ।

ଆଜି ଯେ କୁଆଁର ପୁନିଅଁ କେଡେ ସୁଖ ସରଧା
ମାଆ ଭଉଣୀଙ୍କ ଆଦର ନବ ବସନ ପିଁଧା ।

\+ \+ \+ \+

ଲାଗିରେ ହୁଳହୁଳି ଲଗାଇ ଗୃହେଁ ଥିବେ ଜନନୀ
ପିଠା ପଣା ଖାଉ ନ ଥିବେ ସୁଖେ ଆଜି ଭଗିନୀ ।

( ପୃଷ୍ଠା ୧—ଧା ୫, ୬, ୯, ୧୦ )

ବା

ରାଣୀ ରାଜକେମା;          ଡାକନ୍ତି ଭିତରେ
ଶୁଣନ୍ତି ଏ ଭଂଗା ବୀଣାର ବାଣୀ
ପାଟ ପଡନୀରେ          ଶୋଇଥିଲି ଶିର
ଗାଉଥିଲି ସୁଖେ କୀର୍ତ୍ତି କାହାଣୀ ।

( ପୃଷ୍ଠା ୭୧—ଧା ୪୧, ୪୨ )

ଏପରି ସହଜ ଓ ସୁଶ୍ରାବ୍ୟ ପଦାବଳି ଦେଇ ଯେଉଁ • କବି ଆମର ପରିଚିତ ଅନୁଭୂତିଗୁଡ଼ିକ ପ୍ରକାଶ କରି ପାରନ୍ତି, ସେ ଭାବିଥିଲେ ସମଗ୍ର ଗ୍ରନ୍ଥଟି ମଧ୍ୟ ସେହିପରି ଲେଖିଯାଇ ପାରିଥାନ୍ତେ । କିନ୍ତୁ ତା ଫଳରେ ଏ କାବ୍ୟ ଦରିଦ୍ର ହୋଇ ପଡିଥାନ୍ତା । ନାନା ରୀତିର ପ୍ରକାଶରେ ଏ କାବ୍ୟ

GPNanda Colln., Digitized by srujanika@gmail.com

ବର୍ତ୍ତମାନ ଯେପରି ବରିଛନ୍ତି, ସମୃଦ୍ଧ ଓ ଜ୍ଞାନମୟ ହୋଇ ପାରିଛ, ସେପରି ହୋଇ ପାରି ନ ଥାନ୍ତା । ବନ୍ଧ ପ୍ରକାଶଧାରାର କେତେକ ଦୃଷ୍ଟାନ୍ତ ଦିଶି ଦେଉଁ ।

(୧) ରହୁ ରହୁ ବାଆ ବହାସି, ରହୁ ବରଷା ଧାର
କୁଆଁର ପୁନଅଁ ହେଉରେ ଆଜ ରଜନୀସାର ।
ଉଠିଆସୁ ନୀଳ ଲହରୀ ଭେଦ ତାରକାରଜ
ନଶାମଣି ଶୋହୁ ଗଗନେ ମହା-ମୁକୁର ମାଜ ।

(ପୃଷ୍ଠା ୯—ଧା ୩୯-୪୨)

(୨) ଦେଖ କ ପୁଲକେ ରମଣୀ ପର୍ବ-ଦାନ-ଭୂଷଣେ
ପୃଥୁଲ-ଉରସ-ବକ୍ଷାରେ ଗର୍ବ-ପୀନ-ନୟନେ,
ତାତ ଭ୍ରାତ ସୁତ ଦୟିତେ ରଣ-ଭୂଷଣେ ସାଜ
ଦୂର ପରିପନ୍ଥୀ ବନାଶେ ଦେବେ ସୁଖେ ବରଜ ।

(ପୃଷ୍ଠା ୩୨—ଧା ୩୬୯—୩୮୨)

(୩) ପୀନ ନେତ୍ର ତାର ଦଶିଲ୍ଲ ଉଜ୍ଜଳ
କହିଲ୍ଲ ସରସେ ଫିଟାଇ ଭ୍ରଷା
ବାଢ଼ୁ ହେଲ ବାରୁ ସଂଗୀ କ କରବେ ?
ସଂଗୀତ ତ ଆମ କୁଳ ବେଉସା ।

(ପୃଷ୍ଠା ୭୦—ଧା ୩୩, ୩୪)

(୪) 'ଗମ୍ଭୀର-ଦୁର୍ଦ୍ଦିନ- ତାମସେ ଚପଳା
ଚମକ କରଇ ଗମ୍ଭୀରତର,
ଗିରି-ନିର୍ଝରଣୀ- ମୋହନ ଶବଦ
ଶୁଣି, ଘୋରବନେ ମାଡ଼ଇ ଡର ।
ପ୍ରବୀଣ ପଥିକ ଜାଣି ସେ ଚମକେ
ପଲକେ, ଦଅଇ ଲୋଚନ ବୁଜ;

GPNanda Colln., Digitized by srujanika@gmail.com

କୁଶଳ ମୃଗଙ୍କୁ    ସେ ନଦୀ ଶବଦେ
ସ୍ଥଳକେ ଶ୍ୱାପଦ ଦେଖଇ ଖୋଜ ।
(ପୃଷ୍ଠା ୨୪୯—ଧା ୫୫-୫୮)

(୫) କି ଶୋଭନ ଯାଅ,    ସାଧବ ପୁଅ,    ଆସ ହେ ପାଶେ ମୋର
ସିଂହଳକୂଳ—    ମୁକୁତା ଫଳ    ଦିଅ ରଚିବ ହାର ।
(ପୃଷ୍ଠା ୧୬୦—ଗୀତର ପ୍ରଥମ ପଦ)

(୬) ଏକା ହୋଇ ଯାଅ ନାହିଁ    ନିଅ ମୋତେ ତୁଳେ
ଅର୍ଦ୍ଧ ଅଂଗ କେସନେ ମୁଁ    ରହିବଇଁ ଭଲେ
ଢାଲ ତୂଣୀର ବୋହିବି,
ଛଡ ମୋ ପରାଣ ମୁଁ ତ ଏକା ନ ରହିବି ।
(ପୃ ୧୬୩—ଗୀତ)

( ଗୁରୁଲଘୁ ନମୁନା )

(୭) ସ୍ତବକେ ହସି ହସି    ପୁଷ୍ପ ପଡ଼ିବ ଖସି
ଶ୍ୱାପଦ ଲୁଚିଅଛି    ଘୋର ଗହନ ରସି
ଉଠ ଉଠ ବୀର-    କଦଂବକ-ପାଳକ
ଶ୍ୟାମଳ ଅରୁଣିତ ସୌର କନର ।
(ପୃଷ୍ଠା ୧୭୨—ପାରିଧି ଗୀତ ଶେଷ ପଦ)

ପ୍ରକାଶ ଭଂଗିର ବିଭିନ୍ନତାର ଏହି ସୁଷମା କବିଙ୍କ ନିଜସ୍ୱ ଯନ୍ତ୍ରରେ ପ୍ରଖ୍ୟାପିତ ହୋଇଛି ।

ସମ ବଇଭବେ    ଅଛଇ କି ସୁଖ
ବିଷମେ ସିନା ଏ ପରାଣ ଖେଳେ ?
ଦିବସେ ହସଇ    କାନନ ଧରଣୀ
ରଜନୀ-ତାମସ-ସ୍ମରଣ-ବଳେ ।
(ପୃଷ୍ଠା ୨୩୩—ଗନ୍ଧ ଧାତୁ)

GPNanda Colln., Digitized by srujanika@gmail.com

ଏ ଗ୍ରନ୍ଥରେ କବି ଏପରି ବିଷୟମାନ ଉପସ୍ଥାପିତ କରିଚନ୍ତି, ଯାହା ଉପରେ ଓଡ଼ିଆ ସାହିତ୍ୟରେ ଅପର କୌଣସି କବି ଲେଖନୀ ଚାଳନା କରି ନ ଥିଲେ । ତେଣୁ କବିଙ୍କର ନୂତନ ବର୍ଣ୍ଣର ନୂତନ ଚିତ୍ରଣ ପାଠକମାନଙ୍କୁ ପ୍ରଥମେ ଅସ୍ୱାଭାବିକ ଲାଗିପାରେ । କିନ୍ତୁ ବିଚାର କଲେ ସ୍ପଷ୍ଟ ପ୍ରତୀତ ହେବ ଯେ, ସେଇ ସେଇ ଚିତ୍ରଣ ପାଇଁ ସେଇ ସେଇ ବର୍ଣ୍ଣ ଓ ସେଇ ଭଙ୍ଗୀ ପ୍ରକୃଷ୍ଟ । 'ମାତୃଦେବୀ'ର ଷଷ୍ଠ ସର୍ଗରେ ଯୁବରାଜ ନରସିଂହ ତାମ୍ରଲିପ୍ତ ବନ୍ଦରରେ ଜଳଯୁଦ୍ଧରେ ଜଳଦସ୍ୟୁମାନଙ୍କୁ ନିପାତ କରିବାର ବର୍ଣ୍ଣନା ଅଛି । ମୁଁ ପାଠକମାନଙ୍କୁ ଏଇ ଜଳଯୁଦ୍ଧ ବର୍ଣ୍ଣନାଟି ପଢ଼ିବାକୁ ଅନୁରୋଧ କରେଁ । କବିଙ୍କ ଭାଷା ବିଷୟାନୁସାରୀ ମାତ୍ର ହୋଇଚି କି ନାହିଁ, ସେମାନେ ତାହା ପଢ଼ିଲେଇଁ ବୁଝି ପାରିବେ ।

ଅବଶ୍ୟ କହି ରଖେ ଯେ, 'ଭୃଙ୍ଗ' 'ଅନନ୍ତ' 'ଉତ୍ସ' 'ଉପାନ୍ତ' 'ବିସାର' 'ପ୍ରସାର' 'କମ୍ର' ପ୍ରଭୃତି କେତେ ଗୁଡ଼ିଏ ପଦ କବି ଯତ୍ର ତତ୍ର ବ୍ୟବହାର କରି ସେ ଗୁଡ଼ିକର ମର୍ଯ୍ୟାଦା କ୍ଷୁଣ୍ଣ କରିବା ସଙ୍ଗେ ସଙ୍ଗେ, ନିଜର ଭାବ ରାଜିକୁ ପାଠକ ନିକଟରେ ଅକାରଣ କେତେ ସ୍ଥାନରେ ଗୋଳିଆ କରି ଯାଇଛନ୍ତି । କାବ୍ୟର ଭିନ୍ନ ଭିନ୍ନ ଅଂଶ ପରସ୍ପର ପ୍ରତି ଅନୁପାତ ରକ୍ଷି ଯେପରି ଗଢ଼ା ହେବାର କଥା, ପ୍ରେରଣା-ଉତ୍ସରେ କବି ତାହା କରି ନାହାନ୍ତି । କେତେ ଗୁଡ଼ାଏ ଅଂଶ କାଟି ଦେଇଥିଲେ, ଦୈର୍ଘ୍ୟ କ୍ଷୁଦ୍ର ହେବା ହେତୁ କାବ୍ୟ-ଲକ୍ଷ୍ମୀ, ଉପଭୋଗ କରିବା ପାଠକ ପକ୍ଷରେ ଅଧିକ ସୁଖକର କଥା ହୋଇଥାନ୍ତା । ସ୍ଥାନେ ସ୍ଥାନେ ପଦାବଳି ଏପରି ଲୁପ୍ତ ବା ବିଚ୍ଛିନ୍ନ ଭାବରେ ବ୍ୟବହାର ହୋଇଛି ଯେ ପଦଗୁଡ଼ିକ ବୋଧଗମ୍ୟ ହେଲେ ହେଁ ସେମାନଙ୍କର ସମୁହ ଅର୍ଥ ବୁଝିବା କଠିନ ହୋଇ ପଡ଼ୁଛି—

ଯଉବନ ଜଳେ                    ଅନନ୍ତ ବିଭାସେ,
ତରୁଣ ବିକାଶେ ଅନନ୍ତ ମୂଖେ
କରମ ସଂଯମ                    ଗରବ ବିନୟ
ତରୁଣେ ଖେଳଇ ଅନନ୍ତ ସୁଖେ ।

( ପୃ ୧୫୬-୨ୟ ଧାଡ଼ି )

GPNanda Colln., Digitized by srujanika@gmail.com

ଏପରି ଏକ ଶ୍ଳୋକର ଅର୍ଥ-ପ୍ରତୀତି ଯେ ସାଧାରଣ ପାଠକ ନିକଟରେ ସହଜଗମ୍ୟ ନୁହେଁ, ତାହା ହୁଏତ କବି ନିଜେ ସ୍ୱୀକାର କରିବେ । ତାଙ୍କ ବ୍ୟବହୃତ ଗୋଟିଏ ଗୋଟିଏ ସମସ୍ତ-ପଦରେ ଏତେ ଗୁଡ଼ିଏ ଭାବ 'ପିଣ୍ଡୀକୃତ ହୋଇ ଯାଇଛି ଯେ, ସାଧାରଣ ପାଠକ ପଢ଼ୁ ପଢ଼ୁ ସେ ସବୁ ସଂଗେ ସଂଗେ ବିଶ୍ଳେଷଣ କରି ଧରି ପାରିବାର ଆଶା କରାଯାଇ ନ ପାରେ । ସୂର୍ଯ୍ୟୋଦୟ ବେଳେ ପୂର୍ବଦିଗରେ ମେଘ ଥିଲେ, ମେଘର ପ୍ରାନ୍ତଭାଗ ସବୁ ପ୍ରଥମେ ଅଲୋକିତ ହୁଅନ୍ତି । ସମୁଦ୍ର କୂଳରେ ସୂର୍ଯ୍ୟୋଦୟ ବେଳେ ସୂର୍ଯ୍ୟ ପାଣି ଉପରେ ଖଣ୍ଡେ, ତଳେ ଖଣ୍ଡେ ଓ ମଝିଟା କ୍ଷୀଣ, ଏହିପରି ଡମ୍ବରୁ ଆକାରରେ ସାମାନ୍ୟ କେତେ ମୁହୂର୍ତ୍ତ ପାଇଁ ଦେଖା ଦିଅନ୍ତି । ଡମ୍ବରୁର ଉପର ଓ ତଳ-ପ୍ରାନ୍ତ ସମତଳ, କିନ୍ତୁ ସୂର୍ଯ୍ୟ-ଡମ୍ବରୁର ତଳ-ଉପର ବର୍ତ୍ତୁଳ ଦେଖାଯାଏ । ଏହି ସୂକ୍ଷ୍ମ ଦର୍ଶନଗୁଡ଼ିକ କବି ନିଖୁଣ ଭାବରେ ଏହିପରି ପ୍ରକାଶ କରିଛନ୍ତି:—

ଫାଟିଯାଏ ଦେଖ କାଳିମା ଉଷା-ରଜତ-ପୁରେ
ପାରଦ-ଉପାନ୍ତ-ପ୍ରସରେ ମେଘ ଚଳେ ଅମ୍ବରେ
( ପୃ ୭୦-ଧା ୮୮୫, ୮୮୬ )

× × ×

ବୃତ୍ତାଭାସପରି ଦିଶିଲା ଉଠି ଅର୍ଦ୍ଧ-ମଣ୍ଡଳ;
ବର୍ତ୍ତୁଳିତ-ପ୍ରାନ୍ତ-ଡମ୍ବରୁ କ୍ରମେ ଦିଶେ ସୁନ୍ଦର ।
( ପୃ ୭୧-ଧା ୯୦୭, ୯୦୮ )

କିନ୍ତୁ ପୁସ୍ତକର ଅନେକତ୍ର ଏପରି ସମସ୍ତ-ପଦ ସବୁ ରହି ଯାଇଛି, ଯାହାକି ମୁଁ ନିଜେ ଏ ପର୍ଯ୍ୟନ୍ତ ପୂରା ସମଜି ପାରିନି । ସାଧାରଣ ପାଠକର ଉପକାର ପାଇଁ ଏ ପୁସ୍ତକରେ ତେଣୁ ବହୁଳତର ଟୀକା ଦେବା ଦରକାର ଅଛି ।

ରାଧାନାଥ ଓ ମଧୁସୂଦନ ଓଡ଼ିଆ ସାହିତ୍ୟରେ ବଙ୍ଗଳା-ଅନୁକରଣରେ-ଉପଧା-ମିଳନ ପୂରାନ୍ତି । ଆମେ ସବୁ ରାଧାନାଥ ଓ ମଧୁସୂଦନଙ୍କ ବହି ପଢ଼ି

GPNanda Colln., Digitized by srujanika@gmail.com

ମନସ ହେଲି । ଉପଧା-ମିଳନ ଯେ ଖାଣ୍ଟି ଓଡ଼ିଆ କବିର ନୁହେଁ, ଏହା ଆମ୍ଭେମାନେ ବହୁତ ଡେରିରେ ଜାଣିଲୁ । ସେତେବେଳକୁ ଉପଧା-ମିଳନ ଗତରେ ପଡ଼ି ଗଲଣି—ଭୁଲ ଜାଣି ମଧ୍ୟ ଏବେ ବି ଉପଧା ମିଳେଇ ଲେଖୁଛୁ । କିନ୍ତୁ କ୍ରମେ ଏଇ ଧାରଣା ବଦ୍ଧମୂଳ ହେଉଛି ଯେ, ଏହି ଉପଧା ମିଳନପରି କୃତ୍ରିମ ସୌଖିନକୁ ପ୍ରଶ୍ରୟ ଦେବା ଦ୍ୱାରା ଓଡ଼ିଆ ସାହିତ୍ୟର ଅନିଷ୍ଟ ହୋଇଛି । ଭାଷା ତା'ର ସ୍ୱଚ୍ଛନ୍ଦତା ହରେଇଛି, କବି ତା' ଆଙ୍ଗୁଠିରେ ସୁନାର ଶୃଙ୍ଖଳ ଦେଇଛି । ପଣ୍ଡିତ ନୀଳକଣ୍ଠ ଦାସଙ୍କର 'କୋଣାର୍କେ'ରେ ଭାଷାର ଯେଉଁ ସ୍ୱୈର, ଜାଙ୍ଗଲିକ ସୁଷମା ଦେଖିବାକୁ ମିଳେ, ତାହା ଉପଧା-ମିଳନର କୃତ୍ରିମତାର ସଂପୂର୍ଣ୍ଣ ଅଭାବ ଯୋଗୁ ହିଁ ସମ୍ଭବ ହୋଇଛି ।

କେବଳ ଉପଧା-ମିଳନକୁ ପ୍ରତ୍ୟାଖ୍ୟାନ କରି ଦେଲେ ହିଁ ଯେ ଭାଷାର ସ୍ୱାଚ୍ଛନ୍ଦିକ ସୁଷମା ଫୁଟି ଉଠିବ, ତାହା ଅବଶ୍ୟ ନୁହେଁ । ଅନେକ ପ୍ରାଚୀନ ଓଡ଼ିଆ କବି ଏ କ୍ଷେତ୍ରରେ ଶବ୍ଦାଡମ୍ବରର ଆଶ୍ରୟ ନେଇଛନ୍ତି, ଭାଷାକୁ ସୁଶ୍ରାବ୍ୟ କରିବା ପାଇଁ । କିନ୍ତୁ ପଣ୍ଡିତ ନୀଳକଣ୍ଠଙ୍କର କାବ୍ୟର ଏକମାତ୍ର ଉପାଦାନ ହେଉଛି ଭାବାଡମ୍ବର । ମୂଳରୁ ଶେଷ ଯାଏଁ ସେ କେବଳ ତାଙ୍କର ଚିନ୍ତା, ଅନୁଭୂତି, ସୂକ୍ଷ୍ମ ଦର୍ଶନ, ପାଣ୍ଡିତ୍ୟ ଓ ଚୟନ-ପାଟବରେ ହିଁ ମୁଗ୍ଧ କରି କରି ପାଠକକୁ ନେଇ ଚାଲିଛନ୍ତି । କୌଣସି ବାହ୍ୟିକ, କୃତ୍ରିମ, ଅର୍ଥହୀନ ଉପକରଣ ଉପରେ ନିର୍ଭର କରିବା ତାଙ୍କର ଦରକାର ହୋଇ ନାହିଁ ।

ଭାଷା ସହିତ ଏ ପୁସ୍ତକର ଉପମାଗୁଡ଼ିକର ସ୍ୱାତନ୍ତ୍ର୍ୟ ମଧ୍ୟ ଉପଭୋଗର ବସ୍ତୁ । ଏ ଗୁଡ଼ିକ ନାନାସ୍ଥାନରୁ ଆହୃତ, ବିଶେଷତଃ ବଙ୍ଗଳାରୁ, କେତେକ ଇଂରାଜି ସାହିତ୍ୟରୁ, ଅଧିକାଂଶ କବିଙ୍କର ସ୍ୱକୀୟ ସୂକ୍ଷ୍ମ ଦର୍ଶନରୁ ।

ବିଭୁଗ ଆଦରି ଦଳେ ଦଳେ ପଥେ
ଯାଉଛନ୍ତି ସେନା ବିପିନେ ମିଶି

GPNanda Colln., Digitized by srujanika@gmail.com

ନବୀନ ବନର       ମହାନଦୀ ସେ କ
ଶାଖେ ଶାଖେ ଯାଏ ଅନୁପେ ପକ୍ଷି ।
( ପୃ ୨୬୮—ଧା ୧୦୯, ୧୧୦ )

\+ + +

ପରବାସୀ ଜନେ       ଦେଖନ୍ତି ସୁହାସ
ନ ଜାଣନ୍ତି ସେହୁ ବେଦନା ଛଳେ
ଗ୍ରୀଷମ-ସନ୍ତାପେ       ଶୁଖଇ ପଲ୍ଲବ
ବାଧଇ କି ତାହା ପତଙ୍ଗ-ଗଡେ ?
( ପୃ ୨୨୪—ଧା ୬୩, ୬୪ )

\+ + +

କହ ଏତେ କବି       ଗୃହଁଲେ ତୁମାରେ;
ଜନ-ସଙ୍ଗ ଦ୍ୱିଧା ଉଜାଗ୍ର କବା !
ଏକ-ପଦ୍ମ-ବାଟେ       ଗୁଲ୍ମ-ବନେ ଯଥା,
ତୁମାର ପୁରତେ ଆସିଲେ ଯୁବା ।
( ପୃ ୧୬୩—ଧା ୮୭, ୮୮ )

ଏହି ଉପମାଗୁଡିକ ଯେପରି ନୂତନ, ଅଥଚ ସେହିପରି ପରିଚିତ, କବିଙ୍କର ନିଜସ୍ୱ ଆବିଷ୍କାର ଓ ବିଷୟ ପ୍ରତି ଅତ୍ୟନ୍ତ ପ୍ରଯୁକ୍ତ ।

ଜାତୀୟ ଇତିହାସର ଘଟଣା ସଂଗେ ଅଧିଭୌତିକ ଜାଣ୍ତିର ସମାବେଶ କରି କାବ୍ୟ କବିତା ଲେଖିବା ଅଷ୍ଟାଦଶ ଶତାବ୍ଦୀର ଶେଷଅଡ଼କୁ ଇଂରେଜୀ ଭାଷାରେ ଏକ ରୀତି ହୋଇ ଉଠିଥିଲା । ସ୍କଟ୍ ଏହାର ପଥ-ଗୁରୁ। 'କୋଣାର୍କେ'ରେ ସ୍କଟ୍, ଟେନିସନଙ୍କ ପ୍ରଭାବ ସୁସ୍ପଷ୍ଟ । ତାମ୍ରଲିପ୍ତର ଜଳଯୁଦ୍ଧ ବର୍ଣ୍ଣନା, ନେଲସନ୍ଙ୍କ ଟ୍ରାଫାଲଗାର-ବିଜୟକୁ ପରି ବୋଧହୁଏ ।

GPNanda Colln., Digitized by srujanika@gmail.com

କିନ୍ତୁ ଧାର, ଉଧାର ବାଦ୍ ଦେଲେ ମଧ୍ୟ ବାକୀ ଯାହା ରହୁଛି, ତାହା ପଣ୍ଡିତ ନୀଳକଣ୍ଠଙ୍କର ଏପରି ଏକାନ୍ତ ନିଜସ୍ୱ ଓ ସେ ନିଜସ୍ୱର ମୂଲ୍ୟ ଏତେ ଉଚ୍ଚ ଯେ, ଧାରର କଥା ନ ପକାଇଲେଇ ହେବ ।

ପଣ୍ଡିତଜୀଙ୍କୁ ମୁଁ ଯେତେବେଳେ କହେ ଯେ, ମୁଁ ତାଙ୍କ 'କୋଣାର୍କେ' ବାରମ୍ବାର ପଢ଼ୁଛି, ସେ ବିସ୍ମିତ ହୁଅନ୍ତି—ତାଙ୍କ କାବ୍ୟ ଏ ଦେଶରେ ଲୋକେ ପୁଣି ପଢନ୍ତି ! ସେ ନିଜେ କହିଛନ୍ତି ।

ଗ୍ରାହକତା ବିନା କବି-ସ୍ୱର୍ଗ-ସୁଖ
ଆନ ମୂଳେ କବି ତୋଷଇ କେହି ?
( ପୃ ୧୫୯—ଧା ୭° )

ଏହି ପରଶ୍ରୀକାତର ଦେଶରେ ଗ୍ରାହକତାର ପ୍ରକୃତ ଅଭାବ । ତେବେ ପଣ୍ଡିତ ନୀଳକଣ୍ଠ ନିଶ୍ଚିନ୍ତ ରହନ୍ତୁ ଯେ, ରାଜନୈତିକ ନୀଳକଣ୍ଠ କାଆଳ ଧୂଳିରେ ମିଶି ବିସ୍ମୃତ ହୋଇଯିବେ, କିନ୍ତୁ 'କୋଣାର୍କେ'ର ଲେଖକ ନୀଳକଣ୍ଠଙ୍କର ମୃତ୍ୟୁ ନାହିଁ ।

ପଣ୍ଡିତ ନୀଳକଣ୍ଠ ପ୍ରକୃତରେ ପଣ୍ଡିତ । ତାଙ୍କ ନିକଟରେ ମୁଁ ଶିଶୁ—ବୟସ ଓ ଜ୍ଞାନରେ । ତାଙ୍କ ପୁସ୍ତକର ବିଶେଷତଃ 'କୋଣାର୍କେ'ର ଭୂମିକା ମୋ ପକ୍ଷରେ ଲେଖିବା ଏକ ଧୃଷ୍ଟତା । ତେବେ ପଣ୍ଡିତଜୀ ମୋର ଗ୍ରାହକତାରେ ମୁଗ୍ଧ ହୋଇ ମତେ ଏହା ଲେଖିବାକୁ କହିବାରୁ, ଯେତିକି ଜାଣେ ସେତିକି କହିଲି ମାତ୍ର । ଇତି ।

ଶ୍ରୀ ମାୟାଧର ମାନସିଂହ ।

GPNanda Colln., Digitized by srujanika@gmail.com

# ପୁଣି ଏବେ ନିବେଦନ

ଆଉ ଟିକିଏ ନିଜ କଥା ଏଠାରେ କହିବି । କହି ନ ଥାନ୍ତି । କିଂନ୍ତୁ ସ୍ନେହିଷ୍ଟ ଡକ୍‌ଟର ଶ୍ରୀ ମାୟାଧର ମାନସିଂହଙ୍କ ଭୂମିକା ପରେ ଲେଖିବାକୁ ଲୋଭ ମନ ହେଉଚି ।

୧୯୧୮ ଖ୍ରୀଷ୍ଟାବ୍ଦ ଶେଷଆଡ଼କୁ ସତ୍ୟବାଦୀ ସ୍କୁଲ ଓ ଛାତ୍ରାବାସର ଅଧ୍ୟକ୍ଷ ପଦ ଛାଡ଼ିଲି ପରେ ମୋର କାମ ବହୁତ କମିଗଲା । ମୁଁ ଏକପ୍ରକାର ପୁରାପୁରି ଲେଖା ପଢ଼ା ଧରି ବସିଲି ଓ ଭଲ କରି ସାହିତ୍ୟ ଚର୍ଚ୍ଚା ଆରଂଭ କଲି । ପୂର୍ବେ ବି. ଏ. ପଢ଼ିଲାବେଳେ ଇଂରେଜ କବି ଟେନିସନ୍ (Tennyson)ଙ୍କ ପ୍ରିନ୍‌ସେସ୍ (The Princess)ର କେତେକ ଅଂଶ ଅମିତ୍ରାକ୍ଷର ପଦ୍ୟରେ ଅନୁବାଦ କରିଥିଲି । ସେତେବେଳର ସତ୍ୟବାଦୀ ସ୍କୁଲର ଅନ୍ୟତମ ଶିକ୍ଷକ ଓ ଆମର ନବପ୍ରତିଷ୍ଠିତ ସତ୍ୟବାଦୀ ଛାପାଖାନାର ମାନେଜର ଶ୍ରୀ ସତ୍ୟବାଦୀ ନିପାଠୀଙ୍କଠାରୁ ଉତ୍ସାହ ପାଇ ମୁଂ 'ପ୍ରଣୟିନୀ' ନାମରେ ସେଇ ଅନୁବାଦଟି ପୂର୍ଣ୍ଣ କରି ପ୍ରକାଶ କରି ଦେଲି । ଦେଖିଲି, ତାର ଆଦର ବି ହେଲା । ସଂଗେ ସଂଗେ ମୋର ସାହିତ୍ୟଚର୍ଚ୍ଚା ବି ବଢିଲା । ସେଥିରେ ଏବେ ମୋର ପ୍ରଧାନ ସାଥୀ ହେଲେ, ଓଡ଼ିଆ ସାହିତ୍ୟର ଶିକ୍ଷକ ଶ୍ରୀବାସୁଦେବ ମହାପାତ୍ର ଓ ସ୍କୁଲର କିରାଣୀ, ଅଥଚ ସୁଦକ୍ଷ ସାହିତ୍ୟସେବୀ ସମସରପୁରର ଶ୍ରୀରଘୁନାଥମିଶ୍ର । ନୂତନ ଓଡ଼ିଆ ସାହିତ୍ୟ ଭିତରେ, ବିଶେଷରେ ରାଧାନାଥଙ୍କ କାବ୍ୟ ଓ କବିତା ଚର୍ଚ୍ଚା ଚାଲିଲା । ମୁଁ ଦେଖିଲି, ରାଧାନାଥଙ୍କ ସଂବଂଧରେ ମୋର ପିଲାଦିନର ଅନେକ ଧାରଣା ବଦଳିଗଲା ।

GPNanda Colln., Digitized by srujanika@gmail.com

ବିଶେଷରେ ଦିନେ ଭୁବନେଶ୍ୱରଠାରେ ଦେଖିଲି, ସେଠା-ପଣ୍ଡାମାନେ ଯାତ୍ରିଙ୍କୁ କେଦାରଗୌରୀ ଦର୍ଶନ କରାଇ ଦେଖାଉଚନ୍ତି—'ଏଇଠାରେ କେଦାର ଜଳାବାଟେ ଗୌରୀସଂଗେ ଗୁପ୍ତ କଥାବାର୍ତ୍ତା କରୁଥିଲା; ଏଇଠାରେ କେଦାର ଗୌରୀର ଲୁଗା ଦେଖିଲା; ଏଇଠାରେ ଗୌରୀ କେଦାର ଦୁହେଁ ଏକାଠି ମରି ପଡ଼ିଥିଲେ ।' ଇତ୍ୟାଦି ରାଧାନାଥଙ୍କ କେଦାରଗୌରୀରୁ କଥାଗୁଡ଼ିକ ପୁରାଣ କଥା ପରି କହି ଯାଉଚନ୍ତି । ଦେଖି ଓ ଶୁଣି ମନରେ ବଡ଼ ପରିତାପ ହେଲା । ଜାଣିଥିଲି ପ୍ରାଚୀନ ରୋମୀୟ କବି ଓଭିଡ୍‌ଙ୍କ 'ମେଟାମୋର୍‌ଫୋସିସ୍' ( Ovid's metamorphosis ) ନାମକ କାବ୍ୟ ସଂଗ୍ରହରେ ଥିବା 'ପିରାମସ୍ ଥିସ୍‌ବି' ( Pyramus and Thysbe ) ନାମକ-କାବ୍ୟର ମାତ୍ରିକ ଓଡ଼ିଆ ସଂସ୍କରଣ ହେଉଛି, 'କେଦାର ଗୌରୀ' । ତାର ଆଦର୍ଶ ଭାରତୀୟ ନୁହେଁ । ତା ପୁଣି ଭୁବନେଶ୍ୱର ତୀର୍ଥର ପବିତ୍ର କେଦାରଗୌରୀ ପୀଠର ମୂଳରୂପେ ଏପରି ବୁଝାଯାଉଛି । ରାଧାନାଥଂକର ଚନ୍ଦ୍ରଭାଗା, ଉଷା ପରି କାବ୍ୟମାନ ବି ପୁଣି ସେହି ଓଭିଡ୍‌ଙ୍କ ପୁସ୍ତକରୁ ଗୃହୀତ । ଓ ତେଣିକି ପୁଣି ଏହିପରି ନାନାଭାବରେ ବିଶ୍ଳେଷଣ, ଆଲୋଚନା, ସମାଲୋଚନା, ଅନ୍ୱାଲୋଚନା ବିଚାରିବାର ଚାଲିଲା । ସେଥିରେ ପ୍ରାଚୀନ କବି ଜଗନ୍ନାଥ ଦାସଙ୍କଠାରୁ ଉପେନ୍ଦ୍ରଭଞ୍ଜ ପ୍ରଭୃତିଙ୍କ ବାଟେ ସାମନ୍ତ ସିଂହାରଙ୍କ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ, ଭାରତଚନ୍ଦ୍ରଙ୍କଠାରୁ ନବୀନ ସେନଙ୍କ ପର୍ଯ୍ୟନ୍ତ ବଙ୍ଗଳା ସାହିତ୍ୟ, ତଥା ମଧ୍ୟେ ମଧ୍ୟେ ପୋପଙ୍କଠାରୁ ଟେନିସନଙ୍କ ପର୍ଯ୍ୟନ୍ତ ଇଂରେଜୀ ସାହିତ୍ୟରୁ ତୁଳନାତ୍ମକ ଉଦାହରଣମାନ ଧରି କାବ୍ୟ କବିତାର ପରିସ୍ଥିତି, ପରମ୍ପରା, ସୁରୋତ୍କୃଷ୍ଟି ସହିତ ମାନବ ସମାଜର ପ୍ରଗତିରେ ପୁଣି ନିତ୍ୟତାର ସଂକେତ ଓ କାବ୍ୟ କଳାରେ କବିର ଦ୍ରଷ୍ଟା ସୁଲଭ ଦର୍ଶନ ପ୍ରଭୃତିର ଚର୍ଚ୍ଚା ଖୁବ୍ ହେଲା । ବିଶେଷରେ ମୋ ଆଡ଼ୁ ଓଡ଼ିଆ ସାହିତ୍ୟ ପୁଣି ନବୀନ ଓଡ଼ିଆ କାବ୍ୟ କବିତାର ସମାଲୋଚନା ଟିକିଏ ତୀବ୍ର ବି ହୋଇଥିଲା ।

ରଘୁନାଥ ଓ ବାସୁଦେବ ସେଥିରେ ମଧ୍ୟେ ମଧ୍ୟେ କମ୍ ପ୍ରତିବାଦ କରୁ ନଥାନ୍ତି । ଦେଖିଲି, ସେମାନଙ୍କ ପ୍ରତିବାଦ ଭିତରେ, ଦେଶାତ୍ମବୋଧ ସଙ୍ଗେ ନିଜର ପୁରାଣ, ପରଂପରା, କିମ୍ବଦନ୍ତୀ ଓ ଲୋକ-ବ୍ୟବହାର, ଆସ

GPNanda Colln., Digitized by srujanika@gmail.com

ରଜା ପୁଅ ରଜା ଝିଅଙ୍କ ପ୍ରୀତି ଓ ସାଧବମାନଙ୍କ ବୋଇତ ବଣିଜ ପ୍ରଭୃତି ପ୍ରତି ମମତା ଯଥେଷ୍ଟ ଅଛି । ଲାବଣ୍ୟବତୀର ସିଂହଳର ବର୍ଣ୍ଣନା ତଥା ସିଂହଳରାଜ-ବଂଶ ସଂଗେ ଉତ୍କଳରାଜ-ବଂଶର ବୈବାହିକ ସଂପର୍କ ପ୍ରଭୃତି ପରି କଥା କହିଲାବେଳେ ଆଉ କାବ୍ୟ-କଳାର ସମାଲୋଚନା ପ୍ରତି ସେମାନଙ୍କ ଦୃଷ୍ଟି ସେତେ ଯାଉ ନାହିଁ । ଏଇପରି ବିଷୟମାନଙ୍କରେ କେବେ ଟିକିଏ ତୀବ୍ର ସମାଲୋଚନା ହେଲେ ପୁଣି ତାହା ସେ ସହିପାରୁ ନାହାନ୍ତି । ନୂତନ ଓଡ଼ିଆ ସାହିତ୍ୟ ପ୍ରତି ସେମାନଙ୍କର ଅନେକ ସମୟରେ ଯୁକ୍ତିଯୁକ୍ତତାଠାରୁ ପ୍ରାଣର ପ୍ରତିଷ୍ଠିତ ଭାବ ଅଧିକ ପ୍ରବଳ ଥିବାର ମଧ୍ୟ ଅନୁମାନ କଲି । ଏହା ମୁଁ କେବଳ ସେମାନଙ୍କଠି ଅନୁମାନ କଲି ନୁହେଁ, ବୁଝିଲି, ଆମ ପାଠକେ ସାଧାରଣତଃ ଏଇ ଭାବରେ ପ୍ରାଣିତ ଥିବେ ଓ ହେବେ ।

ସେଥିରୁ ( ଆଜି ମୋର ମନେ ପଡ଼ିଲେ ପ୍ରାଣରେ ସେହି ଯୌବନର ସରସତା ଏବେ ବି ଫୁଟି ଉଠୁଛି ) ସେ ସବୁ ସମାଲୋଚନା-ସ୍ରୋତ ଭିତରେ କେବେ ମୁଁ ଯେତେବେଳେ ଏକାକୀ ରହେ, କବିତାରେ ମୋର ବେଳେବେଳେ ସୃଷ୍ଟି କରିବାର ପ୍ରେରଣା ଜାଗି ଉଠେ । ମୁଁ ବେଳେ ବେଳେ ଦିବା-ସ୍ୱପ୍ନ ଦେଖେ ।

ହୃଦ ଦରପଣେ ନାଚିଯାଏ ଛବି   ପଲକେ ପଲକେ ପରାଣ ପୁରି,
ଜାଗରଣେ କେତେ ଦେଖଇ ସ୍ୱପନେ,   ସ୍ୱପନେ ଦେଖଇ ପରାଣ ଭରି ।

ଏହି ଚିନ୍ତା, ପ୍ରେରଣା ଓ ଦିବା-ସ୍ୱପ୍ନ ଭିତରେ ଏପରି ଏକ ସମୟ ଆସିଲା, ମୋତେ ଆଉ ଯଥାର୍ଥରେ ନିଦ ହେଲା ନାହିଁ । ପ୍ରାୟ ଦୁଇଦିନ ଅନିଦ୍ରାରେ କଟିଗଲା । ସେଥିରୁ କାହିଁକି କେଜାଣି 'ରାମଚଣ୍ଡୀଠାରେ ରାତି' କବିତାଟି ଲେଖିବାରେ ଲାଗିଗଲି । କହିବି, ଦୁଇବର୍ଷ ତଳେ ପିଲାଙ୍କ ସଙ୍ଗେ କୋଣାର୍କ ଦେଖି ଆସିବା ପରେ ଏଇ ଲେଖାଟି ଆରମ୍ଭ ମାତ୍ର କରିଥିଲି । ଏବେ ଏହା ପ୍ରାୟ ସପ୍ତାହକେ ଶେଷ କରି ଦେଖିଲି ସମସ୍ତଙ୍କ ମନକୁ ଛୁଇଁଲା । ମୋର ବି ଉତ୍ସାହ ବଢ଼ିଲା ।

କୋଣାର୍କ ଦେଖି ଯିବାର ପ୍ରାୟ ଦୁଇ ମାସ ପୂର୍ବରୁ ଗଡ଼ଜାତ ବୁଲି ଗଲାବେଳେ ଆଠଗଡ଼ଠାରୁ ହାତୀରେ ଚଢ଼ି ହିନ୍ଦୋଳ ଯିବା ସମୟରେ

GPNanda Colln., Digitized by srujanika@gmail.com

ବାଟରେ ଘୋର ବର୍ଷା ହେଲା । ସଂଗେ ଥିଲେ ଜଣେ ମାତ୍ର ବନ୍ଧୁ, ଶାସନ ଦାମୋଦରପୁରର ସ୍ୱର୍ଗତ ନାରାୟଣ ରଥେ, ଆଉ ହାତୀ ମାହୁନ୍ତ ଓ ମେଣ୍ଟ ବା ଡ଼ାକୁଆ ( ଯେ ହାତୀକୁ ଡ଼ାଳ ଭାଂଗି ଆଣି ଦଏ ) । ସଂଧ୍ୟାକୁ ମେଘ ଛାଡ଼ିଗଲା । ଆମେ ଯାଇ ରହିଲୁ ଢେଙ୍କାନାଳ ରାଜ୍ୟର ସୀମାରେ ଥିବା 'ଭୁଆପୁର' ଡ଼ାକ ବଂଗଳାରେ । ସେଇଠାରେ ଆମେ ପହଁଚିବା ମାତ୍ରେ ଜଣେ ଭିକ୍ଷୁକ ଆସି କିଛି ମାଗିଲା । ପଚାରିବାରେ ଜଣାଗଲା, ସେ ସେକାଳେ ଅନୁଗୁଳରେ ଥିବା ରାଜାଙ୍କର ଭାଟ ବଂଶର ଜଣେ । ଏବେ ତାର ଜମି-ବାଡ଼ି କିଛି ନାଇ । ଇଂରେଜ ମୁଲକ ହୋଇ ଯିବାରୁ ତା ବଂଶର ଜାଗିର ଜମି ସବୁ କର ବସି ପରେ ବିକ୍ରି ହୋଇ ଯାଇଚି । ସେ ଏବେ ଭିକ ମାଗୁଚି । ତା ଘରେ ବୀଣା ଅଛି । ଦଶହରା ଦିନ ସେ ତା ପୂଜା କରେ ଓ ରାଜାଙ୍କ ବଂଶରେ, ଯେ ଅଛନ୍ତି, ତାଙ୍କ ଦୁଆରକୁ ପାରିଲେ ଟିକିଏ ଯାଏ ।

ଏଇ ଲୋକଟି ସଂଗେ ଏଇ କଥାବାର୍ତ୍ତା ହୋଇ ମୋ ମନରେ ଯାହା ହେଲା, କହିବା ଦରକାର ନାଇ । ଝିଣ୍ଟିକିବେଳେ ଇଂରେଜ କବି ସ୍କଟ୍ ( Scott ) ଙ୍କ 'ଶେଷ ବନ୍ଦୀ ଭାଟଗୀତ' ( Lay of the Last Minstrel ) କଥା ମୋ ମନେ ପଡ଼ିଥିଲା । ମୁଁ ଭାବିଥିଲି, ଏଇପରି ଗୋଟିଏ ଭାଟକୁ ଦେଖି ସ୍କଟ୍ ସେ କାବ୍ୟଟି ଲେଖିଥିଲେ । ଏବେ କୋଣାର୍କ ନିର୍ମାଣ କଥା ଲେଖିବାକୁ ବସି ମୋର ସେଇ ଭାଟ କଥାଟି ମନେ ପଡିଲା । ମୁଁ ମାୟାଦେବୀ କାବ୍ୟ ଆରଂଭ କରି ପୁଣି ସପ୍ତାହକେ ଶେଷ କରି ପକା-ଇଲି ।

ଅବଶ୍ୟ, ସେ ସମୟର ସମାଲୋଚନାକୁ ନିଜର ଲେଖାରେ ମୁଁ କିପରି ରୂପ ଦେଇ ପାରିଚି, ସେ ବିଚାର ମୋର ନୁହେଁ । କିଂତୁ ଶ୍ରୀ ମାୟାଧର ମାନସିଂହ ଯେ ମୋ 'କୋଣାର୍କେ' ଲେଖାରେ ସ୍କଟ୍ ଓ ଟେନିସନ୍, ଏଇ ଦୁଇ କବିଙ୍କର ପ୍ରଚ୍ଛନ୍ନ ପ୍ରଭାବ ଅନୁମାନ କରିଚନ୍ତି, ତା ସତ୍ୟ ହୋଇ-ପାରେ । ସେ କଥାଟି ଏ ମୋ ଲେଖାରୁ ପ୍ରକାଶ ପଡିବ ।

ଏ ପୁସ୍ତକର ପ୍ରକାଶକଙ୍କ ପ୍ରତିନିଧି ଭାବରେ ଶ୍ରୀ ପରମାନନ୍ଦ ରଥ ଏମ୍.ଏ., ଡକ୍ଟର ଶ୍ରୀ ମାୟାଧର ମାନସିଂହଙ୍କଠାରୁ ଭୂମିକା ଲେଖାଇବାକୁ

GPNanda Colln., Digitized by srujanika@gmail.com

ଗ୍ରନ୍ଥକାରେ ଓ ମାୟାଧର ବାବୁଙ୍କୁ ଅନୁରୋଧ କଲେ । ତାଙ୍କ ମୁଖୁରେ ମାୟାଧର ବାବୁଙ୍କଠାରୁ ଭୂମିକାଟି ଲେଖାଇ ଆଣିଲି । ମାୟାଧର ବାବୁ ନିଜର ବହୁ କାମ ଭିତରେ ମଧ୍ୟ ବଡ଼ ଆଗ୍ରହରେ ତାହା କରିଚନ୍ତି । ମୁଁ ସେ ଦୁହିଁଙ୍କଠାରେ ସେଥିପାଇ ଋଣୀ ।

ପୁଣି ମାୟାଧର ବାବୁ କହିବାରୁ ପୁସ୍ତକ ଶେଷରେ ଆଉ କେତେକ ଟୀକା ଦେବାକୁ ହେଲା । ସେ ଟୀକାଗୁଡିକ ଅଧ୍ୟାପକ ପଣ୍ଡିତ ଶ୍ରୀ ବାନାମ୍ବର ଆଚାର୍ଯ୍ୟ ସାହିତ୍ୟାଚାର୍ଯ୍ୟ ବିଦ୍ୟାଭୂଷଣ ନିଜେ ନିର୍ବାଚନ କରି ଲେଖିଚନ୍ତି । ସେଥିପାଇ ମଧ୍ୟ ମୁଁ ତାଙ୍କ ପାଖେ କୃତଜ୍ଞ ।

ନବଭାରତ ଅଫିସ, କଟକ, } ନୀଳକଣ୍ଠ ଦାସ
୨୪।୨।୧୯୪୭

କହି ଦେବାର ଅଛି :—

ଶିରସ୍କ ( ଶିରସ୍ତ୍ର ବା ଶିରସ୍ତ୍ରାଣ, ଅର୍ଥାତ୍, ପଗଡ଼ି ବା ମୁଣ୍ଡରଖା ) ଅନୁକରଣରେ ଉରସ୍କ ଓ ବପୁଷ୍କ ଶବ୍ଦ, ଉରସ୍ତ୍ର ଓ ବପୁସ୍ତ୍ର ( କବଚ ବା ଆବରଣ ) ଅର୍ଥରେ ବ୍ୟବହୃତ ହୋଇଚି ।

ଏହାଛଡ଼ା ଅନେକଠାରେ ବନାନରେ କଥାର ଉଚ୍ଚାରଣ ଦିଆ ହୋଇ ଯାଇଚି ଓ ହ୍ରସ୍ୱ, ଦୀର୍ଘ ସ୍ୱର ପୁଣି ଶ, ଷ, ସ ର ବ୍ୟବହାର ଅଦଳ ବଦଳ ହୋଇ ଯାଇଚି । ଯଥା:—ବିଷୋରି ( ବିସ୍ମୃତ ହୋଇ ) ବିଶୋରି; ଶିଂଗା ( ଶୃଂଗ ), ସିଂଗା; ତୁଣ ( ତୂଣୀର, ଶରମୁଣା ) ତୂଣ; ( ସଂବୋଧନରେ ) ତରୁଣି, ତରୁଣୀ—ଜନନି, ଜନନୀ; ( ତତ୍ସମରେ ) ଶ୍ୟାମଳ, ଶାମଳ; ନାରଣ, ନରଣ; ଇଂଗିତ, ଇଂଗୀତ; ପୀରତି-ଆଶେ, (ଆଶାରେ) ପୀରତି-ଆସେ; ଇତ୍ୟାଦି ।

ଲେଖକ

GPNanda Colln., Digitized by srujanika@gmail.com

# କୋଣାର୍କେ

## ଗ୍ରନ୍ଥ ପ୍ରବେଶ

୧୯୧୭ ମସିହାରେ ଗ୍ରନ୍ଥକାର କେତେକ ବନ୍ଧୁଙ୍କ ସଙ୍ଗେ ଶାରଦ ବିହାରରେ କୋଣାର୍କ ଦେଖିବାକୁ ଯାଇଥିଲେ। ପ୍ରଚଣ୍ଡ ବର୍ଷା ଓ ତୋଫାନ ହେଲା। ସେହି ବର୍ଷାରେ କୁମାରପୂର୍ଣ୍ଣିମା ଦିନ କୋଣାର୍କ ଦେଖି ବତକ ଆସି ରାମଚଣ୍ଡୀ ମନ୍ଦିରରେ ଆଶ୍ରୟ ନେବାକୁ ହୋଇଥିଲା। ରାମଚଣ୍ଡୀ କୋଣାର୍କର ଦକ୍ଷିଣ ପଶ୍ଚିମକୁ ପ୍ରାୟ ତିନିମାଇଲ ଦୂରରେ ବିସ୍ତୀର୍ଣ୍ଣ କୁଶଭଦ୍ରା-ମୁହାଣରେ ଗୋଟିଏ ଉଚ୍ଚ ବାଲିକୁଦ (ବନ୍ତ) ଉପରେ। ସେଠାରେ ଦେବୀ-ମନ୍ଦିର ଛଡ଼ା ଅନ୍ୟ ଘର ନାହିଁ। ତୋଫାନରେ ସେହି ମନ୍ଦିରର ମୁଖଶାଳା ଏକମାତ୍ର ଆଶ୍ରୟସ୍ଥଳ ଥିଲା। ରାମଚଣ୍ଡୀକୁଦ ଉପରେ କେତୋଟି ବରଗଛ ଓ ଗୋଟିଏମାତ୍ର ତାଳଗଛ। ଚାରିପଟେ ଅପନ୍ତରା ବାଲିପାଟ। ସେହି ବାଲିପାଟରେ ବହୁତ ମୃଗ ଓ କୃଷ୍ଣସାର ବୁଲୁଥାନ୍ତି। ଏହି ରାମଚଣ୍ଡୀ କୁଦ-ଉପରେ ପରିଷ୍କାର-ଦିନରେ ଠିଆହେଲେ ଚକ୍ରବାଳର ଏକଦିଗରେ ଭଗ୍ନ କୋଣାର୍କ ଏବଂ ଅନ୍ୟଦିଗରେ ବହୁକଷ୍ଟରେ ପୁରୀ ବଡ଼ଦେଉଳ ଦେଖା-ଯାଏ। ରାମଚଣ୍ଡୀ ଓ ପୁରୀ ମଧ୍ୟରେ ଗୋଟିଏ ଉଚ୍ଚବାଲିବନ୍ତରେ ବେଲେଶ୍ୱର-ମନ୍ଦିର ପ୍ରତିଷ୍ଠିତ। ଏହି କୁଶଭଦ୍ରାଠାରୁ ପ୍ରାୟ ଦଶ ବାରମାଇଲ ଉତ୍ତର-ପୂର୍ବକୁ ପ୍ରାଚୀଧାର ସମୁଦ୍ରରେ ମିଶୁଅଛି।

GPNanda Colln., Digitized by srujanika@gmail.com

ପରେ ଏହି କୁଶଭଦ୍ରା ଓ ପ୍ରାଚୀକୁ ସଂଯୁକ୍ତ କରି ଚନ୍ଦ୍ରଭାଗା ବହୁଥିଲା। ଏହି ଚନ୍ଦ୍ରଭାଗା କୂଳରେ 'ଗୁରିଜ' ନାମକ ଗୋଟିଏ ବିଶାଳ ବଣିକ୍ ନଗରୀ, ଏବଂ 'ମିତ୍ରବନ' ବୋଲି ଗୋଟିଏ ସୁନ୍ଦର ତରୁ-ଲତାପୂର୍ଣ୍ଣ ବନ ଥିଲା। କୋଣାର୍କ ଏହି ନଦୀଧାର ଉପରେ ନିର୍ମିତ ହେବାରୁ ମନ୍ଦିରଟି କାଳକ୍ରମେ ଶୁଖିଯାଇ ଚନ୍ଦ୍ରଭାଗା ବୋଲି ଏବେ ଗୋଟିଏ ପୋଖରୀପରି ପାଣିଗଣ୍ଡ ବାଲିଭିତରେ ଦେଖାଯାଏ। ବର୍ଷାବେଳେ ବାଲିଯାଠରେ ଅନେକ କ୍ଷୁଦ୍ର କ୍ଷୁଦ୍ର ନଦୀ ବହିଯାଏ।

କୋଣାର୍କ ସୂର୍ଯ୍ୟମନ୍ଦିର। ପୁରୀ ଜଗନ୍ନାଥ ମନ୍ଦିର ପୂର୍ଣ୍ଣ କରିଥିବା ସୁପ୍ରସିଦ୍ଧ ଦ୍ୱିତୀୟ ଅନଙ୍ଗଭୀମଦେବଙ୍କ ନାତି (ତୃତୀୟ ଅନଙ୍ଗଭୀମଦେବ)ଙ୍କ ପୁଅ ପ୍ରବଳପ୍ରତାପ ନରସିଂହଦେବ ଏହି ମନ୍ଦିର ଖ୍ରୀଷ୍ଟ ତ୍ରୟୋଦଶ ଶତାବ୍ଦୀର ମଧ୍ୟଭାଗରେ ତୋଳାଇଥିଲେ। କୋଣାର୍କ ମନ୍ଦିରର ଶିଳ୍ପକଳା ଅତି କମନୀୟ ଓ ବିସ୍ମୟକର। ଗଠନର ସୂକ୍ଷ୍ମତା ଓ ବିଶାଳତା ଅନେକ ପ୍ରାଚୀନ କାଳର ଦର୍ଶକଂକୁ ମୁଗ୍ଧ କରୁଥିଲା। ଏବେ ମନ୍ଦିରଟି ଭାଙ୍ଗି ପଡିଅଛି। ମୁଖଶାଳାମାତ୍ର ଅର୍ଦ୍ଧଭଗ୍ନ ଅବସ୍ଥାରେ ଭିତରେ ବାଲି ଭର୍ତ୍ତିକରିହୋଇ ରକ୍ଷିତ ହୋଇଅଛି। ବେଢାର ଶିଙ୍ଘ, ସିଂହଦ୍ୱାର ପ୍ରଭୃତି ବାଲି ଖୋଳାହୋଇ ବାହାରିଅଛି। ବେଢ଼ାଭିତରେ ଗୋଟିଏ କ୍ଷୁଦ୍ର ମନ୍ଦିର ଅଛି। ତାକୁ ଏବେ ମଧ୍ୟ 'ମାୟାଦେବୀ-ମନ୍ଦିର' କହନ୍ତି। ବେଢ଼ାଭିତରେ ମନ୍ଦିରର ଦକ୍ଷିଣ ପାଖେ ଗୋଟିଏ ଅଶ୍ୱାରୋହୀ ଏବଂ ଉତ୍ତରପାଖେ ଗୋଟିଏ ଗଜା-ରୋହୀ, ଅଶ୍ୱ ଓ ଗଜ ସହିତ ପ୍ରକାଣ୍ଡ ଆକାରରେ ଖୋଦିତହୋଇ ରହିଅଛି। ମନ୍ଦିରରୁ ଭାଙ୍ଗି ପଡିଥିବା ଅତି ପ୍ରକାଣ୍ଡ ଶିଳାସବୁ ଇତସ୍ତତଃ ପଡ଼ିଅଛି। ଏବଂ ସ୍ଥାନେ ସ୍ଥାନେ ଯେଉଁସବୁ ବିଶାଳ ଲୁହାକଡ଼ି ପଡ଼ିଥିବାର ଦେଖାଯାଏ ତାହା ଏବେ ମଧ୍ୟ ଦର୍ଶକର

GPNanda Colln., Digitized by srujanika@gmail.com

ବିସ୍ମୟ ଉତ୍ପାଦନ କରେ । ଅବଶିଷ୍ଟ ମନ୍ଦିରର ଖୋଦନ କଳାରେ ଏବେ ମଧ୍ଯ ପାରିଧି, ଅଭିଯାନ, ଚତୁଷ୍ପାଠୀ, ଗାନବାଦ୍ୟବିଳାସ, ଅଭିଷେକୋତ୍ସବ ପ୍ରଭୃତି, ଏବଂ ଜୀବନ୍ତ ଦେବମୂର୍ତ୍ତିସବୁ ଦର୍ଶକଙ୍କୁ ମୁଗ୍ଧ କରେ । ମନ୍ଦିରର ଭଗ୍ନ ନାଟମନ୍ଦିର ପୀଠରେ ବର୍ତ୍ତମାନ ହୋମକୁଣ୍ଡ ରହିଅଛି । ସେଠାରେ ଏବେ କେତେଗୁଡ଼ିଏ ମୂର୍ତ୍ତି ସୁରକ୍ଷିତ ଅଛି । ତାହା ମଧ୍ୟରେ ଗୋଟିଏ ସୂର୍ଯ୍ୟନାରାୟଣ ମୂର୍ତ୍ତି ଅତି କମନୀୟ । ସେଥିରେ ଅକର୍ମଶିଳା ଉପରେ ଅଙ୍ଗରଖାର ସୂତା ଓ ପଦ୍ମର କେଶର ପର୍ଯ୍ୟନ୍ତ ସୁସ୍ପଷ୍ଟରୂପେ ଖୋଦିତ ରହିଅଛି । ମୂର୍ତ୍ତିର ମୁଖ ଲାବଣ୍ୟମୟ ଓ ସରସ । ଅଙ୍ଗର ଅନୁପାତ-ସୌଷ୍ଠବ ମନୋହର ।

କୋଣାର୍କରେ ସୂର୍ଯ୍ୟୋଦୟ, ବିଶେଷତଃ ଶୀତଦିନେ, ଗୋଟିଏ ଦେଖିବାର ବସ୍ତୁ । ଯେ କୌଣସି ସମୁଦ୍ର କୂଳରେ ସମୁଦ୍ରରୁ ସୂର୍ଯ୍ୟ ବାହାରିବାର ଦୃଶ୍ୟ ଅତିସୁନ୍ଦର । ସୂର୍ଯ୍ୟବିମ୍ବ ସମୁଦ୍ର ଛାଡ଼ି ଉଠିଯାଏ, ମାତ୍ର ବହୁକ୍ଷଣ ପର୍ଯ୍ୟନ୍ତ ସୂର୍ଯ୍ୟରୁ ଖଣ୍ଡେ ସମୁଦ୍ର ଉପରେ ଭାସି ରହିଲାପରି ଦିଶୁଥାଏ । କୋଣାର୍କ ମନ୍ଦିର ଏପରି ନିର୍ମିତ ହୋଇଥିଲା ଯେ, ସୂର୍ଯ୍ୟ ଦକ୍ଷିଣାୟନସୀମା ବା ଅୟନକୋଣରେ ଥିଲାବେଳେ ଠିକ୍ ବାହାରିବା ମାତ୍ରେ ତାହାର କିରଣ ସିଂହଦ୍ୱାର ଓ ମୁଖଶାଳା ଭେଦକରି ମନ୍ଦିରର ରତ୍ନସିଂହାସନଠାରେ ପଡ଼ୁଥିଲା । ଏଥିପାଇଁ ଏହାର ନାମ କୋଣାର୍କ ।

ସତ୍ୟବାଦୀ ଛାତ୍ରାବାସ
୨୨ । ୧୧ । ୧୯୨୯

ବାସୁଦେବ ମହାପାତ୍ର

GPNanda Colln., Digitized by srujanika@gmail.com

# ନିବେଦନ

୧୯୧୭ ମସିହା ବର୍ଷାକାଳରେ ଗଡ଼ଜାତ ଯାଇଥିଲି, ଏବଂ ଶରତ୍‌ରେ କେତେକ ବନ୍ଧୁଙ୍କ ସଙ୍ଗେ କୋଣାର୍କ ଯାଇଥିଲି । ଭାବ, କବିତା ଆକାରରେ ପ୍ରକାଶ କରିବା କେତେକ ମନରେ ଥାଏ । ମାତ୍ର ସମୟାଭାବରୁ କେବଳ ପ୍ରଥମ ଭାଗର ୭୦ ଟି ଶ୍ଳୋକ ଛଡ଼ା ଆଉ ଲେଖାହୋଇ ପାରି ନ ଥିଲା । ଏ ମଧ୍ୟରେ 'ପ୍ରଣୟିନୀ' କାବ୍ୟ ପ୍ରତି ସାହିତ୍ୟାନୁରାଗିମାନଙ୍କର ଆଦର ଓ ଆଗ୍ରହ ଦେଖି ଏ ଗ୍ରନ୍ଥଟି ଗତ ମାସରେ ଲେଖିଅଛି । ମୋର ଏହା ନୂତନ ମୌଳିକ କାବ୍ୟ ଲେଖା । ଏହି ଦୃଷ୍ଟିରେ ପାଠକମାନେ ଏହାକୁ ଗ୍ରହଣ କଲେ କୃତାର୍ଥ ହେବ ।

ମୋର ସହକର୍ମୀ ପଣ୍ଡିତ ଶ୍ରୀ ବାସୁଦେବ ମହାପାତ୍ର ଏ ପୁସ୍ତକର ଗ୍ରନ୍ଥ ପ୍ରବେଶ ଓ ଟୀକା ଲେଖିଛନ୍ତି । ସେତିକି ନୁହେ, ତାଙ୍କର ଓ ତାଙ୍କ ଭଳି ଆଉ କେତେକ ଯୁବକ ସୁହୃଦଙ୍କର ସାଧୁବେଦନା ଓ ସହାନୁଭୂତି ବିନା ଏ ପୁସ୍ତକ ଅପୂର୍ଣ୍ଣ ରହିଥାନ୍ତା ବୋଲି ମୋର ବିଶ୍ୱାସ । ସେ ଏ କାବ୍ୟର ଦୈନିକ ଲିଖିତାଂଶ ପଢି ନାନା ଇଙ୍ଗିତାଦି ଦ୍ୱାରା ମୋତେ ସାହାଯ୍ୟ ମଧ୍ୟ କରି ଅଛନ୍ତି ।

ସତ୍ୟବାଦୀ ଗୁମ୍ଫାବାସ
୨୨ । ୧୧ । ୧୯୧୯
} ନୀଳକଣ୍ଠ ଦାସ

ଦ୍ରଷ୍ଟବ୍ୟଃ—ଗ୍ରନ୍ଥରେ ସର୍ବତ୍ର ଟୀକାର ସଙ୍କେତ ସ୍ୱରୂପ ଉପର ପାଠର ଧାଡ଼ି-ସଂଖ୍ୟା ସୂଚିତ ହୋଇଅଛି ।



GPNanda Colln., Digitized by srujanika@gmail.com

# ପ୍ରଥମ ଭାଗ

ରାମଚଣ୍ଡୀଠାରେ ରାତ୍ରି

ଓ

ସକାଳ

GPNanda Colln., Digitized by srujanika@gmail.com

# ରାମଚଣ୍ଡୀଠାରେ ରାତି

୧

କି କରାଳ ଆଜି ରଜନୀ ? ବହେ ଝଞ୍ଜା ପବନ ।
ତାରା ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜନ ।
ମୂଷଳ-ଧାରାରେ ଝଟିକା ଦିଏ କରତାଡ଼ି କେବେ ।
ଶୋଇ ପଡ଼ିଛନ୍ତି ବାପା ହେ ଜାଣୁ ନ ଥିବ ଲବେ ।
ଆଜି ଯେ କୁଆଁର ପୁନଅଁ କେତେ ସୁଖ-ସରଧା,
ମାଆ ଭଉଣୀଙ୍କ ଆଦର, ନବ-ବସନ-ପିନ୍ଧା,
ମନେ ପଡ଼ୁନାହିଁ ବାବୁ ହେ ଲାଗି ଯାଇଛି ନିଦ;
ମାଆ ଭଉଣୀଏ ଭବନେ ଭଜୁଥିବେ ବିଷାଦ ।
ଲୁଗାରେ ହଳଦି ଲଗାଇ ଗୁହିଁ ଥିବେ ଜନନୀ ।
ପିଠାପଣା ଖାଉ ନ ଥିବ ସୁଖେ ଆଜି ଭଗିନୀ ।
ପବନ-ଝଙ୍କାରେ ଶୁଣୁ ସେ ଥିବେ ଡ଼ାକ ତୁମ୍ଭର ।
ପଲକେ ପଲକେ ଚମକି ହେଉଥିବେ କାତର ।
ଫାଟିଯାଉଥିବ ଜାହାଜ ତାଙ୍କ ହୃଦ-ସାଗରେ ।
ନିରାଶାରେ ଆଶା-ଚମକେ ଥିବେ ସେହୁ ଜାଗରେ ।
ଜନନୀର ଗୁରୁ ବେଦନା, ଭଗିନୀର ବିଷାଦ,
ସୁମରି ସପନେ ଚମକି ଭାଙ୍ଗି ଯିବଟି ନିଦ ।
ଶୁଅ ଶୁଅ ଧନ, ଆରାମେ ଶୋଇ ଥାଅରେ ଶିଶୁ ;
ପଥଶ୍ରମ କରି ଆସିଛ, ଶ୍ରମେ ବିରାମ ମିଶୁ ।



GPNanda Colln., Digitized by srujanika@gmail.com

୨

ବନ୍ଧୁ ବାଲବନ୍ତ ଡ଼େଇଁ ହେ ଅଜ ଅସିଛ ଗୁଳ ।
ସଇକତ-ନଦୀ-ଗରଭେ ପଶି ହୋଇଛ ପାର ।
ତରଗ-କୁଟିଳ-ତଟିମୀ ଭର୍ ଆଧାର-ମାରେ
ବହ୍ନସ୍ତୁ ସୋହାଗେ ଭେଟିଛ କେତେ ବାଙ୍କେ ପ୍ରାନ୍ତରେ ।
ବାଟଭୁଲ କେତେ ଅନ୍ଧାରେ ସହ୍ନ ବରଷାଧାର୍,
ନବ ଗୁଡ଼ୁଙ୍କଙ୍କ ଲତକା ମାଡ ଗୁଳ୍ଳ ପର୍ !
କାନ୍ଦେ ଭ୍ରର ବନ୍ଧୁ, ଏସବୁ ପଥେ ସହ୍ନ ନରତେ,
କୁତୂହଳେ ପୁଣି ସାମୁକା ସାଉଁଟିଛ ହେ କେତେ ।
ନୂଆ ଜୀବ-ଟିଏ ଅନ୍ଧାରେ ଦେଖି ନଇ-ମୁହାଣେ,
ନାଚ ଉଠିଅଛ କି ଭାବ ବନ୍ଧୁ ଶିଶୁ ପରାଣେ ।
ସେ ଭାବ ମୋହର କାହିଁ ହେ, କାହୁଁ ବୁଝିବ ମୁହିଁ ?
ଶିଶୁମେଳେ ସିନା ବୁଲନ୍ତି, କାଳ ଯାଉଛି ବନ୍ଧୁ !
ସୁମରିଲେ ପଦ-ବେଦନା ଭ୍ରର ନ ଧରେ ମୋତେ;
ଭ୍ରରଟିଏ ନେବ ଭ୍ରବଲେ ପାଦ ନ ପଡ଼େ ହାତେ ।
ନିରର୍ଥକ ସେତ ସାମୁକା, କାହିଁ ରୁଚ ମୋହର ?
କି ଅଛି ତହିଁରେ, କିପାଇଁ ବେଳା କଲ ହେ ଜୁର ?
ବୁଝାଇ ଦେବକି ବାଳକେ, ଥରେ ଶୁଣିବ ମୁହିଁ ?
ଶିଖାଉଚ ନତ; ଶିଖିବ ଆଜି ପରାଣ ଦେଇ ।

---

୨୪—ବାଲିପାଟରେ, ବିଶେଷରେ ସମୁଦ୍ର କୂଳ ବାଲିରେ, ଗୁଡ଼ୁକଙ୍କ ବୋଲି ଏକ ପ୍ରକାର ଠାଣ ଘାସ, ପ୍ରଚୁର ହୁଏ । ତାହା ବାଲି ଉପରେ ଲତାପରି ମାଡେ, ଏବଂ ଚୁଲିଲ ବେଳେ ପାଦରେ ଗଳିଯାଏ । ଏ ଘାସର ନୂଆଗଜା ସବୁ ବଡ଼ ମୂନିଆଁ ।

GPNanda Colln., Digitized by srujanika@gmail.com

ପ୍ରବୀଣ-ବୟସେ ଫୁଟିବ ଶିଶୁ-ହୃଦୟ ନାଶ ।
ସୁମର ଝଙ୍କୃତ, ଆସିଛୁ ମୁହିଁ ବେଳା ମୂରୁଛି ।

୩

ରହ ରହ ବାଆ ବହାସି, ରହ ବରଷା ଧାର;
କୁଆଁର ପୁନଅଁ ହେଉଛି ଆଜ ରଜନୀ ସାର ।
ଉଠିଆସୁ ନୀଳ ଲହରୀ ଭେଦ ତାରକା ରାଜ;
ନିଶାମଣି ଶୋଭୁ ଗଗନେ ମହା-ମୁକୁର ମାଜ;
ଝରୁ ରଜତ କିରଣ ଖେଳିଯାଉ ଭୂତଳେ;
ସରସ-ବାଲୁକା-ବିତାନ ହସୁ ଜୋଛନା-ଖେଳେ ।
ପାଦପ-ପତର-ଗହଳେ ଛଳ-ଚଞ୍ଚଳ-ଛାଇ,
ଦୂର ଚକ୍ରବାଳ-ସୀମନ୍ତ, ଉଚ୍ଚ ମନ୍ଦର ତହିଁ,
ପୁନଅଁ-ଜୁଆର-ପୁଲକେ ଭରା ତଟିନୀ-ମୁଖ,
ମୃଦୁଳ-ଲହରୀ-ହିଲ୍ଲୋଳେ ଶୁଭ୍ର-ଚନ୍ଦ୍ର-ମୟୂଖ,
ବିହ୍ୱଳିତ-ନଦୀ-ଉରସେ ନଭ-କମଳ-ହସ,
ବନ୍ତଚୂଳେ ଶିଶୁ ଦେଖିବେ; ହୃଦ ଉଠିବ ନାଚ ।
ମୁହିଁ ଦିନେ ଶିଶୁ ଥିଲଇଁ, ମନେ ପଡୁଛି ମୋର;
ବସି ଶିଶୁମେଳେ ଦେଖନ୍ତି ଏ ବିଭବ ରସର !

୪

ଥାଉ ହୁଅନ୍ତୁ କି ବହାସି, ମେଘ ଯାଆନ୍ତୁ ଗୁଳ;
ପୁନଅଁ-ବଜାରେ ବୁଲନ୍ତେ ଶିଶୁ ଏଥି ବାହାର;
ଶୃଙ୍ଗିନୀ ଧବଳ ବଡ଼ାନେ, ସିକତିଳ ପ୍ରାନ୍ତରେ;
ଶିଶୁ ସଙ୍ଗେ ବସି ପୁହାନ୍ତି ରାତି ମୁଁ ଉଜାଗରେ ।

GPNanda Colln., Digitized by srujanika@gmail.com

କଳକଳେ ନଦୀ ଚରଣ ଚୁମ୍ବି ଯାଆନ୍ତା ବହି;
ଅର୍ଦ୍ଧ ନିଦ୍ରାବଶେ ରହନ୍ତ ସୁଖେ ଅଦ୍ରି ମହୀ;
ନୀରବେ ଶିଶିର-ମୟୂଖେ ବରଷନ୍ତା ଶିଶିର;
ସିକତା ପଖାଳି ତନ୍ଦ୍ରାନ୍ତା ମୋର ସୁପ୍ତ ଶରୀର ।
ସ୍ୱପନେ ଶୁଣନ୍ତ ସଂଗୀତ, ଦୂର ବ୍ୟୋମ-ବିମାନେ
ଥର ଥର ଭାସି ଯାଆନ୍ତା ମୃଦୁ-ବାତ-ସ୍ପନ୍ଦନେ,
କଳତାନେ କେତେ ବାଳକେ କଉତୁକ ଅଟଳ
ସେ ଗୀତେ ମିଶାଇ ଦଅନ୍ତେ ପ୍ରାଣ-ମଧୁ-ଲହରୀ ।
ସମୀର ହିଲ୍ଲୋଳେ ସାଗର କୂଳେ ଉଠନ୍ତା ଫୁଲି;
ମୃଦୁଭଙ୍ଗେ ବେଣୀ-କୁଞ୍ଚନେ ଅସୁଥାଆନ୍ତା ମାଡ଼ି;
ଲବଣି ପୋଷାଗେ ଉଗାଳ ଧୀର-କୁଟିଳ-ଗାରେ
ଫେନ-ସୀମା କାଟି ଦଅନ୍ତା ବେଳା-ଚକ୍‌କଣ-ଧାରେ ।
ତଟିନୀ—ଉରସେ ତରଣୀ ଭାସୁ ଥାଆନ୍ତା ହସି;
ଗୀତ ଗାଇ ସୁଖେ ନାବିକ ଯାଉଥାଆନ୍ତା ଭାସି ।

*

କାହିଁକି ଗରଜୁ ବଢ଼ାସି, ଆଜି ନୁହେଁ ତୋ'ଦିନ
କୁମାର-ଉତ୍ସବ-ଜାଗରେ ନିଶି ଦିଶୁ ପ୍ରସନ୍ନ ।
ନଭସ-ନୀଳିମା ବିକାଶୁ ଶୁଭ୍ର ଶାରଦ ହାସେ,
ଲୁବ୍ଧକ ସାଗରେ ରଜତ ବର୍ତ୍ତ ଉଠୁ ଆକାଶେ ।

୩୪—ଲୁବ୍‌ଧକ=ପ୍ରଶ୍ୱାତାରା । ପଶ୍ଚି ପୁନର୍ବସୁ ନକ୍ଷତ୍ରର ଏହା ଯୋଗତାରା, ଦକ୍ଷିଣ ଦିଗକୁ ଦେଖାଯାଏ । ଆକାଶରେ ଏପରି ଆଉ ଉଜ୍ଜ୍ୱଳ ତାରା ନାହିଁ । କୁମାର ପୂର୍ଣ୍ଣିମା ଦିନ ରାତି ପ୍ରାୟ ଦୁଇପ୍ରହରଠାରେ ଏ ତାରା ଉଦିତହୁଏ ।

GPNanda Colln., Digitized by srujanika@gmail.com

ଖେଳନ୍ତୁ ପ୍ରାନ୍ତରେ ବାଳକେ ନେଳ କୁରଙ୍ଗ ପରି ।
କ୍ଷଣେ ପୁଣି ଦେଖି ଆସନ୍ତୁ ଭଗ୍ନ-କୋଣାର୍କ-ଶିର ।
ଦୁର୍ଦ୍ଦିନ ଭ୍ରୂକୁଟୀ-କବଳ-ଗ୍ରାସେ ଜୀର୍ଣ୍ଣ ଶରୀର
ଦେଖିଛନ୍ତି କେତେ ଆବେଗେ, ବଦ୍ଧ ପ୍ରାଣେ ଆରତ ।
ଆରୂଢ଼ ଗଗନେ ଖୋଦିତ-ଶିଳ୍ପ-ସକଳ-ରୂପ,
ଗଠନ-ଗହ୍ୱରୁ ଝରୁଛି କେତେ ଲବଣ-ବାତ;
ଦିବାଲୋକ ତହିଁ ବିକାଶେ ରୁଦ୍ଧ ବିକଟ ଛବି;
ବିଭଙ୍ଗ ଦେଖାଇ ମାନବେ, ଶିଳ୍ପେ ନାଚଇ ରବି ।
ଦିଶେ ନାରଖାର ପୁରାଣ କୀର୍ତ୍ତି କଙ୍କାଳ-ସାର;
ଘନଘଟା-ଅର୍ଦ୍ଧ-ତାମସେ ପୁଣି ବିକଟ ଘୋର ।
ଦେଖି ଶିଶୁ ଫେରି ଅଛନ୍ତି ପ୍ରାଣ-ସଙ୍କୋଚେ ଆଜି ।
ଫାଟିଯାଉ ମେଘ, ଜୋଛନା ଫୁଟିଉଠୁ ବିରାଜି ।
କାଳ-ଦନ୍ତ-ଘାତ-ବୀଭତ୍ସ-ପ୍ରାନ୍ତ-ମୋହନ-କଳା
ସରସ-ସିତାଂଶୁ-ପରଶେ କରୁ ଜୀବନ୍ତ ଲୀଳା ।

୭

ମନେ ପଡ଼ୁଛି ମୋ' ସେ ଦିନ, ଯେବେ ବାଲୁତପଥେ,
କୋଣାର୍କ ଅବେଶେ ପଶିଣ ଭିଡ଼ି କିଶୋର-ମୁଦେ,
ବାଲୁକୁଞ୍ଜ ଛାଡ଼ି ପ୍ରାନ୍ତରେ ପଶି କୋଣାର୍କ ଦେଖି,
ଚମକି ପୁଲକେ ଗୁହଁଲି, ହୃଦେ ରହିଛି ଲେଖି ।

---

୮୯—୧୧୮—ଗ୍ରନ୍ଥକାର ପ୍ରଥମେ ବାଲ୍ୟକାଳରେ ଯେତେବେଳେ କୋଣାର୍କ ଦେଖିଥିଲେ, ସେହି କାଳର କଥା ଏଠାରେ କହୁଛନ୍ତି ।

GPNanda Colln., Digitized by srujanika@gmail.com

ବାରୁଣୀ-ତାମସ-ଅରୁଣ-ଭସେ ପ୍ରାଚୀ-ଲଲାଟେ
ଧୂସର-ଝଳକ ମନ୍ଦର ଦଶେ ସାଗର-ତଟେ ।
ଫେନ-ତାରକିତ-ନୀଳିମା ଭେଦ ଉଠିଲା ଛବି ।
ପୁଚ୍ଛୁଥିଲା, "ଏ କି କୋଣାର୍କ, ଉତ୍ତ୍ର ଭାରତ-ରବି ?"
ଲଘୁ ସେ କିଶୋର ଚରଣ ସିକତିଳ ପ୍ରାନ୍ତରେ
କୁରଙ୍ଗ-ବିଭବେ ପଡ଼ିଲା ବନ୍ଧୁ ବନ୍ତ୍ର ପ୍ରସାରେ ।
ଶାବକ ଗହ୍ୱରଣେ ପଳାଏ ପଥେ କୁରଙ୍ଗବାଳା;
ଗ୍ରୀବାଭଙ୍ଗେ ଦୂରେ ଦେଖାଏ ଲଘୁ ତରଳ ଲୀଳା ।
ଦେଖି ନ ଦେଖିଲି ସେ ଛବି; ଗୃଧ୍ର ଫୁଟିଲା ହସି;
ତରଳ ରଜତ-ପ୍ଲାବନେ ଗଲା ସିକତା ଭାସି ।
ଉଠି ସଉ କେତେ ଅବାଟେ ଭଗ୍ନ ଶଇଳ ଭେଦି,
ଅଦୂରେ ମନ୍ଦର-ଚତ୍ୱରେ ଚହିଁ ଦେଖିଲି ସାଦୀ;
ପୃଥୁ ବାଜିବର, ପର୍ଯ୍ୟାଣେ ତୁଙ୍ଗ ବପୁଷ୍ମ ବୀର !
ଦେଖି ଶିଶୁ ପ୍ରାଣେ କି ହେଲା ? କ୍ଷଣେ ରହିଲି ସ୍ଥିର ।
ଶିଳ୍ପ-ବିରଚନ ଜାଣିଲି; ଗଲି ଉହସି ପାଶେ ।
ଦେଖିଲି ଜୋଛନା-ଲାବଣ୍ୟେ କିବା ମୂରତି ହସେ !
ବାରଂବାର ଭ୍ରମେ ଦେଖିଲି ପୁଣି ନିରେଖି ଛବି;
ବାରଂବାର ଶଙ୍କେ ଚମକି, ଗଲି ପୁଲକେ ଦ୍ରବି ।
ଗୃହିଁଲି ମନ୍ଦର-ଲଲାଟେ; ବୁଲି ଦେଖିଲି କେତେ :

---

୧୦୪—ସାଦୀ=ଅଶ୍ୱାରୋହୀ ।

୧୦୫—ପୃଥୁ=ପୃଥୁଳ, ମୋଟା । ପର୍ଯ୍ୟାଣ=ପଲ୍ଲଣ, ଘୋଡ଼ା ଉପରେ ବସିବାର ଆସନ; ଜିନ୍ । ବପୁଷ୍ମ=ଦୃଢ଼ାଙ୍ଗ, ମାଂସଳ ।

GPNanda Colln., Digitized by srujanika@gmail.com

ସୂଚୀ-ଶିଳ୍ପ, କାରୁ-ଖୋଦନ, ତୁଙ୍ଗ ମୂରତି ଯେତେ ।
ତୁହିନ-ମୟୂଖ-ରସାଣେ ସବୁ ଦିଶିଲା ଚୋଖ ।
ଜୀର୍ଣ୍ଣ କଳଙ୍କିତ ପଥର, ସବୁ ଲାବଣ୍ୟ-ଭରା ।
ଜୋଛନାର ଛାଇ ଦିଶିଲା ସ୍ତରେ ସ୍ତରେ ମଧୁରେ ।
କାଳର ବିଭଙ୍ଗ ଲୁଚିଲା ପୁଣ୍ୟ ଜୋଛନାପୂରେ ।
ପୁରାଣ କୋଣାର୍କ ଦେଖିଲି କେତେ ଜୀବନ୍ତ ପରି;
ସୁଧାଂଶୁ-କିରଣେ ସତେ କି ପଡ଼େ ଅମୃତ ଝରି !
ଦିବା-ଅଟ୍ଟହାସେ ଶିଶୁଏ କାଳ-ଭଙ୍ଗୁର-ଲେଖା
ଦେଖିଛନ୍ତି; ରହୁ ଝଟିକା, ଫୁଟି ଉଠୁ ଚନ୍ଦ୍ରିକା ।

୭

ରାତ ତ ହେଲାଣି ବହୁତ, କପାଁ ବତାସି ଆଉ
ତୁହାଇ ଅଣୁଛୁ ବରଷ, କିବା ସାଧ ତୁ ଦାଉ ?
ଚନ୍ଦ୍ରିକା-ଧବଳ-କୋଣାର୍କ-ସ୍ତନ୍ତ-କୀରତି-ମାଳା
ଦେଖିବାର ପଛେ ନ ହେଲା; ହୁଅ ତୁ ଏବେ ଥିର ।
ବହୁସୁଖେ ଶିଶୁ ଆସିଲେ ଦେଖି ଶରଦ କାଳ,
ସତିଶେଷେ ଥରେ ଦେଖନ୍ତୁ ନଭେ ଚନ୍ଦ୍ର ବିମଳ ।
ବିମଳ ବିଭାରେ ତଟିନୀ ବହିଯାଉ ସାଗରେ;
ତାରକା-କଂପନେ ଲହରୀ ଉଠୁ ସାଗରତୀରେ;
ପ୍ରାନ୍ତର-ପ୍ରହରୀ-ପାଦପ ଏଥି ଚନ୍ଦ୍ରିକା-ପୂରେ
ଧୀରେ ମରମର ପତର, ଦିଶୁ ବନ୍ତ ଶିଖରେ

୧୧୩—ତୁହିନ-ମୟୂଖ=ଚନ୍ଦ୍ର; ଚନ୍ଦ୍ରକିରଣ ।

GPNanda Colln., Digitized by srujanika@gmail.com

ଐତିହାସିକ ଭୂମି ଏ, ଏଥି ବାଳକକୁଳ
ଇତିହାସ-ସ୍ମୃତି-ପୁଲକେ ଲଭେ ହେବେ ବିହ୍ୱଳ ।
ଗୁହ୍ନିବେ କୋଣାର୍କ ଦେଉଳେ ଦଗପ୍ରାଚୀର-ତଳେ;
ଭୁଲି ଆସୁଥିବେ ପଲକେ ଗ୍ରମଶ୍ରେଣୀ-ଶିଖରେ;
ବେଲେଶ୍ୱର-ବନ୍ତ ଅଦୂରେ ନାଚୁଥିବ ନୟନେ;
ଦେଖୁଥିବେ ବଡ଼ଦେଉଳ କେବେ ନେତ୍ରକୁଂଚନେ ।
ଅତୀତ-ବିଭବ-କାହାଣୀ କହୁ ବିବିଧ ରଙ୍ଗେ,
ଆମ୍ଭାକୁ ବିସେ ର ମିଶିବେ ପୂର୍ବ-ପୁରୁଷ-ସଙ୍ଗେ ।
ଅତୀତୁ ଅତୀତ ପ୍ରସାରେ ବହୁ ଜୀବନ ଧାରା,
ବ୍ୟାପିଯିବ ମହାବିସ୍ତାରେ ଭେଦ ଶରୀର କାରା ।

୮

ରହୁନାହୁଁ କାହିଁ ବଢାସି ? ତୁ କି ନ ହେବୁ ଥୟ ?
ତୁହାଇ ହେଉଛୁ ବରଷା, ତୋର ନାହିଁ କି ଲୟ ?
ତନ୍ତ୍ରାଳୁ ଯେଉଁ ବାଲୁକା, ଦନେ କି ଥିଲା ତହିଁ ?
କି ତୁଙ୍ଗ ଉଜ୍ଜ୍ୱଳ-ବିଭବ ଦେଖିଅଛୁ ଏ ମହୀ ?
ଏହି ତ ସାଗରେ ଜଗୁଛି ପ୍ରଳୟର ତାଣ୍ଡବ;
ଜରସ-ବିସାରେ ତଟିନୀ ରଚେ ଗ୍ରାମ ଆରବ ।
କେଉଁ ଗଇନରୁ ଆସୁଛୁ ? କହ ବତାସି ମୋରେ ।
ଓଡ଼ିଆ-ବୋଇତ-ଖବର କିଛି ଅଣିଛୁ କିରେ ?
ନୀଳ ବୀଚି ଭଙ୍ଗି ଆଣୁଛୁ ତଡ଼ ବରଷା ଧାରା;
କାଳ-ବୀଚି ଭଙ୍ଗି ସ୍ମରଣେ ହୁଟେ ଯାଉଛି ସରା !
ଯିବୁ କେହି ତୁହି ତାମସେ କହ କାହିଁ ସୁହୁରେ ?
କି ବାରତା ଆଉ କହିବୁ ତହିଁ ସମୀର-ସ୍ୱରେ ?

GPNanda Colln., Digitized by srujanika@gmail.com

ପ୍ରଦେଶୁ ପ୍ରଦେଶେ ଭ୍ରମନ୍ତେ କେତେ ଦେଖିଛୁ ଲୀଳା;
ଭାରତ ସାଗରୁ ହିମାଦ୍ରି-ଶିରେ କରିଛୁ ଖେଳା;
କୋଣାର୍କ ଶିଖର-ମଣ୍ଡିତ-ଚୀନ-ଧ୍ୱଜ-ବାତ
ତୋ' ଦେହେ ଦେଖିଛୁ ମଗଧ-ଜନ ପ୍ରାଣ ମୁରୁଛୁ;
ନୀଳାଚଳ-ବେଳା ଖବର କେବେ ବଂଗ-ମାନବେ
ଦେଇ, ପୁରାଇଛୁ ପରାଣ ଭାବ ଭକ୍ତି-ବଇବେ;
ବଣିକ-ବନିତା ଏହିଠି ତୋର ହୁଙ୍କାର ନାଦେ
ଆତଙ୍କେ ପରାଣ ପୋଡ଼ିଛୁ, ଗଣି କେତେ ପ୍ରମାଦେ;
ଏହି କୂଳେ ବହି ଆଣିଛୁ କେତେ ବୋଇତ-ପନ୍ଥା,
ଦେଖାଇ ଲଗାଇ ଦେଇଛୁ କେତେ ଶୋକର ଦହ୍ନା;
ଶଙ୍କାରେ ସାଧବ-ଲଳନା ତୋତେ ବାନ୍ଧିଛି କେତେ,
ସୁତ ଦଇତଂକୁ ସୁମରି ଦୂର-ବୋଇତ-ପଥେ;
ଏହି ସିକତାରେ ପୋତିଛୁ ରଣ-ତୁରଙ୍ଗ-ପଦ;
ଏହି ଝଡ଼େ ବହି ନେଇଛୁ କେତେ ଦେଶ-ନିନାଦ;
ସେନାବାସେ ଏଥି ଦେଇଛୁ କେତେ ଲିଭାଇ ଦୀପ;
ତାମସେ କେତେ ରେ ବହିଛୁ ହୁଂହୁଂକାର-ପ୍ରତାପ ।
ଆଜ କପାଁ ତେତେବ ଗରଜୁ ? କସ ଦେଖୁଛୁ ଏଥି ?
ବାଳକେ ତ ଶୋଇଅଛନ୍ତି, କାହିଁ ଦେହେ ତୁ ମନ୍ଥି ।

---

୧୫୨—ଏଠା ବତାସି, ଦୂରରେ ସମୀରଣ ବା ଧୀର ପବନ ।
୧୫୫—ଚୀନ=ଚକ୍‌କଣ (ବସ୍ତ୍ର) । ଧ୍ୱଜ=ପତାକା ।
୧୫୬—ମଗଧ (ବିହାର) ଏକ ସମୟରେ କଳିଙ୍ଗର ଅନ୍ତର୍ଭୁକ୍ତ ଥିଲା ।
ପ୍ରାଚୀନ କାଳରେ ଓଡ଼ିଶା ନାବିକ ବଣିକମାନେ ସାଧବ ନାମରେ
କଥିତ ହେଉଥିଲେ ।

GPNanda Colln., Digitized by srujanika@gmail.com

୯

ଶୁଅରେ ବାଳକେ ଆଶ୍ରମେ, ଏଥି ନାହିଁ ତ ଘର;
ଶୋଇଛ ତ ସୁଖେ ଆଦର ରାମଚଣ୍ଡୀ-ମଂଦର ।
ଉତ୍କଳର ପୁଣ୍ୟ ଭୂମି ଏ, ଏବେ ସିକତା-ଖେଳେ
ଗୁଣ୍ଡକଙ୍କେ ମୃଗ ଗୁଲନ୍ତ ଅପନ୍ତର ପ୍ରାନ୍ତରେ !
ଦିବାକର-ପୁର ସୁନ୍ଦର ଟେକ୍କା ଉନ୍ନତ ଚୂଡ଼ା,
ସାଗର-ସଂଘାତ-ପବନେ କରୁ ନାହିଁ ତ କ୍ରୀଡ଼ା !
ବାରିଧି-ଉରସେ ତରଣି ବସି ଅରୁଣ ରଥେ,
ହିଂହାସନେ ପଶୁ ନାହାନ୍ତି ସିଂହଦୁଆର-ପଥେ !
ଚନ୍ଦ୍ରଭାଗା-ବୀଚି-କମ୍ପନେ ଭକ୍ତ-ପୁଣ୍ୟ-ହୃଦୟ
ନାଚୁନାହିଁ ଭାବ-ପୁଲକେ, ଲଭି ଦୁରିତ-କ୍ଷୟ !
ଏହି ରାମଚଣ୍ଡୀ ଯବନ-ଦଣ୍ଡେ ଆସିଣ ଏଥି,
ଆଜ ସେହି ଦିନୁ ଫେରିଲ ନାହାନ୍ତି ତ ହେ ଗତ !

---

୧୭୭—ତରଣି—ସୂର୍ଯ୍ୟ ।

୧୮୨—କିମ୍ବଦନ୍ତୀ ଅଛି, କଳାପାହାଡ଼ କୋଣାର୍କରେ ହିନ୍ଦୁ ଦେବଦେବୀଙ୍କର ପବିତ୍ରତା ନଷ୍ଟ କଲାବେଳେ ରାମଚଣ୍ଡୀ ନାରୀରୂପରେ ଗୋଟିଏ ମାଠିଆ ଧରି କୁଶଭଦ୍ରାକୁ ପାଣିପାଇଁ ଆସିଲେ । କଳାପାହାଡ଼ ଖୋଜି ଆସି ଦେଖିଲା ବେଳକୁ ସେ କୁଶଭଦ୍ରାରେ ମାଠିଆ ଧରି ବସୁଛନ୍ତି । ସେହି ଦିନଠାରୁ ରାମଚଣ୍ଡୀ ଆଉ କୋଣାର୍କକୁ ଫେରି ନାହାନ୍ତି । ଲୋକେ ଏବେ ମଧ୍ୟ କହନ୍ତି,

"ଭଲ ରାମଚଣ୍ଡୀ ଭଲରେ
କଳାପାହାଡ଼କୁ ଦୁଆରେ ବସାଇ, ଭଲ ପାଣିପାଇଁ ଗଲରେ ।"

GPNanda Colln., Digitized by srujanika@gmail.com

କୁଶଭଦ୍ରା ଖୁଞ୍ଜି ଆସିଛୁ, ସିଂଧୁ ଯାଇଛୁ ଫେରି,
'ଗୁରବ' ନଗରୀ ଭାଙ୍ଗିଛୁ କାଳ-ଭ୍ରମ-ଲହରୀ !
ତୁଙ୍ଗ ଦେବାଳୟ କୋଣାର୍କେ ଭଗ୍ନ ସ୍ତୂପ ଭିତରେ ।
ରତ୍ନ-ସିଂହାସନେ ତପନ ବିଜେ ପ୍ରଖର କରେ !
ସୂଚୀ-ଶିଳ୍ପ-କଳା ମଣ୍ଡନେ ସ୍ୱର୍ଗୀୟ ଆଦର୍ଶ ରହେ;
ଇତିହାସ-ସାକ୍ଷ୍ୟ ପ୍ରକାଣ୍ଡ ଶିଳା ବାହାରେ ଶୋହେ ।
ଜୀର୍ଣ୍ଣ ମୁଖଶାଳା ଉଠିଛି କୀର୍ତ୍ତି-କଙ୍କାଳ ପରି;
ପ୍ରଭୁ ପୁରୁଷଙ୍କ ପ୍ରେତ ସେ, ଏବେ ଦେଶ ବାହାରେ ।
କାଳର ଯାତନା ଦଶଇ ଅଙ୍ଗେ ବକାଣି ତାର;
ବୁଝିଲ କି ଶିଶୁ, କଲ ତ ତହିଁ ଏତେ ବିହାର ?

୯

ଶୋଇଛ ତ ଏବେ ଶୁଣିବ, କେତେ ସ୍ୱପନ-ବାଣୀ;
କାଳ-ସ୍ରୋତ ସବୁ ଦେଖିବ, ପ୍ରତିଲୋମେ ଉଜାଣି ।
ଦେଖିବ ହେ କେତେ ବିଭବ ପ୍ରାଣ-ପୁଲକ-ଭରେ;
ସମର—ଦୁନ୍ଦୁଭି ଶୁଣିବ ଋଦ୍ଧ ଚଉଦୁଆରେ;
ଯାଜପୁର-କୁଣ୍ଡେ ପଡିବ ଅଶ୍ୱମେଧ-ଆହୁତି;
ତୋଷାଳି-କଟକେ ରମଣୀ-ତୁଙ୍ଗ-ରାଜନ୍ୟ-ନୀତି;

---

୧୯୬—ଋଦ୍ଧ = ସମୃଦ୍ଧିଶାଳୀ । ବାରବାଟୀ ପୂର୍ବରୁ ଚଉଦୁଆର ଓଡ଼ିଶାର ରାଜଧାନୀ ଥିଲା ।

୧୯୭—ଯାଜପୁରଠାରେ କେଶରୀ ବଂଶର ପ୍ରସିଦ୍ଧ ରାଜା ଯଯାତିକେଶରୀ ଦଶଟି ଅଶ୍ୱମେଧ ଯାଗ କରିଥିବାର ପ୍ରବାଦ ।

୧୯୮—ତୋଷାଳିର କର ରାଜବଂଶରେ ଦଣ୍ଡୀ ମହାଦେବୀ ନାମକ ଜଣେ ଅତି ପ୍ରଖ୍ୟାତନାମ୍ନୀ ଗୁଣବତୀ ତେଜସ୍ୱିନୀ ରମଣୀ, ସମ୍ରାଟ୍ ହୋଇଥିଲେ ।

GPNanda Colln., Digitized by srujanika@gmail.com

ଶିଳ୍ପୀ ପଣ୍ୟଜୀବୀ ପଣ୍ଡିତ, ପୁଣି ଦେଖିବ ଯାରେ;
ଭୀମ ରଣତୂର୍ଯ୍ୟ ଶୁଣିବ ବାରବାଟୀ-ଦୁଆରେ;
ଶତ ଗିରିଦୁର୍ଗ ଉଜ୍ଜ୍ୱଳେ ନାଚିଯିବ ନୟନେ;
କୃଷକ-ବାହିନୀ ଉଠିବେ ଗ୍ରାମ ନଗର ବନେ;
ଗିରି-ଦରୀ-ଭେଦୀ ନିନାଦେ ଉଠି ତୂରୀନିନାଦ,
ଗୃଧ୍ର-ଗିରିନଦୀ-ପ୍ରପାତେ ମିଶିଯିବ ଶବଦ;
ମେଘାସନ-ଧୂମ୍ର-ଶିଖରୁ ଯିବ ମହେନ୍ଦ୍ର ଯାଏ,
ସମୀର-ଲହରେ ଶଙ୍କିତ ଖେଳି ଊର୍ମି ପରାଏ;
ଭାଗୀରଥୀ ପୁଣି କାବେରୀ ହୋଇ କେତେବ ଅଧୀର,
ଦେବେ ଥରେ ଥରେ କମ୍ପାଇ ତାଙ୍କ ଦୂର ସଲିଳ;
ତୁଙ୍ଗ ହିମଗିରି ହସିବ ଶୁଭ୍ର-ତୁହିନ-ହାସେ,
ଅବାଚୀ-ଦିଗନ୍ତେ କୁମାରୀ ଊର୍ମିଭଙ୍ଗ-ବିଳାସେ;

---

ବର୍ତ୍ତମାନ ଧଉଳିଠାରେ ତୋସାଲି ସାମ୍ରାଜ୍ୟର ରାଜଧାନୀ ଥିଲା ବୋଲି ପଣ୍ଡିତମାନେ ଅନୁମାନ କରନ୍ତି । ଓଡ଼ିଶାର ନାନା ସ୍ଥାନରୁ ଏହି ଦଣ୍ଡୀ ମହାଦେବୀଙ୍କ ଶାସନାଦିଦାନର ତମ୍ବାପଟା ସବୁ ମିଳୁଅଛି । ଏହାଙ୍କ ମାତା ମଧ୍ୟ ରାଜାଙ୍କ ମୃତ୍ୟୁପରେ କେତେକ ସମୟ ସିଂହାସନ ଆରୋହଣ କରିଥିଲେ ।

୧୦୨—ଓଡ଼ିଶାର କୃଷକମାନେ ସର୍ବଦା ସେନା ଥିଲେ ।

୧୦୫—୧୧୦—ସାଧାରଣତଃ ମେଘାସନଠାରୁ ମହେନ୍ଦ୍ର ପର୍ଯ୍ୟନ୍ତ ସର୍ବଦା ଓଡ଼ିଶା ଥିଲା । ଗଙ୍ଗବଂଶୀୟ ରାଜାମାନେ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ଖାରବେଳଙ୍କ ସମୟରେ ମଗଧର ଉତ୍ତରସୀମା ହିମାଳୟର ପାଦଦେଶରୁ କୁମାରିକା ପର୍ଯ୍ୟନ୍ତ ସବୁ କଳିଙ୍ଗ ରାଜ୍ୟ ଥିଲା । ଖଣ୍ଡଗିରିର ହାତୀଗୁମ୍ଫାରେ ମିଳିଥିବା ଖାରବେଳଙ୍କ ପଥରଲେଖରୁ ଏହା ସ୍ପଷ୍ଟ ହୋଇଅଛି ।

GPNanda Colln., Digitized by srujanika@gmail.com

ଶଲ୍କା-ଶରରେ ଉଠିବ ଶତ ବୋଇତ ଭାସି,
ଅରୁଣିତ ଦେଖି ବାରୁଣୀ-ଘଟେ ଜଟିଆନାସି ;
ଗଉରବ-ଗାଥା ଶୁଣିବ, ବନ୍ଦୀ ଗାଇବେ କେତେ ;
ଭୀମ ତରବାରି-ଫଳକ ଯୋଧେ ଟେକିବେ ହାତେ ।
କବଚ ଫିଟାଇ ତରୁଣୀ ମଧୁଶଯ୍ୟା-ବାସରେ ୨୧୫
'ରଣ ଜିଣି ଆସି ବାନ୍ଧବ' ବୋଲି ଛାଡ଼ିବେ ଘରେ ।

୧୦

ଏହି ଦିବାକର-ମଂଦିରେ କେତେ ଦେଖିବ ଲୀଳା ।
ସାଗରେ ବୋଇତ ବନ୍ଦାଇ ଯିବେ ସାଧବବାଳା ।
ପୋତ ଖୋଲି କରି ମରିଚ ଏଲା ଲବଂଗ ଧନେ
'ଚେଲିତାଲୁ' ପୁରୁ ବଣିକେ ଦୂରେ ନେବେ କେସନେ ।
ତରଙ୍ଗରେ ଖେଳି ତରଣୀ ପୁଣି ଟେକିବ ପାଲ, ୨୨୧
ଶାରଦ ଗଗନେ ବଉଦପରି ହେବ ବାହାର ।
କାହିଁ ଯାବା କାହିଁ ବୋର୍ଣିଓ କାହିଁ ମଶଲାଦ୍ୱୀପେ,
ଯିବ ଭାସି ସୁଖସ୍ୱପନେ, ମଣିବ ହେ ସମୀପେ ।

---

୨୨୦—ଗୃହତ୍ତରୁ ଚୀନ୍‌ପରିବ୍ରାଜକ ହୁଏନ୍‌ସାଂ ଚେଲିତାଲୁ ବୋଲି ଲେଖିଅଛନ୍ତି ।

୨୨୩—୨୩୪—ଯାଭା, ବୋର୍ଣିଓ, ମସଲାଦ୍ୱୀପ ପ୍ରଭୃତି ଦକ୍ଷିଣପ୍ରଶାନ୍ତ ମହାସାଗରରେ ଆସିଆ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅବସ୍ଥିତ । ପୂର୍ବେ ଗୃହତ୍ତର ଓଡ଼ିଆ ବଣିକମାନେ ଏସବୁ ଦ୍ୱୀପ ଓ ସିଂହଳସଙ୍ଗେ ବିଶେଷ ବାଣିଜ୍ୟ କରୁଥିଲେ । ମେଦିନୀପୁରର ତମଲୁକ ପ୍ରାଚୀନ ଉତ୍କଳର ତାମ୍ରଲିପ୍ତି ନଗର ଥିଲା । ଏହିଠାରୁ ଓଡ଼ିଆ ବୋଇତରେ ବସି ଖ୍ରୀଷ୍ଟ ୫ମ ଶତାବ୍ଦୀର ପ୍ରାରମ୍ଭରେ ଚୀନ ପରିବ୍ରାଜକ ଫାହିୟାନ୍ ସିଂହଳ ଯାତ୍ରା

GPNanda Colln., Digitized by srujanika@gmail.com

ପିତାମହଙ୍କ ଭବ ଓହ୍ଲାଇ ସରଗରୁ ପଲକେ,
ସମ୍ବେଗ ସରଣୀ ଦେଖାଇ ନେବେ ବହ୍ନ ପୁଲକେ ।
ଶିଳ୍ପବିରଚନେ ଦେଖିବ ତହିଁ ଦେବନିଳୟ;
ଘୋର ମହମ୍ମଦ-ବିଜୟେ ଭଙ୍ଗ ନାହିଁ ବିଲୟ ।
ଶଇଲ-ବିଗ୍ରହେ ତୁମ୍ଭର ପୂର୍ବପୁରୁଷ-କର
ଦେଖିବ, କେସନେ ରଚିଛି ଇତିହାସ ରୁଚିର ।
କେବେ ବା ବୋଇତ ଲାଗିବ ବଂଗସାଗର-କୂଳେ ;
ଓଡ଼ିଆ ନାବିକ ରସିବେ ତାମ୍ରଲିପ୍ତି-ମଣ୍ଡଳେ ।
ତାମ୍ରଲିପ୍ତି ଝଡ଼ ଉଠିବ ତଥି ସିଂହଳ-ତଟେ;
ଉତ୍କଳ-କମଳା ହସିବେ ପୁଣ୍ୟ କ୍ଷେତ୍ର ମୁକୁଟେ ।
ବାଣିଜ୍ୟ-ବିଜୟ-ଉନ୍ମାଦେ ପୁଣି କୋଣାର୍କେ ଫେର,
ସ୍ୱାଧୀନ ବିଳାସେ ରସିବ ଦେଖି ଏ ପୁର ଶିର ।

୧୧

ବିଶାଳ ପଥର ଆଣିବେ ଦୂର ଶଇଳ ଛେଦି;
ସୂଚୀ-କାରୁ ସ୍ତୂପ ଗଢ଼ିବେ ନଦୀ-ଗରଭ ଭେଦି ।
ନରସିଂହଦେବେ ଦେଖିବ ଗଙ୍ଗବଂଶ-ତପନେ ।
ଶତଶତ ଶିଳ୍ପୀ ନାଚିବେ ତୁମ୍ଭ ବାଳନୟନେ ।

କରିଥିଲେ । ଯାଭା, ବାଲି ପ୍ରଭୃତିରେ ଓଡ଼ିଆମାନେ ଉପନିବେଶ କରିଥିଲେ । ସେଠାରେ ବର୍ତ୍ତମାନ ଦେବ ମନ୍ଦିର ଓ ଶିଳାଲିପି ସବୁ ତାହାର ସାକ୍ଷ୍ୟ ଦେଉଅଛି । ଭାଷା ଓ ପରମ୍ପରାରେ ମଧ୍ୟ ଅଦ୍ୟାପି ପ୍ରାଚୀନ ଓଡ଼ିଆ ଜାତିର ଚିହ୍ନ ଅଛି । ମୁସଲମାନଧର୍ମ ଏ ସବୁ କୀର୍ତ୍ତି ଓ ପରମ୍ପରା ସମ୍ପୂର୍ଣ୍ଣ ଲୋପ କରିପାରି ନାହିଁ ।

GPNanda Colln., Digitized by srujanika@gmail.com

ଶିବେଇ ସାମନ୍ତା ଅସିବେ ଯେନ ବାରଣ' ଶିଳ୍ପୀ ।
ଦେବ ହେ ବଢ଼େଇ-ବାଳକ ସୁଟେ ପ୍ରାଣ ଅରପି;
ପଡ଼ିବ ମନ୍ଦର-ଶିଖରୁ କଙ୍କରିଳ ପ୍ରାଙ୍ଗଣେ ।
ଭାଜିବଟି ନଦ ଚମକ୍ତ ତବ ମଧୁସ୍ୱପନେ !
ପ୍ରେତପରି ପୁଣି ଦିଶିବେ ପୂର୍ବ-ପୁରୁଷ-ମେଳେ ।
କୀରତ-ଶ୍ମଶାନ ହସିବ ତବ ସ୍ୱପନ-ଖୋଳେ ।
ରାମଚଣ୍ଡୀ ଅଉ ଛଳନେ କଳାପାହାଡ଼ ଘୋଡ଼,
କୁଶଭଦ୍ରା-ଅଙ୍କେ ଭାସିବେ ନାହିଁ କୁମ୍ଭ ଆଦର ।
ଜଡ଼ପରି ପୁଣି ବସିବେ ଏଥି ହୋଇ ପଥର ।
ରୁଦ୍ଧ ଜନପଦ ହେବ ହେ ସେହିପରି ପ୍ରାନ୍ତର ।
ରହି ଯାଅ ବାଅ ପବନ, ଝଡ଼ ହୁଅ ତୁ ଥିର ।
କେତେ ତ ସହିଛୁ, ଆଜି କି ସହି ପାରେ ଏ ଧିର ?

---

୧୪୨—ନରସିଂହ ଦେବଙ୍କ ଆଦେଶ ଅନୁସାରେ ଶିଳ୍ପୀବର ଶିବେଇ ସାଁନ୍ତା ଏହି ମନ୍ଦିର ତୋଳିଥିଲେ । ୧୨୦୦ ବଢ଼େଇ ଏହି କାମରେ ବହୁ କାଳ ଲାଗିଥିଲେ । ପ୍ରବାଦ ଅଛି, ମନ୍ଦିରଟି କେହି ପୂର୍ଣ୍ଣ କରି ପାରୁ ନ ଥିଲେ । ଗୋଟିଏ ବଢ଼େଇର ବାଳକ ପୁତ୍ର ସାହସ କରି ଦିନେ ରାତିରେ ସେ କାମଟି ପୂର୍ଣ୍ଣକଲା । ସେଥିରେ ୧୨୦୦ ବଢ଼େଇଙ୍କର ସମ୍ମାନ ନାଶ ହେବାର ଆଶଙ୍କା ହେବାରୁ ସେ ବଢ଼େଇ ବାଳକ ପିତାର ଅନୁମତି ଅନୁସାରେ ମନ୍ଦିର ଉପରୁ ଡେଇଁ ପଡ଼ି ପ୍ରାଣ ତ୍ୟାଗ କଲା । ସମସ୍ତେ ଜାଣିଲେ ବଢ଼େଇମାନେ କାମଟି କରିଛନ୍ତି । ବାଳକ, ତାହା କରିଥିବାର କେହି ଜାଣିଲେ ନାହିଁ । ବାଳକର ପିତା ଅନୁମତି ଦେଲାବେଳେ କହିଥିଲେ, "ବାରଶ ବଢ଼େଇରେ ଦାନ୍ତୀ ନା ପୁଅରେ ଦାନ୍ତୀ" । ଏ କଥାଟି ଏ ପର୍ଯ୍ୟନ୍ତ ଲୋକରେ ପ୍ରଚଳିତ ଅଛି ।

GPNanda Colln., Digitized by srujanika@gmail.com

୧୨

ସ୍ୱପନେ କି ପୁଣି ନ ହୁଏ ? ମୁହିଁ ବାଳକପର
ରାତ-ଉଜାଗରେ ଭାଳୁଛୁ, ବାବୁ ଯିବ କି ଡର ?
ସପନେ ବୋଇତେ ଭାସଇ ଜନ କୁହେଳୀ ଧାର ।
ସାଗର-ଉରସେ ଉଠଇ ତୁଙ୍ଗ ତୁହିନ-ଗିରି ।
ଶୃଙ୍ଗୁଁ ଶୃଙ୍ଗୁଁ ଗିରି ପାଲଟି ହୁଏ ସ୍ୱରଦୀର୍ଘିକା ।
ନଦୀ ପୁଣି ଭାସି ଆସଇ ଧରି ଶଇଳ-ଶିଖା ।
ଗଛେ ଚଢ଼ି ଭାସି ଯାଆନ୍ତି ଜନ ସମୀର-ରଙ୍ଗେ ।
ଦେଖୁ ଗଛ ହୁଏ ବୋଇତ ଗିରି-ପ୍ରପାତ-ଭଙ୍ଗେ ।
ପଡ଼ଇ ଅତଳେ, ହୁଅଇ ପୁଣି ରମ୍ୟ ନଗରୀ ।
ଶୃଙ୍ଗୁଁ ପୁଣି ମରୁ ଗରଭେ ଭାଙ୍ଗି ନଗର-ଶିରି ।
ହିମ-ତରଙ୍ଗିଣୀ ବହଇ ରୁଦ୍ର ମରୁ-ପ୍ରସାରେ ।
ତୁହିନ-ଶକଳ ଭାସଇ ତୀବ୍ର ଚଣ୍ଡାଂଶୁ-କରେ ।
କାଳସଙ୍ଗେ ଜନ ଆସଇ ଭାସି ହିମଶିଖରୁ,
ତୁହିନ-ପୀଡ଼ନେ ଯେସନେ ଖଣ୍ଡଶଇଳ ଗୁରୁ ।
ଉପକଣ୍ଠେ ପୁଣି ଉଷ୍ମେ ହିମ ଯାଏ ତରଳି;
ତରଣୀ-ସମ୍ପଦ ତଟିନୀ ବକ୍ଷେ ଯାଏଟି ସରି ।
ଦେଖେ ତହୁଁ ଘୋର ବିପିନ, ତହିଁ ମୃଗଯୂଥକୁଳ ।
ରଣମଦେ ପୁଣି ଆସ୍ଫାଳ ଯୁଦ୍ଧେ ଗୁଳଇ ବୀର ।

---

୧୬୪—ଶକଳ=ଖଣ୍ଡ । ୧୬୫—ବରଫ ପ୍ରଥମେ ସାମାନ୍ୟ ତରଳି ଖସି ଆସିଲାବେଳେ ପ୍ରକାଣ୍ଡ ପଥର ସବୁ ଭାଙ୍ଗି ତାହା ସଙ୍ଗେ ଭାସି ଆସେ । ତଳେ ସବୁ ବରଫ ପାଣିହୋଇ ଭାସିଗଲେ ସେହି ପଥର ସବୁ ପଡ଼ି ରହେ । ବରଫ ପାଣିଠାରୁ ଉସୁଆସ ଓ ତାହା ପାଣିରେ ଭାସେ ।

GPNanda Colln., Digitized by srujanika@gmail.com

ଯାର ହୁଏ ଘୋର ଶ୍ୱାପଦ; ଆଉ ନାହିଁଟି ଗତି।
ସପନ-ବିଭ୍ରମେ ସର୍ପିରେ ପୁଣି ଉଠଇ ମାତି।
ଗ୍ରହତାରା-ଜନେ ଝଲସି, ଫେରି ଆସେ ପଲକେ;
ନୀହାରିକା ଭେଦ କ୍ଷଣକେ ଆସେ ମନୁଷ୍ୟ-ଲୋକେ।
ବେଦଋଷି-ଗୀତ ଶୁଣଇ ସରସ୍ୱତୀ-ପୁଳିନେ।
ଦେଖେ ଅପସରା-ବିଭ୍ରମ କାହିଁ ନନ୍ଦନ-ବନେ।
ସ୍ୱପନେ ମିଶଇ ସ୍ୱପନ; ସ୍ୱପ୍ନ ସ୍ୱପନେ ଭଙ୍ଗେ।
ବିପିନ ସାଗର ଗଗନ ସବୁ ମିଶଇ ରଙ୍ଗେ।
ସେହିତ ସ୍ୱପନେ ଦେଖୁଚ; ଭୟ ଏଥକୁ କିଆଁ?
ଗିରି-ଶିଖୁ ନୀଳ-ଜଳଧି-ବକ୍ଷେ ଉଠିବ ବାପା।
ଶିଖରୁ ଡେଉଁବ ଶିଖରେ; ତଳୁ ଉଠିବ ଶିଖେ।
ବାଆ ବତାସିରେ ଶୋଇଛ, ଲଭି ଆରାମ ସୁଖେ।

୧୩

ଏହି ଚନ୍ଦ୍ରଭାଗା ଅଦୂରେ; ମନେ ପଡ଼ୁଛି କାହେ?
ରକ୍ତଧାରେ ସ୍ନାତ ବହୁଛି ତବ ବାଳୁତ-ଦେହେ।
ସ୍ୱପନେ ଉଠହେ ଜଳାଣି କାଲ ଶିଖର-ଚୂଳେ।
ସୁଖେ ବସ ସ୍ନିଗ୍ଧ ଆତପେ ଘମଚଣ୍ଡୀ-ଶିଖରେ।
ଅଭିନୟ ପରି ଦେଖିବ ସବୁ ତରଳ ନାଦେ,

---

୧୭୨—ସ୍ୱପ୍ନରେ ଶ୍ୱାପଦ, ସର୍ପ ପ୍ରଭୃତି ଦେଖିଲେ ପଳାଇ ହୁଏ ନାହିଁ।
୧୭୪—ନୀହାରିକା=ବାଷ୍ପମୟ ତାରାମଣ୍ଡଳ। ଏହି ସୌରଜଗତ ସମ୍ବନ୍ଧରେ ନୀହାରିକା ଥିଲା। ଏବଂ ସେହିଠାରୁ କ୍ରମବିକାଶରେ ମନୁଷ୍ୟ-ଲୋକ ପର୍ଯ୍ୟନ୍ତ ପ୍ରକାଶ ପାଇଅଛି।

GPNanda Colln., Digitized by srujanika@gmail.com

ପୁଲକ-ବସ୍ନପୃ-ଚମକେ କେତେ ରସ-ଉନ୍ମାଦେ ।
ଚନ୍ଦ୍ରହାସେ ବାଳା ଅସିବେ ଚନ୍ଦ୍ରଭାଗା ସୁନ୍ଦରୀ;
ଯବନାଳୀ କବି-ନାୟିକା ନାଟିତକ ଆଚରି ।
ବିଦେଶୀ ସୁମନ୍ୟୁ ଅସିବେ ଛଳେ ନାଚଣା-ଖେଳେ;
ଗୃହୁଁ ଗୃହୁଁ ପୁଣି ମିଶିବେ ନୀଳ-ଜଳଧି-ଜଳେ ।
ଜାମ୍ବବତୀ-ସୁତ ପଲକେ ଚନ୍ଦ୍ରଭାଗା-ପୁଳିନେ
ବସିଯିବେ ତପ ଆଚରି, ଗୃହୁଁ ଚଣ୍ଡ ତପନେ;
ଚନ୍ଦ୍ରଭାଗା-ଜଳେ ପଖାଳି ଦେହ, ଦୁରିତରାଶି
ଖଣ୍ଡିବ; ସବିତା ସ୍ୱଦେହେ ବର ଦେବେ ହେ ଆସି ।
ସୂର୍ଯ୍ୟରଥ ଭୁଲି ରହିବ ଏଥି ଅଗ୍ନି-କୋଣେ,
କୋଣାର୍କର ନାମ ଶୋହିବ ଚନ୍ଦ୍ରଭାଗା-ପୁଳିନେ ।
ଶଙ୍ଖପୂଳେ ବହି କରୁଣା ଆସି ହର ପାର୍ବତୀ,
ରୁଦ୍ଧ ଜନପଦେ ବଳସି, ବଢ଼ାଇବେ କୀରତି ।

---

୨୮୯—୨୯୦—ପ୍ରାଚୀନ ଗ୍ରୀସ୍ ରୋମ୍ ପ୍ରଭୃତିର ଲୋକମାନଙ୍କୁ ଏ ଦେଶରେ ଯବନ ବୋଲି କହୁଥିଲେ । ରାଧାନାଥଙ୍କ ଚନ୍ଦ୍ରଭାଗା କାବ୍ୟ ରୋମୀୟ କବି ଓଭିଡ୍‌ଙ୍କ ଗୋଟିଏ କବିତାରୁ ଅବିକଳ ଗୃହୀତ । ସେଥିପାଇଁ ଚନ୍ଦ୍ରଭାଗାକୁ ଯବନାଳୀ ଓ ସୁମନ୍ୟୁଙ୍କୁ ବିଦେଶୀ କୁହାଯାଇ ଅଛି ।

୨୯୦—ନାଟିତକ=ନାଟ୍ୟବେଶ ।

୨୯୩—ଜାମ୍ବବତୀ-ସୁତ=ଶାମ୍ବ । ଦ୍ୱାପର ଯୁଗରେ ଜାମ୍ବବତୀସୁତ ଶାମ୍ବ ଏହି ଚନ୍ଦ୍ରଭାଗା କୂଳରେ ତପସ୍ୟା କରି ସୂର୍ଯ୍ୟଙ୍କଠାରୁ ବର ପାଇ କୁଷ୍ଠ-ରୋଗମୁକ୍ତ ହୋଇଥିବାର ପୁରାଣ କହନ୍ତି ।

୨୯୯—ଶଙ୍ଖ, ଉତ୍ପଳ ନାମକ ଦୁଇ ଭକ୍ତଙ୍କର ମନସ୍କାମ ସିଦ୍ଧ କରିବାପାଇ ମହାଦେବ ଆସି ଗୁରିତ୍ରରେ ରହିଥିବା ପୁରାଣରେ ଅଛି ।

GPNanda Colln., Digitized by srujanika@gmail.com

ବାଣିଜ୍ୟ-ବାହିନୀ ଭାସିବ ନୀଳ-ଜଳଧି-ଜଳେ ।
ହୁରଗିରି-ଦଗ୍ଧ-ଗନ୍ଧରେ ଭେରୀ ଉଠିବ ବେଳେ ।
ଝଙ୍କାରେ ଝଙ୍କାରେ ଫିଟିବ ପ୍ରାଣ ଉନ୍ମାଦ-ରସ ;
ଝଟିକା-ଝଙ୍କାରେ ମିଶିବ ରଣ-ଭେରୀ-ରଭସ ।

୧୪

ଗୃହୁଁ ଗୃହୁଁ ପୁଣି ଗଗନେ ଧର୍ମ-ବିଜୟ-ଧ୍ୱଜା
ନୀଳାଚଳ-ଶିରେ ଉଠିବ, ମୋହି ରାଜା ପରଜା ।
ମାଳବ-ରାଜନ ପେଷିବେ ବିଦ୍ୟାପତି ଏ ଦେଶେ ;
ଶବର-ସଖାଳି-ଦେବତା ଭାବେ ମୋହି ନେବେ ସେ ।
କଳିଙ୍ଗ-ପତ୍ତନେ ବାଜିବ ମୌର୍ଯ୍ୟ-ସମର-ଭେରୀ;
ଧଉଳି-ଶିଖରେ ଶୋହିବ ଅନୁଶାସନ-ଟିରି ।
ରାଣୀହଂସ ପୁରେ ରାଜନ ଆସି ରହିବେ ସୁଖେ ।

---

୩୦୭—ନୀଳାଚଳ ଜଙ୍ଗଲ ମଧ୍ୟରେ ଜଗନ୍ନାଥ ପ୍ରଥମେ ଗୋଟିଏ ଶବରର ଉପାସ୍ୟ ଦେବତା ଥିଲେ । ପରେ ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନ ବିଦ୍ୟାପତିଙ୍କୁ ଜଗନ୍ନାଥଙ୍କୁ ଖୋଜିବାକୁ ପଠାଇଲେ । ବିଦ୍ୟାପତିଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଜଗନ୍ନାଥ ପ୍ରଥମେ ଇନ୍ଦ୍ରଦ୍ୟୁମ୍ନଙ୍କ ପୂଜା ଗ୍ରହଣ କରନ୍ତି । ସେହି ଶବରର ବଂଶଧରମାନେ ଦଇତା ଏବଂ ବିଦ୍ୟାପତିଙ୍କର ବଂଶଧରମାନେ ପତି ନାମରେ ଆଜି କାଲି ପୁରୁଷୋତ୍ତମ କ୍ଷେତ୍ରରେ ଅଛନ୍ତି ।

୩୦୯—ମଗଧ ମୌର୍ଯ୍ୟବଂଶର ତୃତୀୟ ରାଜା ଅଶୋକ ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ କଳିଙ୍ଗଜିଣି ପ୍ରଥମେ ଧଉଳି ପର୍ବତରେ ଅନୁଶାସନଲିପି ଖୋଳାଇଥିଲେ । ସେ ଲିପି ଏବେ ମଧ୍ୟ ବିଦ୍ୟମାନ ରହିଅଛି ।

୩୧୧—ରାଣୀହଂସପୁର=ଖାରବେଳ ଶୀର ଓ ତାଙ୍କ ରାଣୀ ଉତ୍ତର ବୟସରେ ଆସି ଖଣ୍ଡଗିରିରେ ସନ୍ନ୍ୟାସି-ଭାବରେ ଅବସ୍ଥାନ କରିଥିଲେ ।

GPNanda Colln., Digitized by srujanika@gmail.com

ଋଷି ଯତି କେତେ ରହିବେ କେତେ ଶିଖର-ଶିଖେ ।
ଖାରବେଳ-ଭେସ୍ତି ଶୁଭିବ ହିମଗିରି-ଲଲାଟେ ;
ପ୍ରତିଧ୍ୱନି ତହିଁ କ୍ରମ ସ୍ତି ଦେବ ସାଗରତଟେ ।
ଜିନ ତୀର୍ଥଙ୍କର ବସିବେ ଠାବେ ଠାବେ ମନ୍ଦିରେ ;
ଜନ୍ତୁ-ସେବା ଶାଳା ଶୋହିବ ପୁରି ଧଣ୍ଡୀ ପ୍ରାନ୍ତରେ ।
ପୁଣ୍ୟ ତ୍ରିପିଟକ ବିହାରେ କେତେ କରିବ ଲୀଳା ;
ପାବନ-ଅର୍ହତ-ଜୀବନେ ସାଧନାର ଶୃଙ୍ଖଳା ।

୧୫

ପଲକେ ସେ ଛବି ଓଲଟି ଯିବ ବାପା ସ୍ୱପନେ ।
ଯଜ୍ଞ-ଧୂମ-ବାସ ଉଠିବ ପୁଣି ନଭ-ବିତାନେ ।

---

ଖଣ୍ଡଗିରିର ଉଦୟଗିରିରେ ଯେଉଁ ପ୍ରସ୍ତର ଖୋଦିତ ଦ୍ୱିତଳପ୍ରାସାଦ ଅଦ୍ୟାପି ରହିଅଛି, ତାହାକୁ ରାଣୀହଂସପୁର କହନ୍ତି । ଯୀର ରାଣୀ ରହିବା ନିମନ୍ତେ ଏହା ଖୋଦିତ ହୋଇଥିଲା । ପରେ ଅନ୍ୟାନ୍ୟ କେତେ ରାଣୀ ଏହିଠାରେ ମଧ୍ୟ ଶେଷ ଜୀବନ ବିତାଇଥିଲେ ।

୩୧୩—୨୦୫ ଠାରୁ ୨୧୦ ର ଟୀକା ଦେଖ ।

୩୧୪—ଖ୍ରୀଷ୍ଟ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଏବଂ ତାହା ପରେ କେତେ-କାଳ ପର୍ଯ୍ୟନ୍ତ ଓଡ଼ିଶାରେ ଜୈନଧର୍ମର ବିଶେଷ ପ୍ରାଦୁର୍ଭାବ ଥିଲା । ଜୈନଧର୍ମର ଦେବତାମାନଙ୍କୁ ଜିନ ଓ ତୀର୍ଥଙ୍କର କୁହାଯାଏ । ଖଣ୍ଡଗିରିର ଶିଖର ଦେଶରେ ଜୈନ ମନ୍ଦିର ଏବେ ମଧ୍ୟ ରହିଅଛି । ଜନ୍ତୁ-ସେବା ପାଇଁ ଜୈନଧର୍ମ ପ୍ରସିଦ୍ଧ । ଜୈନମାନଙ୍କ ଦ୍ୱାରା ଏବେ ମଧ୍ୟ ଓଡ଼ିଶାରେ ସ୍ଥାନେ ସ୍ଥାନେ ଗୋରକ୍ଷିଣୀ ସଭା ପ୍ରତିଷ୍ଠିତ ରହିଅଛି ।

୩୧୭—ତ୍ରିପିଟକ=ବୌଦ୍ଧମାନଙ୍କର ଧର୍ମ-ଗ୍ରନ୍ଥ । ବିହାର=ବୌଦ୍ଧ-ମଠ ।

୩୧୮—ଅର୍ହତ ଅର୍ଥାତ୍ ବୌଦ୍ଧ ସନ୍ନ୍ୟାସୀ । ବୌଦ୍ଧଧର୍ମ, ସାଧନାପାଇଁ ପ୍ରସିଦ୍ଧ ।

GPNanda Colln., Digitized by srujanika@gmail.com

ରକ୍ତବାହୁ-ସେନା ଭାସିବେ ନୀଳ ଚିଲ୍‌କାଜଳେ ।
ତୁଙ୍ଗ ବେଦ-ଧ୍ୱନି ଶୁଭିବ ନୀଳାଚଳ-କନ୍ଦରେ ।
ସମୁଦ୍ର-ସଇନ୍ୟ ଚଳିବେ ସୁଖେ ମହେନ୍ଦ୍ର-ଘାଟେ ।
ସ୍ୱାଧୀନ ଯଯାତି ଟେକିବେ ଶିର ସାଗର-ତଟେ ।
କବି ରାଧାନାଥ ଆସିବେ କି ସେ ଯଯାତି-ପାଶେ ?
ରାଣୀସନେ ସେ କି ହସିବେ ବିଦ୍ୟାସୁନ୍ଦର-ହାସେ ?
ବୈତରଣୀତୀରେ ତଣ ସେ ଅଶ୍ୱମେଧ ରାଜନ,

---

୩୧୦—୧୧—ଚତୁର୍ଥ ଶତାବ୍ଦୀରେ ମଗଧର ପ୍ରସିଦ୍ଧ ଗୁପ୍ତ-ବଂଶୀୟ ରାଜାମାନଙ୍କ ଦ୍ୱାରା ବୌଦ୍ଧ ଓ ଜୈନ ଧର୍ମ ପରେ ବୈଦିକ ଧର୍ମର ପୁନଃ ପ୍ରତିଷ୍ଠାର ସୂତ୍ରପାତ ହେଲା । ଯଜ୍ଞ ବୈଦିକ ଧର୍ମପ୍ରତିଷ୍ଠାର ଚିହ୍ନ । ବୈଦିକ ଧର୍ମର ପୁନଃ ପ୍ରତିଷ୍ଠାବେଳେ ରକ୍ତବାହୁ ନାମକ ଜଣେ ବୌଦ୍ଧ ବା ଜୈନବୀର (ମାଦଳାପାଞ୍ଜିରେ ଯବନ ବୋଲି ଲେଖାଅଛି, ମାତ୍ର ସେ ବୋଧହୁଏ ଆନ୍ଧ୍ର ବୌଦ୍ଧ ଥିଲେ) ଓଡ଼ିଶା ଆକ୍ରମଣ କରି ଚିଲିକା ହ୍ରଦରେ ତୋଫାନରେ ପଡ଼ି ସସୈନ୍ୟରେ ବିନଷ୍ଟ ହୋଇଥିଲେ ।

୩୧୩—ମଗଧ ଗୁପ୍ତବଂଶର ଦ୍ୱିତୀୟ ରାଜା ସମୁଦ୍ରଗୁପ୍ତ ନିଜ ଦିଗ୍‌ବିଜୟ-ଯାତ୍ରାରେ ଓଡ଼ିଶାର ଜଙ୍ଗଲ ମଧ୍ୟରେ ବ୍ୟାଘ୍ର-ରାଜଙ୍କୁ ପରାସ୍ତ କରି ମହେନ୍ଦ୍ରଘାଟେ ଦକ୍ଷିଣାପଥକୁ ଯାଇଥିଲେ ।

୩୧୪—ଗୁପ୍ତବଂଶର ଶେଷ ଦୁର୍ବଳ ରାଜାଙ୍କ ରାଜତ୍ୱରେ ଯଯାତିକେଶରୀ ଓଡ଼ିଶାରେ ସ୍ୱାଧୀନ ହୋଇଥିବାର ଅନୁମାନ ।

୩୧୫—୧୬—ରାଧାନାଥଙ୍କର 'ଯଯାତିକେଶରୀ' କାବ୍ୟ ବିହ୍ୱର୍ଣ୍ଣିୟ କାବ୍ୟର ଛାଂଗିତରେ ଲିଖିତ ପ୍ରାଚୀନ ବଙ୍ଗକବି ଭାରତଚନ୍ଦ୍ରଙ୍କ ବିଦ୍ୟାସୁନ୍ଦର ନାମକ କାବ୍ୟର ଭିତରୁ ଗୃହୀତ । ତାଙ୍କର ଅନ୍ୟାନ୍ୟ ଅନେକ କାବ୍ୟପରି ଓଡ଼ିଶାର ଇତିହାସ ବା ପ୍ରବାଦରେ ଏ କାବ୍ୟର ମଧ୍ୟ କୌଣସି ସତ୍ୟ ନାହିଁ, ବା ଏହା ତାଙ୍କ ନିଜର ମୌଳିକ କଳ୍ପନା-ପ୍ରସୂତ ନୁହେଁ ।

GPNanda Colln., Digitized by srujanika@gmail.com

କାନ୍ୟକୁବ୍‌ଜୁ ବର ଆଣିବେ ବାଛି ବାଛି ବ୍ରାହ୍ମଣ ।
ଭୁବନଈଶ୍ୱରେ ନଗର, ତୁଙ୍ଗ ମନ୍ଦର ତହିଁ,
ଉଠିବ ପଲକେ ସ୍ୱପନେ କଳା ମହିମା ବହି ।
ସୂଚୀ ଧର ଶିଳ୍ପୀ କାଟିବେ କଳା-କୁଶଳ ହାତେ,
ଉତ୍ତୁଙ୍ଗ-ମନ୍ଦର-ବିଗ୍ରହେ ଶିଳା ଲଟିବ ଯେତେ ।
ଗୃହ ଗୃହ ପୁଣି ମନ୍ଦର ଟଙ୍କ କ୍ଷିପିନ ବଳେ
କେଶରୀ-ମହିମା ବିସ୍ତାରି ବ୍ୟାପିଯିବ ଚହଳେ ।
କବିଙ୍କ କେଦାର ଗଉରୀ ଆସି ଯବନ ଦେଶୁ,
ନାଶିଯିବେ ଛଳେ ସ୍ୱପନେ ତବ ଅଭ୍ୟାସବଶୁ ।
ସୁବର୍ଣ୍ଣ-ଦୁହିତା ବରିବେ ଗୈରଗଙ୍ଗ-ରାଜନ ;
କେରଳ-ମଣ୍ଡଳେ ଉତ୍କଳ-ଭେରୀ ଶୁଭିବ ପୁଣ ।

---

୩୨୭—ଯଯାତି ଯାଜପୁରରେ ଅଶ୍ୱମେଧ କଲାବେଳେ ଏ ଦେଶର ବ୍ରାହ୍ମଣମାନଙ୍କୁ ଆଚାରଭ୍ରଷ୍ଟ ଦେଖି କାନ୍ୟକୁବ୍‌ଜରୁ ଦଶସହସ୍ର ବ୍ରାହ୍ମଣ ଆଣାଇଥିଲେ । ବର୍ତ୍ତମାନ ଓଡ଼ିଶାର ଉଚ୍ଚ ଶ୍ରେଣୀୟ ବ୍ରାହ୍ମଣମାନେ ଏହି ଦଶସହସ୍ର ବ୍ରାହ୍ମଣଙ୍କର ବଂଶଧର ।

୩୩୦—୩୨—ଭୁବନେଶ୍ୱର ଶିଳ୍ପ ନିର୍ମାଣ ସବୁ କେଶରୀ ବଂଶୀୟ ରାଜାମାନଙ୍କର କୀର୍ତ୍ତି ।

୩୩୫—ରାଧାନାଥଙ୍କ କେଦାରଗୌରୀ ମଧ୍ୟ ଚନ୍ଦ୍ରଭାଗା ପରି ଓଡ଼ିଆଙ୍କର ଗୋଟିଏ ଆଖ୍ୟାୟିକାରେ ଉତ୍କଳ ନାମକରଣ ମାତ୍ର ।

୩୩୭—୪୦—ସୁବର୍ଣ୍ଣକେଶରୀ ନିଜ କନ୍ୟାର ବିବାହ ନିମନ୍ତେ ଗୈରଗଙ୍ଗଦେବଙ୍କୁ ବରଣ କରିଥିଲେ କି ନା, ଜଣା ନାହିଁ, କିନ୍ତୁ ରାଧାନାଥଙ୍କ ନନ୍ଦକେଶ୍ୱରୀଙ୍କ ପରି ସୁବର୍ଣ୍ଣଦୁହିତା ବିଶ୍ୱାସଘାତକତା କରି ବାପଘର ଛାଡ଼ି ରାତିରେ ଲୁଚିକରି ଚନ୍ଦ୍ର ଶିବିରକୁ ଯାଇ ଗୈରଗଙ୍ଗଙ୍କୁ ପ୍ରଣୟପ୍ରାର୍ଥନା କରିଥିବା କଳ୍ପନାରେ କିଛି ସତ୍ୟ ନାହିଁ ।

୩୩୮ —ଗୈରଗଙ୍ଗ ଓଡ଼ିଶାର ରାଜା ହେବା ପରେ କେରଳ ଅର୍ଥାତ୍ ଦକ୍ଷିଣଦେଶ ଓଡ଼ିଶାର ଅନ୍ତର୍ଭୁକ୍ତ ହୋଇଥିଲା ।

GPNanda Colln., Digitized by srujanika@gmail.com

ଘର ଗ୍ରାମ ଛାଡ଼ି କଦାଁ ଯିବେ ସେ ବୀର-ବାଳା ନାୟିକା
ସହକାର-ଦ୍ରୁମ-ଗହଳେ ଭେଦ କ୍ଷୀଣ ଚନ୍ଦ୍ରିକା ?
କଳ୍ପସୁନ୍ଦରୀଙ୍କ ଧଉଳ ଏହି ନୟନେ ନାଚେ ;
କବିଂଙ୍କ ସୁନ୍ଦର ବସିଚେ ମୁଖ ଫେରାଅ ପଛେ ।
ଉଠିବେ ପ୍ରତାପେ ଗରଜି ବ୍ରହ୍ମଘାତୀ ଅନଙ୍ଗ,
ବସାଇ ବ୍ରାହ୍ମଣ-ଶାସନେ ବହି ସେ ଅନୁରାଗ ।
ନୀଳାଚଳ-ବେଳା ଆଦର ଉଠେ ତୁଙ୍ଗ ମନ୍ଦର;
ମଠ ବାଡ଼ି କେତେ ଖଞ୍ଜିବେ ସେହୁ ଧରମ-ବୀର ।
ଭୂମି ମାପ କରି, ସନ୍ତତସମ ପରଜା ପାଳି,
ପ୍ରତାପେ କଂପାଇ ଧରଣୀ, ସେହୁ ଯିବେ ବାହାରି ।

୧୬

କୋଣାର୍କେ ଅନାଇ ଫେରିବ ପୁଣି ସାଗର-ତୀରେ ।
ଗୃହୁଁ ଗୃହୁଁ ରଣ-ଦୁଂଦୁଭି ପୁଣି ଶୁଭିବ ଦୂରେ ।

---

୩୬୧—ଏହି ଦୁଇ ଧାଡ଼ିରେ ପାଦଟୀରେ ରାଧାନାଥ-କଳ୍ପିତ ବୀଭତ୍ସ କାଳ-ନିକ ଚିତ୍ର ପ୍ରତି ଲକ୍ଷ୍ୟ କରା ଯାଇଅଛି ।

୩୪୩—୪୮—ପ୍ରତାପଶାଳୀ ଅନଙ୍ଗଭୀମଦେବ ଭୂଲରେ ଗୋଟିଏ ବ୍ରହ୍ମହତ୍ୟା କରି ପ୍ରାୟଶ୍ଚିତ୍ତ ସ୍ୱରୂପ ବ୍ରାହ୍ମଣମାନଙ୍କୁ ୪୫୦ ଶାସନଦାନ କରିଥିଲେ । ଏହାଙ୍କ ସମୟରେ ଦେଶର ସୁଖସମୃଦ୍ଧିର କଥା କହିବା ନିଷ୍ପ୍ରୟୋଜନ ; ଏ ପ୍ରଥମେ ଓଡ଼ିଶାର ଭୂମି ଜରିପ କରାଇଥିଲେ, ଏବଂ ସେ ଜରିପର ଯେଉଁ ଭୂମି ପରିମାଣ ମିଳେ, ତାହା ବର୍ତ୍ତମାନ ଇଂରେଜ ଶାସନର ଜରିପ ପରିମାଣ ସଙ୍ଗେ ପ୍ରାୟ ସମାନ ଥିବାର ଦେଖି, ଇଉରୋପୀୟ-ମାନେ ବିସ୍ମୟ ପ୍ରକାଶ କରନ୍ତି । ପୁରୀରେ ବର୍ତ୍ତମାନ ଯେଉଁ ବଡ଼-ଦେଉଳ ଅଛି ତାହା ଏହାଙ୍କର କୀର୍ତ୍ତି । ଅନେକ ମୁଚଳମାନ ଖଣ୍ଡା ଓ ବୈଷ୍ଣବ ମଠମାନ ଏ ସ୍ଥାନେ କରିଥିଲେ ।

GPNanda Colln., Digitized by srujanika@gmail.com

ଜଗନ୍ନାଥେ ବିଜେ କରିବେ କଳା ତୁରଗ ଚଢ଼ି ;
ପଦ୍ମାବତୀ ଜିଣି ଆଣିବେ ନୃପ-କୁଳ-କେଶରୀ ।
ପଣ୍ଡିତ ପ୍ରତାପ ଭକତେ ଦେବେ ପ୍ରାସାଦ ଫେଇ ।
ପଞ୍ଚସଖାମେଳେ ଗଉର ଦେବେ ପ୍ରାଣ ନଚାଇ ।
ବାଦସାହ ଦୂତ ପେଷିବେ ବାରବାଟୀ ଦୁଆରେ;
ବାରବାଟୀ ସାହା ହୋଇବ ତୁଙ୍ଗ ସେ ଅକବରେ ।
ପଠାଣ-ବାହିନୀ ଧଡ଼ସେ ଆସି ବଙ୍ଗ ରାଜନ,
ଶରଣ-ସୋଦର ଉତ୍କଳେ ସୁଖେ ପାଇବେ ସ୍ଥାନ ।
ତପସ୍ୟା ରଚିବେ ମୁକୁନ୍ଦ ଯାଇ ତ୍ରିବେଣୀ-ତଟେ ;

---

୩୫୧—ଏଠାରେ ପୁରୁଷୋତ୍ତମ ଦେବଙ୍କ କାଞ୍ଚୀ ଅଭିଯାନ ପ୍ରତି ଲକ୍ଷ୍ୟ କରାଯାଇଅଛି ।

୩୫୩-୫୪—ପ୍ରତାପରୁଦ୍ରଦେବ ବଡ଼ ପଣ୍ଡିତ ଓ ଭକ୍ତ ଥିଲେ । ଗୌର ଅର୍ଥାତ୍ ଚୈତନ୍ୟ ଏହାଙ୍କ ସମୟରେ ଓ ସାହାଯ୍ୟରେ ଓଡ଼ିଶାରେ ବୈଷ୍ଣବଧର୍ମ ପ୍ରଚାର କରିଥିଲେ । ଜଗନ୍ନାଥ, ବଳରାମ, ଅଚ୍ୟୁତ, ଅନନ୍ତ ଓ ଯଶୋବନ୍ତ ଏ ପାଞ୍ଚ ଭକ୍ତବୀର ଚୈତନ୍ୟଙ୍କର ପଞ୍ଚସଖା ନାମରେ ପ୍ରସିଦ୍ଧ ।

୩୫୫—ଆକବର ବାଦଶାହ ବଙ୍ଗ ନବାବଙ୍କ ବିରୁଦ୍ଧରେ ଓଡ଼ିଶା ରାଜା ମୁକୁନ୍ଦ ଦେବଙ୍କର ସାହାଯ୍ୟ ଲୋଡ଼ିଥିଲେ ଏବଂ ମୁକୁନ୍ଦଦେବ ସାହାଯ୍ୟ ଦେଇଥିଲେ ।

୩୫୭—ବଙ୍ଗର ରାଜା ବାରମ୍ବାର ବାରବାଟୀରେ ଆଶ୍ରୟ ନେଇଥିବା କଥା ଇତିହାସ ପ୍ରସିଦ୍ଧ । ସେନବଂଶର ଶେଷ ରାଜା ଲକ୍ଷ୍ମଣସେନ ପଠାଣ ଆକ୍ରମଣରେ ହୃତ ହୋଇ ଓଡ଼ିଶା ରାଜାଙ୍କର ଅତିଥିରୂପେ ଶେଷଜୀବନ ଯାପନ କରିଥିବା କଥା ସମସ୍ତେ ଜାଣିଥିବେ ।

୩୫୯—୬୨—ଗଙ୍ଗାଙ୍କୁ ଓଡ଼ିଶାକୁ ଆଣିବା ପାଇଁ ଅର୍ଥାତ୍ ତ୍ରିବେଣୀଠାରୁ କଟକ ପର୍ଯ୍ୟନ୍ତ କେନାଲ କଟାଇବା ପାଇଁ ଗଙ୍ଗାଙ୍କ ଅନୁମତି ପାଇବାକୁ ମୁକୁନ୍ଦଦେବ ତ୍ରିବେଣୀତଟରେ ତପସ୍ୟା କରୁଥିଲେ । ସେହି ସମୟରେ ସାମନ୍ତସୁତ ରାମଚନ୍ଦ୍ର ଭଞ୍ଜ(ଏପରେ ରାମଚନ୍ଦ୍ରଦେବ ହେଲେ)

GPNanda Colln., Digitized by srujanika@gmail.com

ବାରବାଟୀ ଏବେ କମ୍ପିବ ରଣଭେରୀ-କୁହାଟେ ।
ସ୍ୱପନେ ହେ ତବ ତରୁଣ ପ୍ରାଣେ ବଢ଼ୁ ସ୍ପନ୍ଦନ,
କଳାପାହାଡ଼ର ଶୁଣିବ ତୀବ୍ର ଭେରୀ-ନର୍ଦ୍ଦନ ।
ବିଶ୍ୱାସଘାତକ ପାମରେ ଆସି ଦେବେହେ ଦେଖା;
ଗଡ଼ଜାତ-ବାଟେ କାଟିଲେ ଯେହୁ କଳଂକ-ଲେଖା ।
ଗୁପ୍ତ ଛୁରୀ ହାତେ ସାମନ୍ତ-ସୁତ ମୁକୁନ୍ଦେ ଭେଟି,
ଶରମରୀ-ଗାରେ ଦେବେହେ ଶୁକ୍ଳ କୀରତି କାଟି ।
ସଂକୋଚ-ସରମେ ସହିବ କିପାଁ ଦାପା ସପନେ ?
ଫେର ଦେଖ, ସେହୁ ଦଳଇ ବାରବାଟୀ କେସନେ ?

୧୭

ଦେଖିବହେ କେତେ ବିଭବ ପ୍ରାଣ-ପୁଲକ-ଭରେ;
ସେହୁତ ସମର-ଦୁଂଦୁଭି ବାରବାଟୀ-ଦୁଆରେ ।
ତୁଙ୍ଗ ନବତଳ ସଉଧ, ପ୍ରସାରିତ ଚତ୍ୱର;
ପରିଖା-ଚରଣ ଧୁଅଇ ଶତ୍ରୁଜୟିନୀ-ନୀର ।
ଶ୍ରେଣୀବଦ୍ଧ ସେନା-ଛାଉଣୀ, ଶିରେ ଧାତୁ-କଳସ,
ବାରଣସୀ-ପୁରେ ବିକାଶେ ତୁଙ୍ଗ ଅରୁଣ-ହାସ;

---

ବିଶ୍ୱାସଘାତକତା କରି ଶିଖି ମହାପାତ୍ର ଓ ମନାଙ୍କ ମହାପାତ୍ର ନାମକ ଦୁଇଜଣ ବିଶ୍ୱାସଘାତକଙ୍କୁ ପଠାଇ ଗୋପନରେ କଳାପାହାଡ଼କୁ ଗଡ଼ଜାତ-ବାଟେ କଟକକୁ ଘେନିଆସିଥିଲେ । ଏବଂ ମୁକୁନ୍ଦଦେବ ଫେରି ଆସିଲା ପରେ ରାମଚନ୍ଦ୍ର ତାଙ୍କୁ ବିଶ୍ୱାସ ଦେଖାଇ ଗୁପ୍ତହତ୍ୟା କରିଥିଲେ ।

୩୬୨—ତୁଙ୍ଗନବତଳ—ବାରବାଟୀରେ ରାଜଭବନ ଗୋଟିଏ ନଅମହଲା କୋଠା ଥିଲା ।

୩୬୪—ବାରାଣସୀପୁର—ବଡ଼ାନାସୀଗଡ଼, ଏହା କଟକର ଅଳ୍ପ ଦୂରରେ ଥିଲା । ଏବେ ମଧ୍ୟ ସେଠାରେ ବଡ଼ାନାସୀ ବୋଲି ଗ୍ରାମ ଅଛି ।

GPNanda Colln., Digitized by srujanika@gmail.com

ଶିଖର-ମଣ୍ଡନ-କେତନମାଳା ଖେଳେ ଅରୁଣେ;
ତୁଙ୍ଗ ଗଜପତି-ନଶାଣ ସ୍ୱର୍ଣ୍ଣ-ଗଜ-ଲମ୍ବନେ ।
ପ୍ରାଙ୍ଗଣ-ପ୍ରସାର-ବିଭବେ ବୀର-ବନିତା-ମେଳେ
ଶୁଭ୍ର ହୁଳହୁଳି ସମୀରେ ମିଶେ ଶବଳ-ଖେଳେ ।
ଦେଖ, କି ପୁଲକେ ରମଣୀ ପର୍ବ-ଦାନ-ଭୂଷଣେ,
ପୃଥୁଳ-ଉରସ-ବିସ୍ତାରେ, ଗର୍ବ-ପୀନ ନୟନେ;
ତାତ ଭ୍ରାତ ସୁତ ଦପ୍ତେ ରଣ-ଭୂଷଣେ ସାଜି,
ଦୂର-ପରପନ୍ଥି-ବିନାଶେ ଦେବେ ସୁଖେ ବରଜି ।
ତାଣ୍ଡବିତ-ଲାସ୍ୟ-ବିଭ୍ରମେ, ବୀର ଲଳିତ ତାନେ,
ଗଉରବ-ଗାଥା ଭସାଇ ଦେବେ ବ୍ୟୋମ-ବିତାନେ ।
ଅତୀତ-ଗରବେ ମିଶାଇ ଦେବେ ଭବିଷ୍ୟ-ଯଶ;
ଭଲ୍ଲ ବିସ୍ଫାରଣେ ଢାଳିବେ ବୀରେ ଉନ୍ମାଦ-ରସ ।
ବନ୍ଦିଗୀତ ଭେରୀ-ନିନାଦେ ମିଶିଯିବ ଉନ୍ମାଦ;
ଉତ୍ସାହେ ରମଣୀ ଗାଇବେ ଚେତି ସମର-ମଦ ।
"ବାରଣସୀ ଚଉଦୁଆରୁ ଆଣି କୀରତି-ମାଟି,
ଅସିମୂନ-ଗାତେ ଢାଳିଲେ ଭୀମ ଏ ବାରବାଟୀ ।

---

୩୭୬—ଓଡ଼ିଶା ରାଜାଙ୍କର ପତାକାରେ ହାତୀ ଚିହ୍ନ ଥାଏ । ସୁନାଜରିରେ ଏହା ଚିତ୍ରିତ ହୋଇ ପତାକାରେ ଲମ୍ବିଥାଏ ।

୩୮୦—ପୀନ=ପୃଥୁଳ, ବିଶାଳ, ଏଠାରେ ବିସ୍ଫାରିତ ।

୩୮୩—ତାଣ୍ଡବିତ ଲାସ୍ୟ=ବୀରଭାବରେ ସ୍ତ୍ରୀମାନଙ୍କର ଭଙ୍ଗୀ ।

୩୮୭—ବନ୍ଦିମାନେ ଅଭିଯାନ ବେଳେ ବୀରଗାନ ଗାଉଥିଲେ ।

୩୮୮—ଚେତି=ଉତ୍ତେଜିତ କରି ।

୩୯୦—ଭୀମ=ଅନଙ୍ଗଭୀମଦେବ । ବାରାଣସୀ ଓ ଚଉଦୁଆର ପରେ ବାର-

GPNanda Colln., Digitized by srujanika@gmail.com

ସେହି ଦିନୁ କେବେ ଜନମେ ବାରବାଟୀର ନାଶ
ଶୁଣି ନାହିଁ ଗଡ଼ଦୁଆରେ ତୀବ୍ର ବଇରି-ଭେରୀ ।
ମହୋଦଧି-ବୀଚି ସର୍ମାରେ ଯାଏ ବିନ୍ଧ୍ୟ-ଅଚଳେ,
ଗାଢ଼-ଶ୍ୟାମଳ-ଲହରୀ ମିଶେ ନୀଳ କେରଳେ,
ଯାବତ, ତାବତ ଓଡ଼ିଆ-ତୁଙ୍ଗ-ସ୍ୱାଧୀନ-ଶିର
ରହୁ, ଯେତେଦିନ ଟେକିଛୁ ମଥା ମହେନ୍ଦ୍ର ଗିରି;
ସାଗର ଧୋଉଛୁ ଚରଣ ପୁଣି କରମଣ୍ଡଳେ;
ବାଜୁଛୁ ପ୍ରେମର ଘଣ୍ଟିକା ପୁରୀ-ବଡ଼ଦେଉଳେ ।
ଉଠ ବୀରେ ଉଠ ଯାଅ ହେ ଖରେ ଦୂର ବିଦେଶେ;
ଦୁଆରେ ଅରାତି-ଦୁଂଦୁଭି ଶୁଣିବ କି ହରଷେ ?
କୀରତି ସୁମରି, ସେ ଦୂରେ କରି ଅରାତି-ନାଶ,
ଆସିବ ବାହୁଡ଼ି ଗରବେ; ଭବେ ଲଭିବ ଯଶ ।
ନ ଭୁଲିବ ମାଆ ଭଉଣୀ ସୁତ ସମ୍ପଦ ଘର,
ବୀର-ଆଭରଣ ଯାବତ ଲାଗିଥିବ ସମର ।
ରଣେ ପଶି ତଳେ ଜୀବନେ ନ ବହିବ ମମତା;
କି ଭୁଲିବେ ପୂର୍ବ ପୁରୁଷେ, ଭାବୁ ଥିବ ସେ କଥା ।
ତାଙ୍କମାନେ ପୁଣି ଦେବତା ଦେଖୁଥିବେ ସମର;
ଯାଅ ଯାଅ ବୀରେ ତଡ଼ିତ, ଆଉ ନାହିଁଟି ଡର ।"
ଶୁଣିବ ଏ ଭୀମ ସଂଗୀତ ଭେରୀ-ଦୁଂଦୁଭି-ନାଦେ;
କାଳେ ଏ ସପନ ଯିବଟି ଭାଙ୍ଗି ଚମକି ନିଦେ ।

ବାଟୀ ଓଡ଼ିଶାର ରାଜଧାନୀ ହୋଇଥିଲା । ବୀର ଅନଙ୍ଗଭୀମଦେବ ବାରବାଟୀ ଦୁର୍ଗ ଓ ପ୍ରାସାଦ ନିର୍ମାଣ କରି ଏହାକୁ ପ୍ରଥମେ ରାଜଧାନୀ କରିଥିଲେ ।

GPNanda Colln., Digitized by srujanika@gmail.com

## ୧୮

ସପନେ ତ ବାପା ଦେଖୁଛ ବାରବାଟୀ ସଉଧ ।
ବାରବାଟୀ-ପୁରେ ଶୁଣୁଛ ତୀବ୍ର ଦୁଂଦୁଭି-ନାଦ
ନାଗର ଜନ୍ମାଦେ ଉଠୁଛି ହୁଳହୁଳ ଚହଟେ ।
ତୁଙ୍ଗ-ବୀରବାଳା-ସଙ୍ଗୀତ ଶୁଭେ ନାଗ୍ରୀ-ମଣ୍ଡଳେ ।
ଅଭିଯାନ-ସଜେ ଘୁଞ୍ଜଣି ଭେଦ ସଇନ-ଧାଡ଼ି,
ବିଶାଳ ସେ ଗଡ଼-ପ୍ରାନ୍ତରେ ଦଣେ ଅରୁଣେ ଢୋଲ ।
ଛଟକେ ତୁରଙ୍ଗ ବୁଲାଇ କାନ୍ଧେଁ ଅସି-ଫଳକେ,
ଦେଖାଉଛି ବୀର-ଜନ୍ମାନ୍ଦେ କେତେ ପ୍ରାଣ-ପୁଲକେ ।
ପର୍ଯାଣେ ଖରେ କେ ଉଠୁଛି ରଜୁ-ଦୃଢ଼ ନୟନେ ।
କେତେ ବୀର ରଖେ ବରଛି ଦୃଢ଼ କରେ ପର୍ଯାଣେ ।
ବୀର-ବର୍ମ-କତଳେ ଝଲସି ଉଠେ ଦୁର୍ଗ-ଦୁଆର;
ଝଲକେ ଝଲକେ ଆତପେ ନେତ୍ର କରଇ ସ୍ଥିର ।
ନାଳିକାସ୍ତ୍ର କେତେ ଅର୍ଗଳ କାଢ଼ି ଦେଖେ ପରଖି ।
ଶକଟରେ ଥୋକେ ସଜାଇ ତୋପ ଦଅନ୍ତି ରଖି ।
ବଲମର ବୀଣ ସଦାତ ତୋଳି ଗଗନ-ପଟେ,
ଅଗ୍ନିଖଣ୍ଡ ଧରି ଅରୁଣେ ଆସେ ସମର-ନାଟେ ।
ରଜୁରେଖା ଧରି ସାଜନ୍ତି ସେନା ପଛକୁ ପଛ ।
ବିସ୍ମୟ-ପୁଲକେ ଦେଖୁଛ ସୈନ୍ୟ-ସାଗର-ନାଚ ।

---

୪୨୩—ନାଳିକାସ୍ତ୍ର=ବନ୍ଧୁକ । ସେ କାଳର ଯୁଦ୍ଧ ବନ୍ଧୁକରେ ମଧ୍ୟ ଅର୍ଗଳରେ ବାରୁଦ ଗୁନ୍ଦା ଯାଉଥିଲା ।

GPNanda Colln., Digitized by srujanika@gmail.com

୧୯

ତୁଙ୍ଗ-ଧ୍ୱଜ- ଚଳେ ଉଡ଼ିଲେ ସେନାପତି ତୁରଙ୍ଗେ ।
ବପୁଷ୍ଟ-ପ୍ରସାର ବୁଲାଇ ଚାହିଁ ସେ ଚତୁରଙ୍ଗେ ।
ତିନିବାର ଶିଙ୍ଘା ନାଦିଲେ; ସଜ ହେଲ ସଇନ ।
ଶତ ପ୍ରତିଶିଙ୍ଘା ବାଜିଲା; ଘୋରେ ଉଠିଲା ଧ୍ୱନି ।
ଦିଅନ୍ତି ସେ ଏବେ ସଙ୍କେତ; ସେନା ଯାଆନ୍ତି ଚାଲି ।
ତାରକାତ-ବୀଚି-କମ୍ପନେ ସଂଧୁ ଯାଏ କି ଅରି !
ସ୍ରୋତ-ଭଙ୍ଗେ ସେଥି ନ୍ୟୂନ ଶିର-ବର୍ମ-ବିଭାସେ,
ଯାଏ ଚତୁରଙ୍ଗ-ବାହିନୀ ଦଗ ଫେର ବଳାସେ ।
ଚାର ଅଶ୍ୱ-ରଥେ ଯାଆନ୍ତି ଆଗେ ସାମନ୍ତ-କୁଳ;
ତୁଙ୍ଗ କରିବର ଆଦରେ ଯେତୁ ସାମନ୍ତ-ତୁଲ;
ନିଷାଦ-ପଛରେ ଯାଆନ୍ତି ସାଦୀ ବୀର-କଦମ୍ବେ;
ପଦାତି ସଇନ ଚାଲନ୍ତି ପାରାବାର-ବିଭବେ ।
ଅରୁଣ-ସମୀରେ ଶବଳ ମାଳ ବୀଚି-ଚଳନେ;
ମାତଙ୍ଗ-ଲାଞ୍ଛନ-କେତନ ଉଡେ ଧୀର ସ୍ପନ୍ଦନେ ।
ଚଳେ ଗାର ରଥ; ମାତଙ୍ଗ ଦୁଇପାଶେ ସଳଗେ;
ତୁଙ୍ଗ ବାଜିବର ପୁରତେ, ସ୍ୱର୍ଣ୍ଣ-ଖଲୀନ-ମୁଖେ;
ଚାମର-ବ୍ୟଜନ-ସଂଭ୍ରମେ ଶିରେ ମଣି-ମୁକୁଟ;
ବାହାରିଲେ ନୃପ-କେଶରୀ ଦେଖି ସଙ୍କିତ ଥାଟ !

---

୪୩୯—ନିଷାଦୀ = ଗଜାରୋହୀ ।

୪୪୪—ଖଲୀନ = କଳିଆର । ରାଜାଙ୍କ ପାଇଁ ରଥ ଦୁଇପାଖେ ହାତୀ ଓ ଆଗରେ ଘୋଡ଼ା ରଖାହୋଇଥିବାର ଚିତ୍ର ବର୍ଣ୍ଣିତ ହୋଇଅଛି ।

GPNanda Colln., Digitized by srujanika@gmail.com

ପେଣ୍ଡ୍ରାବାଲ-ଗଣ୍ଡି ଦଶଇ ଉଣ୍ଡ୍ରାପଗ୍ର ଶିରପେ;
ପଦକେ ହୀରକ; ମୂକୁଟେ ଜୈମ୍ବ-ମଣି ଝକାଶେ;
ବଶାଳ-ଲଲାଟ-କୁଞ୍ଚନେ ଦଶେ ବକ୍ର ଦର୍ଶନ;
ଗୁରୁ ଅସିକୋଷ ଝୁଲଇ ଜକଜକ୍କ ରତନ;
ଜାନୁ-ଲମ୍ବୀ ଭୁଜ ପ୍ରଚଣ୍ଡ ଶୋହେ ବଶାଳ ଉରେ;
ପୀନ ଚର୍ମ ପୃଷ୍ଟେ ଦୋଳଇ; ରଣ-ବେଶ ଖ୍ୟାକରେ ।
ଗୁରୁ ଗ୍ରୀବା ଢୋଳି ଗୃହ୍ନିଲେ ଥରେ ସଇନ-ସାଜେ;
ଗୁରୁ-ଗ୍ରାବ-ଚୂଳେ ପ୍ରଦୀପ ଯଥା ଝଡ଼-ଜାହାଜେ ।
କେତନ-ଲାଞ୍ଛନ-ମାତଙ୍ଗେ ଥରେ ଗୃହ୍ନିଲେ ତହିଁ ।
ରଥ ତୁରଙ୍ଗମ ମାତଙ୍ଗେ ଗଲେ ଅଖି ବୁଲାଇ ।
ଶକ୍ତର ଖେଳ ନୟନେ ଗଲା ସେ ଥାଟେ ବୁଲି ।
ଉତ୍ସାହେ ଉରସ୍କ-ପ୍ରସାରେ ସେନା ଦଶିଲେ ଫୁଲି ।

୨୦

ଦେଖ ଗଜପତ ବାଳକେ, ଦେଖ ପଗ୍ଣ ଭରି;
ଉଚ୍ଚଳ-କେତନେ ଦେଖ ହେ ସ୍ୱର୍ଣ୍ଣ-ଗଜ-ଲହରି !
ଜୀବନେ ଆଉ କ୍ୱ ଦେଖିବ, ସ୍ୱପ୍ନ ଭାଙ୍ଗିବ ଯେବେ,
ତୀବ୍ର ରଣ-ସାଜେ ଉଚ୍ଚଳେ ଆଉ ସଇନ କେବେ ?

---

୪୪୮—ଜୈମ୍ବମଣି, ଓଡ଼ିଶା ରାଜାଙ୍କ ମୁକୁଟରେ ଥାଏ ।
୪୫୨—ଚର୍ମ=ଢାଲ ।
୪୫୪—ଗ୍ରାବ=ପଥର । ସମୁଦ୍ର ତଟରେ ଝଡରେ ଜାହାଜମାନଙ୍କୁ ସତର୍କ କରିବା ପାଇଁ ପାହାଡମାନଙ୍କ ଉପରେ ଦୀପସ୍ତମ୍ଭ ଥାଏ, ଏବଂ ସେହି ଆଲୋକରୁ ଝଡ ବେଳେ ଦୀପରକ୍ଷକ ଚୁଦଆଡକୁ ବୁଲାଇ ଦେଖାଉ ଥାଏ ।

GPNanda Colln., Digitized by srujanika@gmail.com

ସ୍ଥିର ରହିଛନ୍ତି ବାହିନୀ, ସ୍ଥିର ସେ ସେନାପତି;
କଲତାନେ ପଦେ ବହୁଛି ଶତଦ୍ରୁପଳା ସତୀ ।
ତୁଙ୍ଗରଥ ଚଢ଼ି ଗୃଲଦେବ, ଗୃହିଁଛନ୍ତି ରାଜନ ।
ରଙ୍ଗଭୂମେ ବେଳ ପଡ଼ିଲେ, ଆଗେ ଦେବେ ଜୀବନ ।
ଏଡ଼ି ରଥ, ଭୀମ ତୁରଙ୍ଗେ ଗଲେ ସେହୁ ଚମକେ ।
ଶିରସ୍ତ୍ରାଣେ ଖର ମୁକୁଟ ଝକଝକ ଝଲକେ;
ଅରୁଣ-ବିଭ୍ରମେ ରତନ ରକ୍ତ-ଦୀପନେ ଜଳେ;
ବର୍ମ-ଚକଚକେ ରକ୍ତିମେ, ପୃଷ୍ଠେ ଫଳକ ଝଲେ ।
ବିଜୁଳି-ବେଗେ ସେ ପଲକେ ବୁଲିଗଲେ ସଇନ ।
ସେନାପତି-ସଙ୍ଗେ ପୂରତେ କଥା କହିଲେ ତୁନି ।
ଗୃହିଁଲେ ପଛକୁ, ତୋଳିଲେ ମୁଣ୍ଡେ କୁଟିଳ ଭେରୀ ।
ସେନାପତି ସଙ୍ଗେ ସାମନ୍ତେ ତହିଁ ହେଲେ ସୁମାର ।
ଶତ ଶତ ଭେରୀ ବାଜିଲା ତୁଙ୍ଗ ମନ୍ଦ୍ର ନିନାଦେ ।
ସ୍ୱପନେ ସଉଧ ଭାଙ୍ଗିଲା କିହେ ସେହି ଶବଦେ !
ବର୍ମ-ତେଜେ ଜଳି ଅନଳ ଦହି ଦେଲା ସେ ପୁରେ;
ମସଜିଦ ନାଶ ଉଠିଲା ବାରବାଟୀ-ଚତ୍ୱରେ;
ନବ-ଢଳ ମିଶି ହୋଇଲା ଭଗ୍ନ ସ୍ତୂପ ମାଟିର;
ଗଡ଼-ପରିଖାରେ ପଡ଼ିଲା ଅଭ୍ରଭେଦୀ ପ୍ରାଚୀର ।

୨୧

ସପନେ ଲାଗିବ ବିକଳ ବାଧା ବାତୁଳ-ନିଦେ ।
ଲାଗିବ ଶିଖରୁ ପଡ଼ୁଛି କିବା ସାଂଗର ପଦେ !

୪୭୮—ବର୍ତ୍ତମାନ ଭଗ୍ନ ବାରବାଟୀ ଦୁର୍ଗ ମଧ୍ୟରେ ଗୋଟିଏ ମାଟିଗଡ଼ା ଓ ଗୋଟିଏ ମସଜିଦ ଅଛି ।

GPNanda Colln., Digitized by srujanika@gmail.com

ଧୀରେ ଧୀରେ ଆସି ସୁଷୁପ୍ତି ଘୋଟି ଯିବରେ ଧନ ।
ଶୁଣୁଁ ପୁଣି ଝଡ-ଝଙ୍କାରେ ଉଠିବ ହେ ସ୍ୱପନ ।
ଘଡ଼ଘଡ଼ ନାଦେ ମିଶିବ ତୀବ୍ର ଭେରୀ-ନିନାଦ ।
ସ୍ୱପନେ ସ୍ୱପନ ମିଶିବ, ହେବ ସପ୍ରଣେ ମୂଦ ।
ଦେଖ, ଶୁଣୁଁ ପୁଣି ଆସିଲେ ରାଜା ଗଡ଼-ଦୁଆରେ ।
ସରଣୀ ପ୍ରାକାର ଶୋହନ୍ତ ତୁଙ୍ଗ-ସଉଧ-ଚୂଳେ ।
ଦେଖିବ ପ୍ରାଙ୍ଗଣ ବିତାନ, ନାଗ-ମହଲ ଶୁଣୁ;
ସଉଧ-ମଣ୍ଡୁପେ ମନ୍ଦିରେ ଘଣ୍ଟା ବାଜଇ ଗୁରୁ ।
ପ୍ରାଙ୍ଗଣ ବରଜ ଆସିବ ବାପା ଚଳ ସ୍ୱପନେ ।
ଖାର-ଦାଲା ପଥ ଦେଖାଇ ଦେବେ ଉଦ୍ଭ୍ରମପଣେ ।
ସୁତ-ସନମାନେ ନୃପତି କରିବେ ହେ ଆଦର ।
ସଇନ-ଛାଉଣି ଦେଖାଇ ଦେବେ ଦୂର ପ୍ରାନ୍ତର ।
ଫେର ଦେଖ, ଫଟିଗ ନାହାନ୍ତି ବାପା ଆଜ ରାଜନ !
ଚତୁରଙ୍ଗ-ସାଜେ ଶୁଭଇ ପୁଣି ଦୁନ୍ଦୁଭି-ଘନ ।

## ୨୨

ଶାରଦ-ନଭସ-ବିତାନେ ଉଡ଼େ ଉଠିବ ଧ୍ୱଜ ।
ସେନାପତି ଦେବେ ଇଙ୍ଗିତ, ସେନା ହୋଇବେ ସଜ ।
ସାମନ୍ତ-ରାଜନେ ଆସିବେ ଖାର ସଇନ ଘେନି ।

---

୪୯୦—ବାରବାଡ଼ୀରସ୍ତମ୍ଭ ଉପର ମଣ୍ଡଳରେ ରାଜପୁରର ଉପାସ୍ୟଦେବତାଙ୍କ ଆସ୍ଥାନ ଥିଲା ।

GPNanda Colln., Digitized by srujanika@gmail.com

ଦୂର ଅଶ୍ୱପତି-ନଗରୁ ଦୂତ ଆସିବ ପୁଣି ।
ମନ୍ତ୍ରୀ-ସେନାପତି-ଗହ୍ୱରେ ନୃପ ଗଲେ ଭିତରେ ।
ଉନ୍ମାଦେ ବୈଭବ ବଖାଣି ବନ୍ଦୀ ଗାଇଲେ ସ୍ୱରେ :
ବ୍ୟାଘ୍ର-ନରପତି-ସୁଯଶ; ଖାରବେଳ-ଖ୍ୟାତି;
ଧାର୍ମିକ ଅଭିର ରାଜନ; ତୁଙ୍ଗ-ବୀର ଯଯାତି;
କର-ନୃପ-କୁଳେ ଯୁବତୀ ରାଣୀ ମହିମମୟୀ,
ଗିରି ବନ ନଦୀ ମହିତ ଯାର ମହିମା ବହି;
ମରକଟ, ମୟୂର, ଲଳାଟ, ବୀର ଅନଙ୍ଗଭୀମ,
ତଟିନୀ-ମେଖଳା, ମନ୍ଦର, ଯହିଁ କୀର୍ତ୍ତି-କରମ ।
ସ୍ମୃତି-ପଥେ ଭାସି ପଲକେ ଯିବେ ବାସା ଭୁମ୍ବର ।
ଗୋଟି ଗୋଟି ପୁଣି ଗାଇବେ ବନ୍ଦୀ ଫିଟାଇ ସ୍ୱର :

୨୩

ଦିଗ୍‌ବିଜୟେ କେହୁ ବାହାରି, ଭବେ ରଖିଲେ ଯଶ ।
ଅଶ୍ୱମେଧ ପୁଣି କାହାର ଗୁଣ କରେ ପ୍ରକାଶ ।
ବିନ୍ଧ୍ୟ ଭେଦି କେହୁ ଉତ୍ତରେ ଲୁଷ ଘାଟି ଆଦରି ।
ବିଶାଳ ପଠାଣ-ବାହିନୀ ଦେଲେ ସମୂଳେ ମାରି ।

---

୫୦୦—ଅଶ୍ୱପତି = ପ୍ରାଚୀନ ବାହ୍ମାମଣୀ ଓ ତାହାପରେ ତାହାର ବଳୁଟରେ ନିର୍ମିତ ଗୋଲକୁଣ୍ଡା ପ୍ରଭୃତି ପାଞ୍ଚଟି ରାଜ୍ୟର ରାଜାମାନଙ୍କୁ ପ୍ରାଚୀନ ଐତିହାସିକମାନେ ଅଶ୍ୱପତି ନାମ ଦେଇଛନ୍ତି ।

୫୦୭-୮—ମର୍କଟକେଶରୀଙ୍କର କାଠଯୋଡ଼ୀ ପଥରବନ୍ଧ, ମୟୂରକେଶରୀଙ୍କ ପୁରୀ ଓ ଯାଜପୁରର ଅଠରନଳା, ଲଳାଟେନ୍ଦୁ କେଶରୀଙ୍କ ଭୁବନେଶ୍ୱର ଓ ଅନଙ୍ଗଭୀମଦେବଙ୍କ ପୁରୀମନ୍ଦିର ପ୍ରଭୃତି କୀର୍ତ୍ତିରୁ ଲକ୍ଷ୍ୟ କରା ଯାଇଅଛି ।

GPNanda Colln., Digitized by srujanika@gmail.com

କଳବର୍ଗ-ସୀମା ଡେଇଁ କେ ଦେଖନ୍ତି ସ୍ୱଳ୍ପ ସଇନ ।
ସହ୍ୟାଦ୍ରି-ଝଡ଼ରେ ପୋଡିଲେ ତୁଙ୍ଗ-ଗଜ-କେତନ ।
କାବେରୀ-କୂଳରେ ନୃପତି କେହୁ ଅରାତି-ସଙ୍ଗେ
ଯୁଝି, କଳଶରେ ମେଣ୍ଟିଲେ ତାରେ ନଦୀ-ତରଙ୍ଗେ ।
ତାମ୍ରଲିପ୍ତି-ପୁର ବିଦ୍ରୋହେ କେହୁ ଏକାକୀ ବୀର
ବାଣିଜ୍ୟ-ବୋଇତେ ଆଦରି, ହେଲେ ଅରାତି-ଚର;
ଇଙ୍ଗିତ-ଗୂଳରେ ବସିଲେ ତରବାରି ଆସ୍ଫାଳି,
କୈବର୍ତ୍ତ କୀରତି ଟେକିଲେ ଜଳଦସ୍ୟୁ ସଂହାରି;
ବିଦ୍ରୋହ ଭଙ୍ଗିଲା ନିଜନ; ତହିଁ କୈବର୍ତ୍ତେ ରହି,
ଉତ୍ତର-ଉତ୍କଳ-ପତ୍ତନେ ଦେଲେ ପୁର ଗଢ଼ାଇ ।
ହୁଟେ ଅପମାନ ଦେଖି କେ, ବହୁ ଅନିଚ୍ଛା ବହି,

---

୫୧୫—କଳବର୍ଗ=ଦାକ୍ଷିଣାତ୍ୟର ଉତ୍ତରପଶ୍ଚିମ ଭାଗରେ ଏହି ରାଜ୍ୟ ଥିଲା । ଅନଙ୍ଗଭୀମଦେବଙ୍କ କଳ୍ପିତ ଗଜପତି ଉପାଧିରେ ବର୍ତ୍ତମାନ ମଧ୍ୟ ଅଛି, 'ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟିକର୍ଣ୍ଣାଟ-କଳବର୍ଗେଶ୍ୱର' ।

୫୧୯—ତାମ୍ରଲିପ୍ତିରେ ବାରମ୍ବାର ବିଦ୍ରୋହ ଓ ଜଳଦସ୍ୟୁ ଅତ୍ୟାଚାର ଇତିହାସ ପ୍ରସିଦ୍ଧ ।

୫୨୨—୨୪—ଚୋଡ଼ଗଙ୍ଗଦେବଙ୍କ ସମୟରେ ଗୋଟିଏ ବିଦ୍ରୋହ ଦମନ କରି ଓଡ଼ିଶାର କେତେକ କୈବର୍ତ୍ତ (ନାବିକ) ତାମ୍ରଲିପ୍ତିରେ ନୂତନ ନଗର ବସାଇଥିଲେ । ସେହି କୈବର୍ତ୍ତଙ୍କ ବଂଶଧରମାନେ ଏବେ ମେଦିନୀପୁରରେ ମାହିଷ୍ୟ ବୋଲି ପରିଚିତ । ବର୍ତ୍ତମାନ ମଧ୍ୟ ସେମାନଙ୍କର ଜେନା (ଜାନା) ମହାନ୍ତି (ମାଇତି) ପ୍ରଭୃତି କୁଳସଂଜ୍ଞା ରହିଅଛି ।

୫୨୫—୫୩୧—ଏ ସବୁ ପ୍ରବାଦମାନଙ୍କରୁ ସଂଗୃହୀତ । କେଉଁ କେଉଁ ରାଜାଙ୍କ ସମୟରେ ଏସବୁ କେବେ ଘଟିଥିଲା ତାହା ଏ ପର୍ଯ୍ୟନ୍ତ ଐତିହାସିକମାନେ ଆବିଷ୍କାର କରି ନାହାନ୍ତି । ଯେଉଁ ପ୍ରବାଦରେ ରାଜା ବା ସ୍ଥାନ-

GPNanda Colln., Digitized by srujanika@gmail.com

ପରଣେ ଦଣ୍ଡିଲେ ସାମନ୍ତେ, ନିଜ ବାହୁ ଛନ୍ଦାଇ;
ସେହୁ ଦୂତ ଏହୁ ସନ୍ଦେଶ ଦେଲା ଶତ୍ରୁ-ଶିବିରେ;
ମିଳିତା ବରଗି ସଇନ ଆସି ବେଢ଼ିଲେ ଗଡରେ;
ଚଣ୍ଡ ରଣ-ମଦେ ଉଠିଲେ ତହୁଁ ନୃପ-କେଶରୀ,
ଛଳ-ଭଙ୍ଗ-ଭୟୁ ଅଳପ ମାତ୍ର ସେନା ଉଦ୍ଧାରି;
ତୀବ୍ର ତରବାରି ଆସ୍ଫାଳି, ଆଗେ ପଶିଲେ ରଣେ;
ବିଜୟ-ବାରତା ଶୁଣିଲେ ମାତ୍ର ମରଣ କ୍ଷଣେ;
କହିଲେ, "ଉତ୍କଳ-ଜନନି, ସୁଖେ ମରୁଛି ମୁହିଁ;
ବୀରର ବିବେକେ ଶୋଭୁ ଗୋ ଶିର ତୋର ଏ ମହୀ !"
ଗଡ଼ଜ-ରାଜନେ ଦେଖି କେ ରଣେ ଦେବାର ଭଙ୍ଗ,
ଜାଣି ଭୃଷାଜୀବ-ବେଶରେ ଛାଡ଼ିଯିବାର ବଂଗ,
ଗଙ୍ଗା-ଅରପାଖେ ପଠାଇଦେଲେ ତୁରଙ୍ଗ-ସାଜ;
ନିମନ୍ତ୍ରଣ ପାଇ ସୁଖୀ ସେ ହେଲେ ଗଡ଼ଜ-ରାଜ ।
ଶତ୍ରୁର ଶିବିରେ ବନ୍ଦୀ ସେ ଥିଲେ କେହୁ କୁମାର;
ସହସା ଦେଖିଲେ ଚମକି ଛଳେ ବନ୍ଦୀ ସେ ଦ୍ୱାର;
ବୀରତ୍ୱ ଭ୍ରୂକୁଟୀ ଦେଖାଇ, କୃତାନ୍ତର କୃପାଣ
ନିଷ୍କୋଷି, ଚମକେ ସଂହାରି ଶତ ବଇରି-ପ୍ରାଣ,
ଅଭିମନ୍ୟୁ-କଳା ଦେଖାଇ, ଗର୍ବ-ସ୍ମେର-ବଦନେ,
ଆତ୍ମ-ସମର୍ପଣ ନ କରି, ବୀର ପଡ଼ିଲେ ରଣେ;
ବିକଟ ବିଭବେ ଉନ୍ମତ୍ତ ହେଲେ ବଇରି-ଗଣ;

---

ପ୍ରଭୁଙ୍କର ନାମଅଛି, ପ୍ରବାଦରେ ତାଙ୍କ ସେତିକି ମାତ୍ର ପ୍ରକାଶ ପାଏ । ତେଣୁ ବିଶେଷ ଟୀକାଦେବା ନିଷ୍ପ୍ରୟୋଜନ !

GPNanda Colln., Digitized by srujanika@gmail.com

ସବାଦେ ଶିବରେ ସ୍ଫୁଲିଙ୍ଗେ ଜଳେ ଦାବ-ଦହନ;
ଦୂର ରଙ୍ଗ-ଭୂମେ ବହିଲା ଶତ୍ରୁ-ଶୋଣିତ-ଧାର;
ଯବନ-ଶିବିର ଜଳିଲା ଧୂମେ ଲୁଗୁଇ ତାରା;
ଅମର କୁମାର ଶୋହିଲେ ଶତ୍ରୁ-କୀରତି-ଦୀପେ;
ଭକତି-ଆରତି ବହିଲେ ତହିଁ ଉତ୍କଳ-ନୃପେ ।
ବିଶ୍ୱାସର ବଟେ ପଡ଼ କେ ପୁଣି ଶତ୍ରୁ-ଶିବିରେ,
ବିଶାଳ ଉରସ ଦେଖାଇ ଦେଲେ ବୀର-ବେଶରେ;
ପିନ୍ଧିଲେ କୃପାଣ; ଶୀକରେ ବର୍ମ ଦେଲେ ଲୁଣ୍ଠାଇ;
କହିଲେ ସେ, "ଗୁପ୍ତ ଛୁରିକା ଦିଅ ବକ୍ଷେ ବସାଇ,
ଉରଗ-ଦଂଶନେ ତାମସେ ବହୁ ରକ୍ତ ଶୀତଳ,
ଏ ବୀର କରମ ଜାଣନ୍ତୁ ଉବେ କ୍ଷତ୍ରିୟକୁଳ;"
ଭୀମ ଏ ବଚନେ ଖସିଲା ଶତ୍ରୁ-ସାମନ୍ତ-କରୁ
ଛୁରି-ତରବାରି, ପ୍ରଣାମେ ତାର ଲଭିଁଲା ଉରୁ ।
ସ୍ୱୟଂବରେ କେହୁ କୁମାର ନରପତି-ନବରେ
ଲଭିଲେ ବରଣ-ବେଶରେ ରାଜ-ଦୁହିତା-ବରେ;
ପଲ୍ଲବ-ସାମନ୍ତ-ସ୍ୱଜନ-ସୂତ ହେଲେ ଉଗାରି;
ନରପତି କର-ଇଂଗିତ ଦେଲେ ତାହାଙ୍କୁ ଠାରି;
ଉତ୍କଳ-କୁମାରେ ମାଗିଲେ ସେହୁ ଦ୍ୱନ୍ଦ୍ୱ-ସମର;
ହେମର ମୃଠେଶ ଦେଲେ କୁମାର ତାଙ୍କୁ ଖଡ଼ଗ-ଭର;
ତୋଳିଲେ ଖଡଗ ସାମନ୍ତ, ଥୋଇଦେଲେ ଭୂତଳେ;

---

୫୬୮-୫୭୨—ବିଜୟନଗରର ହିନ୍ଦୁ ରାଜାଂକୁ ଐତିହାସିକମାନେ ନରପତି ବୋଲି କହିଛନ୍ତି । ପ୍ରାଚୀନ ପଲ୍ଲବରାଜା ବହୁକାଳ ନରପତିଂକର ସାମନ୍ତ ରାଜା ଥିଲେ ।

GPNanda Colln., Digitized by srujanika@gmail.com

ଆରତ୍ତ ଆଚଣ, ମିନତ୍ତ କଲେ କେତେ କୁମାରେ ।
ମନେ ଅଛୁ ଚିକ ? ରାଜନ ବୀର ବନଥା ଧେନ,
କର୍ଣ୍ଣାଟ-ମଣ୍ଡଳ ପଡ଼ିଲେ ରଥ ଘୁଡ଼ ଅବନୀ;
ବୀରବାଳା ଟେକ୍ଷ ଉଜ୍ଜଳ ରାଜ ଛତ୍ର ଧବଳ,
ଉନ୍ମାଦ-ଭ୍ରୂକୁଟୀ-ଇଙ୍ଗିତେ ରଣେ ଗୁଳଲେ ବଳ ।
ଉଠିଲେ ରାଜନ ଦେଖିଲେ ଛତ୍ର-ଭଙ୍ଗେ ଅରାତ୍ତ;
ରାଣୀ-ଗଣ୍ଡ-ଦେଶୁ ପୋଛୁଲେ ସ୍ୱେଦ ଘର୍ମର ମୋତ୍ତ ।
ସେହ୍ନ ରାଣୀ ପର୍ ଜନନୀ ହେଲେ ଅନଙ୍ଗଭୀମେ,
ଶସ୍ତ୍ରବନା ଯେହ୍ନ ଭ୍ରମନ୍ତ ଅଶ୍ୱେ ଏକାକୀ ବନେ;
ଶାର୍ଦ୍ଦୂଲ ଶରାଘାତ ଶ୍ରୀହସ୍ତେ ଧାଇଁ କୁରଙ୍ଗ-ପଛେ;
କୁରଙ୍ଗର ଭ୍ରମେ ନାଶିଲେ ଦ୍ୱିଜ କପିଶା-କଚ୍ଛେ;
ପ୍ରଚଣ୍ଡ ଲାବନ୍ୟ ଶ୍ରୀଅଙ୍ଗେ ଗଙ୍ଗା ଧୋଇଲା ସୁଖେ;
କାବେରୀ-ମେଖଳ-ପଞ୍ଜନ ତାଙ୍କୁ ଧଇଲା ବୁକେ,
ବିନା ରକ୍ତପାତେ ଅରାତ୍ତ ହେଲେ ତାରେ ନିଜନ;
ମୁଖ-ଭଙ୍ଗୀ ଦେଖି ଆଦରେ ହେଲ ଶତ୍ରୁ-ଶଇନ ।
ଏହ୍ନ କୂଳେ ତୁମ୍ଭେ ଦାୟାଦ ବୀରବାଟୀ-କେଶରୀ;
ଏହ୍ନକୂଳେ ଘରୀ ଆଦର ନୀଳାଚଳେ ଶ୍ରୀହରି ।

## ୨୪

କେତେ ବନ୍ଦୀ ପୁଣି ଗାଇଲେ କେତେ ସାମନ୍ତ-ଯଶ;
ଜନ୍ମ-ଭୂମି-ସୁଖେ ଜୀବନ, ପ୍ରଭୁ-ଭକ୍ତି-ବିଳାସ,

୪୭୬—କଚ୍ଛ=ତଟଭୂମି, ଅନୂପଦେଶ । (୩୪୩—୪୮, ଟୀକା ଦେଖ ।)
କପିଶା = ସୁବର୍ଣ୍ଣରେଖାର ପ୍ରାଚୀନ ନାମ ।

୪୮୩— ଏହ୍ୱଠାରୁ ଗଜପତିଙ୍କ ବନ୍ଦୀର ଗୀତ ପରେ ଭିନ୍ନ ଭିନ୍ନ ସାମନ୍ତ

GPNanda Colln., Digitized by srujanika@gmail.com

କେତେ ବୀରକର୍ମ ଅଦ୍ଭୁତ, କେତେ କୀରତି-ରାଶି,
ଗିରି ଦୁର୍ଗ ବନ ଉଠିମା ତହିଁ ଯାଏ ପ୍ରକାଶି;
ମେଘାସନ-ଗୁହା, ବ୍ରାହ୍ମଣୀ-କୂଳ, ଗୋନାସା-ତୀର,
ମାଲ୍ୟଗିରି-ତଳେ ଶତ୍ରୁର କେତେ ଗୁପ୍ତ ଶିବିର;
ବଡ଼ମୂଳେ ନଦୀ-ପ୍ରପାତେ ଗୁରୁ-ନଦୀ-ବାହିନୀ,
ସ୍ୱର୍ଣ୍ଣପୁର ଭେଦ ବଜ୍ରଦେ ଯେତ୍କ ଅସିଲେ ପୁଣି;
ମହେନ୍ଦ୍ର-ଶିଖର-ଗହ୍ୱରେ, ଗୋଦାବରୀ ପୁଳିନେ,
ରୂପ ନାରାୟଣ-ଉରସେ, ସୁରଧୂନୀ-ମୁହାଣେ,
ବନ-କୁଂଜେ ଶାଳ-ଗହ୍ୱରେ, ତପ୍ତ ଊଷର ଅଙ୍କେ,
ବିଲ-ଭେଦ ପକ୍ଷୀ ଅଦର୍ କାହିଁ ଉଠିମା-ବାଙ୍କେ,
ଜଟିଳ-ବଲ୍ଲରୀ-ନିବଡ଼ କାହିଁ ଶିଖର-ତଟେ,
କାହିଁ ଗିରିନଦୀ ଗ୍ରୀଷ୍ମେ ଶୁଷ୍କ କୁଟିଳବାଟେ,
ଦରୀ-କୋଳେ ଯହିଁ ମଧ୍ୟାହ୍ନେ ଘନ-କୁହେଳୀ-ଘଟା,
ଉପଳ-ଶିଖର ବଟଇ କାହିଁ ଉଟିମା-ପଠା,
ଶ୍ରାବଣ ପୃଥୁଳ-ଆସାରେ, ପ୍ରାଂଶୁ-ନଦୀ-ପ୍ରପାତେ,
ମାଘମାସ-ଶୀତ-ଜାଡ଼ରେ ସହି ଶିଶିର-ବାତେ ।
କେତେ ବୀରେ କେତେ କୁଶଳ-ମହା-ବୀର କରମେ
ଉତ୍କଳ-ବିଭବ ରଖିଲେ; ବନ୍ଦୀ ଗାଇଲେ-ତାନେ ।

୨୫

ପଶି କେ ଅରାତି-ଶିବିରେ ଘନ-ରଜନୀ-ଯୋଗେ
କଳୁଥିଲେ ଶତ୍ରୁ-ସମ୍ପଦ, ସାଦୀ ଦେଖିଲେ ଆଗେ;

---

ରାଜାଙ୍କର ବନ୍ଦୀଗୀତ ପ୍ରତି ସୂଚନା ହୋଇଅଛି । ଏ ସମସ୍ତ ଗୀତର ମର୍ମ ପ୍ରବାଦରୁ ସଂଗୃହୀତ । ୫୯୯—ପ୍ରାଂଶୁ=ଉଚ୍ଚ ।

GPNanda Colln., Digitized by srujanika@gmail.com

ରଣ-ସିଂଗା ବାଜି ଉଠିଲା ବୀର ଦେଲେ ଇସାରା;
ଗିରି-ଖୋଲ୍ ଭେଦି ରଜନୀ ଆସେ ସଇନ-ଧାରା;
ଉତ୍କଳ-ବିଜୟ-କେତନ ଗିରି-ଦୁର୍ଗ ଶିଖରେ
ଅରୁଣ-ବିତାନେ ଶୋଭଇ ସମୀରଣ-ଲହରେ ।
ବିଶାଳ ତଟିନୀ ପହରେ, କେତୁ ରଜନୀ ଭେଦି
ଆସିଥିଲେ ଶତ୍ରୁ-ଶିବିରୁ, ଶତ ଅରାତି ଛେଦି ।
ଧଳଭୂମି-ଜେମା ଯେବେଠି ରଣପୁର-କୁମାରେ
ବରି, ମଧୁଶଯ୍ୟା-ବିଧାନେ ହେଲେ କପିଶା କୂଳ;
ଶୁଣିଲେ ଗଉଡ଼-କଟକେ ସଜ ପଠାଣ-ସେନା,
ଅଜ୍ଞାତେ ପଶିବେ ଉତ୍କଳେ କରିଛନ୍ତି କଳ୍ପନା;
ସଂଦେଶ ପେଶିଲେ କଟକେ; ଗଲେ ସାଗର-ତୀରେ;
ତାମ୍ରଲିପ୍ତ-ସେନା-ବାହିନୀ ସଜକଲେ ସତ୍ୱରେ;
ଗଙ୍ଗା ଭେଦି ଠାବ ରହିଲେ; ଯେବେ ଗଉଡ଼-ସେନା
ଗୋପନେ ବାହାର ହୋଇଲେ, ଗର୍ବେ ହୋଇ ଫୁଲ୍ଲଶା
ତ୍ରିବେଣୀ-କଟକେ କୁମାର କଲେ ସଇନ ସଜ;
ପଛରୁ ଭେଟିଲେ ବଇରୀ ଧରି ଉତ୍କଳ-ଧ୍ୱଜ;
ବିପଦେ ପଠାଣ ଅରାତି ପଡ଼ି, ଅଳପ ଯୁଝି,
ଛନ୍ଦ-ଭଙ୍ଗେ ସନ୍ଧି ଆଚରି, ଗଲେ ରାଢ଼ ବରଜି ।
ନୁହନ୍ତି କୁମାର, କୁମାରୀ ସେତୁ, ପଡିଲା ଜଣା;
ଉତ୍କଳ-ରାଜନ-ସଦ୍ମରେ ଥିଲେ କୁମାର ସିନା ।
ଆସିଲେ କୁମାରୀ, ଉତ୍କଳ-ରାଣୀ ତାହାଙ୍କୁ କୋଳେ

---

୨୨୨—ରାଢ଼=ପଶ୍ଚିମ ବଙ୍ଗ ।

GPNanda Colln., Digitized by srujanika@gmail.com

ଧରି, ସନମାନେ ବହିଲେ ବଧୂ ସୁତା-ସଂଭ୍ରମରେ;
ବିବାହ-ଉତ୍ସବ ବଢ଼ିଲା ବାରବାଟୀ-ମହଲେ;
ସାମନ୍ତ-ଶେଖର ପଦବୀ ଦେଲେ ସେ ରଣପୁରେ ।
'ନାଗମଣି' ଶାଢ଼ୀ ପାଇଲେ ଧଳଭୂମି-ଦୁହିତା ।
'ମଣିନାଗ' ନାମ ବହିଲେ ରଣପୁର-ଦେବତା ।

୨୬

କେତୁ ସାଧୀ ମଣି ଆକଟେ ପୁଣି କପିଶାଗିରୁ
ବାରଦନେ କାଞ୍ଚି-କଟକେ ଦେଲେ ସଂଦେଶ ଗୁରୁ ।
ପଠାଣ-ସଇନ୍ୟ ଅପେକ୍ଷି ସେତୁ ଥିଲେ ଉତ୍ତରେ,
ମିତ୍ର-ନମସ୍କରଣେ ଥାଆନ୍ତି ନୃପ କୃଷ୍ଣ ସେ ପାରେ ।
ଶୁଣିଲେ ପାଟଣା-କଟକେ ହେଲା ସଇନ୍ୟ ସାଜ;
ମାସକେ ଆସି ସେ ଘେରିବେ ଗୁରୁ ଉତ୍କଳ-ରାଜ୍ୟ ।
ଲାଗିଲା ଶିବିରର ଚହଳ; କେତୁ ରାଜ-ସନ୍ନିଧି
ଯାଉଁ ଏ ସମ୍ବାଦ କହିବେ, ବାରଦନ ଅବଧି ।
ସାଧୀ ସାଧୀ ମୁହଁ ଦେଖିଲେ, ନ ହେଲାଟି ସାହାସ;
ମଉନେ ଖଡ଼ଗେ ଗୁହିଁଲେ ନେଜେ ବହି ଭରସ ।
କାଲ ଆଜ ନାହିଁ, ଅପଣେ ଏବେ ସାମନ୍ତ ମଣି ।
ପର୍ଯ୍ୟାଣେ ଉଠିଲେ; ପଲକେ ଭେଦଗଲ ଛାଉଣି ।
ତୁଙ୍ଗ ଚିରମାଳ ଉଠି ସେ ଡେଇଁ ପଢ଼ ଗରବେ,
ଘନ ଗଡ଼ଜାତ-ବିପିନେ ଗଲେ ବିଜୁଳି ବେଗେ ।

୬୨୮—ସାମନ୍ତ ଶେଖର—'ନରେନ୍ଦ୍ର' । ରଣପୁର ରାଜାଙ୍କର ଏ ଉପାଧି ଏବେ ଅଛି ।

୬୩୦—ରଣପୁରର ଅଧିଷ୍ଠାତ୍ରୀ ଦେବତା ବର୍ତ୍ତମାନ ମଧ୍ୟ ଏହି ମଣିନାଗ ନାମରେ ଅଭିହିତ ହୁଅନ୍ତି ।

GPNanda Colln., Digitized by srujanika@gmail.com

ଅଶ୍ୱ-ଖୁର-ନାଲ ପଥରେ ଝଙ୍କ ଝଙ୍କେ ଅନଳ;
ଲିଭାଇ ସ୍ଫୁଲିଙ୍ଗେ, ଶ୍ରାବଣ-ଧାରେ ବନ୍ଧଇ ଝାଳ;
କେତନ-ଲଦ୍ଧରେ ଫିଟିଣ୍ଟି ପେଣ୍ଡ୍ରାବାଲ ପଛରେ;
ବିସ୍ମୟେ କୃଷକେ ଗୃହାନ୍ତ୍ର; ଭୟେ ବନେ ଶବରେ ।
ଫେନ-ମୁଖେ ତୁଙ୍ଗତୁରଙ୍ଗ ଋଜୁ ଦଶେ ଧାବନେ;
ସିକତାରୁ ନଦୀ-ଗରଭେ ପଡ଼େ ମହା-ପତନେ;
ସାଦ ସଙ୍ଗେ ଯାଏ ତୁରଙ୍ଗ ବୁଡ଼ି ଧାରାରେ ପୁଣି,
ଟେକି ମୁଖ ଉଭେ, ନିଶ୍ୱସି ଦ୍ୱିଧା କରଇ ପାଣି ।
ନାହିଁ ଖିଅପିଅ ଠିକଣା, ନାହିଁ ଖେଦ କାକର,
ବନ ଗିରି ନଦୀ କାହିଁରେ ନାହିଁ ଭଲେ ଖାତର ।
ଗୃହୁ ସିଂହଭୂମି ଭେଦଲେ ଗୃହୁ ଘଉଁକେ ବୀର;
ଖେପାକେ ଡେଇଁଲେ ସତେକି ଠାକୁରାଣୀ-ଶଇଳ !
ଦଇତରଣୀ ସେ ତେଇଁଲେ ଗିରିନଦୀ-ପ୍ରକାରେ;
ମାଲ୍ୟଗିରି-ତୁଙ୍ଗ-ଶିଖରେ ମାନ ଗୃହିଁଲେ ଥରେ,
ଗୋନାସିକା-ମାଳ ଭେଦଲେ ମେଘେ ବିଜୁଳିପରି;
ରଜନୀ-ଭାମସେ ହୋଇଲେ ବ୍ରାହ୍ମୀ-ତଟିନୀ ପାରି
ଗିରିଦୁର୍ଗେ ଡାକେ ପ୍ରହରୀ, "କିଏ ସାଦୀ ଅନ୍ଧାରେ ?"

---

୨୪୯—ଋଜୁ=ସିଧା, ସଳଖ ।

୨୫୭—ଠାକୁରାଣୀ ପର୍ବତ କେନ୍ଦୁଝରର ଉତ୍ତର ସୀମାରେ ।

୨୫୯—ଗୋନାସିକା ପର୍ବତ କେନ୍ଦୁଝରରେ । ଏହି ପର୍ବତର କୌଣସି ଅଂଶରୁ ବୈତରଣୀ ବାହାରି ଅଛି । ଏଠାରୁ ପାଲଲହଡ଼ାର ଉଚ୍ଚ ମାଲ୍ୟଗିରି ପର୍ବତ ପରିଷ୍କାର ଦେଖାଯାଏ ।

GPNanda Colln., Digitized by srujanika@gmail.com

ଚଳିତ ସାମନ୍ତ, "ଆମ୍ଭେ ହେ ଗଜପତି ଭୃତ୍ୟରେ ।"
କପିଳାସ ତୁଙ୍ଗ ଶିଖରେ ଯେତେ ହେଲା ପ୍ରଭାତ;
ମହାନଦୀ ଡେଇଁ ଛାଡ଼ିଲେ ଖରେ ସେ ଗଡ଼ଜାତ ।
ଜୁଝାର ନଗରେ ପ୍ରହରୀ ଦେଖି ଦୁର୍ଗ-ପ୍ରାଚୀରେ,
ସ୍ୱାଗତ-ସମ୍ଭାଷ ଦେଖାଇ, ହେଲେ ଚିଲିକା-କୂଳେ ।
ସଇକତେ ଚାଳି ତୁରଗ, ଡେଇଁ ତଟିନୀ କେତେ,
ମହେନ୍ଦ୍ର ଦେଖିଲେ ଟେକିଛି ଶିର ଡାହାଣ-ହାତେ ।
କେତେ ଦୁର୍ଗେ ପଥେ ପ୍ରହରୀ ଛିଲେ ଶିଙ୍ଗା ନିନାଦ,
ମିତ୍ର-ପ୍ରତିଶିଙ୍ଗା ସାମନ୍ତେ ଶୁଣି, ଛାଡ଼ିଲେ ସାଦୀ ।
ଗୋଦାବରୀ-ଧାର ଡେଇଁଲେ ବୀର ଅରୁଣ କରେ;
କୃଷ୍ଣା-ପାରେ ପୁଣି ଦେଖିଲେ ରବି ବାରୁଣୀ-ଶିରେ ।
ଭେଟିଲେ ରାଜନ, କହିଲେ ମାତ୍ର ସନ୍ଦେଶ ତହିଁ;
ବାଜିସଙ୍ଗେ ପଡ଼ିଗଲେ ସେ ବୀର ଆଦର ମହୀ ।
ଉଡ଼ିଗଲା ସେହି ନିମିଷେ ପିଣ୍ଡୁ ଛାଡ଼ି ପରାଣ ।
ଉତ୍କଳ-ଭୁବନେ ପାରିଲା ନାହିଁ ପଶି ଯବନ ।

୨୭

ଏହିକୁଳେ ତବ ଜନମ, ଅହେ ବୀର ସାମନ୍ତେ;
ଏ ଜନମ-ଭୂଇଁ-ଭକତି ବହେ ତବ ଶୋଣିତେ ।
ଜାଣିଛତ ବୀରେ, ଉପରି ପୂର୍ବ ପୁରୁଷେ ତବ
ପୃଥୁଳ ସମରେ ରାଜନେ ଡେଇଁ, କଲେ ଗରବ ।
ଯାଜନେ ଲଢ଼ିତ ବଳମ ବନ୍ଧ ହେଲା ଉରସେ;

---

୨୬୪—ଜୁଝାର ନଗର=ଜଜାର ସିଂହ, ବର୍ତ୍ତମାନ ଖୁର୍ଦ୍ଧା ।

GPNanda Colln., Digitized by srujanika@gmail.com

'ଶତ୍ରୁ-ସେନା ହେଲେ ନିର୍ଜନ ଦେଖି ଏହୁ ସାହସେ ।
ଗିରିଦୁର୍ଗ-ଚୂଳେ କେତେହେ ସୁଖେ ଖାଇଲେ ହାଣ;
ଏକ-ପରେ ଯାନ ଜଟିଲେ କରି ପରାଣ-ପଣ ।
ଶୁଣିଛତ ଯାରେ, କେସନେ ଚଢ଼ି ସହସ୍ରନାଆ,
ଅରାତି ଗୁପତେ ଅସିଲ, ତେଇଁ ସାତକୋଶିଆ;
ପଲକେ ପୂରୁବ ପୁରୁଷେ ତବ ଜଗିଲେ ବାଟ;
ଭଟ୍ଟାରିକା ନୀଳମାଧବ ହେଲେ ଭୀମକୁହାଟ;
ବନ୍ଧ-ଗିରିନଦୀ-ଅରଟେ କାଠେ ବାନ୍ଧି ଗରଭ,
ମହାନଦୀ ଫେନ-ଗର୍ଜନେ ଭଗେ ଫିଙ୍ଗିଲ ନାବ ।
ନଦୀ-ଗର୍ଭେ ଜଏ ତେଇଁଲ ସେହି ଭୀମ ଆବର୍ତ୍ତେ,
ଶତ୍ରୁ-ସେନା ଯେବେ ନିରାଶେ ଅସି ଠେକିଲ ହାତେ ?
ସେହିତ କହନ୍ତି ସ୍ୱରଗୁ ଏବେ ଆଶିଷ-ବାଣୀ ।
ଏହିତ ସେ ବାରବାଟୀହେ, ଏହି ଜନମ-ଭୂମି !
ଏହିତ କରାଳ କୃପାଣ-କରେ ସେ ଗଜପତି !
ଏହିତ ସେ ବହି ଯାଉଛି ଶତଭୂଜା ସତୀ !
ଜୀଇଁ ଥାଉଁ କେବେ ଘୁଡ଼ବ ନାହିଁ ତୁମ୍ଭେ ଯବନ;
ଶ୍ୟାମଳ ଉତ୍କଳେ କରିବ ନାହିଁ ବ୍ୟସନ-ବନ;
ପଦ୍ମିନୀ ଗାଭି କାନ୍ଦବେ ନାହିଁ ହିନ୍ଦୁ-ଭବନେ;

---

୨୮—କଣ୍ଟିଲୋର ନୀଳମାଧବ ଓ ବଡ଼ାମ୍ବାର ଭଟ୍ଟାରିକା ଦୁହେଁ ପରସ୍ପରର ସମ୍ମୁଖୀନ, ମହାନଦୀର ଦୁଇପାଖରେ ଦୁଇଟି କ୍ଷୁଦ୍ର ପାହାଡ ଉପରେ ।

୨୯—କାଠରେ ନଦୀଗର୍ଭ ବାନ୍ଧି ଶତ୍ରୁର ନୌକାମାନଙ୍କୁ ବାଧା ଦେଇଥିବାର ସେ ଅଞ୍ଚଳରେ କଥିତ ହୁଏ । ଶତ୍ରୁର ନୌକା ନଷ୍ଟ ହେବାରୁ ସେ ନଦୀ ବାଲିରେ କେତେକ ସମୟ ଯୁଦ୍ଧ କରିଥିଲେ ।



GPNanda Colln., Digitized by srujanika@gmail.com

କୁଳବାଳା କେବେ ଢେଙ୍କିବେ ନାହିଁ ସତୀତ୍ୱ-ଧନେ;
ନୀଳାଚକ୍ର ରକ୍ତ ଶବଳ ଯିବ ନାହିଁ ସାଗରେ;
ଭକ୍ତ-ଝଙ୍କଦେଯୀ ଉତ୍କଳ ନ ହାରିବ ସମରେ;
ଗଜପତି-ଶିର ଲଙ୍ଘିବ ନାହିଁ ଭାରତ-ଖଣ୍ଡେ,
ସାମନ୍ତ-ସ୍ୱଜନେ ଭୋଗିବେ ନାହିଁ ଯବନ-ଦଣ୍ଡେ ।

୨୮ ।

ବନ୍ଦ-ଗୀତ ଶୁଣି ବାପା ହେ, ତବ ବାକ୍ରୁତ-ହୃଦ
ସ୍ୱାଧୀନ-ପୁଲକେ ପୂରିବ, ଘୋଟିଯିବ ଉନ୍ମାଦ ।
ସ୍ୱପନେ ନାଶିବ କେତେ ହେ ଗିରି-ଦୁର୍ଗ ନୟନେ;
ବନ ଗିରି ଦରୀ ତଟିନୀ ବୁଲି ଆସିବ କ୍ଷଣେ ।
ଜୟ-ସ୍ତମ୍ଭ କେତେ ଦେଖିବ, କେତେ ଶାସନ-ଦାନ,
ତମ୍ବାପଟ୍ଟା-ଦାନ-ଫଳକେ ଗଜପତିର ନାମ ।
ମୃଗୟୁ ବୁଲିବେ ବିପିନେ ଗଜପତି-ଗହଣେ;
ଭେଟିବେ ସାମନ୍ତ-ବଧାନେ କେତେ ହୁର-ରଞ୍ଜନେ ।
ସ୍ୱୟଂବର-ସଭା ଫିଟିବ କାହିଁ ହୁର ରାଇଜେ;
ପଣ୍ଡିତ-ସଭାରେ ଯିବ ହେ ଧରି ଉତ୍କଳ-ରାଜେ ।
ତଟିନୀ-ବିସାରେ ଭାସିବ, ପଥେ ଧରି ନଉକା,
ସୁଗମ ସାଗରେ ସିଂହଳେ ଯିବ, ନ ବନ୍ଧୁ ଦକା ।
ପ୍ରଶାନ୍ତ ସାଗର ଦେଖିବ ସ୍ୱଚ୍ଛ-ଗଗନ-ତଳେ;
ଶ୍ରେଣୀବଦ୍ଧ ତରୀ ଦେଖିବ ଭାସେ ମହା-ବିସ୍ତାରେ ।
ଲୁଚିଯିବ ଧୀରେ ସ୍ୱପନ, ନିଦ ଆସିବ ଘୋଟି;
ଝଞ୍ଜା ଏବେ ଛୁଡ଼ ଯାଉଛି, ମେଘ ଆସଇ ଫାଟି ।

GPNanda Colln., Digitized by srujanika@gmail.com

ଶୁଅ ତେବେ ବାପା ଆରତେ, ଘୋର ଗର୍ଜଇ ନିଶା ।
ରାମଚଣ୍ଡୀରେ ମୁଁ ପଶୁର, ବୁଝେ କୋଣାର୍କ-ଦଶା ।

୨୯

କହ ରାମଚଣ୍ଡି କହ ଗୋ, ସାକ୍ଷୀ ଏକାଠ ତୁହି ।
କେମନ୍ତେ ଏ ଭୂମି ଅଛିଛୁ କାଳ-ତରଙ୍ଗେ ବହି ?
ଆସିଥିଲେ କି ସେ ଏ ଭୂମେ ଚୀନ-ପରିବ୍ରାଜକ ? ୭୨୮
ଅବୁଲଫଜଲେ ଅଣିକରିଥିଲେ ଏଥି ବାହକ ?
ବାଲେଶ୍ୱର-ପୁର ବଣିକେ ଏଥି ସିଂହଳ-ପଥେ
ଭେଟିଥିଲେ କି ସେ ତସ୍କରେ ଜଳଦସ୍ୟୁ-ବୋଇତେ ?
ଗୋର-ଜଳଦସ୍ୟୁ ଥିଲେ କି ଏଥି ଲୁଚି ମନ୍ଦରେ,
ଲୁଣ୍ଠନ-ସଂପଦ ସଞ୍ଚାଳି ରୁଦ୍ଧ ଜୀର୍ଣ୍ଣ ପ୍ରାଚୀରେ ? ୭୩୦
ଚୁମ୍ବକ କି ଏଥି ଓଟାରୁଥିଲା ଜାହାଜମାନ ?
ଦେବତା କି ଏଥି ଥିଲେ ଗୋ ଶୂନ୍ୟେ ଅଲମ୍ବମାନ ?

---

୭୨୮—ଚୀନ ପରିବ୍ରାଜକ ହୁଏନ୍‌ସାଂ ଚରିତ୍ର ନଗର ଦେଖିଥିଲେ ଓ ଅକବରଙ୍କର ସ୍ୱଭ ପଣ୍ଡିତ ଓ ପ୍ରଧାନ ଐତିହାସିକ ଅବୁଲ ଫଜଲ୍ କୋଣାର୍କ ଶିଳ୍ପ ଓ ଗଠନ ଶୈଳୀତାର ବିଶଦ ବିବରଣ ଲେଖିଯାଇ ଅଛନ୍ତି ।

୭୨୯—ପର୍ତ୍ତୁଗିଜ ଜଳଦସ୍ୟୁମାନେ ଭଗ୍ନ କୋଣାର୍କରେ ଲୁଚି ଅନେକକାଳ ତାମ୍ରଲିପ୍ତ, ବାଲେଶ୍ୱର ପ୍ରଭୃତିରୁ ସିଂହଳକୁ ଯାଉଥିବା ବାଣିଜ୍ୟତରୀ ଲୁଣ୍ଠନ କରୁଥିଲେ ।

୭୩୨—ପ୍ରବାଦ ଅଛି, କୋଣାର୍କର ସୂର୍ଯ୍ୟ ମୂର୍ତ୍ତି ଉଜ୍ଜ୍ୱଳ ସ୍ଫଟିକ ଆବରଣ ମଧ୍ୟରେ ଲୌହରେ ନିର୍ମିତ ହୋଇଥିଲା । ଏବଂ କେତେଗୁଡ଼ିଏ ଚୁମ୍ବକର ବଳରେ ଏହି ମୂର୍ତ୍ତିଟି ଶୂନ୍ୟରେ ଲମ୍ବମାନ ଥିଲା । ଏହି ଚୁମ୍ବକ ଜାହାଜର ଲୁହାକୁ ଓଟାରିବାରୁ ପର୍ତ୍ତୁଗିଜମାନେ ଏ ମନ୍ଦିରକୁ ଭାଙ୍ଗି ଚୁମ୍ବକ କାଢ଼ି ନେଇଥିଲେ ।

GPNanda Colln., Digitized by srujanika@gmail.com

ଏହି ସିଂହାସନ କେବେ କି ଧରିଥିଲା ମୂରତି ?
ମୁଖଶାଳା-ପୀଠେ ହୋମ କି କରୁଥିଲେ ଦ୍ୱିଜାତି ?
ଉଜ୍ଜ୍ୱଳ-ରଜନ-ସଉଧ ଏଥି ଥିଲା ଗୋ କାହିଁ ?
କେଉଁ ଉପବନେ ଅଶ୍ରମ କରୁଥିଲେ ସେ ରହି ?
କେଡ଼େ ଉଚ୍ଚ ଥିଲା ପ୍ରାଚୀର କେଡ଼େ ତୁଙ୍ଗ ମନ୍ଦର ?
କେଉଁ ଧ୍ୱଜ ଚକ୍ର ଶିଖରେ ଶୋଭୁଥିଲା ତା ଶିର ?

୯୦

କିଏ ଗଢ଼ିଥିଲା ଏ ଭୂମେ ଏଡ଼େ କଳା ବିଶାଳ,
କି ସାହସେ ନଦୀ-ଗରଭେ ପୋତି ଏତେ ପଥର ?
କେଉଁ ତୁଙ୍ଗଗିରି କାଟି ସେ, ଏଡ଼େ ବିଶାଳ-ଶିଳା
କେସନେ ବହିଲେ ଏ ଭୂମେ, ଏତ ସିକତା-ମାଳା ?
ସିନ୍ଧୁ-ବାତେ ରମ୍ୟ କେସନେ କର୍ମି ଶରୀର-ତନୁ,
ଖେଳି ଯାଉଥିଲା ? କହଗୋ ଖଣ୍ଡି ସଂଶୟ ମନୁ ।
ବିଶାଳ ଅୟସ-ଧାରଣା ଶିଳ୍ପୀ ରଚି କେମନ୍ତେ,
ଉତ୍ତୁଙ୍ଗ-ମନ୍ଦର-ଶିଖରେ ବହି ନେଲେ କି ଯନ୍ତ୍ରେ ?
ମୋହନ-ମୃଗୁଣ-ଅକର୍ମ-ଶିଳା କି ଶସ୍ତ୍ର ଧରି,
ମୂର୍ତ୍ତି ଗଢ଼ିଥିଲେ କିଏସେ ଏଡ଼େ ଜୀବନ୍ତ କରି ?
ଯୁଗ-ପରିତ୍ୟାଗ ଭୀଷଣ ସିନ୍ଧୁ-ପବନ-ଘାତେ
ପଥର-ମୂରତି ଦିଶନ୍ତି, ଯଥା ନୂତନ ସତେ !
ସୂଚୀ-ଲେଖା କମ୍ର ବିଗ୍ରହେ ଲିଭି ନାହିଁ ତ ତିଳେ,
ଅଙ୍ଗ-ସ୍ଥାଣେ ସୂକ୍ଷ୍ମ-ସଂପଦ ଫୁଟିଉଠେ ବିମଳେ;

GPNanda Colln., Digitized by srujanika@gmail.com

ଲାବଣ୍ୟ ହରଇ ଶ୍ରୀଅଙ୍ଗ; ମୁଖେ ମୋହନ ଦ୍ୟୁତି;
ବିକଚ କମଳ ଶ୍ରୀକରେ ଶୋହେ ସୂର୍ଯ୍ୟ-ମୂରତି !
ସପ୍ତ-ଅଶ୍ୱ--ରଥେ ବାହନ ବସେ ଅରୁଣ ଆଗେ;
କାରୁ-ବିଖଚିତ-ମୁକୁଟ ଶୋହେ ଲଲାଟ-ଭାଗେ ।

୩୧

ବସେ ଗୁରୁ କାହିଁ, ଆଦରେ ଶିଷ୍ୟ ପୁସ୍ତକ-କରେ;
ଅଭିଷେକୋତ୍ସବେ ବସନ୍ତ ରାଜା ଉଦକ-ପୂରେ;
ଦ୍ୱିଜାତିରେ ପୁଣି ଦଅନ୍ତି କାହିଁ ଶଙ୍ଖେ ଉଦକ;
ସନ୍ନ୍ୟାସିରେ କାହିଁ ନିଜନେ ସେହି ନୃପ ଯାଚକ;
ଅଭିଯାନେ କାହିଁ ରାଜନ ବୀର ସଇନ ଘେନି,
ବିଜୟ-ସୋହାଗେ କାହିଁବା ବୀରେ ଫେରନ୍ତି ପୁଣି ।
ଆମୋଦ-ଭବନେ କାହିଁବା ବସି ଆରାମେ ଜନେ;
ଗାନ-ବାଦ୍ୟେ ମନ-ଫୁରୁଣା ବହି ଆମୋଦ ମନେ;
ମୁଖ-ଭଙ୍ଗୀ କରି ବାଦ୍ୟକ ବାଦ୍ୟ ବଜାଏ କାହିଁ;
ବ୍ରୀଡ଼ା-ରସାଣିତ-ଲପନେ ନାଚେ ନର୍ତ୍ତକୀ ତହିଁ ।
ଦର୍ପ-ସ୍ମେର-ମୁଖେ ନିଷାଦୀ ବସେ ମାତଙ୍ଗ-ପଛେ;
ଖଲୀନ ଆସ୍ଫାଳି ଗରବେ ସାଦୀ ଦଉଡ଼ଇ ଉଠଇ ।
ବନ-କୁଞ୍ଜ ଭେଦି ପଥରେ ଦିଶେ ଶ୍ୱାପଦ କାହିଁ;
ଅନ୍ୱେଷଣ-ଦୃଷ୍ଟେ ପଦାତି ଦିଶେ ଆଖେଟେ ରହି ।
ବିକଚ କୁସୁମ ପତିରେ ଫୁଟେ ବାସନ୍ତ ବିଭା;
ଗୁଞ୍ଜର ବ୍ୟଜନେ ଭକତ କାହିଁ କରଇ ସେବା ।

---

୭୭୦—ଆଖେଟ=ପାରିଧି, ବେଣ୍ଟ ।

GPNanda Colln., Digitized by srujanika@gmail.com

୩୨

ସବୁଠ ଜୀବନ୍ତ ଖୋଦନେ, ରାମଚଣ୍ଡି ତୁ କହ,
କଏସେ ସେ ଗୁରୁ, ଧରନ୍ତି ଶିଷ୍ୟେ ଏମନ୍ତ ସ୍ନେହ ?
କି ଆମୋଦ-ରସେ ମାତଣ ଏଥି ଅଛନ୍ତି ଲୋକେ ?
କେଉଁ ଅଭିଯାନେ ଚାଲନ୍ତି ରାଜାସଙ୍ଗେ ସୈନିକେ ?
ଅଭିଯାନେ ରଣ ଆଚରି, ପୁଣି ଆମୋଦ-ରସେ
ମାତନ୍ତି କିପରି ମାନବେ ? ଶୁଣିବୁ ଗୋ ହରଷେ ।
ଏତେ ତ ଆମୋଦ ଦେଖିଛୁ ଏହି ଉତ୍କଳଭୂମି !
କହ ଭଲ ପରେ ଶୁଣିବୁ, ରାମଚଣ୍ଡି ଜନନି ।
ରାଜ-ଅଭିଷେକ ହୁଏ କି ପୁଣି ଉଦକପୂରେ ?
ଅଭିଷେକ ସାରି କେସନେ ଯୁଦ୍ଧେ ଯାଆନ୍ତି ବୀରେ ?
କହ କହ, ବୀରେ ଉଠିବେ ଶିଳା-ରୂପ ବରଜି,
ଥରେ ହେଲେ ଫୁଙ୍କି ଦିଅନ୍ତୁ, ଭେରୀ ଉଠୁ ଗରଜି ।
ଦୂର ଗିରି ଦରୀ ସାଗର ହେଉ ପ୍ରତିଧ୍ୱନିତ;
କୃଷକ-ସଇନ-ଗରବେ ଭୂମି ହେଉ କମ୍ପିତ ।
ଉଠିବେ କି ନାହିଁ ସେ ଆଉ ? କିପାଁ ମଉନ ତୁହି ?
ଶୋଇଛନ୍ତି ଅବା ବାଳକେ, ଡରୁ ଦେବୁ ଉଠାଇ ।
ଶୁଅ ଶୁଅ ବାବୁ ଆରାମେ, ବହୁ ଭେରୀ-ନିନାଦ
ଶୁଣୁଛ ସ୍ୱପନେ; କିପାଁରେ ମତେ ନ ହୁଏ ନିଦ ?

୩୩

କେଉଁ କାଳୁ ମାତ ଆସିଛୁ ରାମଚଣ୍ଡି ତୁ ଏଥି ?
ରାମଚନ୍ଦ୍ର ପରି ଦଣ୍ଡକେ, ହେଲେ ତୋର ଅତିଥି ?

GPNanda Colln., Digitized by srujanika@gmail.com

ବେଲେଶ୍ୱରେ ଶିବ ପୂଜିଲେ, ମାତ ଦେଖିଛୁ ଚିହ୍ନ;
କାଳ-ସଙ୍ଗେ କେତେ ଘଟନା ଗଲା ତୋଆଗେ ବହି ।
ବୁଦ୍‌ବୁଦ-ସମାନ ମିଶିଛି ସବୁ କାଳ-ତରଙ୍ଗେ;
ସ୍ମୃତି ତୋର ଉଠୁଥିବତ ଆଜ ବୁଦ୍‌ବୁଦ-ଭଙ୍ଗେ ।
ମଉନ କପାଁ ଗୋ ? କାହାକୁ ଏତେ ହେଉ ଲଜ୍ଜାଇ ?
ଅତୀତେ ସୁମରି ରହିଛୁ ଅବା ପଥର ହୋଇ !
ସାଗର-ସମୀର-ଝଙ୍କାରେ ଆସେ ଲଘୁ ବରଷା;
ଶୋଇଛନ୍ତି ସୁଖେ ବାଳକେ; ଏବେ ଗର୍ଜଇ ନିଶା ।
ନ ଶୁଣିବ କଇ, ଶୁଣିବ ନାହିଁ ବାଳି-ପ୍ରାନ୍ତର;
କୋଣାର୍କ-ଦେଉଳେ ଶୁଭିବ ନାହିଁ ଅମ୍ଭ ବଖାର ।
ସଙ୍କୋଚ ପାଉଛୁ କାହାକୁ ? କହ ଫେଡ଼ି ମା ଏଥି ।
ବହୁ ଯତ୍ନେ ଆଜ ଆସି ମା, ମୁହିଁ ତୋର ଅଛଇ ।

୩୪

କହୁ ନାହୁଁ କଏ କୋଣାର୍କ ଯାଉ ଆସୁଛୁ ବୋଲି;
ସ୍ୱଧର୍ମି-ପରଶୁ ସଙ୍କୋଚେ ଛଳେ ଗଲା ବାହାରି ।
କହ ମା କି ଲାଜ ? ସଂତାନ ମୁହିଁ ଅଟେ ତୋହର ।
କହ ଗୋ କେସନେ ଅସିଲା ରୁଷ କଳାପାହାଡ଼;
ପୂଣ୍ୟ ଏ ଉତ୍କଳେ ବଜାଇ ତୀବ୍ର-ସ୍ୱଧର୍ମି-ଜୟଘୋ,
ପ୍ରତାପୀ ମୁକୁନ୍ଦ-ରାଜନେ କଲେ ସଂହାର,
ଦେଖି ସତୀ-ଚିତା-ଅନଳ ବାରବାଟୀ-ପ୍ରାଙ୍ଗଣେ,

୭୯୬—ଦଣ୍ଡକେ=ଦଣ୍ଡକାରଣ୍ୟରେ । ଓଡ଼ିଶା ପ୍ରାଚୀନ ଦଣ୍ଡକାରଣ୍ୟର ଅନ୍ତର୍ଗତ ଥିଲା । ବେଲେଶ୍ୱର ରାମଚନ୍ଦ୍ରଙ୍କ ପୂଜିତ ମହାଦେବ ବୋଲି ପ୍ରବାଦ ଅଛି ।

GPNanda Colln., Digitized by srujanika@gmail.com

ଆସିଲା ପରି ସେ ଏ ଭୂମେ ଭ୍ରାନ୍ତ ଧର୍ମ-ଦଳନେ !
ଘୁଡ଼ିଲେ ଦେବତା ଦେଉଳ, ତୁମ୍ଭ ଆସିଲୁ ଛଳେ;
ଉଠିଲା ସାଗର ଗରଜି, ପିଟି ତରଙ୍ଗ କୂଳେ;
କୂଳ ତେଜି ଗଲା ବହୁଏ ଲୁଚି ସିନ୍ଧୁ-ଗରଭେ;
ସିକତା ଉଠିଲା ଗଗନେ ଧୂମ ସ୍ତୂପର ସ୍ତମ୍ଭେ;
ପଡ଼ିଲା ସଉଧ-ଶିଖରୁ ଭୀମ ପାଷାଣ ଖସି;
ଘୁଡ଼ିଲେ ବଣିକେ; ନଗରୀ ଗଲା ଧୂଳିରେ ମିଶି;
ତୁରୀ-ଭେରୀ-ନାଦ ବାଜିଲା ତୁଙ୍ଗ ଦେଉଳ-ଚୂଳେ;
ବିଭ୍ରମ ସେ ପ୍ରତିଧ୍ୱନିରେ ଗଲା ତରଙ୍ଗ-ଖେଳେ ।
ଏହି କୁଶଭଦ୍ରା ମେଲାଇ ଦେଲା କେମନ୍ତେ ବୁକୁ,
ବିକଟ ଗରଜେ ସଇନି ନାଚେ ପାରିହେବାକୁ !
ଧରି ସେ କେସନେ ସହିଲା, ବାଲି ନ ହୋଇ ଦ୍ୱିଧା !
ବେଲେଶ୍ୱର କାହିଁ ରହିଲେ, ଦେଲେ ନାହିଁ ତ ବାଧା ।
ନୀଳାଚଳ ଛାଡ଼ି ଶ୍ରୀହରି ଗଲେ ଚିଲିକା-କୂଳେ,
ରକ୍ତବାହୁ-ଲୀଳା ନ ହେଲା କିପାଁ ଚିଲିକା-ଜଳେ ।

୩୫

କହ ତେବେ, ତୁମ୍ଭ ଦେଖିଛୁ କେତେ ଶାନ୍ତିର ଲୀଳା;
ଅଶ୍ୱପତି ପରି ପେଷନ୍ତି ଏଥି ସଖା-ସଂଖୋଳା;
ବିଜୟ ନଗର ଏତେଦେଶେ ଆସି ଲୋଡ଼ନ୍ତି ସାହା;
ଗଣପତି ପରି ଥିଲେ ଗୋ ଗଙ୍ଗବଂଶର ବାହା !

---

୮୩୦—ଗଣପତି=ଓ୍ୟାରଙ୍ଗଲର କାକତୀୟ ରାଜାମାନେ ଗଣପତି ନାମରେ ପରିଚିତ ଥିଲେ ।

GPNanda Colln., Digitized by srujanika@gmail.com

ଦୁଆରେ ଗଉଡ଼-ରାଜନ କେତେ ହେଲେ ଅତିଥି;
ହମ୍ବିର ଅରାତି-ତରାସେ ଗଲେ ଶରଣ ଏଥି ।
ଫିଟି ରହୁଥିଲା ଦୁଆର ସଦା ରାଜ-ଭବନେ;
ଅତିଥି-ଶରଣ ଥିଲେତ ଏଥି ବୀର ରାଜନେ ।
କୃଷକ-ସଇନ ସମରେ ତୀବ୍ର-ଶୋଣିତ-ଧାରେ
ଅରପି ଜୀବନ, ଅତିଥି-ସେବା କଲେ ମହୀରେ ।
କହ କହ ମାତ, କେସନେ ଦୂର ରାଇଜ ଡେଇଁ,
ପଶିଲେ ଓଡ଼ିଆ-ସଇନ ବୀର-ବେଶ ବଜାଇ ?
କେସନେ ଶାସିଲେ ରାଜନେ ଏଡ଼େ ଶାନ୍ତିରେ ଧରା ?
ସମର-ଚହଲେ ଦେଉଳ ଶିର ଟେକିଲା ପରା !
ଗୁରୁ ବସିଥିଲେ ଆସନେ ଶିଷ୍ୟ ଧରି ଗହଣେ;
କାରିଗର ଶିଳ୍ପ-ରଚନେ ଥିଲେ କଳା-କରମେ;
ଗ୍ରନ୍ଥ ଲେଖୁଥିଲେ ପଣ୍ଡିତ; ମୁଦେ ରସିକ ଜନ
ଗାନ ବାଦ୍ୟ ଧରି, ପୁଲକେ ବସିଥିଲେ କେସନ !
କେତେ ଧନ ଥିଲା ଦେଶରେ, ଏତେ କୀରତି ପାଇଁ ?
କହ ମା ଜାଣିଛୁ ସବୁ ତୁ, ଏଥି ସଂଶୟ ଫେଇ ।
ସମର-ଦୁନ୍ଦୁଭି-ଉନ୍ମାଦେ ଦବେ ଯେଉଁ ମେଦିନୀ,
କେସନେ ବଇଦ ସୋହାଗ ତହିଁ ଉଠଇ ପୁଣି ?

---

୮୩୭—ହମ୍ବିର—ତେଲଙ୍ଗାନାର ରାଜା ହମ୍ବିର ରାଜମହେନ୍ଦ୍ର ପାଖ କୋଣ୍ଡାପିଲ୍ ଦାନକରି ଓଡ଼ିଶା ରାଜା ପୁରୁଷୋତ୍ତମଙ୍କ ପାଖେ ଶରଣାର୍ଥୀ ହୋଇଥିଲେ ।

୮୩୫-୩୭—ଏହି ଅତିଥେୟତା ସମ୍ବନ୍ଧରେ ଶ୍ରୀଯୁକ୍ତ କୃପାସିନ୍ଧୁ ମିଶ୍ରଙ୍କର 'ବାରବାଟୀ' ପୁସ୍ତକର ଉପସଂହାର ପଢ଼ନ୍ତୁ ।

GPNanda Colln., Digitized by srujanika@gmail.com

୩୫

ଏହିତ ଉତ୍କଳ-ଧରଣୀ; ଏହି ସିକତା-ବେଳା;
ନୀଳ-ମହୋଦଧି ସଂଘାତେ ତୁଙ୍ଗ ସେ ଚିରମାଳା ।
ଏହିତ ତଟିନୀ ଯାଉଛି ବହି ନୀଳ ସାଗରେ ।
ଏହିତ କୃଷକ ବସିଛି ବିଲ-ଘାଟେ ପ୍ରାନ୍ତରେ ।
ଚନ୍ଦ୍ରକାନ୍ତ ଏହି ମେଲାଇ ଗୃହେଁ ନୀଳ-ଜରସେ ।
ଗିରିମାଳ ଧରି ନାଚଇ ସୀଟ-ଭଙ୍ଗ-ବିଳାସେ ।
ସୀତଳ ଲମ୍ବଟେ ଉଠୁଚି ଏହି ମହେନ୍ଦ୍ର ମାଳା ।
ନାରିକେଳ-କୁଂଜେ ସଜଇ କରମଣ୍ଡଳ-ବେଳା ।
ଏହି ଭୂମି ଥିଲାଟିକି ମା, ଯେବେ କୋଣାର୍କ ହେଲା,
ଓଡ଼ିଆ ଅସୀତ ଦେଖିଲେ, କହ ସପନେ ହେଲା ?
ଏହି ଭୂମି ଦେଖି ଆସିଥ ଥିଲ ସ୍ୱରଗୁ ତୁମ୍ଭେ ?
ନୀଳାଚଳ-ନାଥ ଦେଖିତ ଏଠା ଆସିଲେ ଉଦେ ?
ଏହି ଭୂମି ସେତ ଆଦରି ଥିଲେ ସିଦ୍ଧ ସାଧକ ?
ଏହି ଭୂମିରେତ ବିପ୍ଳବ ସବୁ ହେଲା ଅଳୀକ ?
ଏହି କୃଷକତ ସଇନ ଥିଲେ କୁମାରୀ-କୂଳେ ?
ଏହି-ଦେଶ-ଭେରୀ ଶୁଭୁତ ଥିଲା ହିମାଦ୍ରି-ଚୂଳେ ?
କହ କହ ମାତ, ଦେଖିଛୁ ସବୁ ଆଖିରେ ତୁହି ।
ଭୋଗିଛୁତ କେତେ ଶରୀରେ, ନ କହୁଛୁ କପାଁଇ ।

---

୮୫୨— ବିପ୍ଳବ=ଧର୍ମବିପ୍ଳବ ।

GPNanda Colln., Digitized by srujanika@gmail.com

# ସକାଳ

## ୩୭

ଉଠିଛନ୍ତି ବାପା, ଏବେତ ସତ ହେଲା ପ୍ରଭାତ !
ଶୀକର ବିଂଚ୍ଛଇ ସମୀରେ ବହେ ସିଂଧୁ-ମାରୁତ ।
ଫିଟି ଯାଇଅଛି ଗଗନେ ଘନ ମୃଦର-ଘଟା;
ଲୁଚକାଳି-ଖେଳେ ଦେଖାନ୍ତି ତାରା ମେଦୁର ଛଟା ।
କୃଷ୍ଣ-ଘନ-ଚୂଳେ ଶୋଭଇ ଶୁକ୍ର ବାରୁଣୀ-ଶିରେ ।
ଚଳ କୃଷ୍ଣ-ଘନେ ଲୁଚଇ କେବେ କଂପିତ-କରେ ।
ତାମସ-କଳୁଷ-ପୀଡନେ ଯଥା ସ୍ୱଚ୍ଛ ବିବେକ
ଲୁଚି ଲୁଚି ଫୁଟି ହସଇ, ଢାଳି ପୂର୍ଣ୍ଣ ମୟୂଖ ।
ଦୂର-ଗିରି-ଧୂମ୍ର-ପ୍ରାଚୀର ଖୋଲେ ଉରଳ ବିମ୍ବ
ଶୁଭ୍ର ହାସେ ଫୁଟେ କିଅବା, ଭେଦ ସରଦ-ନଭ !
ଲୁଚିଯାଏ କେବେ ପ୍ରାଚୀର-ଚୂଳ-ଚଳ-ଜୀମୂତେ;
ଦେଖିନାହିଁ ଯେବେ ସେ ଛବି, ଦେଖ ଅଜି ପ୍ରଭାତେ ।
ସିଂଧୁ ଭେଦ ଫୁଟେ ଫରଗ୍ର, କୁଆଁତାରା ମଳିନ;
ଉତ୍ତାଳ ତରଙ୍ଗେ ଶୋଭଇ ନଦୀ-ମୁଖ-ପୁଳିନ;
ଗଗନ-ମୁକୁର-ତଟିନୀ-କମ୍ର-ଊର୍ମି-ବିଳାସେ
କ୍ଷଣ-ତାରକିତ-କଂପନେ ଚଳ ନଭସ ଭାସେ ।
ଏକାକୀ ପାଦପେ ପତନ୍ତି-ବଧୂ ଉଷା-ଆଲୋକେ

---

୮୬୯— ମୃଦର=ମେଘ ।    ୮୭୦— ମେଦୁର=ସୁନ୍ଦର ।



GPNanda Colln., Digitized by srujanika@gmail.com

ଅପାର-ଧଉତ-ଶଙ୍ଖଣ-ଚୂର୍ଣ୍ଣ ଫିଙ୍ଗାଇ ତାକେ ।
ଫାଟିଯାଏ ଦେଖ କାଳିମା ଊଷା-ରଜତ-ଘୂରେ;
ପାରଦ-ଉପାନ୍ତ-ପ୍ରସରେ ମେଘ ଚଳେ ଅମ୍ବରେ ।
ଭିତରେ ଗଗନ-ନୀଳିମା ଦଶେ ରଜତ-ହାସେ;
ତାର-ଖଣ୍ଡ ଏବେ ଲୁଚୁଛନ୍ତି ଊଷା-ଜ୍ୟୋତି-ବିଭାସେ ।
ପବନେ ପବନେ ବହଇ ନବ-ଜୀବନ-ଧାର
ପଲକେ ପଲକେ ସ୍ଫୁରଇ ପ୍ରାଣ ପୀରତି-ଭର ।
ଦିଗନ୍ତ-ପ୍ରସାରେ ଦିଶଇ ଦିଗ-ଚୂର୍ଣ୍ଣ-କୁନ୍ତଳ,
ନାରିକେଳ-କୁଞ୍ଜ-ଗହଳେ ଧୂମ୍ର ନୀଳ-ପ୍ରାଚୀର ।
ନୀଳ-ଘନ-କାନ୍ତି ବିମଳ ବେଳା-ସୀମନ୍ତ-ଶିଖେ
ସୂର୍ଯ୍ୟ-ରଥ ଭେଦି ଉଠିବ ଏହି ଛଟିମା-ମୁଖେ ।
ନ ଦିଶିବ ସିନ୍ଧୁ-ପରଶେ ବାଳ-ଭାନୁ-ବିଭବ,
ଅରୁଣ-କମ୍ପନେ ସାଗର-ପୂରେ ହାଟକ-ଦ୍ରବ ।

୩୮

ଉଦୟ-ବିଭବ କୋଣାର୍କେ ଶୁଣ କହୁଛି ତେଜ;
ଦୁର୍ଦ୍ଦିନ-ତାମସେ କାହିଁରେ ବାପା ଦେଖିବ ଆଜ ?
ତୁମ୍ଭପରି ଥିଲି ଯେବେ ମୁଁ, ରାତି ନ ପାହୁ ଆସି,
ଚନ୍ଦ୍ରଭାଗା-କୂଳେ ଥିଲିରେ ଚାହିଁ ଅରୁଣେ ବସି ।
କୁଆଡ଼ାରୁ ଜ୍ୟୋତି ଝଲିଲା, ଊଷା ଗଗନ-ପଟେ
ଖେଳିଗଲା, ଗଲା କାଳିମା ଲଭି ପ୍ରତୀଚୀ-ତଟେ;

---

୮୯୬— ଏହିଠାରେ ଗ୍ରନ୍ଥକାର ପିଲାଦିନେ ନିଜେ ଚନ୍ଦ୍ରଭାଗାରେ ସୂର୍ଯ୍ୟୋଦୟ ଦେଖିଥିବା କଥା କହୁଛନ୍ତି ।

GPNanda Colln., Digitized by srujanika@gmail.com

ଅରୁଣ-କିରଣ-ବିତାନ-ପଛେ ଉଠିଲେ ରବି,
ତରଳ-ମାରଗ-କଂପନ-ପଛେ ହାଟକ-ଛବି;
ପରିଧି-ପ୍ରସାରେ ଚଞ୍ଚଳ ସିନ୍ଧୁ ଭେଦ କମଣେ,
ଚପଳ-ହାଟକ-ଦ୍ରବେ କି ଖଣ୍ଡ-ମଣ୍ଡଳ ଭାସେ ?
ହୁଏଭାସ ପରି ଦିଶିଲା ଉଠି ଅର୍ଦ୍ଧ-ମଣ୍ଡଳ;
ବର୍ତ୍ତୁଳିତ-ପ୍ରାନ୍ତ-ଡମ୍ବରୁ କେମେ ଦିଶେ ସୁନ୍ଦର ।
ଜୁଠିଆସେ ବିମ୍ବ, ଅଳପ ଲାଗି ରହିଲା ନୀରେ;
ହାଟକ-କଳସ ଭାସିଲା କୁହିଁ ମୁଖେ ସାଗରେ ।
କୁଟିଲା ଚମକେ କଳସି-କଣ୍ଠ, ଜଠିଲା ବିମ୍ବ;
ଡେଇଁ ପଡ଼ କିବା ରଭସେ ରବି କଲେ ଗରବ ?
ହାଟକ-ତରଙ୍ଗ-ବିତାନେ ନୀଳ-ସାଗର-ନୀର;
ସିନ୍ଧୁ-ମଥାମଣି ପରାଏ ରବି-ଖଣ୍ଡ-ଶରୀର
ରହିଗଲା, ଏଣେ ଉଠିଲେ ଭାନୁ ଗଗନ-ଚୂଳେ;
ସ୍ୱର୍ଣ୍ଣ-ଖଣ୍ଡ ଭାସି ରହିଲା ନୀଳ-ଜଳଧି-ଜଳେ ।
ବାଳୁତ-ନୟନେ ବୁଝି ଲି ନାହିଁ ବିଜ୍ଞାନ ଗଣି,
ଏବେ ବି ବାଳକେ ସେ ଛବି ସ୍ଫୁର ହୁଅଇ ଗୁଣି ।

୩୯

ମଳିନ ପ୍ରଭାତ ଫିଟିଲୁ, ଆସ ବାପା ବାହାରେ ।
କହୁଥିଲ ପରା ସକାଳେ ଯିବ ସିନ୍ଧୁ-ବିହାରେ ।
ଏହି ତ ଅଦୂରେ ସାଗର ଦିଶେ ଉନ୍ନତ-ଚୂଳେ;

---

୧୦୪—ମାରଗ=ଧାଡ଼ିଆ ମଣି ବିଶେଷ ।
୧୧୨—ରଭସେ=ଉନ୍ମାଦନାରେ, ଉଲ୍ଲାସରେ

GPNanda Colln., Digitized by srujanika@gmail.com

ସରସ-ସମ୍ଭାଷେ ତଟିନୀ ଯାଏ ଲହରୀ-କୂଳେ ।
ନଦୀ-ମୁଖ-ଜଳ-ପ୍ରବାହେ ଦେଖେ ଶଲ୍କାଧର,
ସ୍ରୋତ-ଲୀଳା ଭୁଲି, ଜୀବନେ ମୀନ ଭରସ ଭରି ।
ଥରି ଥରି ଚାଲେ, ସତେକି ଏଥି ରହଇ ଶଙ୍କା ?
ଭୀମ ଊର୍ମିତୋଳ ସାଗର ପଡ଼େ ତା'ମୁଖେ ଝୁଙ୍କି ।
ରହୁଯା ସାଗର, ରଙ୍ଗରେ, ଊର୍ମି ନାଅ ଫେରାଇ;
ବିମଳ ତଟିନୀ ବସାରେ ଯାଉ ତୋ ହୃଦେ ବହି ।
ଗିରି-କୋଳ ଛାଡ଼ି ଆସିଛି ତୋତେ ଭରସା କରି,
କେତେ ଶିଳା କେତେ ପାଦପ ପ୍ରତିବନ୍ଧ ନ ଧରି ।
ମିଶିବ ବୋଲି ସେ ଦେଇଛନ୍ତି ଏଥି ମେଲାଇ ବୁକୁ,
ତୋ ମହାଜୀବନେ କ୍ଷୀଣ ସେ ଧାରା ମିଶାଇବାକୁ ।
ଶଙ୍କି ଶଙ୍କି କେତେ ଯାଉଛି, କେବେ ରହୁଛି ପଡ଼ି;
ଚଣ୍ଡ-ଊର୍ମି-କରେ ଦେଉଛୁ ତାକୁ କପାଁରେ ତଡ଼ି ?
ଏ ଜୀବନ-ଭରା ତଟିନୀ ଦେଖି, କପାଁରେ ତୁହି
ତା' ମୁଖେ ତେ ଢାଳୁ ଲହରୀ, ଏଡ଼େ ନିଠୁର ହୋଇ ?
ଫେରିକି ପାରିବ ସେ ଆଉ, କାହିଁ ଗତି ତାହାର ?
ଜୀବନ-ସମ୍ପଦ ଭେଟିବ, କପାଁ ଏ ସ୍ରୋତତୋର ?
ଜୁଆର-ପୁଲକେ ଭରି ତୁ ଏହି ତଟିନୀ-ମୁଖ,
ନେଇଥିଲୁ କେତେ ଆଦରେ ଏବେ କପାଁ ବିମୁଖ ?
ହୃଦୟ-ପ୍ରସାର ଦେଖି ତା', ମନେ ଅସୂୟା କରେ ?
ଦେଖୁଛନ୍ତି ପର ବାଳକେ, ଜାଣୁ ନାହୁଁ କି ଛଳେ ?

---

୧୨୪—ଜୀବନେ=ଜଳରେ ।

GPNanda Colln., Digitized by srujanika@gmail.com

୪୦

ଶୁଣ ଶୁଣ ବାପା, ଜଗତେ ଏହି ଜୀବନ୍ତ ସ୍ମୃତି ?
ବାଳୁତ ବୟସେ କର୍ଣ୍ଣରେ ଜାଣି ପାଇବ ପ୍ରୀତି ।
ବାଟ ଭାଙ୍ଗି ଶୁଣ, ତଟିନୀ-ମୁଖ-ବିସ୍ତାର ଏଡ଼ି,
ବନ୍ତ-ମୂଳେ-ମୂଳେ କୋମଳ-କୁଶ-ଅଂକୁର ମାଡ଼ି ।
ହେଲାରେ ନ ମାଡ଼ି ତଟିନୀ-ତଳ-ପାବନ-ନୀର;
ଇତିହାସେ ଗଢ଼ା ଏହାର ପରା ପୁଣ୍ୟ ଶରୀର !
କୋଣାର୍କ-ଭଙ୍ଗିମା ବହନ୍ତି ପରା ହୃଦେ ଏ ଧାରା !
ନରସିଂହଦେବ ବହୁ ଆଦର, ଭୁଲ ଅସୁନ୍ଦ ପରା !
ଚନ୍ଦ୍ରଭାଗା ପରା ଏହାର ପୁଣ୍ୟ-ତୀର୍ଥ-ଦୁହିତା !
କଳା-ସୁରଧୁନୀ ଏହାରି ପରା ଜୀବନ୍ତ ମାତା !
ବରଷ-ବିହାରେ ଏହାରି ଜଳେ ସେ ନରସିଂହ
ଖୋଜ ଦେଖିଥିଲେ କୋଣାର୍କେ ମାୟାଦେବୀ-ବିଗ୍ରହ ।
ସେ ବିହାର-ଫଳେ କୋଣାର୍କ ହେଲା ନଦୀ-ଗରଭେ;
ମାୟା-ରୂପେ ଛାୟା ପରା ହେ ଏଥି ରହିଲେ ଭବେ !
ଏକାମ୍ର-କାନନେ ଭେଟିଲେ ସେହୁ ରାଜ କୁମାର;
ପ୍ରଣୟ-ଗରବେ ବଶିଲେ ହୃଦେ ଅନ୍ତିମ କାଳ ।
ଶୁଣିନାହିଁ ବାପା ସେ କଥା, ଘରେ କହିବ ଗଲେ,
ସେ ଚରିତ-ଗାଥା ଅଳପେ କୁଳଗୃହ-ମହଲେ ।

———

୯୫୨—ଚିତ୍ରୋତ୍ପଳା (ମହାନଦୀ) କଳିର ଗଙ୍ଗା ବୋଲି ପୁରାଣରେ ବର୍ଣ୍ଣିତ ଅଛି ।
୯୫୭—ଛାୟା=ସୂର୍ଯ୍ୟଙ୍କ ଭାର୍ଯ୍ୟା । ୯୬୦—କୁଳଗୃହ=ଛତ୍ରାବାସ ।

GPNanda Colln., Digitized by srujanika@gmail.com

# ଦ୍ୱିତୀୟ ଭାଗ

ମାୟାଦେବୀ



GPNanda Colln., Digitized by srujanika@gmail.com

# ମାୟାଦେବୀ

## ପ୍ରାରଂଭ ଭାଷଣ

ବାଳୁତ ବୟସେ                ସରଳ ବିଶ୍ୱାସେ
ତରଳ ବିଳାସେ ଭୁଲିଛ ବାପା,
ଗୁରୁ ଶ୍ମଶ୍ରୁ ଭେଦ                କୁଳପତି-ଭ୍ରୂକ୍ଷେପେ
କି ସୁଖ ଲଭିବ, ଶୁଣିବ କିପାଁ ?
ବୀରତ୍ୱ-ଗୃହସ୍ଥ                ପ୍ରେମର କାହାଣୀ
ତରୁଣ-ବିଳାସ ତରୁଣୀ-ହୃଦ
ମହିମାର ଲୀଳା                କରମେ କରମେ
ଉଠଇ, ପରାଣେ ଭରି ସମ୍ପଦ;
ବୀରତ୍ୱେ ବିବେକ                ଭ୍ରୂକୁଟୀ କରୁଣା
ରସାଣି, ବହଇ ପୀୟୂଷ-ଧାର;

---

୧—କୁଳପତି=ଛାତ୍ରାବାସରେ ଥାଇ ଛାତ୍ରମାନଙ୍କ ତତ୍ତ୍ୱାବଧାନ କରୁଥିବା ଶିକ୍ଷକ ।



GPNanda Colln., Digitized by srujanika@gmail.com

ସୁର-ବାଳା ଯହିଁ ପୀରତି-ସମ୍ପଦ
ଗଜପତି-ସୁତ-ପ୍ରାଣ-ପସରା ।
କବିତ୍ୱର ଭାଷେ ବୀରତ୍ୱ-କାହାଣୀ
ଖେଳ ପ୍ରେମ-ଧାରେ ପଡ଼ଇ ଝରି;
କି କହିବି ମୁହିଁ ପ୍ରମାଣ ଏ ଭାଷେ ?
ଅତୀତେ ସୁମରି, ହୁଅଇ ଝୁରି ।
କାଳ ମଧ୍ୟ-ଧବା ଭୋଗୁଛି ମଉନେ,
କାଳ-ତପନର ପ୍ରଚଣ୍ଡ କର
ପଡ଼ୁଛି ଉପରେ, ଫୁଟୁଛି ମରମ,
ପଲକେ ପଲକେ ହୁଏ କାତର ।
ସରଳ କୁତୁକ କୋମଳ ବେଶରେ
ଦିନୁଦିନ ମୋର ବିଶ୍ୱାସ ଖସେ;
ପରାଣ ଦେବାକୁ ବିକଳ ମୋ ମନ
ପୀରତି ନ ପାଏ ବିନ୍ଦୁ-ବିଳାସେ ।
ଅଚଳ-ମାନସ- ମୁର୍ମୁର-ଦହନେ
ଭୁଲା-ମେଘ-ପରି ଉଠଇ ଧୂମ;
ଜଗତ-ବିପିନେ ଦେଖାଇ ନ ଦିଏ
ବିମଳ ଶରଦେ ବ୍ରତତି ଦ୍ରୁମ ।
ଚଉଦିଗେ ଦେଖେ ବିଡ଼ମ୍ବିତ ଛବି,
ଧୂମ ଭେଦ ଦେଖେ ବିକଳ ରୁଚି ;
ସ୍ୱଭାବ-ସରଳ ମଣଇ ମୁଁ ଯାହା
ବିଷଦୃଶ ଧୂମେ ଯାଏ ସେ ଲୁଚି ।
ସରଳ ପୀରତି ପରାଣେ ତବ ହେ,
କି ଶୁଣିବ ? ମୁହିଁ କହିବି କିସ ?

GPNanda Colln., Digitized by srujanika@gmail.com

ଜଗତର ଯେତେ　　　　ଅନୁଭବ ଜାଣେ
　　ଅମୃତରେ ତହିଁ ମିଶିଛି ବଡ ।
ସରଳ ମାନସ　　　　କପାଇଁ ରେ ଶିଶୁ
　　ପିଶାଇବ ବଡେ ଶୁଣି ମୋ କଥା ?
ବାଳୁତ ବୟସେ　　　　ଏ ପ୍ରବୀଣ ଭାଷା
　　ଦାଜବ ପରାଣେ, ପାଇବ ବ୍ୟଥା ।

କହେ ତେବେ ଶୁଣ,　　　　ଗ୍ରୀଷମ-ବହାରେ
　　ଯାଇଥିଲି ଦୂର ସେ ଗଡ଼ଜାତେ;
ପ୍ରେତ-ଛାୟାପରି　　　　ପୂରାଣ ଉଜ୍ଜଳ
　　ଉଡ଼େ ଯହିଁ ଏବେ ବପିନ-ବାତେ ।
ନଷାଦ-ସ୍ମରଣେ　　　　ଗୃଳ କରବର
　　ଦବସେ ସହିଲି ଆସାର ଚୟ;
ଶାଳ-ବନ ଭେଦ　　　　ଉପାନ୍ତ-ପ୍ରସାରେ
　　ପ୍ରଦୋଷେ ଭେଟିଲି ପାନ୍ଥ-ନିଳୟ ।
ବସି ବଶ୍ରମିଲି,　　　　ଆସେ ଧୀର ପଦେ
　　ଅଦୂରେ ପୁରୁଷ ଭିକ୍ଷୁକ-ବେଶେ;
ଧରଅଛି ହାତେ　　　　ପୁରାଣ ବପଞ୍ଚୀ
　　ଜୀର୍ଣ ପରିଚ୍ଛଦ ମଳିନ ଦଶେ ।
ବସିଲା ଆସି ସେ　　　　ଛାୟାପରି ପାଖେ,
　　ଭ୍ରମଣ-ସୋହାଗେ ହେଲା ପରଚେ,
ବପିନ-ବହାରୀ　　　　ପୁରାଣ କୀରତ
　　ଆସି ମିଳିଲା କ ଆପେ ପୁରତେ !

GPNanda Colln., Digitized by srujanika@gmail.com

ଭ୍ରମି ଅଳପେ, ମଜ୍ଜନ-ଠାଣିରେ
ମାଗିବାକୁ ମନ ବଳାଏ କେତେ;
ସଂକୋଚ-ସରମେ କହି ନ ପାରଇ,
ଜାଣି ପୃଚ୍ଛିଲେଁ ଦରହସିତେ ;
"କି ବେଉସା ତବ ଏ ଜଙ୍ଗଲ-ଦେଶେ ?
ବିପଞ୍ଚୀରେ କିବା କର ହେ ଏଥି ?
ସଙ୍ଗୀତ-ରଭସେ ହେବାକୁ ସୋହାଗୀ
ସଂଗତରେ ଅଛ କାହାନ୍ତି ସାଥୀ ?"
ଦୀନ ନେତ୍ର ତାର ଦିଶିଲା ଉଜ୍ଜ୍ୱଳ
କହିଲା ସରସେ ଫିଟାଇ ଭାଷା ;
"ବାପ୍ପା ହେଲ ବାବୁ, ସଂଗୀ କି କରିବେ ?
ସଂଗୀତ ତ ଅମ୍ଭ କୁଳ-ବେଉସା ।
ଭାଟ ବୋଲି ଏବେ ବୋଲନ୍ତି ଅମ୍ଭଙ୍କୁ,
ଅଛୁ ନାମ, ନାହିଁ କୀରତି-କଳା ।
ସ୍ୱାଧୀନ-ସାମନ୍ତ- ରାଜନ ନାହାନ୍ତି,
କର ବସି ଏବେ ଜାଗିରି ଗଲା ।
ସଇନର ସାଜେ ଗୁଲୁଥିଲୁ ଅମ୍ଭେ
ଅଗ୍ର-ବନ୍ଦନାରେ ବନ୍ଦ-ସୋହାଗେ;
ବୀର ଗଜପତି ଆସି ଗଡ଼ଜାତେ,
ବନ୍ଦଗୀତ ତାଙ୍କ ଶୁଣନ୍ତି ଆଗେ ।
ବିବାହେ ଅମ୍ଭର ଟେକାହୁଏ ଛତି,
ରାଜ-ଗହଣରୁ ମିଳଇ ହାତୀ;
ଡାକିଲେ ଫିଟଇ ରାଜପୁର-ଦ୍ୱାର,
ବିଗୁର ନ ଥାଏ ରାତି ପାହାନ୍ତି ।

GPNanda Colln., Digitized by srujanika@gmail.com

ରାଣୀ ରାଜ-ଜେମା ଡ଼ାକନ୍ତ ଭିତରେ,
ଶୁଣନ୍ତି ଏ ଭଙ୍ଗା ବୀଣାର ବାଣୀ;
ପାଟ ପଢଣାରେ ଶୋଉଥିଲା ଶିର,
ଗାଉଥିଲି ସୁଖେ କୀର୍ତ୍ତି-କାହାଣୀ ।
ବାପେ ବଡ଼ବାପେ ପାଇଥିଲେ ମୋର
ରାଜଘରୁ କେତେ ପଦକ ହାର;
ବନ୍ଧାଇଲେ ଶାଢ଼ୀ, ପାଇଲେ ପଦବୀ,
କିଏ ଜାଣିଥିଲା ଏ ନାରଖାର ?
ଭିଖ ମାଗି ଏବେ, ବୁଲେ ଦ୍ୱାରେ ଦ୍ୱାରେ,
ଆନ ବେଉସାରେ ନ ବଳେ ମନ;
ଦଣ୍ଡଧର ଧନ ବୀଣାପୂଜା ସାର
ରାଜ-ପୁରେ ଦେଖିଅସେ ରାଜନ !"
"ଗାଅ ତେବେ ଭାଇ ଗୀତଟି ଏ ଆଜ,
ସୁମରି ଉତ୍କଳ-ସେ କାଳ-କଥା;
ଗ୍ରୀଷମ-ବହ୍ନାରେ ଅଧି ଗଡ଼ଜାତେ,
ଜଳରୁ ବଳାସେ ଅସାର-ବ୍ୟଥା ।"
"କି ଗାଇବ ବାବୁ, ଛାଡ଼ନ୍ତୁ ବେଉସା,
ଶୁଣିବାକୁ କେହ୍ନ ନାହାନ୍ତି ଏବେ;
ବାପେ ବଡବାପେ କହୁଥିଲେ କଥା,
ଅଳାପେ ସ୍ମରଣେ ଆସଇ ଏବେ ।"
"ତାମସ-ଜଡ଼ିତ ଦୂର-ଶାଳ-ବନ,
ଶଙ୍ଖୋପଲା ବହେ ରଜତ-ଧାରେ;
ଦୂର-ଗିରି-ଦରେ ଶ୍ୱାପଦ-ଗର୍ଜନ,
ମୋହନ କାକଳୀ ବଲ-ପ୍ରାନ୍ତରେ ।

GPNanda Colln., Digitized by srujanika@gmail.com

ତାମସ ସ୍ମରଣୁ ଖସିଆସୁ ତବ
ରଜତର ଧାର ସଂଗୀତ-କଳା;
ଶଂକାର ବିକଟ ଗିରି-ଦରୀ ଗୁଡ଼
ଖେଳଯାଉ ଏଥି କାକଳୀ-ଲୀଳା ।
ବିକାଶେ ନଭସେ ଗୋଟି ଗୋଟି ତାରା
ଚଂଚଳ ଚଳନେ ଚଳ ବଭଦେ;
ଚଳ-ସ୍ମୃତ-ନଭେ କୀରତି-ତାରକା
ଫୁଟିଉଠୁ ଲୋଲ-ପରଶ-ମୃଦେ ।
ପଲ୍ଲି-ବନ ଭେଦି ଉଠେ ଧୂମଲେଖା,
ମିଶି ଯାଏ ଘନ-ନୀଳିମ-ଭ୍ରସେ;
କ୍ଷୀଣ ସ୍ମୃତି ତବ କବିତ୍ୱ-ବିଳାସେ
ମିଶିଯାଉ ପ୍ରାଣ-ତରଙ୍ଗ-ରସେ ।"
ଜୀବନ୍ତ ଦିଶିଲା ମଳିନ ବିଗ୍ରହ,
ଉଦ୍ଭ୍ରାନ୍ତ ନୟନେ ଦିଶିଲା ଫୁଟି;
ତନ୍ତ୍ରୀ ଟାଣି କରେ, ସଜାଡ଼ି ବିପଞ୍ଚୀ,
ଛୁଇଁଗଲା ତାର ଗୋଟିକି ଗୋଟି ।
ଅଙ୍ଗୁଳି ପରଶି କୋମଳ ଦେହରେ,
ମୁଖଭଙ୍ଗୀ କରି ହଲାଏ ମଥା;
ଥରେ ଥରେ ଗୃହେଁ, ମୁଣ୍ଡ ଦୋହଲାଏ,
ନ ପାଇଲା ସ୍ୱର, ନ କହେ କଥା ।
ବହୁ-କ୍ଷଣ-ପରେ ନେତ୍ର-ବିସ୍ଫାରଣେ
ସୁଖ-ହାସେ ହସି ଗୃହିଁଲା ମୁଖେ;
ଲହରେ ଲହରେ ଫିଟିଲା କବିତା,
ବାଜିଲା ବିପଞ୍ଚୀ ତରଳ ସୁଖେ ।

GPNanda Colln., Digitized by srujanika@gmail.com

ସେହି ଗାଥା ଶୁଣ, ଲେଖି ମୁଁ ରଖିଛି,
ବନ୍ଦ-ମୂକ-ସ୍ୱର-କବଳ-ଗ୍ରାସେ,
ପୂରଣ ବଇବ କୀରତି-କାହାଣୀ
କୋଣାର୍କ-ଜାତକ ସ୍ମୃତି-ବଳାସେ ।

GPNanda Colln., Digitized by srujanika@gmail.com

# ପ୍ରଥମ ସର୍ଗ

ଜମ୍ବୁଦ୍ୱୀପ ବୋଲି ବୋଲନ୍ତି ଏ ଦେଶେ,
ଜମ୍ବୁଦେଶ ତହିଁ ମଣ୍ଡନ-ମଣି;
ଜମ୍ବୁନଦ-ଶାଢ଼ୀ କୋମଳ ତପନେ
ପିନ୍ଧଇ ସେ ଦେଶ ବପିନ-ରାଣୀ।
ଚକ୍ରବାଳ ଭେଦ ତୁଙ୍ଗ ହିମଗିରି,
ସ୍ତରେ ସ୍ତରେ ଜଟେ ରଜତ-ଭାଲେ;
ତୁହିନ-ମୁକୁଟ ଅରୁଣେ ଝଲସି,
କନକ-ତରଙ୍ଗେ ଦିଗନ୍ତ ଝଲେ ।
ସାନୁ-ସ୍ତରେ-ସ୍ତରେ ଶ୍ୟାମଳ ପ୍ରାନ୍ତର
ପ୍ରସାରେ ଭେଟଇ ଶଇଳ-ପଦ;
ଦରେ ଦରେ ଭେଦ ଉପକଣ୍ଠ-ଶିଳା,
ଶୋଭଇ ତରଳ ରଜତ-ହ୍ରଦ ।
ହ୍ରଦ-ପରିସରେ ଗିରି-ତରଙ୍ଗିଣୀ
ବିମୋହନ-ଭଙ୍ଗେ ମିଶଇ କାହିଁ;

---

୧—ଜମ୍ବୁଦ୍ୱୀପ=ଭାରତବର୍ଷ । ଜମ୍ବୁଦେଶ=ଦକ୍ଷିଣ ପୂର୍ବ କାଶ୍ମୀର; ସିନ୍ଧୁର ଉପନଦୀ ଚନ୍ଦ୍ରଭାଗା ଏହି ଦେଶରେ ପ୍ରବାହିତ ହେଉଅଛି; ଏହା ପ୍ରାଚୀନ କାଳରେ ଗୋଟିଏ ସ୍ୱତନ୍ତ୍ର ରାଜ୍ୟଥିଲା ।

୨—ଜମ୍ବୁନଦ=ସୁବର୍ଣ୍ଣ । କ୍ରାନ୍ତିବୃତ୍ତର ଅଧିକ ଉତ୍ତରରେ ଥିବାରୁ ଏ ଦେଶରେ ସୂର୍ଯ୍ୟ କିରଣ କୋମଳ, ସକାଳ ଓ ସନ୍ଧ୍ୟାରେ ଅଧିକ ବେଳପର୍ଯ୍ୟନ୍ତ ଟିକିଏ ହଳଦିଆ ଦେଖାଯାଏ । କାଶ୍ମୀରରେ ଅନେକ ହ୍ରଦ ଅଛି ।



GPNanda Colln., Digitized by srujanika@gmail.com

ଗିରି-ତଳେ ତଳେ ଶତବାଟେ ବୁଲି,
ଖେଳଇ ତରଳ ତୁହିନ ବହି ।
ତରଙ୍ଗେ ନମ୍ରଇ ଶ୍ୟାମ-ତରୁ-ଶାଖା,
ତଟିନୀ-ବିମଳ-ସଳିଳ ଶୋଭେ;
ଶତନଦୀ ମିଳି ଏକ ଧାରେ ବାନ୍ଧି
ପଞ୍ଚନଦ-ମହା-ପ୍ରସାରେ ବହେ ।
ଗିରି ନଦୀ-ଧାରେ ତରଳ ତୁଷାରେ
ଲବଙ୍ଗ-ସୁମନ ଆସଇ ଭାସି;
ଦଳେ ଦଳେ ତହିଁ ସୁରବାଳା-ହାତୁ
ସ୍ୱର୍ଣ୍ଣ-ଶତଦଳ ଦଶଇ ମିଶି ।
ପ୍ରଚଣ୍ଡ ତପନ ବିନ୍ଧ୍ୟ-ଚୂଳେ ରହି
କୋମଳ ପବନେ ଛୁଅଁଇ ମହୀ;
ତୁହିନ-କିରଣ ତୁହିନ-ଝରଣେ
ଆସେ ବେଳେ ବେଳେ ନିକଟେ ତହିଁ ।
ପଲ୍ଲିରେ ପଲ୍ଲିରେ ଚୁମ୍ବଇ ନିର୍ଝର
ଶାମଳ ପ୍ରସାର ଭୂରଗ-ବାଙ୍କେ;

---

୧୦—ପଞ୍ଚନଦ=ପଞ୍ଜାବ ।

୧୩-୧୪—ସୂର୍ଯ୍ୟ କ୍ରାନ୍ତି ବୃତ୍ତ ଅର୍ଥାତ୍ ବିନ୍ଧ୍ୟପର୍ବତଠାରୁ ଆଉ ଉତ୍ତରକୁ ଯାଏ ନାହିଁ । ଚନ୍ଦ୍ର ଶୀତକାଳରେ ଆହୁରି ସାତେ ତିନଶ ମାଇଲ ଉତ୍ତରକୁ ଗଲାପରି ଜଣାଯାଏ । ତୁହିନ କିରଣ=ଚନ୍ଦ୍ର, ଶୀତ-କାଳରେ ଆମଦେଶପରି କାଶ୍ମୀରରେ ଶିଶିର ନ ପଡି ତୁଷାର ପଡେ ।

GPNanda Colln., Digitized by srujanika@gmail.com

ଉପକଣ୍ଠ-ତନୁ- ରଜତ-ସାଗର
ଗିରି-ଶିଶୁ-ତନୁ ନଗ୍ନ ଏ ବୁକେ ।
ଶିଖରେ ଶିଖରେ ବଲ୍ଲରୀ-ଜଟିଳ
ମୋହନ ବିଟପୀ ସୁମନ-ଭରା;
ଲତା-ଫଳ ଉର୍ଦ୍ଧ୍ୱେ ମଧୁପୂର ଧରେ,
ସୁରଭି ସୁମନେ ହସଇ ଧରା ।
କାଶ୍ମୀର-କୁସୁମ- ମାଧବ-ସୋହାଗେ
ଫୁଟଇ ବିପିନେ କନକ-ହାସ;
ଲାବଣ୍ୟ-ଲହରୀ ଖେଳାଇ ସମୀରେ,
ଶଇଳ-ଶିଖରେ ଉଠଇ ବାସ ।
ବର୍ତ୍ତୁଳ-କନକ- ଫଳେ ମହୀରୁହ
ନନ୍ଦନ-ବିଭବେ ଉପନେ ହସେ;
ଅପସରୀ-ସମ ରମଣୀ—ନିକର
ବୁଲନ୍ତି ବିପିନେ ତରଳ-ହାସେ ।
କୋକିଳ ଗାବଇ ବାରମାସ ବନେ,
ଝଲେ ବାରମାସ କନକ-ଖେତ;

---

୧୭—ତନୁ=କ୍ଷୁଦ୍ର, ଶରୀର ।

୧୮—ଏଠାରେ ଅଙ୍ଗୁର ଫଳକୁ ଲକ୍ଷ୍ୟ କରାଯାଇଅଛି ।

୧୯—କାଶ୍ମୀର-କୁସୁମ=ଜାଫରାନ୍ । ପ୍ରଥମ ବସନ୍ତରେ ଏହି ଫୁଲରେ ସମସ୍ତ ବନ ପୀତାଭ ଦିଶେ ।

୨୦—ଏଠାରେ ସେଓ ଓ ନାସପାତି ପ୍ରଭୃତି ଫଳକୁ ଲକ୍ଷ୍ୟ କରାଯାଇଅଛି ।

୨୧—କାଶ୍ମୀରର ରମଣୀମାନେ ସୌନ୍ଦର୍ଯ୍ୟ ପାଇଁ ଭୁବନ ବିଖ୍ୟାତ ।

GPNanda Colln., Digitized by srujanika@gmail.com

କେଦାରେ-କେଦାରେ		ହିମାଚଳ-ମୂଳେ
ଶିଖରୁ ଶିଖରେ ଦଶେ ମହତ ।
ସାରସ୍ୱତ ନେତ୍ରେ		ସପ୍ତର୍ଷି ନିରତ
ଭ୍ରମି ଭ୍ରମି ମେରୁ, ଥାଆନ୍ତି ଗୃହୀ;		୨୫
ଅମାନିଶା ଭେଦ		ଗନ୍ଧର୍ବ-ନଗର
ଅରୁଣ-ବକ୍ଷସେ ଭାସଇ ତହିଁ ।
ଦେବ-ଦେବୀ-କୁଳ		ଓହ୍ଲାଇ ସେ ଦେଶେ,
ବେଳେ ବେଳେ ଆସି ମର୍ତ୍ତ୍ୟ-ବିଳାସେ,
ଅମୃତ-ଭୋଜନ		ପାରିଜାତ-ବାସ
ଭୁଲନ୍ତି ସେ-ବନ-ବିହାର-ରସେ ।
କଇଳାସ-ଚୂଡ଼ୁ		ଶଂକର-ଜଟସ୍ଥ
ନିରଞ୍ଜନ-ଜଳ ଧୁଅଇ ଦେଶ;

---

୨୫—କାଶ୍ମୀରରେ ସପ୍ତର୍ଷିମଣ୍ଡଳ ଦିନରେ ସୂର୍ଯ୍ୟକିରଣରେ ଦେଖାଯାଏ ନାହିଁ ସତ କିନ୍ତୁ କଦାପି ଅସ୍ତ ହୁଏ ନାହିଁ ।

୨୬—ଗନ୍ଧର୍ବ-ନଗର=ମେରୁଜ୍ୟୋତି, ଇଉରୋପରେ ଏହାକୁ ଅରୋରା-ବୋରିଆଲିସ୍ କହନ୍ତି । ମେରୁ ମଣ୍ଡଳରେ ଅନେକଦିନ ଧରି ରାତିହୁଏ; ସେହି ସମୟରେ ଏହି ଜ୍ୟୋତି ଦେଖାଯାଏ । କାଶ୍ମୀରରେ ଶୀତକାଳର ଦୀର୍ଘରାତ୍ରିରେ ମଧ୍ୟ କେବେକେବେ ଏହି ଜ୍ୟୋତି ଦେଖା ଯାଇଥାଏ। ପ୍ରାଚୀନ କାଳର ଆର୍ଯ୍ୟ ଜ୍ୟୋତିଷମାନେ ଏହି ଜ୍ୟୋତିକୁ ଲକ୍ଷ୍ୟକରି ଏହାକୁ ଗନ୍ଧର୍ବ-ନଗର ନାମ ଦେଇଥିଲେ ।

୨୭—ସିନ୍ଧୁ ନଦୀ କୈଳାସ ପର୍ବତ ଉପତ୍ୟକାରେ ଥିବା ମାନସ ସରୋବରରୁ ପ୍ରବାହିତ ହେଉଅଛି ।

GPNanda Colln., Digitized by srujanika@gmail.com

ମାନସ-ସରସୀ  ରାଜହଂସମାଳା
ଭୁଲନ୍ତି ସେ ଦେଶ ନିଶି ଦିବସ ।
ତରୁଣୀ-ଲଲାମ  ସେ-ଦେଶ-ରାଜନ-
ପାଟ-ଜେମା ରାଣୀ-କୋଳ-ସଂଗାଳ
ବିବାହ ବୟସେ;  କେଉଁ ଯୁବାମଣି
ବରିବେ, ରାଜନ ହୁଅନ୍ତି ଭାଳି ।
ସୁନ୍ଦରୀ-ମଣ୍ଡଳ  ଜମ୍ବୁଦେଶ-ବାଳା,
ରାଜ-ଜେମା ତହିଁ କଣ୍ଠ-ଭୂଷା;
ଅଙ୍ଗେ ଅଙ୍ଗେ ଥିର  ଲାବଣ୍ୟ ଝରଇ,
ରୂପେ ବଳି ଗୁଣେ ବିକାଶେ ଯୋଷା ।
ବର୍ତ୍ତୁଳ ବରାଙ୍ଗେ  କଜ୍ଜ୍ୱଳ ଚିକୁର
ଭରି ପୃଷ୍ଠ, ଲମ୍ବି ଛୁଅଁଇ ତଳ;
ବିମଳ ଲଲାଟେ  ବିଶାଳ ଲୋଚନ
ଶ୍ରୁତୁ ଚଳାପାଙ୍ଗେ ଦେଖାଏ ଖେଳ ।
ଗଉରବେ ଯଥା  ବିଭ୍ରସେ କୀରତି,
ଯଉବନେ ତଥା ମୂରତି ହସେ;
ମାଧବ ସୁମନେ  ମଧୁ-ହାସ ଜିଣି,
ବାଳାମଣି ଶୋହେ ବିଭ୍ରମ-ରସେ ।
ଗଜଦନ୍ତ-ଶାଣେ  ସରମ-ରସାଣେ
ଗଢିଛି କି ବିଧି ? ହୁଏ ପରତେ;
ସୁରବାଳା କିବା  ଦେବ ପୁର ଛାଡ଼ି
କଉତୁକ-ଖେଳେ ସେହୁ ମରତେ ?
ବିପିନ-ବିହାରେ  କନ୍ଦୁକ ଫୋପାଡ଼ି
ଶଇଳ-ସାଗରେ ଖେଳଇ ବାଳା;

GPNanda Colln., Digitized by srujanika@gmail.com

ରାଜହଂସମାଳା		ନଗ୍ନର ତରଙ୍ଗ
ଲେଉଟଇ, ଭେଟି ପୁଳିନ-ଶିଳା ।
ସେହି ସେ ତରଙ୍ଗେ		ସୁନ୍ଦରୀ-ଭାରତ
ଦେଶୁ ଦେଶେ ଗଲା ପ୍ରବାଦ-ଛାନେ;
ସିଂଧୁ-ପାରେ ଯାଇ,		ଭେଟିଲା ଉଡ଼ନ୍ତ,
ସୁନ୍ଦରୀ-ଲଂପଟ ଯବନ-ସ୍ଥାନେ ।
କେତେ ରାଇଜରୁ		ଆସୁଥିଲେ ଦୂତ,
ଆସିଲା ଯବନ ସଇନ ବେନ;		୪୫
ଗିରି-ଦୁର୍ଗ-ମାଳା		ଭେଦି କି ପଶିବ
ଜମ୍ବୁଦେଶ-ରାଜ-ପୁଣ୍ୟ-ଅବନ ?
ଲକ୍ଷ ବାର ବାର		ଆସଇ ଯବନ,
ଅଚଂବିତେ କେବେ ବଜାଏ ଭେରୀ;
କାମିନୀ-କାଞ୍ଚନ-		ଲାଳସା ଯବନେ
କିଏସେ ନ ଜାଣେ ଭାରତ ଭରି ?
ଭାରତ-ଭୁବନେ		ସମର-ବିଧାନ
ଆର୍ଯ୍ୟ-ଗଉରବ-ଶାଶ୍ୱତ-କଳା
ଭାରତ-କରମ		ମହତ-ଧରମ
ସାରିଲା ଯବନ-ଦୁଂଦୁଭି-ଲୀଳା ।		୫୦
ବୀର-ମଦ ସିନା		ସଂମୁଖ ସମରେ,
ତପନ-କିରଣେ ମହତ-ପଣ !

୪୪—ସିନ୍ଧୁ=ସିନ୍ଧୁନଦୀ; ସିନ୍ଧୁନଦୀର ପଶ୍ଚିମ ପାଖଠାରୁ ପଠାଣରାଜ୍ୟ ବିସ୍ତୃତ ରହିଅଛି । ପଠାଣମାନଙ୍କ ରମଣୀ-ଅଭିଳାଷ ଇତିହାସ-ପ୍ରସିଦ୍ଧ।

GPNanda Colln., Digitized by srujanika@gmail.com

ରଜନୀ-ତାମସେ ବନ-ପଲ୍ଲି ଘୋଡ଼ି,
କ୍ଷତ୍ରିୟ-ଗରବ ହୁଏ ନିଭନ ।
ସେହୁ ବନପଲ୍ଲି ଜମ୍ବୁଦେଶେ ଆଜ
ଜଗିଛନ୍ତି ଦୁର୍ଗେ ସଇନ-ସାଜ;
କରତ୍ରାଣ-କରେ ଛୁଅଁନ୍ତି ସେ ରୁଟୀ
ଚର୍ମ-ଉପାଧାନେ ଭଜନ୍ତି ଶେଜ ।
ମନ୍ଦୁରାରେ ବାଜୀ ସଜ୍ଜିତ ପର୍ଯାଣେ,
ପ୍ରହରୀ ବଲ୍ଲମେ ରଖଇ ମଥା ;
ଆଗମ-ଆତଂକ- ଲକ୍ଷଣ ଦେଖାଇ
ଗିରି-ଦୁର୍ଗେ ଜଳେ ଅନଳ-ଶିଖା ।
ପ୍ରହରେ ପ୍ରହରେ ଅଷ୍ଟ ସେନାପତି
ପୁରି ବନ ଜଗି, ଥାଆନ୍ତି ସଜ;
କନ୍ଦରେ କନ୍ଦରେ ବୁଲେ କଞ୍ଚୁଅଳ,
ଶିଖରେ ଶିଖରେ ଉଠଇ ଧ୍ୱଜ ।
ଅତର୍କେ ଯବନ ଆସେ ପଶି କେବେ,
ସତର୍କେ ଉଠଇ ଜମ୍ବୁ ମେଦନୀ;
ଖରସ-ଖଷାଦେ ଦୂରେ ଫେରି ଯାଏ,
ରଜନୀ-ତାମସେ ପଶଇ ପୁଣି ।
ସେହୁ ସେ ତାମସେ ପୁରଦ୍ୱାରେ ଆଜ
ସେନାପତି-ପଣେ କୁମାର ବଜେ;

---

୫୪—କରତ୍ରାଣ=ଯୋଦ୍ଧାମାନଂକର ହାତରେ ଲଗ୍ଥାର ଯେଉଁ ଆବରଣ ଥାଏ । ଉପାଧାନ=ତକିଆ, ମୁଚୁଳା, ମାଣ୍ଡି । ସୈନ୍ୟମାନେ ଖାଇବା ପିଇବା ବେଳେ ମଧ୍ୟ ସଜ୍ଜିତ ଥାନ୍ତି । ୫୫—ମନ୍ଦୁରା=ଅଶ୍ୱଶାଳା ।

GPNanda Colln., Digitized by srujanika@gmail.com

ଗିରି-ଚୂଳ-ଦୁର୍ଗ- ପ୍ରାଚୀର-ବାନ୍ଧାରେ
ବିପିନ-ଉପାନ୍ତେ ସମର ସଜ୍ଜେ ।
ଲମ୍ଫରେ ବହିନ ଦୋହଲେ ମାରୁତେ,
ଦୁର୍ଗ-ଚୂଳେ ଉଠେ ଅନଳ-ଶିଖା;
ଏହୁ ଗଡ଼ଜାତ- ଗ୍ରୀଷମ-ଋତୁରେ
ତଉପାଣେ ଫୁଟେ ଅନଳ-ଲେଖା ।
ଜଳେ କେବେ କେବେ ନିଭଟେ ଅନଳ,
ଦୂରୁ ଦୂରେ ଯାଏ ସଂକେତେ ଖେଳ, ୬୫
ଦୂର ଗିରି-ଚୂଳେ ଛୁଇଁ ଚନ୍ଦ୍ରବାଳ,
ନିମିଷେ ଫେରଇ ଜମ୍ବୁ-ନଗରୀ ।
ସେ ବିଭ୍ରମେ ଝଳି ବିକ୍ଷରୀ ବିଟପ,
ଶବଳେ ଛୁଅଁଇ ବୀର-କଂଚୁକ;
ଉରଳ ଚଳନେ ବାଜିବର-ଦେହେ
ଊର୍ମି-ଲାସ୍ୟେ ଦିଶେ ଖଣ୍ଡ କନକ ।
ବାରଣ-ବୃଂହିତ ଶ୍ୱାପଦ-ଚହଳ
ଦୂରେ ଗିରିନଦୀ-ପ୍ରପାତେ ମିଶେ;
ଝଙ୍କାରେ ଝଙ୍କାରେ ଭର ଦୋହଲଇ
ଗଂଭୀର କଦଂବେ କୁମାର ଦିଶେ । ୭୦

---

୬୪—ଗ୍ରୀଷ୍ମକାଳରେ ପର୍ବତମାନଙ୍କରେ ନିଆଁ ଲାଗି ଗଡ଼ଜାତରେ ରାତ୍ରି ବଡ଼ ଭୟଙ୍କରୀ ଦେଖାଯାଏ । ୬୭—ଶବଳେ=ରଞ୍ଜିତ ଭାବରେ । ଟଙ୍କାଇରେ ଆଲୋକ ପଡ଼ିଲେ ଯେପରି ଦେଖାଯାଏ । କଞ୍ଚୁକ=କବଚ; ସାଂଜ ।

୭୦—କଦମ୍ବ=ଘୋଡ଼ାର ଏକ ପ୍ରକାର ଧୀର ମନ୍ଥର ଗତି ।



GPNanda Colln., Digitized by srujanika@gmail.com

ସେ ଅନଳେ ଝଳେ, ଦେଖିଲେ କୁମାର
ଆଚଂଛିତେ ଚଳ କାଷାୟ ବାସ,
ଖଲ୍ଲିନ ଅସ୍ଫାଳି, ରହିଗଲେ କ୍ଷଣେ,
ଶୁଣିଲେ ସରସ ଆଶୀଷ-ଭାଷ ।
ସନ୍ୟାସୀ ମିଳିଲେ ତୁରଙ୍ଗ-ପୁରତେ,
ବିଶାଳ ଲଲାଟେ ଗୃହୁଁଲେ ବୀରେ;
ଜ୍ୟୋତିଷ୍କ-ନୟନ ଭରସ-ବସାରେ
ଭକତି-ନମକ ରାଜ-କୁମାରେ ।
ପାଦଗ୍ରହଣୀରେ ଉଠି ଯୁବାମଣି,
ତେଜିଁ ପ୍ରଣମିଲେ ସଂନ୍ୟାସି-ପଦେ;
କ୍ଷଣେ ସ୍ଥିର ରହି, ଅକପେ ଭରସି,
ପଚ୍ଚରିଲେ, ଭୁଲି ବୀରତ୍ୱ-ମଦେ ।
"କିଏ ସେ ଦେବତା ? କାହୁଁ ଯେ ଆସିଲ ?
ରଜନୀରେ କିପାଁ ବିକାଶ ତବ !
ଯବନ-ପରଶେ ଅପବିତ୍ର ଭୂମି,
ଦେବପଦ ଏଥି କାହୁଁ ସଂଭବ !
ଶୁଣିଛୁ ବିପଦେ ନାରଦ ଆପଣେ
ଆସି ପିତାମହେ ଥିଲେ ସଂଭାଷି ;
ନାରାୟଣ ନିଜେ ପିତାମହ-ସ୍ୱସା-
ବିବାହ-ବରଣେ ଥିଲେ ହେ ଆସି ।

୭୫—ପାଦଗ୍ରହଣୀ=ଘୋଡ଼ାସାଜର ରେକାବ । ଯାହା ଉପରେ ଗୋଡ଼
ଦେଇ ଅଶ୍ୱାରୋହୀ ବସେ ।

GPNanda Colln., Digitized by srujanika@gmail.com

କନକ-କମଳ   ଫୁଟୁଥିଲା ଏଥି
ଶଇଳ-ସରସୀ-ବିମଳ-ଜଳେ;
କଇଶୋର-ଲୀଳା   ଜୟନ୍ତ ଏ ତୁମେ
କରୁଥିଲେ ଅୟି କିଂନର-ମେଳେ ।
ପଞ୍ଚନଦ-ସ୍ରୋତେ   ସେ କମଳ-ସର
କାଳ-ସ୍ରୋତେ ଯାଇଅଛି ସେ ଦିନ;
କି ଏବେ ସନ୍ୟାସି,   କହ ତେବେ ଫେଇ,
କିପାଇଁ ଏ ତୁମେ ପଦ-ନଳିନ ?"
ମୃଦୁ-ସ୍ୱର ମୁଖେ   କହିଲେ ସନ୍ୟାସୀ,
ଶୁଭ୍ର-ଦନ୍ତ-ଦାମ କାଷାୟ ବାସେ, ୮୫
ଜ୍ୱଳନ-ବିଭାସେ   କନକ-ଜୀମୂତେ
ପ୍ରଦୋଷ-ଚନ୍ଦ୍ରିକା ବିକାଶି ହସେ ।
"ନୁହଇ ନାରଦ,   ନୁହେ ନାରାୟଣ,
ନୁହେ ମୁଁ ଜୟନ୍ତ, ନୁହେ କିଂନର;
ଦୂର ଦେଶୁ ଉବ   ଅଛଥି ଏ ଭୂମେ,
ତୁମ୍ଭପରି ମୁହିଁ ନର ମାତର ।

---

୮୧—ପୁରାଣରେ ଅଛି, ହିମାଳୟର ନଦୀ ପୁଷ୍କରିଣୀମାନଙ୍କରେ ସୁନା ପଦ୍ମ ଫୁଟେ ।

୮୨—ଜୟନ୍ତ=ଇନ୍ଦ୍ରଙ୍କ ପୁଅ । ଦେବତାମାନଙ୍କ ମଧ୍ୟରେ କିନ୍ନରମାନେ ନୃତ୍ୟଗୀତାଦିରେ ନିପୁଣ ।

GPNanda Colln., Digitized by srujanika@gmail.com

ଆସିଥିଲି ବହୁ- ଗୀରଣ୍ଡ- ସୋହାଗେ
ଦୈବତ-ସୁଲଭ ଏ ଜମ୍ବୁଦେଶେ;
ଯବନ-ଛାପିତ ପ୍ରଦେଶୁ ପ୍ରଦେଶ
ବୁଲି, ମିଳିଲଇଁ ଏ ଭୂମେ ଶେଷେ ।
ଗୁରୁ-ମଣି-ଲୋଭେ ଜାଙ୍ଗଳିକ ଜନ
ଅନୁସରେ ବନେ ବିଷମ ଫଣୀ;
ଦ୍ୱିରଦ ଲୁଣ୍ଠି- ମୋତି-କୁମ୍ଭ-ଲୋଭେ
ପଶଇ ମୃଗୟୁ ବିପଦ ଜାଣି;
ମୁକୁତା-ଚୟନେ ସିଂହଳ-ସାଗରେ
ପଡ଼ଇ କେଉଟ ଅତଳ ଜଳେ;
ଖଣି-ଖାତ ଖୋଳି, ପଥରର ପଣେ
ପଶଇ ମାନବ ପାତାଳ-ପୁରେ ।
ସ୍ୱରଗର ଶିରୀ ଜମ୍ବୁଦେଶ- ବନେ,
ଦେବତା ଦିବସେ ବୁଲନ୍ତି ଉର୍ଦ୍ଧ୍ୱ;
ଜାଣି ମୁଁ ଆସିଲି ନୀଳାଚଳ-କୂଳୁ,
ଗିରି ବନ ନଦୀ ସରିତ ଡେଇଁ ।
ଲାଳସାର ବଶେ ଜର୍ଜର ଯବନ
ଦେଖିଲି ବିକଟ ବେଭାର କେତେ;
ନୀଳାଚଳ-ନାଥ- ମହିମା ସୁମରି
ଜମ୍ବୁଦେଶ ଏବେ ପାଇଛି ହାତେ ।”
“ସୁରଧାମ ସେହି ନୀଳାଚଳ-ଦେଶୁ
ଅଟିଛ ସନ୍ନ୍ୟାସି ଏ ଜମ୍ବୁଦେଶେ;
ପିତାମହ ମମ ଯାଇଥିଲେ ଜାଣେ
ସେହି ନୀଳାଚଳେ ଜୀବନ-ଶେଷେ ।

GPNanda Colln., Digitized by srujanika@gmail.com

ଶୁଣିଛୁ କେସନେ    ଯିକତା ଅଦର,
ପଡ଼ିଲେ ଅନ୍ତମେ ସାଗରତଟରେ;
ସଲ୍ଲାର୍- ବିଧାନେ    ସାଧକ ପୁରୁଷେ
ସମାଧି ଲଭିଲେ ସେ ନୃପବରେ ।
ଗଗନେ ତାରକା    ଖସଇ ଯେସନ,
ଖସିଲା ତେସନ ସ୍ୱରଗୁ ରଥ;
ଆସିଲେ ଦେବତା    ଓହ୍ଲାଇ ସ୍ୱରଗୁ,
ନେଲେ ତାତେ ସମ ଦେଖାଇ ପଥ ।
ମହତ ସେ ଦେଶ,    ପୁଣ୍ୟ ଦେବ-ଭୂମି,
ଶୁଣିଛୁ ମୁନିରେ ଦେବତା ତହିଁ;
ତାରକା ପାଲଟି    ସୁରଲୋକେ ସୁର
ସେ ପୁଣ୍ୟ ଧରଣୀ ଥାଆନ୍ତି ଗୃହିଁ ।
ସ୍ୱରଗ-ଦୁଆର    ପରା ସେହି ଦେଶେ,
ବଇକୁଣ୍ଠ ପରା କେଶବେ ଧରେ;
ଯମଦଣ୍ଡ ପରା    ଶଂକା ରହେ ଦୂରେ,
ବିଷ୍ଣୁ-ଦୂତ ଆସି ନିଅନ୍ତି ନରେ ।
କାକ ପରା ତହିଁ    ମରଣ-ଲଭିରେ
ବସିଥିଲା ଦବେ ଦେବତା-ମେଳେ;
ବ୍ରହ୍ମାଆଦ ସୁର    ଥାଆନ୍ତି ପରା ସେ,
ଅଦର ସେ ଭୂମେ କୈବଲ୍ୟ-ଫଳେ ।

---

୧୦୯—ଗୋଟିଏ କାକ ଏହିଠାରେ ମରି ବିଷ୍ଣୁ ଲୋକକୁ ଯାଇଥିବା ପୁରାଣପ୍ରସିଦ୍ଧ । ସେହି କାକ ଭକ୍ତ ରୂପରେ ପୁରୀମନ୍ଦିରରେ ବର୍ତ୍ତମାନ ପୂଜାପାଏ ।

GPNanda Colln., Digitized by srujanika@gmail.com

କହ ତେବେ ଦେବ,     କେସନେ ସେ ମହୀ ?
    କେସନେ ରାଜନ ପାଳନ୍ତି ଧରା ?
କେତେ ଦୂରେ ତାର     ପଶିଛନ୍ତି ଯବନ ?
    କେସନ ସେ-ଦେଶ-ଭାରତ-କଳା ?"
ମୋହନ ଯୁବକ     ଲଗାଇ ଉଜଳ,
    ଅର୍ଦ୍ଧ-ବିଧୁ-ବିଂବ ଦଶିଲା ତୋରା;
କଣୀନିକା ଭେଦ,     ସାରସ୍ୱତ ଦ୍ୟୁତି
    ପଡ଼ିଲା କୁମାରେ ବିଗ୍ରହ-ଭରା ।
ବିସ୍ମୟ-ବିଭ୍ରମେ     ଦରସ୍ମିତ-ଲେଖା
    ଲିଭିଗଲା, ଗଲା ସଂକୋଚ-ଠାଣି;
ବିଶାଳ ଲପନେ     ସ୍ଥିର-ଦୃଢ଼େ ଗୃହି
    ରହିଲେ ସନ୍ୟାସୀ ପୁରୁଷ-ମଣି ।
ବିକାଶି ନୟନ     କହିଲେ ସାଧ୍ୱସେ,
    "ଯୁବରାଜ ତେବେ ପୁରତେ ମମ !
କିଶୋର ବୟସେ     ଭୋଗ-ସୁଖ-ଛାଡ଼ି,
    ଶିଖନ୍ତି ମହତ ରାଜ-ଧରମ !
ଜମ୍ବୁଦେଶ-କଥା     ଶୁଣିଥିଲି ଯାହା,
    ଲାଗଇ ପରତେ ହୋଇଛି ଫଳେ;
ଦେବ-ଭୂମି ଏଥି     ଲୁଟିବ କି କରିବ
    ଦୁର୍ମଦ ଯବନ ସଇନ-ବଳେ ?

---

୧୧୪—କଣୀନିକା=ଚକ୍ଷୁତାରା । ଆଖି ଡୋଳା ।

୧୧୭—ସାଧ୍ୱସ=ଭୟ, ବିସ୍ମୟ ।

GPNanda Colln., Digitized by srujanika@gmail.com

ଘନ-ତରୁ-ମୂଳେ                ଲୁଚିଥାଏ ତମ,
ବାହାରଇ ସିନା ପ୍ରଦୋଷ-କାଳେ;
କିଶୋର-ତପନ-                କନକ-ବିଭାସେ
ବାରୁଣୀ-ଲଲାଟେ ସ୍ଫୁରଇ ଭାଳେ।
ଯୁବରାଜ ଦେବେ !                ଏ ଗହନ-ବନେ
ପଠାଣ-ବିରୋଧେ ସଇନ୍ୟ ଜଗି !
ପିତାମହ ତବ                ଜାଣେ, ଯାଇଥିଲେ
ନୀଳାଚଳ-ଧାମେ ମୁକତି ଲାଗି।
ସେହ୍ନ ବଂଶେ ତବ                ଉଚିତ ଜନମ,
ରଣ-ବେଶେ ତୁଙ୍ଗ ଉଦାର ଯୁବା;
ଲାଗଇ ସରତେ                ପରଜା-ପାଳନେ
ଜୟନ୍ତ ଏ ଭବେ ବୁଲନ୍ତି ଅବା !
ଯୁବରାଜ-ମଣି-                ବୀର-ନରସିଂହ-
ଗଉରବ-ଜ୍ୟୋତି ବିକାଶେ ମୁଖେ;
ସେହୁ ନରସିଂହ                ବଡିନେ ଛପିନେ
ପଦେ ଦଳି ଦସ୍ୟୁ ବୁଲନ୍ତି ସୁଖେ।
ଗିରି-ନିର୍ଝରିଣୀ-                ଶୀକରେ ବିଟପ
ଢଳାଇ ବ୍ୟଜନେ କରଇ ସେବା;
ଶାଳ-ବନେ ବହେ                ସୁରଭି ସମୀର
ଯୁବରାଜ-ସ୍ୱେଦ-ହରଣେ କିବା !

---

୧୨—କିଶୋର ତପନ ସହିତ ରାଜକୁମାର ଓ ବାରୁଣୀ ସହିତ ପଶ୍ଚିମ-ଦିଗସ୍ଥ ଯବନ ଦେଶର ଉପମା ସୂଚିତ ହୋଇଅଛି।

GPNanda Colln., Digitized by srujanika@gmail.com

ଶ୍ୟାମଳ-ଜଙ୍ଗଲ- ରଇଜ ଶ୍ୱସାରେ
ସୁରଧୂନୀ-କୂଳ କାବେରୀ-ଯାଏ;
ନୀଳାଚଳ-ବେଳା- ସମୀର ଜଙ୍ଗଲେ
ଶ୍ୟାମଳ କଂପନେ ଦଶାର୍ଣେ ଯାଏ ।
ବୀଚଳ-ଶିଖର- ଶୂକାଶେ ଶଇଳ
ଠାବେ ଠାବେ ଜଠେ ପ୍ରସ୍ରବଣ;
ପ୍ରସର-ପ୍ରସାରେ ଗିରିନଦୀ-କୂଳ
ନୀଳାଚଳ-ତଟେ ଢାଳଇ ବାରି ।
ଅନୂପ କେଦାର ଶ୍ୟାମଳ ଉଠିଛି
ବନ-ସ୍ତରେ-ସ୍ତରେ ମହେନ୍ଦ୍ରମାଳେ;
ଶ୍ରୀଫଳ-ନିକୁଞ୍ଜେ ଅବର ସିକତା,
ବେଳା-ଭୂମି ଭରି, ସଂପଦ ଝଟର ।
ଗିରିହୀନ ବେଳା ଶିଖରି-ଗରବେ
ଠାବେ ଠାବେ ଦଶେ ମଂଦର-ଶିରେ;
କୂଳ-ପରଂପରା ଭେଦ ଗଉରବ
ବିକାଶେ ସତେକି କୀରତି-ଭାଲେ ?
ନୀଳ-ବୀଚି-ମାଳେ ମହା ପାରାବାର
ପଖାଳ ସିକତା ଧୁଅଇ ପଦ;
ବେଣୀ-କଂପେ ନଦୀ ଉରସ-ଶ୍ୱାସାରେ
ଖେଳେ ଠାବେ ଠାବେ ନଗ୍ନଇ ହ୍ରଦ ।

---

୧୩୨—ଦଶାର୍ଣ=ମଧ୍ୟପ୍ରଦେଶ ଓ ଛୋଟନାଗପୁର କେତେକାଶଂର ପ୍ରାଚୀନ ନାମ ।

୧୩୫—ଅନୂପ=ସମ ନିମ୍ନଭୂମି । ଚିଲିକାଠାରୁ ଧାମରା ଯାଏ ଉପକୂଳକୁ ଅନୂପ ପ୍ରଦେଶ କହନ୍ତି ।

GPNanda Colln., Digitized by srujanika@gmail.com

ବିଲ-ବନ ମାଳେ        ଦେବ-ଦେବୀ-କୂଳ
ତରଳ-ଚଳନେ ଅରୁଣ ପଦେ;
ଦୀର୍ଘିକା କାସାରେ        ବିକଚ କମଳେ
ଉତ୍କଳ-କମଳା ହସଇ ମୁଦେ ।
ଶ୍ୱାପଦ-ସନ୍ତାନେ        ଚିର-ଖୋଲେ-ଖୋଲେ
ନବସନ୍ତ ଋଷି ଶଇଳ-ତଟେ;
ଗିରିଦୁର୍ଗେ ଶୂନ୍ୟ        ପ୍ରହରୀ-ମନ୍ଦରେ
ଉଠଇ ବିପିନ ଭୃଙ୍ଗ-ମୁକୁଟେ ।
ମନ୍ଦରେ ମନ୍ଦରେ        କଳା-ବଇଭବ,
ପୁର ଜନପଦେ ଶାନ୍ତିର ଲୀଳା;   ୧୪୫
ପଲ୍ଲବ ଦଶାର୍ଣ୍ଣ        ଗଝଡ଼ କଟକେ
ଉଠେ ଚତୁରଙ୍ଗ-କୀରତି-କଳା ।
ବିଶାଳ ସେ-ମହୀ-        ଉରସ-ବିସାରେ
ପୁଣ୍ୟ-ତୀର୍ଥ-ମାଳା ବହଇ ଝର;
ବିହାର-ଏଂପଦେ        କେଶବ ଆପଟଣେ
ବୁଲନ୍ତି ସେ ବନେ ମୃଗଯୂପର ।

---

୧୪୩—ସିଦ୍ଧ ପୁରୁଷମାନଙ୍କର ଆଶ୍ରମରେ ବନ୍ୟ ଶ୍ୱାପଦମାନେ ହିଂସା ଭୁଲି ପୁତ୍ର କନ୍ୟାଙ୍କ ପରି ବ୍ୟବହାର କରିବା କଥା ଏ ଦେଶରେ ପୁରାଣ ଓ ପରମ୍ପରାପ୍ରସିଦ୍ଧ ।

୧୪୪—ଦୁର୍ଗର ଫାଟକ ଉପରେ ସବୁଠାରୁ ଉଚ୍ଚରେ ପ୍ରହରୀ ପାଇଁ ଘର ଥାଏ । ଦେଶରେ ଶାନ୍ତି ଥିବାରୁ ସେ ଘର ଏଠାରେ ଶୂନ୍ୟ ବୋଲି ବର୍ଣ୍ଣିତ ହୋଇଅଛି ।

GPNanda Colln., Digitized by srujanika@gmail.com

ଉପନେ ହସଇ ବିଶାଳ ଧରଣୀ,
ମେଘମାଳେ ଛତା ଧରଇ ନଭ;
ରବି ଘୁଞ୍ଚିଗଲେ, ବିମଳ ଗଗନ
ଶିଶିର-ମୟୂଖେ ସିଂଚଇ ଭବ ।
ନର୍ଝର-କଂପନେ ଖେଳନ୍ତି ଦେବତା
ଇନ୍ଦ୍ରଧନୁମାଳା ପ୍ରପାତ-ଭଙ୍ଗେ;
ଉଠେ ବେଦଧ୍ୱନି କଂଦରେ କଂଦରେ
ସିନ୍ଧୁ-ସମୀରଣ-ତରଙ୍ଗ-ରଙ୍ଗେ ।
ଷଡ଼ଋତୁ-ଖେଳେ ଋତୁରାଣ ମଧୁ
ବିଳସେ ସରସ ବିଳାସେ ବନେ;
କଦମ୍ବ-କେଶରେ ବସେ ପ୍ରଜାପତି,
ଶିଶିର-ବିପିନ ହସେ ସୁମନେ ।
ନୀଳାଚଳ-ନାଥ- ପୃଥୁ-ବନମାଳେ
ଷଡ଼ଋତୁ-ଫୁଲ-ବାସ ଉହଟେ;
ସାତ ଊର୍ମି ଡେଇଁ ସାଗର ଅବଶ
ବାଣିଜ୍ୟ-ବାହିନୀ ଭାସଇ ତଟେ ।

୧୪୯-୫୦—ଏହିଠାରେ କାଶ୍ମୀରର ସୂର୍ଯ୍ୟ ମେଘ ପ୍ରଭୃତି ଠାରୁ ପ୍ରଭେଦ ପ୍ରତି ଲକ୍ଷ୍ୟ ଥାଇପାରେ ।

୧୫୪—କଦମ୍ବ ବର୍ଷାକାଳରେ ଫୁଟେ । ପ୍ରଜାପତି ବସନ୍ତକାଳର ଜୀବ । ଶୀତରେ ସାଧାରଣତଃ ଫୁଲ ଫୁଟେ ନାହିଁ । ଓଡ଼ିଶା ଉପକୂଳରେ ସାମୁଦ୍ରିକ ଜଳବାୟୁ ପ୍ରଭାବରୁ ଋତୁର ପ୍ରଭେଦ ସେତେ ଜଣାପଡ଼େ ନାହିଁ ।

GPNanda Colln., Digitized by srujanika@gmail.com

ଅନୁମାନେ ଅଛୁ		ଜଂବୁଦେଶ ଧରା,
ଅନୁଭବ ମୋର ଉତ୍କଳ-ଭୂମି;
କେସନେ ବଖାଣି		କହିବ କୁମାର ?
ପାଇବ କାହୁଁ ସେ ବିଭବ-ବାଣୀ ?
କେସନ କହିବ ?		ବିମଳ କେସନ
ଶ୍ୟାମ-ବନ-ମାଳେ ତପନ ହସେ;
ପୁଳିନ-ସୀମନ୍ତେ		ବିସାରି ସାଗର
ଦୂର ଚକ୍ରବାଳେ ଗଗନେ ମିଶେ ।
ତାରକା-କଂପନେ		ସୌରମାଳ ଦୋଳି
ଦୂରଦ୍ୱୀପୁ ଆସେ ସମୀର ତହିଁ,
ଶ୍ୟାମଳ କେଦାରେ		ନାଚି ନାଚି ଯାଏ
ଶିଖରୁ ଶିଖରେ ଲହରେ ବହି;
ଧୂସର-ନୀଳିମେ		କାଂଥି-ଘନ-ପରି
ସ୍ଥିର ଚକ୍ରବାଳେ ଶିଖରମାଳା;
ଅରୁଣ-ବିଭାସେ		କନକ-ତରଙ୍ଗେ
ହସଇ କେସନ ସାଗରବେଳା ?
କନକ-ଭୂଷଣେ		ଦିଗଂଗନାକୁଳ
ହସନ୍ତି କେସନ ଅନାଇ ଭବେ ?
ନିର୍ଝର-ପ୍ରପାତ		ବନ କୁଂଜ ଗିରି
ଭ୍ରମଇ କେସନ ଅରୁଣ-ନଭେ ?

---

୧୫୭—ଅନୁମାନ କଥା ବଢ଼ାଇ ବହୁତ କୁହାଯାଇ ପାରେ, କିନ୍ତୁ ଅନୁଭବ ବ୍ୟକ୍ତ କରିବା କଠିନ ।

GPNanda Colln., Digitized by srujanika@gmail.com

ଜାଣିଥିବ ତବ ପୁଣ୍ୟ-ପିତାମହ-
ମହତ-ବାନ୍ଧବ ଅନଂଗଭୀମ;
ବୀର-ଗଜପତି- ଦାୟାଦ ସଂପଦେ
ଏବେ ସେ ମହତ ଉତ୍କଳ-ଭୂମେ ।
ମଣୁଥିଲା ଥରେ ପଶିବ ଯବନ
ନୀଳାଚଳ-ନାଥେ ହୋଇ ବିରାଗ;
ହର-ସୁରଧୁନୀ- ପୁଳିନେ ରାଜନ
ପେଶିଲେ ସଂଦେଶ, ଗଲା ସେ ଡ଼ର ।
ବୀର ନରସିଂହ ଯୁବରାଜ ଏବେ,
ପ୍ରତାପେ ପ୍ରଚଣ୍ଡ-ତରଣି-ସମ;
ଧର୍ମର ବଳବେ ବୀରତ୍ୱ-ଗରବେ
ଦୂରୁ ଦେଖି, ଡ଼ରେ ରହେ ଯବନ ।
ଜ୍ଞାନେ ଘେର ତାରେ ବନଯୂ-ସୋହାଗେ
ସାମନ୍ତ-ରାଜନେ ଥାଆନ୍ତି ଭକ୍ତ;
କାମ-କ୍ରୋଧ ଭଳି ତସ୍କର-ନିକର
ଶାମଳ ଉତ୍କଳ ଗଲେ ବରଜ !
ପୁଲିନ-ଶଇଳେ ତରଙ୍ଗ-ସମାନ
ଭାଜଇ ଅରାତି ଲଲାଟ ଚୋଳି;

୧୭୦—୧୭୩ ଖ୍ରୀଷ୍ଟାବ୍ଦରେ ବକ୍ତିଆର ଖିଲଜି ବଙ୍ଗଦେଶ ଜିଣି-ଥିଲେ; ବଙ୍ଗଦେଶର ପରାଜିତ ରଜା ଓଡ଼ିଶା ରାଜାଙ୍କର ଆଶ୍ରୟରେ ରହିଲେ । ବକ୍ତିଆର ଓଡ଼ିଶାକୁ ଆସିବାର ମନେ କରି ସୁଦ୍ଧା ସାହସ କଲେ ନାହିଁ ।

୧୭୩—ନରସିଂହ ଜ୍ଞାନ ବନଯୁଥୀ କାମକ୍ରୋଧହୀନ, ଏବଂ ସାମନ୍ତମାନେ ତାଙ୍କର ମିତ୍ର ଓ ଦସ୍ୟୁମାନେ ଦେଶରୁ ବିତାଡ଼ିତ ।

GPNanda Colln., Digitized by srujanika@gmail.com

ଶାଳ ବନେ ଭୃଙ୍ଗ-  ଉପନ-ସମାନ
ଅହଂକାର-ମଦ ଧରଇ ଉର ।
ସଂଗତ-ସଂଭ୍ରମେ  ଭଜନ୍ତି ପରଜା,
ଶ୍ରୁତ-ସନମାନେ ପଣ୍ଡିତ-କୁଳ;
ବୀରତ୍ୱ-ରସାଣେ  ଫୁଟଇ ଯଉବନ,
ଶ୍ମଶ୍ରୁ ଧାରା ଭେଦ ମୁଖ-ମଣ୍ଡଳ ।
କୀରତି ମହିମା,  ଲକ୍ଷ୍ମୀ ସରସ୍ୱତୀ
କେଶବେ ଯେସନେ, ଭଜନ୍ତି ତାରେ;
ଲକ୍ଷ୍ମୀ ସରସ୍ୱତୀ  ସମାନ ସୋହାଗେ
ସପତଣୀ-ଭାବ ଭୁଲନ୍ତି ବାରେ ।
ସେହି-ରାଜସୁତ-  ସହଚର ମୁହିଁ
ବିଶ୍ୱନାଥ-ନାମ ବ୍ରାହ୍ମଣ-ସୁତ;
ଗୈରିକ ବସନେ  ନୁହେ ମୁଁ ସନ୍ୟାସୀ;
ଦେଶ-ପର୍ଯ୍ୟଟନ କରିଛୁ ବ୍ରତ ।
ଦେଖୁ ଦେଖେ ମୁହିଁ  ବୁଲିଛୁ ବହୁତ,
ଆର୍ଯ୍ୟ-ଭୂମେ ଦେଖି ଯବନ-ଲୀଳା;
ଆଉ କାହିଁ ନାହିଁ;  ଜମ୍ବୁଦେଶ, ପୁଣି
ଅଛି ନୀଳାଚଳ-ଦୈବତ-ବେଳା ।

---

୫୧—ବିଶ୍ୱନାଥ=ଉତ୍କଳ ପଣ୍ଡିତବର 'ସାହିତ୍ୟ ଦର୍ପଣ' ଗ୍ରନ୍ଥର ରଚୟିତା, ତତ୍କାଳୀନ ଜମ୍ବୁ ରାଜାଙ୍କର ପ୍ରସିଦ୍ଧ ସଭା ପଣ୍ଡିତ, ସାନ୍ଧିବିଗ୍ରହିକ ବିଶ୍ୱନାଥ କବିରାଜ ମହାପାତ୍ର ଇତିହାସଜ୍ଞ ଉତ୍କଳବାସିଙ୍କ ନିକଟରେ ସୁପରିଚିତ । ଏ ପ୍ରବାଦର ବିଶ୍ୱନାଥ ବୋଧହୁଏ ସେହି ବିଶ୍ୱନାଥ ।

GPNanda Colln., Digitized by srujanika@gmail.com

ପଡ଼ନାହିଁ ଏହି ଦୁଇ ଜନପଦ
ଇନ୍ଦ୍ର-ସ୍ୱର୍ଗ-ସେବ-ଯବନ-ଝଡ଼େ;
ହ୍ରଦ-ଦୁଇ-ଧାରେ ଗୁରୁ-ଗ୍ରାବ-ଘର
ଡୋଳନ୍ତି ମଙ୍ଗଳ ଝହିକା-ପୂରେ ।"
ଶୁଣୁ ଶୁଣୁ ଏହି ସିତ-ସ୍ମେର-ଭାଷା
ଗମ୍ଭୀର ଦଶିଲେ କୁମାର-ମଣି;
ରଜତ-କାସାରେ ଚଳ-ମେଘ-ଘଣ
ଦଶିଲା ବିଶାଳ ବଦନ-ଠାଣି ।
କଣୀନିକା ଟେକି, କୁଂଚିତ ଲଲାଟେ
ରହିଲେ ଅନାଇ ଅଲକ୍ଷେ କାହିଁ;
ଅର୍ଦ୍ଧ-ଗୁରୁ ତାନେ ନିଶ୍ୱସି ମନ୍ଦନେ,
ଇସାରାର ସ୍ୱର ଦେଲେ ବଜାଇ ।
ଆସି କଞ୍ଚୁଅଳ, ଧରିଲା ତୁରଗ,
ଧରିଲେ କୁମାର ବ୍ରାହ୍ମଣ-କର;
ସଂଖୋଳା-ସୋହାଗେ ଚଳି ଧୀର ପଦେ,
ଅଦୂରେ ଭେଟିଲେ ପୁର-ଦୁଆର ।
ପଶିଲେ ଭିତରେ, ପଡ଼ିଲା କବାଟ,
ବିକଟ ଆରବେ ଧ୍ୱନିଲା ବନ;
ଗଲା ପୁର-ଦ୍ୱାର- ଆଲୋକ-ପ୍ରବାହ
ପ୍ରାବୃଟ-ଗଗନେ ତପନ-ସମ ।

---

GPNanda Colln., Digitized by srujanika@gmail.com

# ଦ୍ୱିତୀୟ ସର୍ଗ

ରାଜ-ପୁରେ ଆଜ ଉତ୍ସବ-ଚଞ୍ଚଳ,
ବାଦନ-ନିନାଦେ କଂପଇ ପୁର;
କଂପଇ ସମୀର, ଥର ଥର ଯାଏ
କେତନ-ଲହରେ ବାଦନ-ସ୍ୱର ।
ଦରୀ-କୁଂଜ ଭେଦ ଉଠେ ପ୍ରତିଧ୍ୱନି,
ଚଳୋର୍ମି-ବିଳାସେ ଖେଳଇ ହ୍ରଦେ;
ଅରୁଣ-ବିଭାସେ କନକିତ ବନ,
ତରଳ ହାଟକେ ପ୍ରପାତ ନାଦେ ।
ସେ ନାଦେ ମିଶଇ ଉତ୍ସବ-ଚଞ୍ଚଳ,
ଗିରି-ତଟିମାରେ ଯାଏ ସେ ଭାସି;
ଧ୍ୱଜ ପୂର୍ଣ୍ଣ-କୁଂଭେ ଶୋଭଇ ନଗରୀ,
ଚନ୍ଦ୍ରଶାଳା ଶୋହେ ଅରୁଣେ ହସି ।
ଚନ୍ଦ୍ରଶାଳେ ଉଠି ରମଣୀ-ନିକର,
ଲୋଳ-ତାରକିତ-ଲପନେ ଝଳି
ଚିକ୍କଣ ଦୁକୂଳ ସମୀରେ ଫୁଲାଇ,
ଅଳିନ୍ଦ-ବିସାରେ ଯାଆନ୍ତି ଗୁଳି ।
ଜାଗରଣ-ଶ୍ରମ ବିଶୋରି ପ୍ରହରୀ,
କନକ ତପନେ ବୁଲଇ ଧୀରେ;



GPNanda Colln., Digitized by srujanika@gmail.com

ମାତଙ୍ଗେ ମାତୁଂଗ ତୁରଙ୍ଗେ ସଇସ
ସରସେ ଚଲାଏ ଅରୁଣ-କରେ ।
ସଇନର ସାଜ ଅରୁଣ-ଚମକେ
ଶୋଭାଯାନ ରଥ, ବୁଲନ୍ତି ସୁଖେ;
ନାଉକେଳ ଘେର, ଚତୁରଙ୍ଗ ସେନା
ବାଦ୍ୟାରନ୍ତି ଶୃଙ୍ଗେ ଦକ୍ଷିଣ-ମୁଖେ ।
ଦ୍ୱିଜ ବିଶ୍ୱନାଥ ଗୃହର ବ୍ୟଜନେ
ଦୂତ-ସନମାନେ ଗୃଲନ୍ତି ଆଗେ;
ପୀତାଂବରୀ ଜଥା କନକ-ଭୂଷଣେ
କାଷାୟ୍ୟ ବସନ ଏଡ଼ ସୋହାଗେ ।
ରଜନୀରେ ଯେବେ କୁମାର ଗହଣେ
ଗଲେ ବିଶ୍ୱନାଥ ସେ ରାଜପୁରେ;
ଚିତ୍ରିତ ପହୁଡ଼େ ଦେଖିଲେ ରାଜନ,
ସୁରଭି ଢଇଳେ ପ୍ରଦୀପ ଜଳେ ।
ଜନକ-ଜୀମୂତ- ମେଦୁର ଲପନେ
ଚଳଦ୍ବୃଷ୍ଟ ଘନ ଯାଇଛୁ ଝାଂପି;
ବିଜୁଳୀ-ରେଖନ ବିଶାଳ ଲଲାଟେ
ସ୍ୱପ୍ନ ଅବସ୍ଥବ ପଡ଼ୁଛୁ ଖସି ।
ଉଠିଲେ ରାଜନ, ସେହୁ ରଜନୀରେ
ଆସିଲେ ମହର୍ଷୀ ହକରା ଲଭି;

---

୧୧୪—ପୀତାମ୍ବରୀ ଜଥା=ହଳଦିଆ ପାଟଯୋଡ଼ ।

GPNanda Colln., Digitized by srujanika@gmail.com

ନରସିଂହେ ଦେମା-    ନିବନ୍ଧ-ବିଧାନେ
ଗଲେ ସେ ସରଦେ ପୁଲକେ ଦ୍ରବ ।
ନୀଳାଚଳ-ଧାମ    ସ୍ୱରଗ ଭୂତଳେ,
ଯବନ-ପରଶ ନାହିଁଟି ତହିଁ;
ବୀର ଗଜପତି    ଦେବ-ସନମାନେ
ଧରମ-ବିଧାନେ ପାଳନ୍ତି ମହୀ ।
ବୀରତ୍ୱ-ବିବେକେ    ମହିତ କୁମାର,
ତସ୍କର-ଦଳନେ ବୁଲନ୍ତି ବନେ;
ଦ୍ୱିଜ ବିଶ୍ୱନାଥ    ପଣ୍ଡିତ-ପ୍ରବର
ଦେଖନ୍ତି କୂମ ରେ ପଣ୍ଡିତ-ମାନେ ।
ନିର୍ବନ୍ଧ-ସଙ୍କେତ    ଯାଉ ନାରିକେଳ,
ସଂମତି ସରବେ ଭରିଲେ ତହିଁ ;
ଦୂର ବୋଲି ସଣୀ    ସଜଳ ନୟନେ
ଅଳପ ମଉନେ ରହିଲେ ଗୃହିଁ ।
ଅଲପେ ବୁଝାଇ    କହିଲେ ରାଜନ,
"ରହିବ କି ଦୁହିତା ଭବନେ ଚିର ?
ଦେଶ-ବ୍ୟବଧାନ    ନ ମଣ ସୁନ୍ଦରି,
ବୀର-ଗରବିଣୀ ଉତ୍କଳ ବୀର ।
ଉଠଇ ସଙ୍ଗୀତ    ଶ୍ୟାମଳ ପ୍ରାନ୍ତରେ,
ଚଳଇ ସମୀରେ ଶିଖରେ-ଚୂଳେ;
ଦୀର୍ଘିକା-ଉରସେ    ଉଠେ ବୀଚି ଫୁଲି,
କମ୍ପି କମ୍ପି ଧାଏଁ ଶଇଳ-କୋଲେ ।
ପୁଞ୍ଜିତ ତାମସେ    ଆବରି ଧରଣୀ,
ହସେ ମହୀରୁହ ତପନେ ସୁଖେ;

GPNanda Colln., Digitized by srujanika@gmail.com

ଗିରି-ଚୂଳ ଗୁଡ଼ ସଂକୋଚେ ଉଠିମା,
ବସ୍ତାରେ ହୃଦସ୍ଥ ସାଗର-ମୁଖେ ।
ଏହିତ ଜଗତେ ନିଧୁର ନିୟମ,
ବଞ୍ଚିବେ ଦୁହିତା ବୀରେନ୍ଦ୍ର-ବର;
ବୀରେନ୍ଦ୍ର-ଜନନୀ, ଲେଉଟକେ ଉରଳ,
ଅଜ୍ଞ ଏ ବଧାନେ ଶୋକ ନ କର ।
ନୀଳାଚଳ-ନାଥ ହୁଅନ୍ତୁ ଗୋ ସାହା,
ଲଭ୍ଭ ନାରିକେଳ ଉତ୍କଳେ ଯଶ;
ଉତ୍କଳ-କୁମାରେ ଭଜୁ କେମା ଭବ,
ସୁରଭି ଯେସନେ ସୁମନ-ହାସ ।
ଭାଗ୍ୟେ ଥିଲେ ଏବା ଘଟିବଟି ଏହା,
ଥିବ ଏ ଯବନ ଉଠିମା-ପାଚେର ।”
ସଂଭାଳି ମହର୍ଷୀ, ଗଦଗଦ ଭାଷେ
ସମଂଭ-ବେଭାରେ କହିଲେ ଧୀରେ;
"ସୁରଟ-ପ୍ରତିମା କେମା ମୋର ଏବେ
କଣ୍ଟାପଣ୍ଡ ହାଣେ, ଶନ୍ତାରେ ଶୁଖି;
କେଉଁ ଗାଇଜରେ ରହିବ ସେ କାହିଁ ?
ରହିବ ମୁଁ ଏଥି ତାରେ ଉପେଖି ।
ଜାଣୁଛ ଦୁହିତା ନୁହେ ଘର-ଧନ,
ନ ରହନ୍ତି ଘରେ କାଲକ ଯାଚ;
ଢେବେହେଁ ପରାଣ ନ ସହେ କପାଇଁ ?
ମରମ-ଦହନେ ଉଠଇ ଶୋକ ।

---

୭୯—ସୁରଟ=ସୁବର୍ଣ ।

GPNanda Colln., Digitized by srujanika@gmail.com

ଭବ-ପାରେ ଯଥା କୃତାନ୍ତ-ନଗର,
ସିନ୍ଧୁ-ପାରେ କାହିଁ ସେ ନୀଳାଚଳ;
କେମନ୍ତେ ରାଜନ ଫେଡ଼ମୁଁ କହିବ,
ଜନନୀ-ହୃଦୟ ଜନନୀ-ବଳ ?"
ସଜଳ ନୟନେ କହିଲେ ମହର୍ଷି,
ଅନାଇଁ ରହିଲେ ପୁରୁଷମଣି;
ପୁରୁଷ ରାଜନ କର୍ତ୍ତବ୍ୟ-ପରୁଷ
ତ୍ରୁଟି ନ ଛୁ[illegible]ଲେ, ରହିଲେ [illegible]ନ ।
ଗରଭେ ଜନନୀ ଧ[illegible] ସନ୍ତାନ,
ହୃଦୟ-ଶୋଣିତେ ବଢ଼ାଏ ତାରେ;
କେତେ ଅଳି ଝଳି ଚନ୍ଦନ-ସୋହାଗେ
ଆବେଗ-ଭୂଷିତ-ପରାଣେ ବୋଲେ ।
ଜୀବନ-ଜାଗରେ ଗୁହିଁଥାଏ ଶିଶୁ,
ଆରକ୍ତ-ଆତଙ୍କ-ପରାଗ-ସୁଖେ;
ପରାଣ ବସୋଇ, ଦେଖଇ ପରାଣ,
ପରାଣ-ମୁକୁର-ସନ୍ତତ-ମୁଖେ ।
ସନ୍ତତ-ବିଷାଦେ ବିଦରେ ହୃଦୟ;
ଶୋକେ ପଡ଼େ ହୃଦେ ଶଇଳ-ଲେଖା;
ସନ୍ତତର ଶୁଭ ସ୍ମରଣେ ଉଠଇ,
ଜୀବନ୍ତ-ଦୀପରେ ଅନନ୍ତ ସୁଖ ।

---

୪୩—ସିନ୍ଧୁ=ସିନ୍ଧୁନଦୀ । ଏଠାରେ ବୋଧହୁଏ ସିନ୍ଧୁର କୌଣସି କୌଣସି ଉପନଦୀକୁ ଲକ୍ଷ୍ୟ କରାଯାଇଅଛି ।

GPNanda Colln., Digitized by srujanika@gmail.com

ସନ୍ତାନ ଜୀବନ, ସନ୍ତାନହିଁ ଧନ,
ସନ୍ତାନ ରମଣୀ-ପରମ-ତପ;
ସନ୍ତତି-କୋଳରେ ସ୍ନେହ-ପାରାବାରେ
ଜଳଇ ଜଗତେ ଜୀବନ-ଦୀପ ।
ମମତା ଫୁଟଇ ଜନନୀ-ହୃଦୟେ,
ଅନନ୍ତ-ରସାରେ ଭରଇ ଧରା;
ସେହି ସ୍ନେହ ଝର ପଡ଼େ ପୟୋଧର;
ଫୁଟଇ ଗଗନେ ତପନ ତାରା ।
ସେହି ସ୍ନେହେ ଝଳ, ଅନନ୍ତ ଭୁବନ
ବହଇ ଅନନ୍ତ ପୀରତି-ଧାରେ,
ଅନନ୍ତ-ସଙ୍ଗୀତେ ବାଜି ଉଠେ ବିଶ୍ୱ,
ଭାସଇ ଭୁବନ ସେ ଗୀତି-ପୂରେ ।
ବିଶ୍ୱରନ୍ଧ୍ରେ ରନ୍ଧ୍ରେ ଫୁଟଇ କବିତା
ସେ-ଜନନୀ-ତୁଙ୍ଗ-ପୀରତି-ଭରା;
ସେହି ସେ ପୀରତି ଫୁଟଇ ସୁମନେ,
ମାଧବ-ସୋହାଗେ ଭସାଏ ଧରା ।
ସେହି ପୀରତିର ଅଙ୍କୁର-ବିକାଶେ
ଦମ୍ପତି-ପରାଣେ ସରାଗ ଝରେ;
ପ୍ରାଣପଣେ ଭଜେ ରମଣୀ ଦୟିତ,
ସତୀ ପ୍ରାଣ ଦେଇ ଭଜଇ ଯାରେ ।
ସେହି ସେ ପୀରତି ବିକଟ ଯବନେ
ଦୁରନ୍ତ-ଲାଲସା-ଦହନେ ଜଳ,
ଆଶୀବିଷ ପିଇ ଗୋରସ, କିବା ସେ
ଛୁଏଁ ତୀବ୍ରବିଷେ କମଳ-କଳ !

୬୪—ଆଶୀବିଷ=ବିଷଧର ସର୍ପ । ଗୋରସ=ଦୁଗ୍ଧ ।

GPNanda Colln., Digitized by srujanika@gmail.com

ସେହୁ ସେ କମଳ-          କଳିକା ସୁନ୍ଦରୀ
ଟୋପାଡ଼ଇ ମରମେ ଯବନ-ହୃଦେ; ୬୫
ଅସି-ମୁନେ କାହିଁ          ପ୍ରଣୟର ବିଧି ?
ଡ଼ରବ କି ନାରୀ ଦୁଂଦୁଭି-ଛାନେ ?
ଲାଲସାର ଶର          ସୁମର, ଶୁଖଇ
ଜମ୍ବୁଦେଶ-କେମା ରମଣୀ-ମଣି;
ବସିଥାଏ ସଦା          ବିରସ ବଦନେ,
ବିଷମ-ଲଲାଟ-ଲେଖନ ଗଣି ।
ଅଯତନେ ଖସେ          କବରୀ-ପ୍ରକର,
ବସନ-ଭୂଷଣେ ନାହିଁ ସଂଭାର;
ଅଲକ୍ଷ୍ୟେ ନୀରସ          ସ୍ମିତ ଲେଖା ଫୁଟେ;
ରୁକ୍ଷ ଶଇଳେ କି କଠିମା-ଗାର ! ୭୦
ବର୍ତ୍ତୁଳ କପୋଳ          ଯାଇଛି ମଉଳି,
କପାଳେ ନୀରସ-ନୀଳିମ-ଲେଖା;
ମୋହନ ଅପାଙ୍ଗେ          ଚଳନ-ଚତୁରୀ
ତହ୍ନସେ କେବଳ ଦଅଇ ଦେଖା ।
ଏକଲୟେ କେବେ          ଥାଏ ଶୂନ୍ୟେ ଚାହିଁ,
ଡାକିଲେ ନ ଶୁଣେ ଘଡ଼ଏ ଯାଏ ।
ଗୁରୁଶ୍ୱାସେ ତହୁଁ          ନୟନ ବୁଲଇ,
ନର୍ମମ-ଜୀବନ୍ତ-ଜ୍ୱଳନେ ଚାହେଁ ।
ସେହୁ ସେ ନର୍ମେ          ସହଚରୀ-ଜନେ
ଆବେଗ ଫିଟାଇ କହଇ କେବେ; ୭୫

୭୦—କଠିମା=ଖଡ଼

GPNanda Colln., Digitized by srujanika@gmail.com

ଶୀତେ ପରବତ ଫଟାଇ ତୁହିନେ,
ଚୁଙ୍ଗ ବାଉ ସେ କି ଅଳପେ ସ୍ରବେ !
"କି ବିଷମ ସନ୍ଧି ଲଲାଟ ଲେଖନ,
କି କରମ ଘେନି ଜନମ ମୋର ?
ଦୁହିତା ସମ୍ଭାଳି ଏ କନକ-ଧରା,
ଏ ଭୈରବ ପୁରୀ, କି ନାଉଖାଉ ?
ଆତ୍ମଘାତ-ପାପ ଭଜନ୍ତୁ ମୁଁ ହେଲେ,
ଏଡ଼ିବାରେ ଏଥି ଯବନ-ଦ୍ୱନ୍ଦ୍ୱ;
ଜୀବନ ବରଜି ଯାଆନ୍ତି ମୁଁ ସୁଖେ,
ଭୁଲଇ ଜନକ-ଜନନୀ-ଖେଦ ।
କେତେ ବୀରବର ପଡ଼ନ୍ତି ଗୋପନେ,
ତାମସେ ଯବନ ସମ୍ଭାଳି ବନେ;
ଅକାଳେ ମରଣେ ଦରଣି-ସୋହାଗେ
ଭଜନ୍ତି, ଅରପି ଜୀବନ-ଧନେ ।
ମୋ କରମେ ଜଳେ କି ଦୀପ ସଜନି ?
କେତେ ସେ ପତଙ୍ଗ ପଡ଼ନ୍ତି ତହିଁ;

---

୨୬—ପାଣି ବରଫ ହେଲେ ତାହାର ପରିମାଣ ବଢ଼ିଯାଏ । ହିମାଳୟ ପ୍ରଦେଶରେ ପଥର ଭିତରେ ଅବରୁଦ୍ଧ ହୋଇ ଯେଉଁ ପାଣିଥାଏ, ସେ ଶୀତରେ ବରଫ ହୋଇ ଗଲାବେଳେ ପଥର ଫାଟିଯାଏ ଏବଂ ସେହି ଫାଟି ଯିବାରେ ଯେଉଁ ଉତ୍ତାପ ଜାତହୁଏ ସେଥିରେ କେତେକ ବରଫ ତରଳି ପାଣି ହୋଇ ଗଳି ପଡ଼େ ।

GPNanda Colln., Digitized by srujanika@gmail.com

କେତେ ମହା-ପ୍ରାଣ . ସେ ଜ୍ୱଳନ-ବକ୍ଷେ
ପଡ଼ନ୍ତି ଅଲକ୍ଷେ ଆଦର ମଣ୍ଡି ।
ଲମ୍ଫଇ ଦଅନ୍ତେ ଥରେ ସେ ପତଙ୍ଗେ
ଯେବେ ଏ ଜୀବନ-ପ୍ରଦୀପ-ଶିଖା;
ସୋହାଗ-ସଂପଦେ ରହନ୍ତା ମେଦନୀ,
ସେ ବଭବ କାହିଁ ଏ ଭାଲେ ଲେଖା ?
ପରବତ-ଚୂଳ ସହଇ ଝଂଟିକା,
ଦରୀମୁଖେ ଉଠେ ତଟିନୀ ଫୁଲି;
ସେହି ନଦୀ ପୁଣି ଶିଶୁ ପରବତେ
ସେହି ସେ ସଲିଳେ ଦଅଇ ଚୁରି ।
ଏହି କି ଜଗତେ ରମଣୀ-ଧରମ ?
ଜନମଇ ଯହିଁ, ସାଧଇ ତାରେ ।
ନ ଭୋଗୁଛନ୍ତି କେତେ ଏ ସାରା ମୁଲକ ?
ଦୁହିତା ମୁଁ ଏଥି ରହିଛି ଭଲେ ।
ସୁଖ ଲାଗି ମୋର ଜନକ ଆପଣେ,
ଏ ରାଇଜ-ଜନେ ସହନ୍ତି କେତେ ?
କି ସୁଖ ପଜନ ଏ ପୋଡ଼ା ଜୀବନେ ?
ଏହା କି ଥିଲା ମୋ କପାଳେ ସତେ !"
ସେହିତ କପାଳ ଜେମାଦଣି ଧରେ,
କି ସୋହାଗେ ଆଜ୍ଞା ଦମ୍ଭଇ ଝଳ ?

---

୮୪—କେତେକ ପତଙ୍ଗ ପୋଡଗଲାବେଳେ ବଷାକ୍ତ ବାଷ୍ପ ନର୍ଗତ ହୁଏ । ଜୁକୁଜୁଲା ପୋକ କଥା ସମସ୍ତେ ଜାଣନ୍ତି ।

GPNanda Colln., Digitized by srujanika@gmail.com

ରକ୍ତିମ-କପୋଳେ ଚମ୍ପକ-ଚିବୁକେ
ନୟନ-ତାରକା ଫୁଟିଲା ଜଳି ।
ବିମଳ ଲପନେ ଦରହାସ ହସି,
ସହଚରୀ-ଜନେ ଭାଷଇ ଗିର ;
"ପଲଙ୍କୁ ପଡ଼ିଲି, ଉପଗ୍ରୁର କଥା ?
ସେ ପତନ ଆଉ ହେବ କି ମୋର ?
କେମନେ ସେ କଥା କହିବି ସଜନି ?
ନାରୀ-କଣ୍ଠେ ମୋର କାହିଁ ସେ ଭାଷ ?
ଦେଖିଲି କେଉଁନେ ଜ୍ୟୋତି-ପରିସରେ
ସ୍ୱପନେ ମୂରତି-ତପନ-ହାସ ?
ସ୍ୱପନେ ଆସି ସେ ଶ୍ରୀକରେ ମୋ କର
ଧରିଲେ, ଗଲି ମୁଁ ପୁଲକେ ଥରି;
କହିଲେ, 'ସୁନ୍ଦରି ତପସ କପାଇଁ
ଦୁରନ୍ତ ଯବନ କି ପାରେ କରି ?'
ଉଛୁଳି ପୁଲକ, ଭାସିଲା ଶରୀର,
ଥରି ଗଲା କର ପଲ୍ଲବ-ସୁଖେ ।
'ଦେଖ ଦେଖ, ଦୂରେ ନୀଳ-ଗିରି-ଶିଖ,
ରହିବ ଆସ ସେ ଶିଖରି-ଶିଖେ ।
ସେ ତୁଙ୍ଗ ମଧ୍ୟମେ ଲାଲସୀ ଯବନ
କି କରିବ ତବ ଦେବତ୍ୱ-ଯଶେ ?'
ମୃଦ ହୋଇଗଲା ସଜଳ ନୟନ
ପୁଲକ-ବିସ୍ମୟ-ଭାବ-ସାଧ୍ୱସେ ।
କେଉଁ ଦେଶେ ତହୁଁ କି ପୁଣ୍ୟ ରାଇଜେ
କେମନ୍ତେ ନ ଜାଣେ ଉଠିଲି ମୁହିଁ;

GPNanda Colln., Digitized by srujanika@gmail.com

ଏହି ହିମାଚଳ-　　　ଭୁବନ-ତଳେ
　　ଗଲା ମୋର ସ୍ମୃତି-ସରଣୀ ବହି ।
ଶିଖରୁ ଶିଖରେ　　　ମଣ୍ଡି ଗିରି-ମାଳେ
　　ହିମ-କୁଣ୍ଡ ଭେଦି, ଉଠିଲି ସୁଖେ;
ଉଠି ଆତଂକରେ　　　ହିମାଦ୍ରି-ଲଲାଟେ,
　　ଚାହିଁଲି ସରସେ ତପନ-ମୁଖେ ।
ତପନର କରେ　　　ଉଠିଲି କେସନେ
　　ସୁନୀଳ ଗଗନେ ତାରକା-ଘର;
ଏବେ ବି ସେକଥା　　　ଆସିଲେ ସ୍ମରଣେ
　　ପୁଲକେ ପରାଣ ଯାଉଛି ଟଳି ।
ତାରାପରି ମୁହିଁ　　　ବୁଲି ବୁଲି ନଭେ
　　ଆନ ତାରକାରେ ମିଶିଲି ଯାଇ;
କି ମହା ବିକାଶେ　　　ମହିମା-ବିସ୍ତାରେ
　　ତପନ-ବିଭବେ ରହିଲି ଚାହିଁ ।
ଚାହିଁଲି ଭୂତଳେ,　　　ଝଟିକାର ମେଘ
　　ଗିରି ବନମାଳା କରଇ ଜୁର;
ପ୍ରଭଞ୍ଜନ-ଖେଳେ　　　ଶଇଳ, ସାଗର
　　ପୁଲକେ ଉଠଇ ତରଙ୍ଗ-ଶିର ।
ସେହି ସେ ସାଗର　　　ଚାହିଁ ବ୍ୟାପିଗଲା,
　　ବୁଡ଼ାଇ ପ୍ରଦେଶ ବିପିନ ଗିରି;
ଶୁଣିଥିଲି ଯଥା　　　ମହା ପାରାବାର,
　　ତେସନେ ବିଭବେ ଭୂତଳ-ଶିର ।

---

୧୧୬—କାଶ୍ମୀର କେମା ସମୁଦ୍ର ଦେଖି ନ ଥିଲେ ।

GPNanda Colln., Digitized by srujanika@gmail.com

କି ହେଲା, କି ହେଲା ! ମଣିଲି ଚମକେ,
ଚାହିଁଲି ପୁଣି ସେ ତପନ-ହାସେ;
ଛୁଟିଲା ତପନ, ଛୁଟିଲି ମୁଁ ନଭେ,
ପଡ଼ିଗଲି ପରିବାର-ଉରସେ ।"
ଶୁଣିଲେ ସପନ ଅଲକ୍ଷ୍ୟେ ଜନନୀ,
ଧୀରପଦେ ତହୁଁ ପଶିଲେ ପୁରେ;
ପାଶେ ବସି, ଧୀରେ ନିବନ୍ଧ-ବିଧାନ
କହି ଆରମ୍ଭିଲେ ବହଳ ସ୍ୱରେ ।
ବାଷ୍ପ-ଗଦ୍ ଗଦେ କହିଲେ ଜନନୀ,
କହିଲେ ବାହୁନି କାତରେ କେତେ;
ନ କହିଲେ ଜେମା ପଦେହେଁ ଉତ୍ତର,
ଶୁଣିଲେ ଚମକି ଚମକି ଭାବେ ।
ବିକାଶିଲା କେବେ ରକ୍ତିମା କପୋଳେ,
କଣୀନିକା କେବେ ଦିଶିଲା ଲୋରି;
ସରାଗେ ସରମେ ଆବରି ବଦନ
ତଳପ-ପ୍ରସରେ ପଡ଼ିଲେ ବାଳା ।
ବରଜିଲେ ରାଣୀ, ଆସି ରାଜପୁରେ,
ବିହ୍ୱଳେ କହିଲେ ସପନ କଥା;
ବିଶ୍ୱନାଥ ଶୁଣି, କହିଲେ ସରସେ,
"ଶୁଭ ଏ ସ୍ୱପନ, ଛାଡ଼ ଗୋ ବ୍ୟଥା ।
ଆସିଥିଲି ମୁହିଁ, କହୁଛି ଫିଟାଇ,
ନୀଳାଚଳ-ନାଥ-ଆଦେଶ ନେଇ;
ଶୁଭିଲା ଆଦେଶ, 'ଯାଅ ବିଶ୍ୱନାଥ,
ଉତ୍ତରୁ ଉତ୍ତରେ ଭେଦ ଅବନୀ ।

GPNanda Colln., Digitized by srujanika@gmail.com

ଦେଖିବ ତପନ—   ଭୁବନ-ବକ୍ଷସେ
ହିମାଚଳ-ଦେହେ କନକ-ଧ୍ୱଜ;
ସେହି ରାଜକରେ   ଅଛନ୍ତି ଦୁହିତା,
ବୀର-ନରସିଂହ-ତପନ-ତାରା ।'
ନରସିଂହ ପୁଣି   ତପନ-ବଇବ,
ମହତ-ଅନଂଗ-ନୃପତି-ସୁତ;
ପାଇଛନ୍ତି ସେଏ,   ପାଟରାଣୀ-ରୂପେ
ବହୁକାଳ ପାଳି ତପନ-ବ୍ରତ ।
ତାରକା ତପନେ   ମିଶିବ ସ୍ୱଜନ,
ନ କର ଭାବନା ଏଥିକୁ ତଳେ ।"
ଏ ବଗୁର-ଫଳେ   ଶୁଭ କାଳ ବୁଝି,
ବାହାରିଲେ ଦ୍ୱିଜ ଶ୍ରୀଫଳ-ରୂପେ ।
ଶିଖରୁ ଶିଖରେ   ସଙ୍କୁଚିତ ପଥେ
ପାର ହେଲେ କେତେ ଗିରି-ସଙ୍କଟ;
ପ୍ରାନ୍ତରେ ପ୍ରାନ୍ତରେ   ଉପଲ-ପ୍ରସାରେ
ଭେଟିଲେ କେତେ ସେ ତଟିନୀ-ତଟ ।
କ୍ରମ-ଜନ୍ମ-ଭୂମି—   ପ୍ରସାରେ ପ୍ରସାରେ
ଖସିଲେ, ବରଜି ହିମାଦ୍ରି-ଧ୍ୱଜ;
ପଞ୍ଚନଦ-କୂଳେ   ଦେଖିଲେ ଆସି ସେ
ଶ୍ୟାମ-ପଲ୍ଲବର ସମ୍ପଦ-ଭର ।
ପାର ହେଲେ ଯହିଁ   ସିକନ୍ଦର-ସେନା,
ଭେଟିବେ ବୋଲି ସେ ପୁରୁ-ରାଜନେ;

---

୧୩୪—ଖ୍ରୀଷ୍ଟ ପୂର୍ବ ୩୨୭ ଖ୍ରୀଷ୍ଟାବ୍ଦରେ ବିତସ୍ତା କୂଳରେ ଯେଉଁଠାରେ ଆଲେକଜାଣ୍ଡର ପୁରୁରାଜାଙ୍କୁ ଭେଟିଥିଲେ, ବର୍ତ୍ତମାନ ବିତସ୍ତା ସେ ସ୍ଥାନରୁ ବହୁ ଦୂର ଘୁଞ୍ଚି ଆସିଅଛି ।

GPNanda Colln., Digitized by srujanika@gmail.com

ଦେଖିଲେ ସତେ କି ସଂକୋଚେ ଉଠିମା
ଫେରିଯାଉଛୁ ଧାରା ବିକଳ ମନେ !
ବ୍ରହ୍ମାବର୍ତ୍ତ ଯହିଁ, ଋଷିକଣ୍ଠ ଭେଦ
ଉଠି ବ୍ରହ୍ମ-ଗୀତ, ମୋହିଲା ଭବ;
ହିନ୍ଦୁ-ରକ୍ତ-ସ୍ନାତ— ମ୍ଳେଚ୍ଛତ-ଭଟନ୍ଦା
ହିନ୍ଦୁ-ଗଉରବ-ବାରୁଣୀନଭ ।
ବିଶାଳ ବିଷାଦେ ପଞ୍ଚନଦ-ଭୂମେ
ସ୍ମରଣ-ପଲକେ କେତେ ସେ ଦଶେ !
ତୀର୍ଥ-ଗଉରବେ ଦେଖୁଥିଲେ ଋଦ୍ଧ,
କାହିଁ ବା ଭୁଲି ସେ ସ୍ମରଣ-ରସେ ।
ତରେଣ୍ଡା-ଉଲ୍ଲାସ ଭଙ୍ଗିଲା ପଲକେ
ଥାନେଶ୍ୱର-ପୁର-ଉପର-ଲୀଳା;
ଶୁକ୍ଳ-ମୁଣ୍ଡ-ମାଳେ ହସୁଥିଲା ଯହିଁ
ପୃଥୁରାଜ-ପୃଥୁ-କୀରତ-ଜଳା ।
ଯବନେ ବିଶ୍ୱସି, ପ୍ରଚଣ୍ଡ ବିପାକେ
ପଡ଼ିଥିଲେ ପୃଥୁ ସେ ଦର୍ଲି-ପତ ।

---

୧୪୧-ଭଟନ୍ଦା—ଏହିଠାରେ ଗଜନୀର ମହାମୁଦ ସିନ୍ଧୁଦେଶ ରାଜା ଆନନ୍ଦ-ପାଳଙ୍କ ଛତ୍ରତଳେ ଏକତ୍ରିତ ବିଶାଳ ହିନ୍ଦୁ ବାହିନୀ ୧୦୦୬ ଖ୍ରୀଷ୍ଟାବ୍ଦରେ ବିଧ୍ୱସ୍ତ କରିଥିଲେ ।

୧୪୫-୪୬—୧୧୯୧ ଖ୍ରୀଷ୍ଟାବ୍ଦରେ ମହମଦ ଘୋରୀ ହିନ୍ଦୁରାଜା ଜୟଚନ୍ଦ୍ରଙ୍କ ଆହ୍ୱାନ ମତେ ଭାରତ ଆକ୍ରମଣ କରି ତରେଣ୍ଡାଠାରେ ଭୀଷଣ ଭାବରେ ପରାସ୍ତ ହୋଇଥିଲେ । ପୁଣି ୧୧୯୩ ଖ୍ରୀଷ୍ଟାବ୍ଦରେ ସେ ଭାରତ ଆକ୍ରମଣ କଲେ । ଥାନେଶ୍ୱରଠାରେ ପୃଥ୍ୱୀରାଜ ( ପୃଥୁରାଜ ) ତାଙ୍କୁ ଭେଟିଲେ । ହିନ୍ଦୁ ସେନାଙ୍କୁ ସେ ପାରିବେ ନାହିଁ ଜାଣିପାରି ଉଦାର ପୃଥ୍ୱୀରାଜ

GPNanda Colln., Digitized by srujanika@gmail.com

ଇନ୍ଦ୍ରପ୍ରସ୍ଥେ ପୁଣି　　　ଦେଖିଲେ ସେ ତୁଙ୍ଗ
　　ଦୁରନ୍ତ-ଯବନ-ମ୍ଳେଚ୍ଛ-ଛତ୍ର ।
ରୁଢ଼ ରାଜସ୍ଥାନେ　　　ପଶିଲେ ଅଳପ,
　　ମରୁ-ପରଶରେ ପାଷାଣ ଭେଦ;
ଠାବେ ଠାବେ ଲଭି　　　ସନମାନେ କେତେ,
　　ଦେଖି ଦୁନ୍ଦୁର ସେ ଭାରତ-ବେଦୀ ।
ରାଇଜେ ରାଇଜେ　　　ରାଜପୁତ ରାଜ,
　　ଭଜି ସେ ନିଜନ ଯବନ ବଳେ;
ସତୀ-ଶତାନନେ　　　ତୋଳି ସିଂହାସନ,
　　ବରଷେ ଥିଲେ ସେ ଯବନ-ଛଳେ ।
ଦେଖିଲେ ସରବେ　　　ଯବନ-ସାମନ୍ତ,
　　ନାହାନ୍ତି ଯବନ ସେ ଭୂମେ ରହି;
ଏହି ଗଡ଼ଜାତେ　　　ଯେସନେ ସାମନ୍ତେ
　　ଏବେ ହେ ଅଛନ୍ତି, ଆଦରି ମହୀ ।
ନିରସ ବେଶରେ　　　ସୁମରି ଅତୀତ,
　　କରନ୍ତି ଏହୁ ପଣ୍ଡିତ-ସଭା;

---

ତାଙ୍କୁ ଯୁଦ୍ଧ ନ କରି ଘରକୁ ଫେରିଯିବାକୁ ଉପଦେଶ ଦେଲେ । ମହମଦ ଘୋରୀ ହିନ୍ଦୁଙ୍କଠାରୁ ଅନୁମତି ଆସିଲେ ଫେରିଯିବେ ବୋଲି କହି ଭାଇଙ୍କଠାରୁ ଛଦ୍ମଦୂତ ପଠାଇଲେ । ମାତ୍ର ରାତିରେ ଅତର୍କିତ ଭାବରେ ପୃଥ୍ୱୀରାଜଙ୍କ ଶିବିର ଆକ୍ରମଣ କରି ପୃଥ୍ୱୀରାଜଙ୍କୁ ହଟାଇଲେ । ଫଳରେ ବିଶାଳ ହିନ୍ଦୁସେନା ଛତ୍ରଭଙ୍ଗ ଦେଲେ ।

୨୪୮—ଇନ୍ଦ୍ରପ୍ରସ୍ଥ=ଦିଲ୍ଲୀ ।

୨୪୯—ରୁଢ଼=ମରୁ ପର୍ବତ ମଧ୍ୟ ।

GPNanda Colln., Digitized by srujanika@gmail.com

ଅଭିଷେକ-ଛଳେ ବସି ସିଂହାସନେ,
ମୁକୁଟ-ଗରବେ ବାନ୍ଧନ୍ତି ଗଣ୍ଠି ।
ଦଣ୍ଡନ୍ତି କୁଶଳେ ସାଧୁଜନେ କେବେ
ଅତୀତ-ସ୍ମରଣ-ଦଣ୍ଡ-ବିଧାନେ;
ରାଜାଙ୍କ ପ୍ରଚୁର, ବସାନ୍ତି ମାଗଣେ,
କିଣିବାକୁ କେବେ ବାହାନ-ଯାନେ ।
ବଖାଣି କହିବା କିସ ପ୍ରୟୋଜନ ?
କିଏସେ ନ ଜାଣେ ଏ ଦେଶ ଭିତର ?
ନ କହେ ବିଦେଶୀ ଧନ-ଲୋଭ-ଆଶେ,
ଏ ଦେଶେ ତିରଛେ ଥାଆନ୍ତି ଡର ।
ଏତେ କଣ୍ଟକଣା ନ ଥିଲା ସେ କାଳେ,
ନାମକୁ ଥିଲେ ସେ ସାମନ୍ତ ବୋଲି;
ଆର୍ଯ୍ୟ-ଗଉରବ ଛାଡ଼ି ସେ ନ ଥିଲେ,
ଶାସ୍ତ୍ରର ସଂଯମ ନ ଥିଲେ ଭୁଲି ।
ଶ୍ରୀଫଳ-ସଂଭାର ଦେଖି, ବିଷ୍ଣୁନାଥେ
ପରଂପରା-ବିଧି ବହିଲେ ସୁଖେ;
ତରୁଣୀ-ତସ୍କର- ଯାବନ-କରମ
ଶୁଣି, ସଢ଼ଗଲେ ସରମ-ଦୁଖେ ।
ଚମ୍ବଲ-ତଟିନୀ ବରଜି, ଦେଖିଲେ
ଘନ-ତାମସିତ ବିପିନ-ମାଳ;

---

୧୬୫—ଚମ୍ବଲନଦୀ ରାଜପୁତାନାର ସୀମା ।

GPNanda Colln., Digitized by srujanika@gmail.com

ଭେଟିଲେ ସଳଖେ          ଭ୍ରୂକୁଟୀ-କରାଳ
ତୁଙ୍ଗ ଗିରି-ଦୁର୍ଗ ଗୁଆଲିଅର ।
ପବିତ୍ର-ସଲିଳା-          ବେତ୍ରବତୀ-କୂଳେ
ତୀର୍ଥ-ସନମାନେ ରହିଲେ ଧନେ;
ପୌରାଣ କୌଶାଂବି-          କଣ୍ଟକ ଭେଦିଲେ
କମ୍ର-ଗିରିନଦୀ-ଝର୍ଝର-ଛାନେ ।
ନ ଛାଡ଼ିଲେ ସେହୁ          ପ୍ରୟାଗ-ପୂଜନେ,
ଯବନ-ବିପ୍ଳବ ସୁମରି ପଥେ;
ଧଗ ମାପି ଦେଖି,          ଅସିଲେ ସଳଖି,
ସ୍ମରି ବିଶ୍ୱନାଥ ନୀଳାଦ୍ରି-ନାଥେ । ୧୭୦
କାଳିଂଜର-ନାଥେ          ଭେଟିଲା ଶ୍ରୀଫଳ,
କି କରିବେ ସେହୁ ସଂବଳ-ହୀନ ?
ବାରମ୍ବାର ଭାଙ୍ଗି          ଯାଇଥିଲା ପୁରୀ,
ଜନପଦ ଜାଳିଥିଲା ଯବନ ।

---

୧୬୬—ଗୁଆଲିଅରର ବନମଧ୍ୟସ୍ଥ ଭୀଷଣ ଗିରିଦୁର୍ଗ ଇତିହାସପ୍ରସିଦ୍ଧ । ବହୁକାଳ ମୋଗଲମାନଙ୍କର ଏହା ରାଜକୁଳର ବ୍ୟକ୍ତି, ବିଶେଷତଃ ରାଜଭ୍ରାତାମାନଙ୍କର କାରାଗାର ରୂପେ ବ୍ୟବହୃତ ହେଉଥିଲା ।

୧୬୭—ବେତ୍ରବତୀ=ଯମୁନାର ଉପନଦୀ । ଏହା ଗୋଟିଏ ପ୍ରଧାନ ହିନ୍ଦୁ ତୀର୍ଥ ।

୧୬୮—କୌଶାଂବି=ଅତି ପ୍ରାଚୀନ କୌଶାଂବି ରାଜ୍ୟର ରାଜଧାନୀ କୌଶାଂବି ନଗର ବର୍ତ୍ତମାନ ଆଲ୍ଲାହାବାଦର ଅଳ୍ପଦୂରରେ ଅବସ୍ଥିତ ଥିଲା ।

୧୬୯—୧୦୦୭ଠାରୁ ୧୦୨୦ ମଧ୍ୟରେ ଗଜନୀର ମହାମୁଦ ୩ଥର କାଳିଞ୍ଜର ଦୁର୍ଗକୁ ଧ୍ୱଂସ କରିଥିଲେ । ଏହାପରେ ମଧ୍ୟ ଏ ଦୁର୍ଗ ବହୁ ମୁସଲମାନ ଉତ୍ପାତ ସହିଥିଲା ।

GPNanda Colln., Digitized by srujanika@gmail.com

ଚରଣ-ବେଦୀରେ ଭେଟିଲେ ଶ୍ରୀଫଳ,
କଲେ ପାଦ-ପୂଜା ସେ ବଶ୍ୱନାଥେ;
ମହାମୃଦଠାରୁ ଆରମ୍ଭି କହିଲେ
ଯବନ-କୁକର୍ମ ଘଟିଛି ଯେତେ ।
ସଲଖି ଦେଲେ ସେ ଦଶାର୍ଣ୍ଣ-ବିପିନେ,
ପାଟଛାଟି ଦେବାକୁ ନାହାନ୍ତି ବଳ;
ଆପଣେ କୁମାର ମିନତି ଆଚରି,
ଅଶ୍ୱ-ଅବଲମ୍ବେ ଛାଡ଼ିଲେ ପୁର ।
ପୁରଣ ବଶାଳ ଦଣ୍ଡକ-ସୁମରି,
ବନ-ଗିରି-ମାଳ ଆସିଲେ ଭେଦି;
ଫକଟେ ଫକଟେ କଳା ତୁରଙ୍ଗମେ
ଦେଖିଲେ ସରଣୀ ଦେଖାଏ ସାଦୀ ।
ଚଢ଼ି ତହିଁ ଦ୍ୱିଜ ନୀଳାଚଳ-ନାଥେ,
ଭକତ-ସରସେ ଗୁଳିଲେ ଥାଟ;
ପୁରୁଣ ସେ ମହା- କୋଶଳ ଦକ୍ଷିଣେ
ବିରଜ, ସଳଖେ କାଟିଲେ ବାଟ ।
ଗିରି-ଦୁର୍ଗ-ମାଳା କେତେ ସେ ଭେଟିଲେ,
କେତେ ଦସ୍ୟୁ-ପୁର ଏଡ଼ିଲେ ପଥେ;
ଦଶାର୍ଣ୍ଣ-କଣ୍ଟକେ ସଭ୍ରଜନ ଲଭି,
ପ୍ରଣମିଲେ ହୃଦେ ନୀଳାଦ୍ରି-ନାଥେ ।
ଶ୍ୟାମଳ-ଉଜ୍ଜଳ- ଜୈନ-ଗିରି-ମାଳା
ଦେଖିଲେ, ପରାଣେ ପୁଲକ ବହି ;

୧୮୦—ମହା କୋଶଳ=ବର୍ତ୍ତମାନ ମଧ୍ୟ ପ୍ରଦେଶର ଦକ୍ଷିଣ ପଶ୍ଚିମ ଅଂଶ ।

GPNanda Colln., Digitized by srujanika@gmail.com

ସୋହାଗେ ସାମନ୍ତ-　　ଗଜନେ ଭେଟିଲେ;
　　ଗଲେ ଗିରି-ଦୁର୍ଗେ ସେ ରହୁ ରହୁ ।
ସମ୍ବଲ-ଈଶ୍ୱରୀ-　　ବିପିନେ ଘଉଣି
　　କଲେ ଜମ୍ବୁ-ସେନା ଶାନ୍ତ-ବିଭବେ;
ଦେଖିଲେ, ଉତ୍କଳ-　　କମଳା ବହଇ
　　ଛନ୍ଦୋପୂଲା-ଧାରେ ରଜତ-ଦ୍ରବେ ।
ଶଇଳ ତଳପେ　　ମେଦୁର ପ୍ରଧାତେ
　　ପଡ଼ଇ ବିମଳ ତଟିନୀ ଝର;
ଜମ୍ବୁ-ଦେଶ ବନି　　ବିଶାଳ ସୋହାଗ
　　ହୀରଖଣ୍ଡେ ଉଠେ ଲବଣ୍ୟ ଭରି ।
ଶିଖରେ ଶିଖରେ　　ଗଜପତି-ଧ୍ୱଜ
　　ତୁଙ୍ଗ-ଶାଳ-ଚୂଳେ ବିପିନମାଳ;
ତଟିନୀ-ଜୀବନେ　　ଆଦରେ ଅନାଇ
　　ଶ୍ୟାମଳ ପ୍ରପାରେ ଦଶଇ ବଲ ।
ପ୍ରସାରେ ଦୂସାରେ　　ବିମଳ ଝରଣା
　　ମହାନଦୀ-ହୃଦେ ପଡ଼ଇ ଝରି;
ତୁଙ୍ଗ ଗିରି ଶୋହେ　　ଶ୍ୟାମଳ ଲଲାଟେ,
　　ଦୂର ପରବତେ ନୀଳିମ-ଶିରି ।
ତରଳ ଶିଶିରେ　　ଝରଇ ଜ୍ୟୋଛନା,
　　ଶୀକର-ବିଭବେ ସିଞ୍ଚଇ ଧରା;

---

୮୫—ସମ୍ବଲେଶ୍ୱରୀ=ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବତା ।
୮୮—ହୀରଖଣ୍ଡ=ସମ୍ବଲପୁରର ପ୍ରାଚୀନନାମ । ଏହିଠାରୁ କେତେକ ଧାଡ଼ିର ବର୍ଣ୍ଣନାରେ ଜମ୍ବୁଦେଶଠାରୁ ଉତ୍କଳର ପ୍ରାକୃତିକ ପ୍ରଭେଦ ପ୍ରତି ଇଙ୍ଗିତ ଅଛି ।

GPNanda Colln., Digitized by srujanika@gmail.com

ନୀଳ ପରବତ     ଶ୍ୟାମଳ କେଦାର
ଶୁଭ୍ର ରବି-କରେ ଧରଇ ଶୋଭା ।
ବଇଶାଖ-ଶେଷେ     ଆସିଥିଲେ ସେଠୁ,
ବରଷା ଅପେକ୍ଷି ରହିଲେ ତହିଁ;
ଚଣ୍ଡ-ରବି-କର     ଆବରି ଗଗନେ,
ଦୁର୍ଦ୍ଦିନ-ବିଭାସ ଘୋଟିଲା ମହୀ ।
ପଡ଼ିଲା ସରସ     ଶ୍ରାବଣ-ଆସାର
ମହାନଦୀ ଦେଲା ପ୍ରବାହ ଭର;
ଭସାଇ ସହସ୍ର     ନଉକା କୁଶଳେ
ଜମ୍ବୁସେନା ତହିଁ ହୋଇଲେ ଠୁଳ ।
ମହାନଦୀ-ଜଳେ     ଭାସିଲା ନଉକା
ଦିଗନ୍ତ-ଶ୍ୟାମଳ-ବିପିନ-ଛାନେ;
ଅଗାଧ ଉଲ୍ଲାସେ     ଭାସିଲେ ସଇନ,
ପ୍ରଶାନ୍ତ-ବିଶାଳ-ପୁଲକ-ମନେ ।
ଉଚ୍ଛ୍ୱାସେ ଉଠିଲା     ଗ୍ରୀବ ତୂଳେ ନଦୀ,
ବାଟ ଭାଙ୍ଗି ଗଲା ନଉକା ପଥେ;
ଆମୋଦ-ଉଚ୍ଛ୍ୱାସେ     ଜମ୍ବୁ-ଦେଶ-ସେନା
ଭାଙ୍ଗି ପଡ଼ିଲେ କି ! ହୁଏ ପରତେ ।
ଉପନଦୀ ମିଶେ,     ତଟିନୀ-ସଙ୍ଗମ
ବିଶାଳ ଉରସେ ଧରଇ ଥିବ;
ଜମ୍ବୁସେନା-ହୃଦେ     ବିସ୍ମୟ ସେ ଛବି
ବ୍ୟାପି ରହିଯାଏ ପୁଲକ-ଭରି ।
ଶତ ବନ ଭେଦି,     ଆବିଳ ସଲିଳେ
ପଡ଼ଇ ଅରୁଣ ତପନ ଝଳି;

GPNanda Colln., Digitized by srujanika@gmail.com

ଶତ-ଶତ-ଗ୍ରାବ-　　　ଅନୁଭୂତ-କୂଳେ
କମ୍ବୁଦେଶ-ସ୍ମୃତ ଉଠେ ଜଳ ।
ଯଉବନ-ଭରେ　　　ଅବବେକ-ସର
ଦଶିଲା ଦୁର୍ଦିନ-ତାମସେ ବନ;
ଧନୀ-ହୃଦେ ମଦ-　　　ପରି ନଦୀଧାରେ
ଦିଶିଲା ବିକଟ ଦୁର୍ଦିନ-ଘନ ।
ତୀବ୍ର ଝଞ୍ଜାବାତେ　　　କରାଳ ଝଟିକା
କଂପାଇଲା ନଦୀ ଝଂକାରି ବନେ;
ପୂଲକ-ଆତଂକେ　　　ଶୂନ୍ୟ ଅନୁମାନେ
ରହିଲେ ସଇନ, ଆଦରି ଯାନେ ।
ଫିଟାଇ ଝଟିକା,　　　ହସଇ ତପନ,
ଦୂର-ଗିରି-ମାଳେ ଶବଳ ହାସ,
ଚଳ କୃଷ୍ଣ ମେଘେ　　　ପ୍ରାନ୍ତରୁ ପ୍ରାନ୍ତରେ
ଖେଳିଯାଏ ଲୋଳ ଆତପ-ଭାସ ।
ଦୂର ଗିରି-ଚୂଳେ　　　ଶୁଭ୍ର ଘନ ପଡ଼ି,
ବିକାଶେ ହିମାନୀ-ଭୁବନ-ବିଭା;
ବାରୁଣୀ-ନଭରୁ　　　ଆସଇ ତଟିନୀ,
ଲୋଧ୍ରତର ଧାରା କି ମନୋଲୋଭା !
ଧୂମ୍ର-ନୀଳ-ଗିରି-　　　ଲମ୍ବଟେ ତପନ,
ତଟିନୀ-ସୀମନ୍ତ-ସିଂଦୁର-ଟୋପା
ଭାସେ କେବେ କେବେ;　ଦଶେ ଦୂରେ ନଦୀ,
କଂପିତ-ତରଳ କନକେ ଲିପା ।
ଦେଖି ଦେଖି କେତେ,　　କମ୍ବୁଦେଶ-ସେନା
ପଶିଲେ ସେ ଗଣ୍ଡ ସାତକୋଣିଆ;

GPNanda Colln., Digitized by srujanika@gmail.com

ସ୍ଥିର ହେବା ତହୁଁ ସଂକଟେ ଉଠିମା !
ଉତ୍ତୁଂଗ ଧାମରେ ଶିଖଗ୍ର ଚିଅ ।
ବିକଟ ବିଶାଳ ଶିଖର-ପ୍ରାଚୀର;
ସଂକୋଚ-ମଣ୍ଡନେ ବହଇ ନଦୀ;
କୂଳ-ବାଳା ସେ କି, ରୁଦ୍ଧ ସ୍ତବଗଣି,
ଚଳେ ପ୍ରଣ୍ଡେଭନ-ସଂକଟ ଭେଦି !
ଗଂଭୀର ହୃଦୟେ ନ ଥାଏ କଂପନ,
ନ ଥାଏ ସରମ-ଲାବଣ୍ୟ-ହାସ;
ଗଂଭୀର-ନୀଳମ- ଦୀପନେ ଲଳଟେ
ଫୁଟି ବିକାଶଇ ସତୀତ୍ୱ-ଯଶ ।
କ୍ଷୀଣ ଧାର ବହେ, ବିକଟ ଶଇଳେ
ଦୁଇ ପାଶେ ଶୁଣି ଶ୍ୱାପଦ-ରବ;
ନାହିଁ ବେଣୀ-ଲାସ୍ୟ, ଚଳୋର୍ମି-ପ୍ରକର
ଜରସ-ହସାରେ ନାହିଁ ଆରବ ।
ଗୋଟି ଗୋଟି ନାବ ବାହାରେଲ୍ଲ ଆସି,
ବଡ଼ମୂଲ ଭେଦ ବଉଦ-ବନେ;
ଶାରଦ ନୀଳମେ ଚଳ ଧାଗ୍ୱ ଧରି,
ଭାସି କି ଯାଆନ୍ତି ବଉଦ-ଘନେ !
ପେଷିଥିଲେ ତହୁଁ ଗଜପତି-ରାଏ
ଶ୍ରୀଫଳ-ସଂଭ୍ରମେ ସୋହାଗ-ଥାଟ;
ସେନାପତି ନିଜେ ସଂଭ୍ରମି ଶ୍ରୀଫଳ,
ଘୁଙ୍ଗଣୀରେ ଗଲେ ଦେଖାଇ ବାଟ ।

---

୧୧୪—ପ୍ରକର=ସମୂହ ।
୧୧୫—ବର୍ତ୍ତମାନ ଖଣ୍ଡପଡ଼ା ସୁଦ୍ଧା ପ୍ରାଚୀନ ବଉଦର ଅନ୍ତର୍ଭୂକ୍ତ ଥିଲ ।

GPNanda Colln., Digitized by srujanika@gmail.com

ଗିରି-ଉପକଣ୍ଠେ　　　　　ସେ ବନ୍ଧ୍ୟ-ନିବାସ
　　ଶୋଭେ ଶାଲବନେ ଭୁବନ-ହାସେ;
ଜମ୍ବୁ-ଅମାକନୀ　　　　　ମାତି ଗଲେ ତହିଁ,
　　ଜମ୍ବୁ-ଦେଶ-ବନ-ବିଳାସ-ରସେ ।
ଅରୁଣେ ଉଠିଲେ　　　　　ତନୁ-ଗିରି-ଭାଲେ,
　　ଶଇଳୁ ଶଇଳେ ଡେଇଁଲେ କେତେ;
ଆଖେଟନ-ବିଧି　　　　　ସଗବେ ରଚିଲେ
　　ସେନାପତି-ତୁଲେ ଇପ୍ସିତ ଯେତେ ।
ବନ-ଭରିଦର-　　　　　ବିକଟ-ବୃଂହିତ
　　ଶାର୍ଦ୍ଦୂଳ-ଗର୍ଜନେ ପୁଲକ ବହି;
ଅତିଥି-ସଂଭାରେ　　　　　ପରିଚର୍ଯ୍ୟା ଲଭି,
　　ସୁଖେ ଦିନଦ୍ୱୟ ରହିଲେ ତହିଁ ।
ନଉକାରେ ପୁଣି　　　　　ବସିଲେ ସରବେ,
　　ପ୍ରଣମିଲେ ନୀଳମାଧବ-ପଦେ
ରୁଷ-ଶିଶୁ-ଶୃଙ୍ଗ-　　　　　ମୂଳେ ଉଚ୍ଚାରିକା
　　ଜଟିଳ-ବକ୍ଷସ୍ଥ-ଦ୍ରୁମ-ସମ୍ପଦେ ।
ସିଦ୍ଧନାଥ-ଚୂଳ　　　　　ବରଜି ଉତ୍ତରେ,
　　ଭେଟିଲେ ନଗଜ-ଶଇଳ-ତଳ;
ବିଶାଳ-ପ୍ରସର-　　　　　ପ୍ରସାରେ ତଟିନୀ
　　କରୁଥିଲା ଯହିଁ ତରଙ୍ଗ-ଖେଳ ।

---

୨୩୭—ସିଦ୍ଧନାଥ=ବଡ଼ାମ୍ବା ରାଜ୍ୟର ଗୋଟିଏ ନଦୀ ମଧ୍ୟସ୍ଥ ଟିରି । ଏଠାରେ ଗୋଟିଏ ଦେବମନ୍ଦିର ଅଛି ।

GPNanda Colln., Digitized by srujanika@gmail.com

ସପ୍ତଶଯ୍ୟା ଧରି        ନାଚଇ ସାପୁଆ,
        କାଠଯୋଡ଼ି ବହେ ସେ ମାଳାଚଳେ;
ବିରୂପା-ବିସାରି        ମେଲଇ ଦକ୍ଷିଣେ,
        ମହାନଦୀ ବହେ କନକ-ଧାରେ । ୧୪୦
ସେ କନକେ ଭାସି        ଆସିଲା ନଉକା
        ମର୍କତ-ଖଚିତ-ପଥର-କୂଳେ;
ଦକ୍ଷିଣେ ବାରବାଟୀ-        ତୁଙ୍ଗ-ନବଢଳ
        ଅଚଳ କମ୍ପନେ ଡଠିମା-ମାରେ ।
ଗଜପତି ଏବେ        ଆସିଲେ ସଂଭାଷି,
        ବଡ଼ାନସି-ପୁରେ ରହିଲେ ବଳ;
ଧ୍ୱଜ-ଜମ୍ବୁ-ଗାଥା        ବିଶାଳ ଭଳିଲେ
        ରଚିଲା ସମୀରେ ଉନ୍ମାଦ-ଖେଳ । ୧୪୪

---

୧୩୯—ସପ୍ତଶଯ୍ୟା=ଢେଙ୍କାନାଳର ଗୋଟିଏ ପର୍ବତ ।
ସାପୁଆ=ମହାନଦୀର ଗୋଟିଏ ଉପନଦୀ ।
୧୪୦—ବିରୂପା=ମହାନଦୀର ଗୋଟିଏ ଶାଖା ।

GPNanda Colln., Digitized by srujanika@gmail.com

# ତୃତୀୟ ସର୍ଗ

ବାରବାଟୀ ପୁରେ                    ଶୁଭ୍ର ନାରିକେଳ
          ତୁଙ୍ଗ ସଭାଜନେ ଚଳିଲ୍ଲ ଶୁଭେ;
ବାଦନ-କନ୍ଦଳ                    ପୁରଜନ-ରୋଳ
          ଶଙ୍ଖ ହୁଳହୁଳି ଦିଗନ୍ତେ ଶୁଭେ ।
ପ୍ରାସାଦ-ମୁକୁଟେ                    ଦୋହଲି ଦୋହଲି
          ରହି ରହି, ଘଣ୍ଟା ଦେଉଳେ ବାଜେ;
ତରୁଣେ ରସାଣି                    କ୍ଷିପ୍ର ଭାବରାଶି
          ସଂଯମ କବା ସେ ଫୁଟି ଶବଦେ !
ତରୁଣି ସତେ                    ନବ ବାରବାଟୀ,
          ଅଭ୍ର ଭେଦ ପୁର ଧବଳ ଦଶେ;
କନକ-ମାତଙ୍ଗ                    ତୋରଣ-ମୁକୁଟେ
          ପ୍ରତିଫଳି ନଦୀ ଉରସେ ହସେ ।
ସେ ପଥେ ଆଜ                    ରୁଚିର ଶୋଭନ
          ଜଇତ-କେତନ-ସ୍ପନ୍ଦନ-ମାଳା;
ତଳେ ତଳେ ଗୁରୁ                    ଅଳିନ୍ଦ-ପ୍ରସାରେ
          ଅରୁଣ-ଚରଣ-ମଣ୍ଡଳ ଲୀଳା ।
ବାରୁଣୀରେ ଝଳି                    କାଂଚନ-ମାତଙ୍ଗ
          ଆବଳ ତଟିନୀ କନକେ ଭରେ;

---

୮—ତଳେତଳେ=ପ୍ରତିମହଲରେ । ଅରୁଣ ଚରଣ=ନାରୀ ଚରଣ ।



GPNanda Colln., Digitized by srujanika@gmail.com

ତରଙ୍ଗ-ବନ୍ଧନେ ଖେଳି ସେ କନକ
ଜଳ ବେଣୀ-କମ୍ପେ ଚଳଇ ଦୂରେ ।
ଗୃହୁଁ ଗୃହୁଁ ଏବେ ବାରୁଣୀ-ନଭସେ
ବୁଡ଼ନ୍ତି ସ୍ନେହ୍ରତ-ତପନ-ବନ୍ଧୁ;
ପଶ୍ଚୀ-ତାମସ- ପଟଳ-ପ୍ରସାରେ
ଲୁଚି ଗଲା କାହିଁ ପଲକେ ଦିବା ।
ପ୍ରାଚୀ-ମୁକୁଟ- ଶୁକ୍ର ନିମନ୍ତ୍ରଣେ
ବାହାରିଲେ ଫୁଟି ତାରକା-ନଭେ;
ଦୂର ଧୂମ୍ର ନୀଳ ଶଇଳ-ପ୍ରାଚୀର
ମହାନଦୀ କମ୍ପେ ଘୁଡ଼ିଲେ ଭବେ ।
ନଦତଳ-ଦେହେ ଧାଉ ଧାଉ ହୋଇ
ବିକାଶିଲା ଶୁଭ୍ର-ପ୍ରଦୀପମାଳା
ଉତ୍ତର ପଶ୍ଚିମେ ଶିଖର-ଶିଖରେ
ସଙ୍କେତେ ଉଠିଲା ଅନଳ-ଜ୍ୱାଳା ।
ବଡ଼ାନସି-ପୂରେ ଜମ୍ବୁ-ଅନୀକିନୀ
ବିସ୍ମୟ ତରାସେ ରହିଲେ ଗୃହିଁ;
ଗଣିଲେ ସତେ କି ଆନନ୍ଦ ସେ ପୁରେ
ବିକାଶିଲା ଭେଦ ଆଲୋକେ ମହୀ !
ଦୀପ୍ତ ବୀରତ୍ୱ କି ଫିଟାଇ ତାମସ
ବିକାଶଇ ଶିର ଗଗନେ ଢୋଳି ?
ଉତ୍ତୁଙ୍ଗ ବରଡ଼ା ବିକାଶଇ କିବା
ପରିବାର-ଭ୍ରମେ ତାମସେ ଦଳି ?
ପୁଲକ-ବିସ୍ମୟେ ଜମ୍ବୁକନେ କେତେ
ନିରେଖିଲେ ସେହି ଅନଳ-ଶିର;

GPNanda Colln., Digitized by srujanika@gmail.com

ମଜିଲାଣ ତାଙ୍କ ଜୀବନ୍ତ ସ୍ମରଣେ
ଅରୁଣ-ବିଭାସେ ଭୁବନ-ଗିରି ।
ସଜିତେ ସଜିତେ ସେ ନବ ଜଟକେ
ବିକାଶିଲା ତନୁ-ଅନଳ-ବିଭା;
ସାନୁମାଳ ଭେଦି ଉତ୍ତୁଙ୍ଗ-ଅନଳ-
ଶିଖରୀ, ତାମସେ କି ମନ ଲୋଭା !
ସେ ଉତ୍ସବେ ଆଜି ପୁରେ କୋଳାହଳ,
ପାଟରାଣୀ ବିଜେ ରାଣୀ-ମହଲେ;
ଉତ୍ସବର ହାସେ ଅଳପ ବିଷାଦ
ଫୁଟି ପଡୁଥିଲା ଲୋକତ ଭାଲେ ।
ସବୁ ତ ଉତ୍ସବ ଯୁବରାଜ ପେନ,
ନ ଦେଖନ୍ତି ପୁରେ ସେ ଯୁବରାଜେ;
ନିରୋଧି କରମେ ତରୁଣ-ବିଳାସ,
ଦସ୍ୟୁ-ନାଶେ ସେହୁ ବିପିନେ ବିଜେ ।

ବ୍ୟାଘ୍ର-ନରବର- ରାଇଜ ଥିଲା ଏ
ଘନ-ଗଡ଼ଜାତ-କାନ୍ତାର-ମାଳା;
କେଶରୀ-ନୃପତି- କେଶରି-ବିକ୍ରମ
ମହାନଦୀ-ପାରେ ଅଳପ ଥିଲା ।
ଗଙ୍ଗ-ଗଜପତି କାନ୍ତାର ବିପିନେ
ପଶି, କରୁଥିଲେ ଏହାକୁ ବଶ;
ବ୍ୟାଘ୍ର-ନରପତି- ସାମନ୍ତ-ସଂହତି
ଲଭିଥିଲେ ଏଥି ଉତ୍ତର-ଯଶ ।
ଅନଙ୍ଗ-ନୃପତି- ଦୀପ୍ତ-କରବାଳେ
ଛୁଟି ଯାଉଥିଲା ତାମସ ବନୁ;

GPNanda Colln., Digitized by srujanika@gmail.com

ଠାବେ ଠାବେ କାହିଁ     ଗିରି-ଦୁର୍ଗେ ବୀରେ
  ଦସ୍ୟୁ-ନାମେ ଧରି  ଥାଆନ୍ତି ଧନୁ ।
ମହାନଦୀ ଡେଇଁ     ପଶନ୍ତି ସେ କେବେ
  ସମଭୂମି-କୁଂଜ-ମୋହନ-ବନେ;
ଯୁବରାଜ ବୀର     ନରସିଂହ ତହୁଁ
  ବୁଲନ୍ତି ବିପିନେ ସଇନ-ସନେ ।
ରାଜନ୍ୟ-ବିଳାସ     ଅରପି ଅନୁଜେ,
  କରିଛନ୍ତି ମନ, ପାଳିବେ ବ୍ରତ;
ବନେ ବନେ ବୁଲି,     ବୀରତ୍ୱ କରମେ
  ପରଜା-ମଙ୍ଗଳେ ରହିବେ ରତ ।
ରାଜତ୍ୱ ନୁହଇ     ବିଳାସ ଜଗତେ,
  ସିଂହାସନେ ନାହିଁ ତଳପ-ସୁଖ,
ଆଖେଟ ନୁହଇ     ଆମିଷ-ବ୍ୟସନ,
  ସାମନ୍ତ ନୁହନ୍ତି ଶୂକର-ଲୋକ ।
କର ଦେଇ ପ୍ରଜା     ବରନ୍ତି ରାଜନେ
  ଆମରଣ-କର୍ମ-ଜାଗର-ତପେ;
ପ୍ରକୃତି-ରଞ୍ଜନ     ରାଜନ୍ୟ-ବିଭୂତି,
  ଆଦେଶନ୍ତି ମହାବନ୍ଧନ ନୃପେ ।
ଏହି ରାଜ-ଧର୍ମେ     ତରୁଣ କୁମାର
  ଛାଡ଼ି ଯଉବନ-ତରଳ-ଖେଳା,
ଗିରି-ଦରେ ଦରେ     କାନନେ କାନ୍ତାରେ
  କରବାଳ-କରେ କରନ୍ତି ଲୀଳା ।
ଆରାମ ନିଅନ୍ତି     ବିଜନେ ସେ କେବେ
  ଚର୍ମ-ଉପଧାନେ ସ୍ଥଣ୍ଡିଲ-ଶେଯେ;

୪୫—ଉପାଧାନ=ତକିଆ, ଉପାଧାନ । ସ୍ଥଣ୍ଡିଳ=ଖାଲିଭୂଇଁ ।

GPNanda Colln., Digitized by srujanika@gmail.com

ସଂକୋଚେ ତପନ ପଶି ନ ପାରଇ,
ମହୀରୁହ-ଶିରୁ ଅନାଏ ଲାଜେ ।
ଗହନ ବ୍ରତତି ଧରେ ଗୁଚ୍ଛ-ଛନ୍ଦ
ସ୍ତବକ-ଗୁମରେ ନବାଗେ ଖେଦ;
ଶୀକର-ବ୍ୟଜନେ କାନନ-ସମୀର
ପଖାଳି ଶରୀର, ହରଇ ସ୍ୱେଦ ।
ପଣ୍ଡଜନ ଛାଡ଼ି, ଅଗମ୍ୟ ବିପିନେ
ପଶନ୍ତି କେବେ ସେ ନଗରୀ-ମୁଖେ;
ପାଦପ ଆଦର ଶୁଅନ୍ତି ତୁରଙ୍ଗେ,
ଉଭା ସେ ତୁରଙ୍ଗ ଖଲୀନ-ମୁଖେ ।
ଅରଣ୍ୟ-ବାରଣ- ବିକଟ-ବୃଂହିତ
ଶ୍ୱାପଦ-ଗର୍ଜନେ ତୁରଗ ଚଳେ;
ସେ ଚମକେ ନନ୍ଦ ଭାଜଇ ନଶୀଥେ,
ଅସ୍ତ୍ରାଳି ଖଡ଼ଗ ଧରନ୍ତି କରେ ।
ସେହ୍ନ ସେ ଖଡ଼ଗ- କରେ ମହାବଳ
ଦେଖି କେବେ ଅଗେ ସେ ମହାବଳୀ;
ଟେଡ଼ାଁ ପଡ଼ଥଲେ, ଅଶ୍ୱରକ୍ଷି ପଛେ,
ନଶୀଥ-ଚମକେ ଦାଣନ୍ତି ଝଲି ।
ସେହ୍ନ ସେ ନଶୀଥେ ପାଟରାଣୀ ଅଙ୍କ
ପୁର-ବଦ-ଗୀତ-ଉତ୍ସବ-ବେଳେ
ଚମକି ଚମକି, ଜାଗ୍ରତ-ସ୍ୱପନେ
ଦେଖୁଥିଲେ ସୁତ ବିଟପି-ତଳେ ।
ଶାରଦ ନଭସେ କରାଳ ଦୁର୍ଦ୍ଦିନ
ଜଣି, ଉଠୁଥିଲା ଜନନୀ-ମନେ;

GPNanda Colln., Digitized by srujanika@gmail.com

ବକଟ-କାନ୍ତାରେ ଏକା ନରସିଂହ
ତସ୍କର-ଧାବନ-ବିପୁଳ ଶ୍ରମେ ।
ଅନୁଭବେ ସିନା ଦେଖଇ କରମୀ
କଠୋର କରମେ ପରମ-ପଦ;
ଭୋଗୁଥିଲେ ସିନା ନରସିଂହ ବନେ
ତସ୍କର-ଧାବନେ ବୀର-ସଂପଦ ।
ଅନୁମାନେ ରାଣୀ- ବତ୍ସଳ-ହୃଦୟେ
ଅଟ୍ଟହାସେ ଯାଏ ଉତ୍ସବ ଖେଳି;
ସେ ହାସେ ପଡ଼ଇ ମୃଦୁ ମସୀ-ଲେଖା
ପ୍ରଚଣ୍ଡ ତପନେ କୁହେଳୀ-ସର ।
ପୁରବାସୀ-ଜନେ ଦେଖନ୍ତି ସୁହାସ,
ନ ଜାଣନ୍ତି ସେହୁ ବେଦନା ତଳେ;
ଗ୍ରୀଷମ-ସଭାସେ ଶୁଖଇ ପଲ୍ଲବ;
ବାଧଇ କି ତାହା ପଇନି-ନାଡ଼େ ?
ଦେଖୁଛତ ଏଥି ତଟିନୀ-ଜୀବନେ
ଝଟିକାର ଘୋର ପ୍ରତାପ ଏତେ;
ଅଦରି ସଲିଳ, ଗୁନ୍ଧୁଁଛି ସିକତା,
ସେ ପ୍ରତାପ କାହିଁ ଜାଣୁଛି କେତେ ?
ତାମସ-ପଟଳେ ଦୂର ପଲ୍ଲି-କୁଂଜେ
ପ୍ରଦୀପେ ଅନଳ ଦିଶଇ ଜଳି;
କେତେ ତରୁଲତା ଅନ୍ତରିତ ପାଟଣେ,
ଦିଶନ୍ତି କେତେ ସେ ପ୍ରଦୀପେ ଝଳି ?
ରାଣୀ-ପୁରେ କନ୍ଦୁ ପ୍ରଦୀପ-କନକେ
ଝଳି ଦିଶିଗଲା ହିରଣ ବପୁ;

GPNanda Colln., Digitized by srujanika@gmail.com

ପୁଣ୍ୟ ଦୀପେ ଜଳେ　　ଟେମ ଭୃଙ୍ଗ ବିଗ୍ରହ
　ମଞ୍ଜୁଳାଙ୍କ କମ୍ର ବିଭାସ ଦୀପୁ ।
ଆକସ୍ମିକ ଦେଖି　　ରାଜନ ମନ୍ଦରେ,
　ଅର୍ଘ୍ୟ ଧରି, ରାଣୀ ଚଳେ ସଂଭ୍ରମ;
ବସିଲେ ରାଜନ,　　ବସିଲେ ମହର୍ଷି,
　ଘଉଡ଼ିଲେ ସରବେ ଇଂଗିତେ ଦାଶ ।
ଉତ୍ସବ ସୋହାଗ　　ନାଇଁ ଭାଲ-ପଟେ,
　ବିକାଶେ କୁଟିଳ ଭାବନ-ଲେଖା;
ବିସ୍ମିତ ମହର୍ଷି　　କହିଲେ ସଂବୋଧି,
　"କେଜାଣେ କି ଅଙ୍କ କରମେ ଲେଖା ?"
ଗୁରୁଶ୍ୱାସେ ତହୁଁ　　ନରପତି କହିଲେ,
　"ସଂଭ୍ରପି ରଖିଲି ମୁଁ ନାରିକେଳ;
କାଂଚନ-ମେଦନୀ-　　କାଶ୍ମୀର-କଣ୍ଟକେ
　ମିଶାଇ ମଣିଲି ପୁଣ୍ୟ ଉଜ୍ଜ୍ୱଳ ।
ଦେବ-ଲୋକ ସନା　　ରହନ୍ତୁ ଉଜ୍ଜ୍ୱଳ,
　ଶୁଦ୍ଧ-ଦେବ-ଭୂମି ସେ ଜମ୍ବୁ ଦେଶ;
ଉଜ୍ଜ୍ୱଳେ ଯେସନ　　ତେସନ କାଶ୍ମୀରେ
　ଛୁଇଁ ପାରନାଇଁ ଯବନ ଲେଶ ।
ସେ-ଦେଶ-ରାଜନ-　　ପିତାମହ ଏଥି
　ଆସିଥିଲେ ମୋର ତରୁଣ-କାଳେ;
ଦେଖିଛୁ ସେ ନୃଗ　　ମହିମା-ବିଳାସ
　ପଳିତ-ଚିକୁର-ଲୋଳିତ ଭାଲେ ।
ଦେଖୁଛତ ଏବେ　　ଚିତ୍ରପଟେ, ଜେମା
　ଜୀବନ୍ତ-ଲାବଣ୍ୟ ପଡ଼ଇ ଝରି;

GPNanda Colln., Digitized by srujanika@gmail.com

ବୀର-ଗରବଣୀ- ବିଶାଳ-କପାଳ
ଅମୃତ ଲୋଚନେ ମହତ ରେ ।
ନାରିକେଳ ଯେନ ସଂମତ ଭରିଲ,
ଯୁବରାଣୀ ଦେହେ କାଶ୍ମୀର-କେଶ;
ଭରତେ ଜାହ୍ନବୀ- ଧାର ବିରାଜିବେ
ବୀର ନରସିଂହେ ସେ ବରବାମା ।
କହି ପଣ, ଏବେ ଶୁଣିଲୁ ଗୋପନେ
କୁମାର-ଗହଣ-ସ୍ୱଜନ-ମୁଖେ;
ବନେ ମାୟାଦେବୀ ଦେଖି ନରସିଂହ
ମଜ୍ଜିଲେ ତରୁଣ-ପୀରତି-ସୁଖେ ।
ତରୁଣେ ଚପଳ ପୀରତି ପରାଣେ
ଜାଣ ନିଜ ପ୍ରିୟେ ଭୀଷଣ ବଡ;
ଖର ସ୍ରୋତସ୍ୱତୀ ପାରିବାରେ ଧାଏଁ,
ରୋଧି ନୁହେଁ ତାର ପ୍ରଚଣ୍ଡ ବଳ ।
ବାହାର ନିରୋଧେ ବଢ଼ଇ ପ୍ରତାପ;
ବୃନ୍ଦ ଗିରିନଦୀ କିଏ ସେ ବାନ୍ଧେ ?
ପ୍ରଚଣ୍ଡ ପ୍ଲାବନେ ଭସାଏ ଧରଣୀ,
ପଲକେ ଛୁଟାଇ ଶଇଳ-ବନ୍ଧେ ।"
ଶୂନ୍ୟ ନେତ୍ରେ ରାଣୀ ଚାହିଁଲେ ରାଜନେ;
ବତ୍ସଳ ଜନନୀ ବୁଝିବେ କାହୁଁ ?
ତରୁଣ-ପରାଣ- ତରଳ-ଇଂଗିତେ
ମୋହନ-ପୀରତି-ଚମକ-ଦାଉ ।
ଚମକେ ସଂଯମ- କବଚ ଫଟାଇ,
ହୃଦୟେ କେସନ ପଡଇ ଝର;

GPNanda Colln., Digitized by srujanika@gmail.com

ପୀରତିର ସ୍ରୋତେ    ପଲକେ ଭାସଇ
    ସଉଧ କୁଟୀର ଶିବିର ପୁରୀ ।
ତରୁଣ-ତରୁଣୀ-    ପରାଣ ଧଲକେ
    ମିଶଇ ପୀରତି-ଅନନ୍ତ-ସୁଖେ;
ଗଗନ-ମେଦିନୀ-    ଶକତି ସେ କିବା
    ମିଶଇ ବିଜୁଳି-ଚମକ-ଲେଖେ !
ବିଶାଳ ପବନ    ଦେଉଥାଏ ବାଧା,
    ପ୍ରଚଣ୍ଡ ତାପନେ ଚମକେ ଛୁଟେ;
ମିଶିଯାଏ କ୍ଷଣେ    ମେଦିନୀ ଗଗନ,
    ଦିଗନ୍ତ-ବିଭାସେ ଅନଳ ଫୁଟେ ।
ହୃଦ ଶର ଧରି    ଉଠଇ ଗଗନେ,
    ମୃଦର-ଶୀକରେ ପଡ଼ଇ ନଇ;
ଗୁରୁ ପ୍ରତିବନ୍ଧେ    ପ୍ରଚଣ୍ଡ ତେସନ
    ତରୁଣ-ଇଂଗୀତ-ତରଳ-ଭାବ ।
ପ୍ରବୀଣ ଅନଙ୍ଗ    ରାଜକର୍ମ-ପଟୁ
    ବୁଝନ୍ତି ତରୁଣ-ମାନସ-ଲୀଳା;

---

୯୬-୧୦୦—ଏଠାରେ ବିଜୁଳି ଘଡ଼ଘଡିରେ ପୃଥିବୀ ଓ ଆକାଶର ବିଦ୍ୟୁତ୍ ପ୍ରଭାବର ମିଳନ ସୂଚିତ ହୋଇଅଛି । ପୃଥିବୀ ଆକାଶ ଦୁହିଁଙ୍କର ବିଦ୍ୟୁତ୍‌ଶକ୍ତି ବିପରୀତ ଗୁଣାତ୍ମକ । ସେମାନେ ସବୁବେଳେ ମିଳିଯିବାକୁ ଉତ୍ସୁକ । କିନ୍ତୁ ପବନ ଭିତର ବାଟେ ବିଦ୍ୟୁତ୍-ପ୍ରବାହ ଗତି କରିପାରେ ନାହିଁ । ଜଳ ଭିତରେ ବିଦ୍ୟୁତ୍-ପ୍ରବାହ ଅବାଧରେ ଚଳେ । ପବନ ମେଘର ଜଳକଣାରେ ଓଦା ହେଲେ ପୃଥିବୀ ଓ ଆକାଶର ବିଦ୍ୟୁତ୍ ଶକ୍ତି ପ୍ରଚଣ୍ଡ ଭାବରେ ପବନ ଭେଦ କରି ମିଳିତ ହୁଏ ।

GPNanda Colln., Digitized by srujanika@gmail.com

ଅନୁଭବ ନାହିଁ, କଳିବେ ସେ କାହୁଁ
ଜନନୀ-ପରାଣ-ପୀୟୂଷ-ଧାର ?
କହିଲେ, "ପ୍ରେୟସି, ବୀର ସେ କୁମାର,
କୀରତି-ବିଭବ-ଜ୍ୱଳନ୍ତ-ଜ୍ୟୋତି;
ଦୀପ୍ତ ଚିତ୍ରକର ଗଜପତି-କୁଳେ,
ପତିତ ଜୀବନ୍ତ କରମେ ମତି ।
ସୁକୁମାର ପୁଣି ତରୁଣ ପରାଣ;
କେମନେ କହିବ, କି ଅଛି ତହିଁ ?"
କହିଲେ ମହର୍ଷି ଗଂଭୀର ବଚନେ,
ଗୁରୁ ଶ୍ୱାସ ଛାଡ଼ି ଅଳପ ରହି;
"ଜନକ-କରମେ ନ ହେବ ବିମନା,
ବୀର ଯୁବରାଜ ସେ ନରସିଂହ ।"
କହିଲେ ନୃପତି, "ଜାଣଇ ମୁଁ ତାହା;
ବିଷାଦେ ପରାଣେ ଲଭିବ କୋହ ।
ଦୁହିଁଙ୍କ ବିରଲେ, ଜନ୍ମଜେମା ପୁଣି
ଲଭିବେ ମରମେ ସନ୍ତାପ ଗୁରୁ;
ଅପମାନ ମଣି, ଜନ୍ମ-ନରବର
ନ ପେଷିବେ ଆଉ ସଂଦେଶ ପୁରୁ ।"
ସେହି ସେ ସଂଦେଶେ ଶୁଣିଥିଲେ ପିତା
ବିଜନେ କୁମାର-ସ୍ୱଜନୁ ଯାଏ;

---

ସେହି ପବନ ଭେଦ କରିବା କ୍ରିୟାରେ ଆମ୍ଭେମାନେ ବିଜୁଳି ଦେଖୁ ଓ ଘଡଘଡ଼ି ଶୁଣୁ । ପବନ ବାଧା ନ ଦେଲେ ବିଜୁଳି ଘଡଘଡ଼ି ନ ହୋଇ ଦୁଇଶକ୍ତି ମିଳିତ ହୁଅନ୍ତା ।

GPNanda Colln., Digitized by srujanika@gmail.com

ମାୟାଦେବୀ ନାମ ଦେଇଥିଲେ ତାରେ,
ଭାଳି ସେ ତରୁଣ-ପୀରତ-ମୋହେ ।
ଶୁଣ ତେବେ, ସେହି ମାୟାଦେବୀ-ଭୁଲେ
କେସନେ ପଡ଼ିଲେ କୁମାର ମଣି ?
ବିପିନୁ ବାହୁଡ଼ି, କହିଲେ ସ୍ୱଜନେ,
କୁମାର-ସ୍ୱଜନ କି ଅବା ଜାଣି ?

ବିଶାଳ ବିସାରେ ମହାନଦୀ ଭରି,
ଖସିଲା ବିପିନୁ ସଘନ-ଧାର;
ଚଣ୍ଡ-ମଧ-ଦିବା- ପ୍ରଖର-ବିଭାସେ
ଜରସ୍ଥ-ଚମକ ଦିଶିଲା ତୋର ।
ନଦୀ-ଧାର ଡେଇଁ, ବିକାଶି ଦିଶିଲା
ମନ୍ଥର-କଦମ୍ବ-ମୋହନ ଗୃହ;
ଗରବେ ସିକତା ଖେଳାଇ ଚରଣେ,
ହେଲେ ସେ ବାହିନୀ ଉଠିମା ପାର ।
ଭୃଙ୍ଗ ରଣ-ସିଂଗା ଗରଜି ଉଠିଲା
ଏହି ମହାନଦୀ-ପୁଳିନ-ଦେଶେ;
ଅଭିଯାନେ ଭୃଙ୍ଗ ତୁରଙ୍ଗ ଆସ୍ଫାଳି,
ନରସିଂହ-ଚମୂ କାନନେ ମିଶେ ।

---

୧୧୨—ନରସିଂହ ଦେବ ବଣରେ ଯାହାଙ୍କ ପ୍ରୀତରେ ପଡ଼ିଥିଲେ, ତାହାଙ୍କୁ ଅନଙ୍ଗଭୀମ ଦେବ କଥାଛଳରେ 'ମାୟାଦେବୀ' ବୋଲି କହି ସଙ୍କାଇଥିଲେ ।

GPNanda Colln., Digitized by srujanika@gmail.com

କୁଂଜେ କୁଂଜେ ଉଠି ଧ୍ୱନି ପ୍ରତିଧ୍ୱନି,
ତଟିନୀ-ତରଙ୍ଗେ ଯାଉଛି ଭାସି;
ସେକଥାର ଖେଳେ ଉଠି ସମୀରଣ;
ଯାଏ ଦୂର-ଗିରି-ପ୍ରପାତେ ମିଶି ।
ଲତା-କୁଂଜ ଭେଦ ଉଠଇ ଝଂକାର
ସ୍ତବକୁ ସୁମନ ପଡ଼ଇ ଝରି;
ତଳପ-ପ୍ରସାଦେ ଦଳି ସଜ ଫୁଲ,
କୁମାର ସଇନ ଦଅନ୍ତି ଗୁଳି ।
ଜଟିଳ ବିଟପ ଭେଦ, ନାଶଯାଏ
ସାଦ-ଉରସ୍ତ୍ରାଣେ ତପନ-ଥୋପା;
କଂଟକିଳ ଲତା କାଟି ପଦାତିକେ,
ଆଗେ ଆଗେ ବାଟ କରନ୍ତି ସଫା ।
ଏହୁ ଗିରି-ମୂଳେ ଜଳଇ ପ୍ରଦୀପ,
ଥିଲା ଚୂଳେ ତାର ଧଂକସ-ଗଡ଼;
ବ୍ୟାଘ୍ର-ନରବର- ସାମନ୍ତ-ଦାୟାଦ
ଥିଲେ ତହୁଁ ଟଙ୍କ ସଂଭାଳି ବଳ ।
ଟଂକଲ ଶିଖରେ ବଳ ଘେନି, ଟଂକ
ନ ମାନନ୍ତି ବାରବାଟୀ-ରାଜନେ;
ବଳ ଘେନି କେବେ ବଜଯ୍ୱେ ବାହାର,
ପସ୍ଥିଲେ ସେହୁ ଏକାମ୍ରବନେ ।

---

୧୨୭—ଧଙ୍କସ=ଗଡ଼ର ନାମ ।

୧୨୮—ଟଙ୍କ=ଦୁର୍ଗପତିର ନାମ ।

GPNanda Colln., Digitized by srujanika@gmail.com

ଜାଣି ନରସିଂହ    ଆସିଥିଲେ ଏଥି,
    ଭେଦ ଗିରି ନଦୀ କାନ୍ତାର ବନ;
ଟଂକ-ଦୁର୍ଗ ଦେଖି,    ବଜାଇଲେ ବୀର
    ରଣସିଂଗା, ଢୋଳ ଗଜ-କେତନ
ଶବର-ପତ୍ତନ    ଥିଲା ଗିରି-ମୂଳେ,
    ଗଲେ ସେ ଶବରେ ବସିନେ ଲୁଣ;
ଦୁର୍ଗ-ଦ୍ୱାରେ ଆଣି,    ଦଖିଦେଲେ ଟଙ୍କ
    ସହସ୍ର ବୃଷଳ-ସଇନ ବାଛି ।
ବିଶାଳ ବୃଷଳ    ସହୋଦରେ ସେହୁ
    ସେନାପତି-ପଦେ ରଖିଲେ ତାଙ୍କ;
ପୁରଦ୍ୱାର ଜଗି,    ରହିଲେ ଆପଣେ,
    ଅର୍ଦ୍ଧ-ଚନ୍ଦ୍ର-ସେନା ପୁରରେ ରଖି ।
ଆସିଥିଲା ଯବେ    ଚର ଟଙ୍କ ପଛେ
    ଏକାମ୍ର-ବସିନୁ ଧଂକସ-ଗଡ଼େ;
ଦେଖିଥିଲା ବାଟ    ଦସ୍ୟୁ-ପତି-ପୁରେ;
    ସେହି ଚର ଏବେ ପୁରରେ ଚଲେ ।
ଭୁଜଙ୍ଗ-କୁଟିଳ    ଶଇଳ-ସରଣୀ
    ଦଳୁ ଦଳେ ଭେଦ, ଭେଟିଲେ ଗିରି;
ଛରଣୀନ ଚୂଳେ    ବୃଷଳ-ସଇନ
    ସଙ୍କୋଚ, ତୁଣୀର ସାୟକେ ଭରି ।
ବର୍ମହୀନ ଦେହେ    ଗୁରୁ ଚର୍ମ ଦୋଟଲ,
    କଟି-ତଟେ ପୀନ ଖଡ୍ଗ-କୋଷ;

୧୪୦—ଛରଣୀନ=ତେର୍ଚ୍ଛା ।

GPNanda Colln., Digitized by srujanika@gmail.com

ଚର୍ମଫଳେ ଦଂଶେ ତୂଣୀରେ ସାୟକ,
ବପୁ ଭେଦ ଦୀର୍ଘ-ଧନୁ-ବକାଶ ।
ତୁଙ୍ଗ ବପୁ ଟେକି, ଅଟଗ ସେନାପତି
ରଖନ୍ତି ବୃଷଳ-ସଇନ ସାଜି;
ଚମକେ ବୁଲନ୍ତି ଶଇଳ-ସରଣୀ,
ସେନା-ଦଳେ କେବେ ଯାଆନ୍ତି ହଜି ।
ବାହାର ସେ ଏବେ ଗୁହ୍ମଁଲେ ଚମକେ
ଗଜପତି-ଧ୍ୱଜ କାନନ-ମାଳେ;
ଇଂଗିତ-ଗୁଳକେ ସଜାଡ଼ି ରଖିଲେ
ଗୁରୁ-ଧନୁ-ଗୁଣ ଶାଣିତ ଶରେ ।
ସୁଶିକ୍ଷିତ ବୀର ନରସିଂହ-ସେନା;
ଡ଼ରିବେ କି ତୁଙ୍ଗ ସେ ତୀର-ପାତେ ?
ସଂକୋଚ-ସରଣୀ ଭେଦ ଗିରି-ତଟେ,
ବାହାରିଲେ ଆସି ବିସ୍ତୃତ ପଥେ ।
ଉରସ୍ତ-ଚମକେ ବାହାରନ୍ତି ସେନା
ତପନ-ବିଭ୍ରାଟେ ଶ୍ୟାମଳ ବନୁ;
ପର୍ବ-ନବେ କିବା ଚଳ ଲୁଷ-ପନ୍ତ
ବାହାରନ୍ତି କୃଷ୍ଣ ଖଣ୍ଡିତ ଘନୁ ।
ଧାଡ଼ି ଧାଡ଼ି ଉଠେ ଶରଗୁଣି-ନାଅଁ,
ତାମସେ କିବା ସେ ପ୍ରାନ୍ତର ପାରେ !
ବୃଷଳ-ସଇନ ଦରଷନ୍ତି ଏବେ
ପ୍ରଚଣ୍ଡ ସାୟକ ଅଷାଢ଼-ଧାରେ ।
ତପନ-ସ୍ଫୁରଣେ ଚମକେ ଚପଳା
ତୀବ୍ର ଶନଶନେ ଶ୍ୟାମଳ ବନେ;

GPNanda Colln., Digitized by srujanika@gmail.com

ପ୍ରତିଶର ଲକ୍ଷ  ମଜ୍ଜନେ ଖସଇ,
ନିନାଦେ ଶଇଳ କଠୋର ସ୍ୱନେ ।
ଚର୍ମେ ବାଜି କେତେ  ଝନ୍ ଝନେ ନିନାଦି,
ପଡ଼ଇ ସାୟକ ପଦାତି-ପଦେ; ୧୫୫
ଅଶ୍ୱେ ଲକ୍ଷି ତୀର  ଭୁଜେ, ବର୍ମେ ବାଜି,
ଗୁରୁ ହ୍ରେଷା-ରବେ ତୁରଂଗ ନାଦେ ।
ଠାବେ ଠାବେ ସାଦୀ  ପଦାତି ପଡ଼ନ୍ତି,
ଘୋଡ଼, ଉଠିଯାଏ ସଇନ-ଧାରୀ;
ଶିଳା-ଚୂଳ ଭେଦ,  ମାଡ଼ିଯାଏ କିବା
ଫେନିଳ ତରଙ୍ଗ ସାଗର-ବେଳା !
ବର୍ମହୀନ-ବପୁ-  ବୃଷଳ-ସଇନ
ଗୁରୁ-ଗ୍ରାବ-ଧର ପଡ଼ନ୍ତି ଟଳି;
ଶୋଣିତେ ପାଟଳ  ଶ୍ୟାମ ବନଭୂମି,
ସାନୁତଟେ କେତେ ଯାଆନ୍ତି ଗଡ଼ । ୧୬୦
ସେ ପତନେ ଦ୍ୱିଧା  ହୁଅନ୍ତି ପଦାତି,
ଲଂଘନ-ଚମତ୍କ ତୁରଗ ଚଳେ;
ଶୋଣିତ-କର୍ବୁର-  ବିପିନ, ସେ କିବା
ନିଶି-ତମ ସନ୍ଧ୍ୟା-ପାଟଳେ ଝଳେ ।
ଟଙ୍କ-ସହୋଦର  ବରଷନ୍ତି ଟାଣି,
ନରସିଂହେ ଲକ୍ଷ୍ୟ ପ୍ରଚଣ୍ଡଶର,
ଅଲକ୍ଷ୍ୟେ କୁମାର  କାଟନ୍ତି ଗଗନେ,
ନ ଭେଟଇ ତାହା ବୀର-ଶରୀର ।

୧୬୧—କର୍ବୁର=ଚର୍ଚ୍ଚିତ ।

GPNanda Colln., Digitized by srujanika@gmail.com

ଶର କାଟି, ପୁଣି କାଟନ୍ତି କୁଶଳେ
କେବେ ସେ ବୃଷଳ-ବିଶାଳ-ଧନୁ;
ଆନ ଧନୁ ଧରି, ଉଠଇ ବୃଷଳ
ଗରଜି, ଯେସନେ ବରଷା ଘନୁ ।
କୁହକଟି ଥିଲା ଟଙ୍କ-ବଜ୍ର-ବଳ;
ଶୁଣିଛୁ ବିଚିତ୍ର କୁହକ କଥା;
ପଲ୍ଲିରେ ପଲ୍ଲିରେ ଥିଲେ ଅଭିଗୃହୀ,
କନ୍ଦରେ କନ୍ଦରେ ଶାର୍ଦ୍ଦୂଳ ଯଥା ।
କରୁଥିଲେ ସେହୁ ଦିବସେ ରଜନୀ,
ଧୂଳି ଫୁଙ୍କି ଧୂମ୍ର କୁହେଳୀ-ଘଟା;
ତୁଙ୍ଗ ଗିରି-ଚୂଳେ ବୃଦ୍ଧ ନଦୀ ଭେଦ
ଉଦକେ ଭୀଷଣ ତଟିନୀ-ଘଟା ।
କାନନ କାନ୍ତାର କରୁଥିଲେ ସେହୁ,
ବିଶାଳ ବାରିଧି ପଲକେ କିବା;
ମାଧବ-ସୋହାଗ ନାଚୁଥିଲା ତହିଁ
ବିକାଶି ବିମଳ ଡିଣ୍ଡୀର-ବିଭା !
ଶୁଭ୍ର ନଭ-ପାଲ ଟେକି ଗିରିମାଳା,
ଉଡୁଥିଲା ତହିଁ ବୋଇତ-ସମ;
କୁହକେ ପଲକେ ଗମୁଥିଲେ ସେହୁ
ଯୋଜନ-ବିସାରି ଅଗମ୍ୟ ବନ ।

---

୧୬୯—ଅଭିଗୃହୀ=ଐନ୍ଦ୍ରଜାଲକ ।
୧୭୨—ଡିଣ୍ଡୀର=ଫେଣ ।

GPNanda Colln., Digitized by srujanika@gmail.com

ସେ କୁହକ ଆଜ ଧ୍ୱଂସ-ନବରେ
ରଚ, ଅଭିଗୃହୀ ଯାଉଛୁ ହାର;
ଗୃହିଁ ନରସିଂହ- ତପନ-ବହ୍ନିସେ,
ନେଇ କଟାଁ ତାର ପଡ଼ୁଛି ଘାର ?
ମନ୍ଦ ପଡ଼ି, ଧୂଳି ଦେଉଅଛି ଫିଙ୍ଗି,
ଯାଉଛି ସେ ଧୂଳି ସମୀରେ କାହିଁ;
ଗଜପତି-ସେନା ଦେଖୁଛି ନିରେଖି,
ଶଙ୍ଖ-ଚକ୍ର-ଚିହ୍ନ ଦଶୁଛି ତହିଁ ।
ଅଭିଗୃହ-ନାଶେ ମୁଣ୍ଡକାଠ-ବନ୍ଧି,
ଝଙ୍କିଲ-ପ୍ରକୃତି ସେ ଝଙ୍କ ବୀର;
ଅଭିଗୃହ-ମୁଖେ ଗୃହାନ୍ତ ତରାସେ,
ନ ବାହାରେ ଭ୍ରମ-ଆଦେଶ-ସ୍ୱର ।
ସେହି ସେ ତରାସେ ଦେଖନ୍ତି ଏବେ ସେ
ଚଳେ ଗଜପତି-ଗଜ-କେତନେ;
ପାଂଶୁଳ କପାଳେ ବିସ୍ମିତ ନୟନ
ସ୍ଥିର, ସେ କି ଫୁଟି ତାରକା ଘନେ ।
ଆଚଳ ପଲ୍ଲବେ ପୂର୍ଣ୍ଣ-ଗନ୍ଧ-ଗ୍ରାସେ
ବନ୍ଧୁ-ବନ୍ଧ-ରୁଚି ବିକାଶେ ମୁଖେ;
ଲମ୍ଫରେ ଲମ୍ଫରେ ନରସିଂହ-ସେନା
ଡଉନ୍ତି ଶଇଲେ ପାଶ୍ୱର୍ଧି ସୁଖେ ।
ଗୃହୁଁ ମିଶିଗଲେ ଦୁଇସେନା, ଏବେ
ଖଡ଼ଗେ ଖଡ଼ଗେ ଫିଟିଲା ରଣ;

୧୭୯—ଝଙ୍କିଲ=ରୁକ୍ଷ ।
୧୮୨—ପାଂଶୁଳ=ପାଉଁଶିଆ ।

GPNanda Colln., Digitized by srujanika@gmail.com

ବଲମେ ପଡ଼ିଲେ ଗୁରୁ ବୃଷଳକେ,
ଗିର ତଟେ ଶୁଭେ ଝନ୍‌ଝନ ସ୍ୱନ ।
ବୃଷଳ ମୁକୁଟ- ସେନାପତି ଏବେ
ନରସିଂହ-ଘାତେ ପଡ଼ିଲେ ରଣେ;
ପରାଣର ଆଶା ବରଜି, ମିଶିଲେ
ଉତ୍କଟ ବୃଷଳେ ଅରାତି-ସନେ ।
ଶିର-ପାତେ ତାହିଁ ନାଚଇ କବନ୍ଧ,
କରେ ଗୁରୁ ଅସି ଚମକେ ଚଳେ;
ତରାସେ ଗୃହନ୍ତ ତରୁଲତା ବନେ,
ତରାସ-କଂପନେ ପ୍ରତତୀ ଜଳେ ।
ଖଡ଼ଗ ତପନେ ଜକଜକ ଉଠେ,
ଶତ-ରଶ୍ମି-ଲେଖା ବିକାଶେ ବନେ;
ସ୍ତରେ ସ୍ତରେ ମାଳ କାନ୍ତି-ମେଘ-ଚୂଡ଼ା,
ଚପଳା ଫୁଟଇ ବାରୁଣୀ-ଘନେ ।
ସେହି ସେ ବାରୁଣୀ- ପାଟଳ-ବିଭାସେ
ଶୋଣିତ ଧୁଅଇ କାନନ ଭୂମି;
ଦିନମଣି ଏବେ ବାରୁଣୀ-ଲଲାଟେ,
ପାଟଳେ କନକ ମିଶଇ ପୁଣି ।
କିଏ ସେ ଦେଖିବ ଏ ମୋହନ ଛବି,
ଶୋଣିତର ଧାର ବହୁଛି ଯହିଁ ?

---

୧୮୯—କବନ୍ଧ=ମୁଣ୍ଡହୀନ ଶରୀର । ଅତି ଉନ୍ମାଦନାରେ ଯୁଦ୍ଧ କଲାବେଳେ ମୁଣ୍ଡ କାଟିଦେଲେ ମଧ୍ୟ ହାତ ଗୋଡ଼ କେତେବେଳଯାଏ ପୂର୍ବପରି ଚଳୁଥାଏ ।

GPNanda Colln., Digitized by srujanika@gmail.com

ଧ୍ୱଂସ-ଦୁଆର- ଝଙ୍କ-ପଦ୍ମସରେ
ନର-ରକ୍ତ-ପଙ୍କେ ଲୋହିତ ମଣ୍ଡି ।
ସେ ପଙ୍କେ ପଦାତି ପାଦୁକା ଛନ୍ଦାଇ,
ଚମକେ ବାନ୍ଧିଲେ ବୃଷଳବରେ;
ଡେଉଁପଡ଼ି ସାଦୀ, ଝଙ୍କେ କରି ବନ୍ଦୀ,
ନରସିଂହେ ଆଣି ଭେଟିଲେ ଗରେ ।
ନୁଅଁଇ ବଦନ, ଗୁହ୍ମିଲେ କୁମାର,
କ୍ଷଣେ ନିସ୍ତବଧ ଧଇନ-ରୋଳ;
ପର୍ଯ୍ୟାଣ ତରଙ୍ଗ, ଓହ୍ଲାଇ ଭୂତଳେ,
କୋମଳ ଶବଦେ ଭାଷିଲେ ଚିରେ :—
"ବୀର ତୁମ୍ଭେ ଝଙ୍କ, ଜାଣିଲା ମୁଁ ଆଜ,
ରଖିନାହିଁ ଗଡ଼-ଦୁଆର ରୋଧି;
କୁହକ-ଆଦର, ଦସ୍ୟୁ-ବୃତ୍ତି ଧରି,
କା ପାଇଁ ଏସନ କରି ହେ ବୁଦ୍ଧି ?
ରଜନୀ-ତାମସେ ଲୁଚି, କରି କପାଁ
ପରଜା-ସଂପଦ-ଲୁଣ୍ଠନ ବ୍ରତ ?
ବୀରତ୍ୱ-ଗରବେ କପାଇଁ ହେ ତବ
ନୁହଇ କ୍ଷତ୍ରିୟ-ଧରମେ ମତ ?
ପର-ଧନ ହରି, କାନନେ ବିହରି,
ନ ମାନ ଗୁଜନ, ନ ମାନ ବିଧି;
ପୁରାଣ-ଉତ୍କଳ- ସାମନ୍ତ-ଦାୟାଦେ
ମାନୁଛ କି ବୀର ଏ ନୀଚ ସିଦ୍ଧି ?
ବୀଭତ୍ସ-ତସ୍କର- ଅପଯଶ ଲଭି,
ପର-ଧନେ କପାଁ ପିପାସା ତବ ?

GPNanda Colln., Digitized by srujanika@gmail.com

ସ୍ୱଳ୍ପ-ନିଜ-ଧନେ ଗୃହ-କୋଣେ ପଡ଼ି,
ମରିବାଟି ସିନା ବୀର-ବିଭବ !"
ମଥା ପୋତି ଝଙ୍କ ଶୁଣୁଥିଲେ ଏତେ,
ଗରବେ ଗୃହିଁଲେ ବଦନ ତୋଳି;
ଦପ ଦପି ଉଠେ ତାମ୍ର ଭାଲପଟ,
ସତେ କି ଅବଜ୍ଞା-ରଭସେ ଜଳି !

ବିସ୍ଫାରିତ ନେତ୍ର କୁଂଚିତ ଅଳପେ,
ଗରବ ବିକାଶେ ନୟନ-ତାରା;
ଅଜେୟ ହୃଦୟ ଫୁଟଇ ଲପନେ,
ଦୁର୍ଦ୍ଦିନେ ଯେସନ ପ୍ରାନ୍ତର-ଧରା ।
ଅନାଦର-ବ୍ୟଞ୍ଜୀ ଧୀର ତୀବ୍ର ଭାଷେ
ଅଳପେ ଅଳପେ କହିଲେ ବୀର :—
"ମୃଣ୍ଡକାଷ୍ଠ ସିନା ହେବ ବାଙ୍କ ଅସ୍ଥି,
ନାହିଁ ତହିଁ ମୋର ତିଳେ ହେ ଡର ।
ଯାଉଛୁ ବିଭବ, ଛୁଟିଛୁ ଗରବ,
ଯିବତ ବିଶାଳ ଶ୍ୟାମଳ ଧରା;

ଯାଇଛନ୍ତି ଏହି ପ୍ରିୟ-ଜନେ ଯହିଁ
ପ୍ରାସାଦ ମୋହର ସେ-ଦେଶ-କାରା ।
କିଏ ସେ ତସ୍କର କୁମାର ଏ ଦେଶେ,
ପର-ଧନେ ବଳେ କାହାର ମତି ?
କାହା ଧନ ଭୁଂଜ ବହିଛ ଏ ଲୁମେ,
ତୁମ୍ଭେ ପରା ଶୈର-ଗଙ୍ଗ-ସନ୍ତତି ?

GPNanda Colln., Digitized by srujanika@gmail.com

ବ୍ୟାଘ୍ର-ରାଜ-ଜନେ    ଯାଇଥିଲେ କି ସେ
ଗୋଦାବରୀ ତୀରୁଁ କେରଳ-ଦେଶେ ?
ଜଙ୍ଗଲ-ଶଇନ    ପଶିଥିଲେ କି ହେ
ତବ-ପିତୃ-ପଦ-ସଂପଦ-ନାଶେ ?
କାହା ନିମନ୍ତ୍ରଣେ    ଆସିଥିଲ ଏଥି
ନାଗବଂଶ-ପରଜା-ଶୋଣିତ-ପାନେ ?
କି ସ୍ୱତ୍ୱେ କହୁଛ,    ତବ ରାଜ୍ୟ ଏହି
ଧଂକସନବର, ଏକାମ୍ରବନେ ?
ବିଜନ କାନନ    କେହାରେ ଫିଟାଇ,
ଆମ୍ଭ ପିତାମହେ ରହିଲେ ଏଥି;
ମୁଣ୍ଡ-ଢାଲ ଭୁଣ୍ଡେ    ମାରି, ଅରଜିଲେ,
ଥିଲ କି ହେ ତୁମ୍ଭେ ତାହାଙ୍କ ସାଥୀ ?
କାହା ଧନେ ଏବେ    ନବଚଳ ହର୍ମ୍ୟ
ମହାନଦୀ-ତୀରେ ଟେକିଲ ପୁର ?
ବଳେ ଅପହରି    କାହା ଶ୍ରମ ଫଳ,
ବିଳାସ ବରଣ, ବୋଲାଅ ବୀର ?
ତେର-ନଦୀ-ପାରେ    କାହିଁ ଥିଲ ଆସି,
ବୋଲି ଦେଶ-ଜନେ ତସ୍କର ଜ୍ଞାନ;
ବିଳାସେ ନିଅଣ୍ଟ    ହେଲେ କର-ଧନ,
ଦୁର୍ବଳ ପୀଡ଼ନେ କରୁଛ ରଣ ।

୨୧୯—ବ୍ୟାଘ୍ରରାଜ ( ପ୍ରଥମଭାଗ ୩୨୩ ଧାଡ଼ି ଟୀକା ଦେଖ )। ଗଙ୍ଗାବଂଶର ଆଦ୍ୟ ପୁରୁଷ ଚୋରଗଙ୍ଗ ଦକ୍ଷିଣଦେଶରୁ ଆସିଥିଲେ । ପ୍ରଥମଭାଗ ୩୬୮ ଧାଡ଼ି ଟୀକା ଦେଖ ।

GPNanda Colln., Digitized by srujanika@gmail.com

ଦେଶ-ଲୋକ-ସୁଖେ ଧର ପଗ ଧନୁ ?
କେଉଁ ଦେଶ ଲୋକ ଧ୍ୱଂସ-ଦ୍ୱାରେ ?
ନ ଥିଲଟି ଯେବେ ଅସି ଏ ବିପିନେ,
ଯାଇଥିଲେ କି ସେ ଏକାମ୍ର-ପୁରେ ?
ପରଜାଙ୍କ ସୁଖ ଜାଣ ତୁମ୍ଭେ ସବୁ
ମଣୁଛ, ପରଜା ନ ଜାଣେ କିଛୁ;
ପ୍ରଜା-ମଢ-ଗଢ ଲୁଟିବାକୁ ଡ଼ାକ,
ଚତୁର ସ୍ତାବକ ବଂଚକେ ବାଛୁ ।
ଏହୁତ ଜଗତେ ଧର୍ମ·ଚୂଡ଼ାମଣି;
ବଳଅଛି ଯାର, ନୁହେ ସେ ଚୋର;
ଏହୁତ ତୁମ୍ଭର କ୍ଷତ୍ରିୟ-କରମ;
ଏଥିରେତ ତୁମ୍ଭେ ବୋଲାଅ ବୀର ।
ବିଜିତର ମୁହିଁ, କି କହିବି ଆଉ ?
ତସ୍କରତ ଏଥି ଘରର ପୁଅ;
ବିଦେଶୀ ତସ୍କରେ ଶୋଷି ପ୍ରଜାଧନ,
ବୋଲାନ୍ତି ଜଗତେ ତୁଙ୍ଗ କ୍ଷତ୍ରିୟ ।
ଆହାରେ ଦଇବ, କି କଲୁ ତୁ ସତେ,
ଘର ବୋଲିବାକୁ ନ ଫିଟେ ସ୍ୱର !
ଏ ନୀଳ ବିପିନ ଶ୍ୟାମଳ କେଦାରେ
କେତେ ପୁର ପଲ୍ଲୀ ହେଉଛି ଚୂର !
ଅନାହାରେ ମରେ କୃଷକ ମଜନେ,
କିଏ ଜାଣୁଛି ତା' ବେଦନା ଛଳେ !
ରାଜ-ଜନ ବୋଲି ବଂଚକ ତସ୍କର
ବୁଲୁଛନ୍ତି ଗ୍ରାମ ବିପିନ ବଳେ !

GPNanda Colln., Digitized by srujanika@gmail.com

ଯାଅ ମହାନଦୀ,        ବହୁ ସାଗରାରେ;
ଭଙ୍ଗେ ଚୁମ୍ବି ପଦେ ସେ ରାଜପୁର;
ବିଦେଶୀ-ତସ୍କର-        ଦସ୍ୟୁ–ପଦାଘାତେ
ପ୍ରସାର ଉତ୍କଳ-ଜନନ ଜର ।
ଜନନୀ ଜନନୀ        ବୋଲୁଥିଲୁ ତୋରେ;
ରଖି ନ ପାରିଲୁ ଗରିମା ତବ;
ଶତ-ନଦୀ-ଧାରେ        ଲୋତକର ଧାରା
ଦେଖି, ଯାଉଅଛୁ ଛାଡ଼ି ଏ ଭବ ।
ଶ୍ୟାମଳ କାନନେ        ଖେଳାଇଲୁ ମାତ,
ବଢ଼ାଇଲୁ ଦେଇ ଜୀବନ-ପୟ,
ହେଲା ତୋ ସମ୍ପଦ        ତୋହର ଉଗାର,
ସନ୍ତାନେ ଘୋଟିଲା ତସ୍କର-ଭୟ ।
ଜନମ-ଭୂଇଁ ତୁ        ଜନନୀ ମୋହର,
ଜୀବନେ କେସନେ ଭୁଲନ୍ତି ତୋତେ ?
ଯାଉଛୁ ବିରଜା,        ଦିଅ ମା ବିଦାୟ,
ଅଳି ଝଳି ମୋର ସହିଛୁ କେତେ;
ତୋହର ହୃଦୟ        ଚିରି ମୁଁ ଖାଇଛୁ,
ପିଇଛୁ ତୋହର ଜୀବନ-ଧାର;
ତେବେହେଁ ହୃଦୟେ        ରଖିବୁ ଆଦରି,
ମରଣେ ଏ ମୋର ଶରୀର-ଭାର ।
ବିଦେଶର ମୁହିଁ        ଯାଇନାହିଁ କେବେ,
କେମନ୍ତେ ଜାଣିବି ବିରହ-ଖେଦ;
ଖଣ୍ଡେ ଦୂର କେବେ        ପାଶ୍ୱୁରେ ଗଲେ,
ଭୁଲି ନ ପାରଇ ତୋର ସମ୍ପଦ ।

GPNanda Colln., Digitized by srujanika@gmail.com

ତରଳଗି ଏବେ ଯାଉଅଛୁ ମୁହିଁ
ସେ ଦେଶେ, ଯେ ଦେଶ୍ୱ ଫେରନ୍ତ ନାହିଁ;
ନରଯ୍କେ କି ନଭେ, ସ୍ୱରଗେ କି ତଳେ;
କେମନ୍ତେ ସେ କଥା ଜାଣିବ ମୁହିଁ ?
ଚୋରେ ଛାଡ଼ି କେଉଁ ସ୍ୱରଗେ ରହିବ,
ଅନନ୍ତ-ବିରହ-ଅନଳେ ଜଳି ?
ନାହିଁ କି ନରକ ଏ ଭବେ କୁମାର ?
ଦିଅ ମୋତେ ସେହି ନରକେ ପେଲି ।"
ବିଶାଳ-କଂଚୁକ- ବିସାରେ ଦଶିଲା
ବୀର-ମଦ ଫୁଟି ସେ ନରସିଂହେ;
ଶୁଣି ଏ ବଚନ ପ୍ରାଣ-ଅଙ୍ଗଭଳେ
ଆଲିଙ୍ଗିଲେ ସେହୁ ଧଂକସ-ସିଂହେ ।
ଗୁରୁ-ବୀର-ଧର୍ମେ ମିଶିଲା ବିବେକ,
ମିଶିଲା କି ସତେ ଲାବଣ୍ୟେ ଜ୍ୟୋତି !
ଶ୍ୟାମଳ କାନନେ ଶାରଦ ବିଜୁଦ,
ଇନ୍ଦ୍ରଜାଲେ କିବା ମିଶିଲା ମୋତି !
ଫୁଲ୍ଲ ଶତଦଳ ସତେ କି ପଲକେ
ତରୁଣ ପଲ୍ଲବେ ପଡ଼ିଲା ଢଳି !
ଗୁହିଁଲା କାନନ, ଗୁହିଁଲେ ସଇନ,
ବିସ୍ମୟ-ମଣ୍ଡନେ ବଦନ ତୋଳି ।
ବାରୁଣୀ-ପାଟଳ- ବିଭ୍ରମେ ଧଂକସ
ପ୍ରହର୍ଷ-ମଦରୁ ଦେଖିଲା ଗୁହିଁ;
ବନ-ପ୍ରତିବିଂବ- ବିସ୍ମୟ-କଂପନେ
ସ୍ୱହ୍ୱରେ ତଟିନୀ ଦେଖଇ ରହି ।

GPNanda Colln., Digitized by srujanika@gmail.com

ସେ ମିଳନେ ଫୁଟି          ବିମଳ ଧୀରତ୍ୱ,
ଭାସିଗଲା ବନ, ଭାସିଲା ଧରା;
ଉଦ୍ଭ୍ରାନ୍ତ-ଉଲ୍ଲାସେ          ଭାସିଲେ ସଘନ
ମୁଂଜରି ଉଠିଲା ଉଜ୍ଜ୍ୱଳ ସାରା ।
ସେ ଉଲ୍ଲାସ-ଧାରେ          ବହୁ ମହାନଦୀ,
ଥର ଥର ଗୃହେଁ ଧ୍ୱଂସ-କୂଳେ;
ସେ କଂପନ-ଲୀଳା          ନଚାଇ ସଗରେ,
ଯାଏ ବାରବାଟୀ-ସନ୍ଧ-ମୂଳେ ।
ମିଶିଯାଏ ଯାଇ          ମହାପାରାବାରେ
ବିଶାଳ-ମହିମା-ଅନନ୍ତ-ଛାନେ;
ଏକାକାର ଯହିଁ          ଭୂଲି ଜଳ-ଲାସ୍ୟ
ଗିରି-ବନ-ଗଡ଼-ସନ୍ଧି-ସନେ ।
ଏକାକାର ହେଲା          କଟକ ଧ୍ୱଂସ,
ଏକାକାର ହେଲା ବିପିନ ବଲ;
ଏକାକାର ହେଲା          ଗିରି ଝଙ୍କ ବେଳା,
ଉଚ୍ଛଳେ ମିଶିଲା ଧ୍ୱଂସ-ବଳ ।
ଶଇଳ-ଜୀବନ          ମହାନଦୀ-ଧାରେ
ବହିଲା ଅନୂପ-କେଦାରେ ସୁଖେ;
ବେଳା-ଭୂମି ଭେଦ          ସୁଖେ ବହେ ବାତ,
ମାଲ୍ୟଗିରି-ମାଳ-ଜଟିଳ-ଶିଖେ ।
କାଳ-କର୍ମେ କେତେ          ଉତ୍ଥାନ ପତନ
ଭଙ୍ଗା ଗଢ଼ା ଭେଦ ପୂର୍ଣ୍ଣ ଗରବ,
ଧ୍ୱଂସ-ଗଡ଼ ସେ          ସ୍ୱର-ପର୍ବଣାମେ
ଢେଙ୍କାନାଳ-ନାମେ ରାଜଇ ଏବେ ।

GPNanda Colln., Digitized by srujanika@gmail.com

ସେ ଧଂକ ସ-ଗଡ଼େ ରହିଲେ କୁମାର,
ସୋଦର-ମମତା-ସଂଭ୍ରମ ଲଭି;
ବୀର ଝଂକ-ପୁରେ ସରସ ପୁଲକେ
ଗଲେ ଯେ ମହନ୍ତ ବୃଷଲେ ଦ୍ରବି ।
ସେହି ଦନୁ ଝଙ୍କ ମହାନଦୀ-ପାରେ
ରହିଲେ, ବସିଲେ ପରଜା ପାଳି;
ଗରଜେ ଅସନ୍ତ୍ର ଗଜପତି-ପୁରେ,
ସ୍ୱଦେଶ-ଭାରତ-ମଂଗଳ ଭାଳି ।
ସେ ମଙ୍ଗଳ-ଜ୍ୟୋତି- ବିକାଶେ ଛୁଟିଲା
ଜଳୁ ଲେ ତାମସ-ତସ୍କର-ଭୟ;
ପବନେ ନାଚତା ରହିବ କେତେ ସେ,
ମହା ଆଦରଣେ ଲଗିଲେ ଲୟ ।
ଏହିତ ଫୁଟନ୍ତ ଖଦ୍ୟୋତ ଗଗନେ;
ଦିବସ-ଦୀପନେ ଦଶିବେ କେସେ ?
ଦରେ ହିମ-ନଦୀ ଭାଙ୍ଗେ ଶିଳା ଲତ,
ଅଂବୁଧି-ବସାରେ ନୀଳିମେ ମିଶେ ।
ସେ ମହା ବସାରେ ଖେଳିଲା ହୃଦୟ
ଝଂକ ନରସିଂହେ ଉଚ୍ଛ୍ୱାସ ପୂରେ;
ସାତ ଦିନ ରହି ସୋଦର-ସଂଭ୍ରରେ,
ଫେରିଲେ କୁମାର ଏକାମ୍ର-ପୁରେ ।
ମିଶିଥିଲା ମହା- ବସିଲେ ଏକାମ୍ର
ଏହି ମହାନଦୀ-ପୁଳିନେ ଅପି;
ଶିଖରେ ଶିଖରେ ଗିରି-ଦୁର୍ଗ-ମାଳା
ଶୋଭୁଥିଲା ତହିଁ ତପନେ ହସି ।

GPNanda Colln., Digitized by srujanika@gmail.com

ଦୁର୍ଗ ପରିସରେ　　　　ଶ୍ୟାମଳ କେଦାର
　　କାନନ-ସଂକୋଚେ　ଦେଖାଏ ସୀମା;
ଶେଷ୍ପାଗ୍ରର କସେ　　　　ଦର୍ପର ସଂକୋଚେ ?
　　ଶୀର୍ଷବର୍ଦ୍ଧି ଭେଦ କ ବିକାଶେ ରମା ?
ଦୁର୍ଗ-ପଡ଼-ଲୀଳା-　　　　ଉପବନ ଭେଦ,
　　ବହିଯାଏ କାହିଁ କୁଟିଳ ଝର;
ସଲିଳ-ପ୍ରସାରେ　　　　ଶ୍ୟାମବନେ ପଶି,
　　ସିଂଚଇ କାନନ-ପାଦ଼ପ-ମୂଳ ।
କାହିଁ ପୁଣି ଝର　　　　ମେଦୁର ପ୍ରପାତେ,
　　ବହଇ ରସାଳ-ପନସ-ତଳେ;
ଦେବ-ଦେବୀ-କୁଳ　　　　ନିରସନ୍ତି ତହିଁ,
　　ପଖାଳି ଶ୍ରୀଅଙ୍ଗ ଶୀକର-ଜଳେ ।
ଦୁର୍ଗେ ଦୁର୍ଗେ ଭେଟି　　　ସେ ବନେ ସାମନ୍ତେ,
　　କଲେ ସମ୍ଭାଷଣ ପାରଧି-ରସେ;
ପଦାତି-ସମ୍ପଦେ　　　　ତୁରଙ୍ଗ-କଦମ୍ବ
　　ନୀଳ ବନ ଫୁଟେ ଶବଳ ହାସେ ।
ପ୍ରଭାତେ ପ୍ରଭାତେ　　　　ଉଠିଲା ତପନ,
　　ଘଟଣି ବରଜ, ଉଠିଲେ ବୀରେ;
ସ୍ତୁର ଦନେ ଆସି,　　　　ଅରୁଣ-ବିଭାସେ
　　ଉଠିଲେ ବରୁଣୀ-ଶଇଳ-ଚୂଳେ ।

୧୯୩—ଓଡ଼ିଶାରେ ଏପରି ପର୍ବତଝରପାଖେ ଆମ୍ବ, ପଣସବଗିଚ୍ଛରେ ଦେବ-ଦେବୀଙ୍କର ଅଧିଷ୍ଠାନ ଅନେକ ସ୍ଥଳରେ ଅଦ୍ୟାପି ରହିଅଛି । ଖୋର-ଧାର ବରୁଣେଇ ତାହାର ଉଦାହରଣ ।

GPNanda Colln., Digitized by srujanika@gmail.com

ଇନ୍ଦ୍ରନୀଳ-ମଣି-          ମୋହନ ସୀମନ୍ତେ
ଉତ୍ତରେ ଶ୍ୟାମଳ ବିପିନମାଳା;
ଧୂମ୍ର ମେଘାସନ          ମାଲ୍ୟଗିରି ଉର୍ଦ୍ଧ୍ୱ
ଉଠିଥିଲା, ଟେକି ଉନ୍ନତ ଚୂଡ଼ା ।
ନନ୍ଦିତ-ଉରଗ-          ଦଧିଭଦ୍ରା-ଧାର
ଚୁମ୍ବଇ ପଶ୍ଚିମେ ରଜତ-ହ୍ରଦ;
ବୀଶଳ ସୋଲରି          ମଣିନାଗ-ଶିର
ଉଠିଥିଲା, ଭେଦ କାନନ-ହୃଦ ।
କାର୍ତ୍ତିକ-କେଦାର-          କନକ-ବିତାନ-
ପ୍ରାନ୍ତେ ହସୁଥିଲା ରଜତ-ବେଲା;
ଶ୍ରୀଫଳ-ନିକୁଞ୍ଜ-          ପୁଞ୍ଜିତ-ତାମସ-
ପ୍ରସାରି ସେ କିବା ସାଗର-ଲୀଳା !
ଲମ୍ବିଛି ପୂର୍ବରେ,          ଖଣ୍ଡଗିରି ଭେଦ
ଏକାମ୍ରନଗରେ କାନନ-ଶିର;
ଏକାମ୍ର-ମଂଦିର          ଅରୁଣେ ଝଲକ,
ତ୍ରିଶୂଳେ ଚୁମ୍ବଇ ସେ ଖଣ୍ଡଗିରି ।
କ୍ଷୀଣ-ଦୟା-ଧାର-          ଶୀକରେ ମାରୁତ
ଛୁଅଁଇ ଧଉଳି-ଟିଂକଲ-ଚୂଳ,

---

୩୦୧—ଦଧିଭଦ୍ରା=ଦୟା; ଚିଲ୍କାରେ ପଡ଼ିଅଛି । ୩୦୩—ବାଣପୁରର ବହୁ ଶିଖର-ମଣ୍ଡିତ ସୋଲରି ଓ ରଣପୁରର ମଣିନାଗ ପର୍ବତ ବରୁଣେଇରୁ ଦେଖାଯାଏ ।

GPNanda Colln., Digitized by srujanika@gmail.com

କମ୍ର ଗୀତ-ଭଙ୍ଗେ　　　　　ଦୋହଲି, ଖେଳାଏ
　　ବଳକ୍ଷ କେତନେ ଦଡ଼ଦେଉଳ ।
କୁଞ୍ଚିତ ନୟନେ　　　　　ଦେଖିଲେ କେତେ ସେ,
　　ଅନୁମାନେ କେତେ ଦେଲେ ମିଶାଇ;
ଲକ୍ଷିଂ ସେ ଦେଉଳ,　　　　　ବରଜ ବରୁଣୀ,
　　କାନନ-ବସାରେ ମିଶିଲେ ଯାଇ ।
ପାରିଧି-ବଳାସେ　　　　　ମାତଗଲେ ଯାରେ,
　　ଦଳେ ଦଳେ ଗଲେ କାନନେ ଲୁଚି;
ଦବା-ଅପଗମେ　　　　　ରସାଳ-ନିକୁଞ୍ଜେ
　　ଆସି ବଳସିଲେ, ଗ୍ଲଜଣି ରଚି ।
ଦେଖିଲେ ସେହି ସେ　　　　　ଖର ଝଙ୍କ-ଭୂମି,
　　ଫିଟାଇଛି ଉରେ କେଦାରମାଳା;
ଫକୋଟେ ଝରଇ　　　　　ଥରି ଥରି ତହିଁ
　　କମ୍ର ଗିରି-ଝର ଉପର-ବାଲା ।
କମ୍ରତର-କଳା-　　　　　ମୋହନ-ସୁହାସେ
　　ତନୁ ଦେବାଳୟ ବସିନ ବଲେ;
ଉପଳେ ଫିଟିଛି　　　　　ମୋହନ ସରସୀ
　　ସୁରସ-ସଲିଳ-ବମଳ-ଝରେ ।
ସେହି ସେ ବମଳ　　　　　ଝରଣା ସରସୀ
　　ଭେଦି, ଯାଉଥିଲା କାନନେ ବହି;

---

୩୦୮—ବଳକ୍ଷ=ଧବଳ; ଧଳା (୧ମ ସଂସ୍କରଣରେ ଥିଲା, 'ଲୋହିତ') ।
୩୧୨—ପ୍ରାଚୀନ ଭୁବନେଶ୍ୱର ଆମ୍ରତୋଠା ନିମନ୍ତେ ପ୍ରସିଦ୍ଧ ଥିଲା ।
୩୧୭—ଗୌରୀକୁଣ୍ଡ ପ୍ରଭୃତି ବର୍ତ୍ତମାନ ରହିଅଛି ।

GPNanda Colln., Digitized by srujanika@gmail.com

କେଶର-ଝାରତ- ମନୋହର-ପୁଷ୍ପ-
ହାସେ ହସୁଥିଲା କାନନ-ମହୀ ।
ମନ୍ଦରେ ମନ୍ଦରେ ପୂଜା ମହାଦେବ,
ସହକାର-କୁଞ୍ଜେ ନାଗର ଜନେ
ପଶୁଥିଲେ କେବେ ବିହାର-ବିଳାସେ,
ଘୋଡ଼ ସେ ନିକୁଞ୍ଜ, ଜଟିଳ ବନେ । ୩୨୦
ସେହି ସେ ନାଗର- ବିହାର-ବେଷ୍ଟରେ
ବାହାରିଲେ ବନେ କୁମାର କୁଳ;
ପ୍ରଦୋଷ-ସମୀରେ ଜରଦ୍ଧ-ପୀଡ଼ନ
ଗୁରୁ-ଶିରସ୍ତ୍ରାଣ-କଦନ ଭୁଲି ।
କାନନ-ସମୀର- ତରଙ୍ଗ-ଇଙ୍ଗିତେ
ଖେଳିଯାଏ ଚଳ ସରସ ସ୍ମୃତି;
କନକ-ତପନ- ଦିଗନ୍ତ-ବିସ୍ତରେ
ଫୁଟି ଉଠେ ଜବା ଭବିଷ୍ୟ-ଜ୍ୟୋତି !
ବିଜୟ-ସରସ- ପରଶେ ପଡ଼ଇ
କେବେ କେବେ ଝଙ୍କ-ଝାରଦ୍ଧ-କଳା; ୩୨୫
ସରସ ଜୀମୂତେ ବିକାଶଇ ସେ କି
ଗଂଭୀର-ମୋହନ-ଦୁର୍ଦ୍ଦିନ-ଲୀଳା !
ଶାରଦ ବିମଳ କାନନ-ପ୍ରସାରେ
ତରୁଣ ପରାଣ ଯାଉଛି ଖେଳି;
ଗୁରୁଶ୍ରମ-ସୁଧା- ସୁରଭି-ସମୀର
ଆରାମ ଦିଅଇ ଶ୍ରାନ୍ତ ଅଙ୍ଗେ ବୋଳି ।

---

୩୨୨—କଦନ=କ୍ଲେଶ ।

GPNanda Colln., Digitized by srujanika@gmail.com

ସେ ଅଗ୍ରେ ସାର        ନ ଲଭନ୍ତି ସୁଖ,
    କି ଭଳନ୍ତି ମନେ, ନ ହୁଏ ଜାଣି;
ମୋହନ ସ୍ତବକ        ଦୋଳଇ ଶୀକରେ,
    ଗୃହାନ୍ତି ସେ କେବେ ସୁମନ ଗଣି ।
ଭୂଜନେ ଆସନ୍ତି        ପତରି-ଯୁଗଳ,
    ନୀଡ଼-କୋଳେ ଉଡ଼ ଗହଳ ଶାଖେ;
ଗୃମର ବ୍ୟଜନ        ଧରି ପରିଜନେ,
    କରନ୍ତି ସେବନ ଅଗ୍ରମ ସୁଖେ ।
ଅନ୍ୟ ମନେ ସବୁ        ଦେଖନ୍ତି କୁମାର,
    ନ ଗୃହିଁ ଗୃଲନ୍ତି ବର୍ପିନ-ପଦେ;
କେବେ କେବେ ମାତ୍ର        ବହଗ-ଦଂପତି-
    ସୁଖ-ସମ୍ଭାଷଣେ ଗୃହାନ୍ତି ମୃଦେ ।
ସେ ମୁଦେ ବରସ        ଦାଟନ୍ତି ପଲକେ,
    ଫେର ପୁଣି ଥରେ ଗୃହାନ୍ତି ତହିଁ;
ପରିଜନେ ପାଶେ        ନ ବୁଝନ୍ତି କିଛି,
    ଅଗ୍ରେ ସରଣୀ ଯାଆନ୍ତି ବହି ।
ଆଚମ୍ବିତେ କାହୁଁ        ସେ ସରଣୀ ଭେଦ,
    ଘନ କୁଂଜ ଛାଡ଼ ଆସିଲେ ବାଳା;
ଶ୍ୟାମଳ କନ୍ଦର        ଭେଦ ସେ ବାହାରେ
    ସତେ କି କନକ ତଟିନୀ-ଧାରା !
ଗୃହିଁଲେ କୁମାର,        ରହିଲେ ଚମକି,
    ରହିଗଲା କର୍ପାଁ ଚଳନେ ପଦ;
ଚମକେ ମରମେ        ଥରିଲା ଶ୍ରୀଅଙ୍ଗ,
    କୁମାରେ ଫୁଟିଲା ପ୍ରେମାଂଚ-ମୁଦ୍ର ।

GPNanda Colln., Digitized by srujanika@gmail.com

ସେ କନକ-ଧାର ନରସିଂହେ ଭେଟି,
ସହସା ସ୍ତିମିତେ ରହିଲା ସ୍ଥିର;
ଭେଟି ଗୁରୁଶିଳା, ରହେ ନଦୀ ଯଥା,
ସଂଭାଳି ଚପଳ ତରଙ୍ଗ-କର ।
ତରୁଣୀ ଲଲାମ ଚାଲୁଥିଲେ ଆଗେ,
ଚତୁରକ୍ଷେ ଗଲେ ସରମେ ଲୁଚି;
ପରିତୁଷ୍ଟ-ମୁଖେ ପ୍ରଣାମ ଜଣାଇ,
ଅଲପେ କୁମାରେ କୁଶଳ ପୁଚ୍ଛି ।
ଶିଶୁପାଳ ଦୁର୍ଗ- ଲୀଳା ଉପବନ
ଜାଣିଲେ କୁମାର ସେ ବନସ୍ଥଳୀ;
ଭରସି କହିଲେ କୁମାର, "ସେ ଟିଙ୍କ
ଯାଇଛନ୍ତି ଏବେ ସମରେ ହାରି ।"
ସାଧ୍ୱସ-ମଜ୍ଜନେ ରହିଲେ କୁମାରୀ
କେତେବେଳେ ଗଲେ ଫେରାଇ ମୁଖ;
କେସନେ କହିବ ? କି ଭାବେ କୁମାର
ନିରେଖିଲେ ସେହି ସରମ-ସୁଖ ?
ଚଳିଲେ ତରୁଣୀ, କେତେ ବ୍ୟାଜ ଧରି,
ପଛେ ଫେରାଇଲେ ଲପନ-ବିମ୍ବ;
ନରସିଂହ-ହୃଦ ବିରହ ବିଗ୍ରହ,
କାନନ-ବସାରେ ବହିଲା କିବା !
ପରିଜନେ ଥିଲେ ବିସ୍ମୟେ ଚାହିଁଲେ,
କୁମାରେ ଏ ନାରୀ-ସମ୍ଭାଷ ଲକ୍ଷି;
କରମ-କଠୋର ବୀର ନରସିଂହେ
ଏ ଭାବ କେବେ ସେ ନ ଥିଲେ ଦେଖି ।

GPNanda Colln., Digitized by srujanika@gmail.com

ବୟସ୍ୟ ସ୍ୱଜନେ　　　　ସେହି ରଜନୀରେ
ଥିଲେ ମାତ୍ର ଯାହା କୁମାର କହି,
ଉତ୍ସବ-ନିଶୀଥେ　　　　ଭୁଲି ହେଉଥିଲେ,
ସଜନ ମହିଷୀ-ମନ୍ଦିରେ ଯାଇ ।　　　　୩୫୪

# ଚତୁର୍ଥ ସର୍ଗ

ଯଉବନ ଜଳେ ଅନନ୍ତ ବିଭାସେ,
ତରୁଣ ବିକାଶେ ଅନନ୍ତ ମୁଖେ;
କରମ ସଂଯମ ଗରବ ବିନୟ
ତରୁଣେ ଖେଳଇ ଅନନ୍ତ ସୁଖେ ।
ତୁଙ୍ଗ ଅଭିଳାଷେ ଆରତି-ପିପାସା
ଅନନ୍ତ-ଜାଗରେ ବିକାଶେ ବିଭା;
ପର-କର୍ମ-ସୁଖେ ପରାଣ ବିଭୋର,
ତରୁଣେ ସଂପଦ ଫୁଟଇ କିବା !
ସେହି ସେ ସଂପଦେ ତରୁଣ-ଜୀବନ
ଭାସଇ ବିମଳ ପୀରତି-ପୂରେ;
ଜୀବନେ ଜୀବନ ମିଶି, ଯଉବନ
ବହଇ ଅନନ୍ତ-ପୀରତି-ଧାରେ ।
ଆବରଣ ଭେଦ ବିକାଶି ଚମକେ,
ସେ ପୀରତି କରେ ପଲକେ ବଶ ;
ଆରତି କରମ ଆରତି ବିବେକ
ରସାଣି, ଫୁଟଇ ତରୁଣ-ଯଶ ।
ବଙ୍କ-ଘନ-କୋଳେ ହସଇ ଚପଳା;
ବହଇ ସେ ଘନ ସରସ ଧାରେ ;
ଶିଶିର-ବିପିନେ ମଳୟ-ପରଶ
ମୁଂଜରି, ସୁମନ-ବିକାଶେ ଝରେ ।



GPNanda Colln., Digitized by srujanika@gmail.com

ଚୁମ୍ବକ-ଶକତି- ପରଶେ ପଲକେ
ଲୋହେ ବିକାଶଇ ଚୁମ୍ବକ-ବଳ;
ଅୟସ୍କାନ୍ତ ଯଥା ଗୃହେଁ ମେରୁ-କୂଳେ,
ତରୁଣ ଲୋଡ଼ଇ ପରାଣ-ମେଳ ।
ସରସ ପରାଣ ବହଇ ତରୁଣେ;
ଅନନ୍ତ ବିଳାସ-ପୀରତି-ଆସେ;
ସରସ ତଟିନୀ ଗାଢ଼ ଗିରିଦରୀ,
ବିସାରି ଉରସ ସାଗରେ ଭାସେ ।
ପରାଣର ଧ୍ୱନି ବାଜଇ ପରାଣେ,
ପ୍ରତିଧ୍ୱନି ଉଠେ ଅନନ୍ତ ନଭେ; ୧୫
ଏକାକାର ହୁଏ ମେଦନୀ ଗଗନ
ପୀରତି-ପ୍ରସାରେ ଅନନ୍ତ ଶୁଭେ;
ସପଦ ବିପଦ କରମ ସଯମେ
ଫୁଟଇ ସେହି ଯେ ପୀରତି-କଳା;
ପୂର୍ବ ପଶ୍ଚିମ ଶ୍ୟାମ କେଦାର କାନ୍ତାର
ପୀରତି-ତରଙ୍ଗେ କରଇ ଖେଳା ।
ବଂଶୀ-ସ୍ୱନେ ବିଲେ ବାଜଇ ପୀରତି;
ରାଜ-ପୁରେ ବନ୍ଦି-ବିପଞ୍ଚୀ-ତାନେ;
ବାଜଇ ସମରେ ଦୁନ୍ଦୁଭି-ଶବଦେ
ଭାସ୍ୱର-ଆୟୁଧ-ଝନ୍‌ଝନ୍-ସ୍ୱନେ । ୨୦

---

୧୧—ସାଧାରଣଲୌହ ଚୁମ୍ବକସ୍ପର୍ଶରେ, କିମ୍ବା ଚୁମ୍ବକଶକ୍ତିର ଅଧୀନରେ ଆସିଲେ ଚୁମ୍ବକ ପାଲଟି ଯାଏ । ଚୁମ୍ବକକୁ ଯେଉଁ ଆଡ଼କୁ ବୁଲାଇ ଦିଅ, ଶୂନ୍ୟରେ ଲମ୍ବମାନ ଥିଲେ, ତାହା ଉତ୍ତର ଦକ୍ଷିଣ ହୋଇ ରହେ ।

GPNanda Colln., Digitized by srujanika@gmail.com

ପୀରତିରେ ଝୁଲା ଦୀପ୍ତ-କରବାଳ
ପଡ଼ଇ ସମରେ ଅରାତି-ପରେ;
ସେହି ପୀରତିରେ ମୃଣାଳ-ମୋହନ
ବୀର-ବାହୁ-ପାଶ ରମଣୀ ଧରେ ।
ବୀର-ନରସିଂହ- ତରୁଣ-ପରାଣେ
ବହୁଅଛି ସେହି ପୀରତି ପରା !
କରମ-କଠୋର- ଉରସ-ଉପରେ
ଫିଟିଛି ବିମଳ ପୀରତି-ଧାରା ।
ସେ ମହା ଏକାମ୍ର- କାନନ ନୀଳମେ
ସୁଧାଂଶୁ-ମୋହନ ଶାରଦ ହାସେ
ସେ କରମ-ଗୁରୁ ଗମ୍ଭୀର କୁମାରେ
କିଏ ସେ ପିଆଇ ଏ ସୁଧା-ରସେ ?
ଆସିଲେ ତରୁଣ କୁମାର ଏ ବନେ
ପରଜା-ପାଳନେ ତସ୍କର-ନାଶେ;
କେମନ୍ତେ ଗାଇବ ? କି ମହାନଦେଣେ
ଫୁଟିଲା ବୀରତ୍ୱ ପୀରତି-ହାସେ ?

ଏକାମ୍ରେଟି ଯେବେ ଟଙ୍କ-ବହ୍ନିଷିକା
ବାରବାଟୀ-ପୁରେ ଶୁଣିଲେ ସ୍ୱୟେ;
ବୃଦ୍ଧ ନରବର ଦେଲେ ଅନୁମତି,
ଏକାମ୍ରେ କୁମାର-ଛାଉଣି ଶୋହେ ।
ଧଂକସ ବୃଷଳେ ଆସନ୍ତି ଲୁଣ୍ଠନେ,
ଅଲକ୍ଷ୍ୟେ ଯାଆନ୍ତି କୁମାର ଏଡ଼ି;
ଦିନରାତ ଜଗି ଥାଆନ୍ତି ସଇନ,
ନ ପାରନ୍ତି କେବେ ସେ ଟେକେ ଧରି ।

GPNanda Colln., Digitized by srujanika@gmail.com

ବିପିନ-ଉଡ଼ାଳେ　　　　ତୁଙ୍ଗ ଟଙ୍କ-ଶିର
　　ନିରେଖି ଦେଖନ୍ତି ଅଳପେ କେବେ ;
ଚତୁରସ୍ର ହେଲେ,　　　　କାହିଁ ଗୁଳି ଯାଏ,
　　ଖୋଜି ଖୋଜି ଆଉ ନ ଦିଶେ ଲବେ ।
ପକ୍ଷୁ ଲକ୍ଷ ଅବା　　　　ଧରିବେ କେସନେ ?
　　ବୀରତ୍ୱ-ଧରମ ନୁହଇ ସେହୁ । ୩୯
ଶୀହର ସ୍ତମର,　　　　ଶୋଇଲେ କୁମାର,
　　ଉପାଧାନ କରି ବିଶାଳ ବାହୁ ।
ନୀଳାଚଳ-ନାଥ　　　　କହିଲେ ସ୍ୱପନେ,
　　'ଅଭିଗ୍ରୂର-ବଳେ ସେ ଟଙ୍କ ବଳୀ,
ମହାନଦୀ ଘୁଡ଼ି,　　　　ପଶିବ ଦିନକେ
　　ତୁଙ୍ଗ ଗିରି-ଚୂଳେ ଧଂକସ-ପୁରୀ ।'
ବିରସ ମଉନେ　　　　ଅନାଏ ତପନେ
　　ତୁଙ୍ଗ ବପୁ ଟୋଳି ଶିଖର-ମାଳ;
କୃଷ୍ଣ ଘନେ ନଭ　　　　ଆବରିଲେ ଢାରେ;
　　ସରସେ ଫିଟାଏ ବିମଳ ଝର । ୪୦
ମଉନେ ସାଗରେ　　　　ଭାସଇ ବୋଇତ,
　　ତୁଙ୍ଗ ଗୁଣବୃକ୍ଷ ଗଗନେ ଟୋଳି;
ବିଶାଳ ବିତାନେ　　　　ବହଇ ସମୀର,
　　ଚଂଚଳ ଚଳନେ ଉଠେ ସେ ଫୁଲି ।
ସେହି ସେ ଚଞ୍ଚଳ　　　　ଚଳନେ ଧଂକସେ
　　ଟଂକ-ପଛେ ଗଳ୍ପ ଉହ୍ଲଳ-ଚର;

---

୪୧—ଗୁଣବୃକ୍ଷ=ପୋତଦଣ୍ଡ, ମାସ୍ତୁଲ ।

GPNanda Colln., Digitized by srujanika@gmail.com

ନୀଳାଚଳ-ନାଥ- ଅନୁଗ୍ରହେ ପୁଣ
ଆମୋଦ-ଭୁଞ୍ଜିଲେ ଉତ୍କଳ-ବଳ ।
ସେ ଆମୋଦ-ରସେ କାନନ-ବସାରେ
କନ୍ଦରେ କନ୍ଦରେ କୁମାର ବୁଲି,
ଏକାକୀ ଶାର୍ଦ୍ଦୂଳେ ପାରଧି ବରଣ,
ବାରୁଣୀ-ବିଭ୍ରମେ ଆସନ୍ତି ଫେରି ।
ସାମନ୍ତ-ସ୍ୱଜନ- ବନ୍ଧୁକୁଳ ଆସି
ଝମ୍ପରେ ଧେନନ୍ତି ମେଲାଣି କେତେ;
ସାରସ୍ୱ-କାହାଣୀ ବିବେକ-ଗରବ
ଗାଆନ୍ତି ସେ କେତେ ବିପଞ୍ଚୀ-ଗୀତେ ।
ତରଳ ରସନା ଗୁରୁ ନରସିଂହେ
ନ ଫିଟାନ୍ତି କେହି ସଂଗୀତି-ରସେ;
କଟସିହ-ଗଡ଼ ଅସି ବନ୍ଦୀ ଦଳେ
ଗାଇଲେ ଉରସି ତରଳ ହାସେ;

## ଗୀତ ।

( 'ଗୋପୀଭାଷା' ବୃତ୍ତ )

'କେଉଁ ବରେ ବରିବେ ଜେମାମଣି,'
ରାଣୀ ବିଷାଦେ ହେଉଛନ୍ତି ଗୁଣି ।
'ଧନ ଦଉଲତ ଅଛଇ ବରେ,'
ଜେମା ଶୋଇଛନ୍ତି ପଲଂକ-ପରେ ।

---

୫୦—କଟସିହ=ବୋଧହୁଏ କୋଟସିହାଙ୍କର ପ୍ରାଚୀନ ନାମ ।

GPNanda Colln., Digitized by srujanika@gmail.com

ଯୁବରାଜ ହେଲେ ସୁମନା ଅତି,
ବୀର ଉଚ୍ଚପଦ ନେଲେ ତା' କତି;
ଗୁଣ ବଖାଣି କହିଲେ ଜେମାରେ;
ଜେମା ଶୋଇଛନ୍ତି ପଲଂକ-ପରେ ।

ନରବର ଆସି, ରାଜ-ମୁକୁଟେ
ଲକ୍ଷି, ଜେମାରେ ଦେଖାଇଲେ ପଟେ;
ଗଣ୍ଡ-ସ୍ଥଳ ପୋଛିଦେଲେ ଶ୍ରୀକରେ;
ଜେମା ଶୋଇଛନ୍ତି ପଲଙ୍କ-ପରେ ।

ଜେମା-ହୃଦୟ-ଧନ ଦଉଲତ,
ବୀର-ବିବେକ ସେ ରାଜ-ମୁକୁଟ,
ବନ-ଅନ୍ତରାଳେ ସରସୀ-ତରେ;
ଜେମା ଉଠିଗଲେ ପଲଙ୍କୁ ଖରେ ।

ହେଲା ପ୍ରଭାତ, ଉଠିଲା ତପନ,
କମଳିନୀ ସରେ ହସେ ଯତନ,
ବନେ ଅରୁଣେ ମଧୁ-ସୁର ଝରେ;
ଜେମା ନାହାନ୍ତି ସେ ପଲଂକ ଘରେ ।

---

ଗୀତର ସାରକଥା:—ରାଣୀ ଗୋଟିଏ ଧନଲୋକ ସଙ୍ଗେ, ଯୁବରାଜ ବୀର-ସଙ୍ଗେ, ଓ ରାଜା ରାଜପୁରୁଷ ସଙ୍ଗେ ବିବାହର କଥା କଲେ; ଜେମା ତାହିଁରେ ଭୁଲିଲେ ନାହିଁ । ଜେମା ଜଣେ ସାଧାରଣ ଲୋକକୁ ଗୋପନରେ ବରଣ କରି, ତା ପାଖକୁ ଗଲେ । ରାଣୀ ରାଜା ଜାଣି ତୁନି ହେଲେ; କିନ୍ତୁ ଯୁବରାଜ ନ ସହି ପଛରେ ଗୋଡ଼ାଇ ଯିବାରୁ, ଜେମା ପୋଖରୀରେ ପଶିଯାଇ ପ୍ରାଣ ତ୍ୟାଗ କଲେ ।

GPNanda Colln., Digitized by srujanika@gmail.com

ପୁର-ଚ୍ଚୋଳ ଭଜିଲାଣି ମଣ୍ଡନ,
ରଙ୍ଗ ଦଶିଲାଣି ବାରୁଣୀ-ଘନ,
ଖଗ ନାହାଁ ଆଉ ପୁର-ପ୍ରସରେ;
ଜେମା ନ ଆସନ୍ତି ପଲଙ୍କ-ଘରେ ।

ରାଣୀ ମଣ୍ଡନେ ରହିଲେ ମହଲେ;
ଖେଦେ ମରମେ ସ୍ୱଜନ ସହିଲେ;
ଦର୍ପ ଉପୁଜିଲା ରାଜ-କୁମାରେ
ଜେମା ଭୁସୁଛନ୍ତି ସରସୀ-ତୀରେ ।

ଭରସି ଗାଇଲେ କଣ୍ଠରାଗ-କବି
ସ୍ୱେରମୁଖେ ଯୁବା ଶୁଣିଲେ ଧୀରେ !
ମତେ କି ସେ ସ୍ମିତେ ଗମ୍ଭୀର ବୀରତ୍ୱ
ଝରି ପଡୁଥିଲା ସରସ ଧାରେ !
ଗମ୍ଭୀର କୁମାର କରମେ କଠୋର,
ଜାଣିଥିଲେ ସିନା କୁମାର-ଜନେ;
ସେ ଗାମ୍ଭୀର୍ଯ୍ୟ-ଲେଖେ ଲଭି କି ପାରଇ
ଧୀରତର ମଣି କବି-ନୟନେ ?
ଗମ୍ଭୀର-ଦୁର୍ଦ୍ଦିନ- ତାମସେ ଚପଳା
ଚମକି କରଇ ଗାମ୍ଭୀର୍ଯ୍ୟତର; ୫୫
ଗିରି-ନିର୍ଝରିଣୀ- ମୋହନ-ଶବଦ
ଶୁଣି, ଘୋରବନେ ମାଡଇ ଡର ।
ପ୍ରବୀଣ ପଥିକ ଜାଣି ସେ ଚମକେ,
ପଲକେ, ଦଅଇ ଲୋଚନ ବୁଜି;
କୁଶଳ ମୃଗୟୁ ସେ ନଦୀ-ଶବଦେ
ପୁଲକେ ଶ୍ୱାପଦ ଦେଖଇ ଖୋଜି ।

GPNanda Colln., Digitized by srujanika@gmail.com

ଗମ୍ଭୀରୁଁ ଗମ୍ଭୀର　　ଦେଖି ରାଜସୁତେ,
　　ଦୂରୁ ଦୂରେ ଡ଼ରି ରହନ୍ତି ଲୋକେ;
କଣ୍ଠରୋଧ-କରି　　ଜାଣିଲେ ପଲକେ,
　　ଖେଳଇ ପୀରତି ତରୁଣ-ବୁକେ ।
ଦେଖିଥିଲେ ଯେତେ　　ତରୁଣ କୁମାର
　　ଚମକେ ବନିତା ସିଦ୍ଧ-ଦୁଆରେ;
ଚମକେ ଉଜଳି,　　ବିଷାଦ-କାଳିମା
　　ପଡ଼ିଲା ଯୁବକ କୁମାରବଦନେ ।
କେହୁ ନ ଜାଣିଲେ,　　ରହିଲା କୁମାର-
　　ହୃଦୟ-କନ୍ଦରେ ତାମସ ଲୁଚି;
କବି-କଉଶଳ　　ଚମ୍ପୁ ଗିରି-ଝର
　　ହେଲେ ପାରେ ତହିଁ ତରଙ୍ଗ ରଚି ।
ପ୍ରୀତି-ପୂର ଦେଖି　　ବନ୍ଦୀ-ଗୀତ-ତାନେ
　　ଚନ୍ଦ୍ର-ଖଣ୍ଡ-ମେଘ-ତପନ-ଲୀଳା
ଖେଳି ଗଲା ତହିଁ　　ସମବେତ ଜନେ,
　　ତାମସ ପଲକେ ଲଭଇ ଶୋଭା ।
ଅଚମ୍ଭିତ ନେତ୍ରେ　　ପକ୍ଷ୍ମ ତୋଳି ବୀରେ
　　ଚାହିଁଲେ ସଭବେ କୁମାର-ମୁଖେ ।
ସ୍ମିତ ଦେଖି ପୁଣି　　ଦରସ୍ମିତ-ଲୀଳା
　　ଖେଳିଲା ଦୁର୍ଦ୍ଦିନ-ତପନ ମୁଖେ ।
କଣ୍ଠରୋଧ କରି　　ଚାହିଁଲେ କୁମାରେ,
　　କୁମାର ଚାହିଁଲେ ପୁଲକ ବକ୍ତ୍ରେ;
ଗ୍ରାହକତା ବିନା　　କବି-ସ୍ୱର୍ଗ-ସୁଖ,
　　ଆନ ମୂଲେ କବି ତୋଷଇ କେହୁ ?

GPNanda Colln., Digitized by srujanika@gmail.com

ବନ୍ଦ-ବନ୍ଦ-ବାଦ ପ୍ରସିଦ୍ଧ ଏ ଦେଶେ,
ନ ସହ୍ର ଶାରଙ୍ଗ-କଟକ-କବ
ଆସିଲେ ପୁରତେ, ସଜାଡ଼ି ବପକ୍ଷୀ,
ଶନି ଅରମ୍ଭିଲେ ପୀରତ-ଛବ;

## ଗୀତ

( ରାଗ—କାଲୀ )

'କି ଘେନି ଯାଅ, ସାଧବ-ପୁଅ, ଆସ ହେ ପାଶେ ମୋର;
ସିଂହଳ-କୂଳ-ମୁକୁତା-ଫଳ ଦିଅ, ରଚିବ ହାର ।'
'ଆଣିଛୁ ମୁହିଁ, ମୁକୁତା ବହୁ, ବିକୁଛୁ ଘରେ ଘରେ;
ଘେନିଛ କଟା; ଦବ ମୁକୁତା, କେଉଁ ବନିତା-ବରେ ?
ବଡ଼ କଉଡ଼ି, ନାରଙ୍ଗ-ପରି ଏ ମୋ ମୁକୁତାମାନ;
ଜୀର୍ଣ୍ଣ ବସନେ ଚର୍ମ-ଆସନେ କପାଇଁ ତବ ମନ ?'
'କପାଁ ଏ କଥା ? ଦିଅ ମୁକୁତା, କଣିବା ଦେଇ ଧନ;
ସିଂହଳେ କେହ୍ନ'ଛନ୍ତି କି ଆଉ ଏହି-ମୂଲକ-ଜନ ।'
'ଖୋଜି ମୁଁ ନାହିଁ, ମୁକୁତା ପାଇଁ ଥିଲି ମୁଁ ଯାଇ ଏକା;
ସପଦ ମୋର ହୋଇଛି ଜୁର, ମୁଁ ଏବେ ବୁଲିବକା ।'
'ଦେଖାଅ ମୋତ, କରେ ମିନତ, କିଅ ଏ ଧନ ଅଛି ।'
ଫିଟାଇ ପେଡି, ଫରୁଆ କାଢ଼ି, ଦେଲେ ରତନ ବାଛି ।
'ରତନ-ତୁଲେ ଫରୁଆ-ତଳେ ଏ କିସ ଦିଶେ କଳା ?
ଏତ ସୁନ୍ଦର ଲମ୍ବ ଚକୁର, ଆହା ବନ୍ଧ କି କଲ୍ଲ !'

---

୭୧—ଶାରଙ୍ଗ କଟକ=ପ୍ରାଚୀନ ଶାରଙ୍ଗଗଡ଼ ଦୁର୍ଗ ।

GPNanda Colln., Digitized by srujanika@gmail.com

ଏତେକେ ସେହୁ ସାଧବ ଆଉ ନ କହୁ, ଗଲୁ ପଡ଼ି;
ବହୁ ଅନ୍ତରେ ବେଦନ-ସ୍ୱରେ ଉଠି, ବାହୁନେ ଝୁରି ।
'ନକର କୋହ, ଫିଟାଇ କହ, ସାଧବ-ପୁଅ ମୋତେ;
ତୁମ୍ଭର ପରି ହେ ହତଭାଗିର ଶୁଣିବ ଛ'ନ୍ତି କେତେ ।'
ବହୁମିନତି କଲୁ ସେ ଯତି, କହେ ସାଧବ ଏତେ:
'ନ ଥିଲି କାହିଁ ସାଧବ ମୁହିଁ, ଥିଲଇଁ ରାଜସୁତେ;
ସକାଳୁ ଦିନେ ଯାଇ ସ୍ନାହାନେ, ଦେଖିଲି ନଦୀ-ନୀରେ;
ଫରୁଆ ଭସି, ଅଳପ ଦିଶି, ଯାଉଛି ସ୍ରୁଅ-ଧାରେ ।
ଏଡିକ ଭଲ ଏହାରିପର ଫରୁଆ ଦିଶୁଥିଲା;
ମୁଦ ଫିଟାଇ, ଦେଖିଲି ତହିଁ, ଏହାପରି ଯେ କଳା ।
ଦେଖି ସୁନ୍ଦର ଲମ୍ବ ଚିକୁର, ମନ ରହିଲା ଲାଖି;
ଚିନ୍ତାରେ ଝୁରି, ବପାଦେ ଗଲି, ଦିନୁ ଦିନ ମୁଁ ଶୁଖି ।
ପେଷିଲି ଚର ବହୁତ ଦୂର, ସେ ରାଜ-ବାଳା ଘେନି;
ଭାଗ୍ୟେ ମିଳିଲା, ମୋତେ ମାଗିଲା ସିଂହଳ ମୋତି ଧନୀ ।
କହିଲା ଧନ; କରିଛି ପଣ, ସିଂହଳ ମୋତି ଯେହୁ
ଦେବ ତାହାରେ, ବରଣମାଳେ ବରିବ ତାରେ ସେହୁ ।
ମାଗିଲି କେତେ, ନ ଦେଲା ମୋତେ, ସେ କେଶ ବାଳାମଣି;
କହିଲା ଦେଇ ମୁକୁତା, ମୁହିଁ ନେବ ତା ପୁଣି କିଣି ।
ନୃପ ନନ୍ଦନା ମହୀମଣ୍ଡନା ସେ ତ ସଂସାର-ସାର;
ଶୁଣିଲି ଅସି; ଆସିଲେ ରସି କେତେ କୁମାର ବର ।
କେବେହେଁ ବାଳା ବରି ନୋହିଲା, ହେଲେ ସେ ରୋଷଭର;
ପେଷି ସଇନ, ସେ ପୁର ଜିଣି, କଲେ କଠକ ଜୁର ।
କେତେତ ମଲେ, କେ କାହିଁ ଗଲେ ? ଝାସିଲେ ବାଳା ଜଳେ ।
ସିଂହଳ-କୂଳ-ମୁକୁତା-ମାଳ ଦେବ ମୁଁ କାହା ଗଳେ ?'
'ଦିଅ ଏ ଗଳେ', ମୁନି କହିଲେ, ସାଧୁତ-କୋଳେ ପଡ଼ି;
ଭେଦ ବସନେ, ବାଷ୍ପ-କମ୍ପନେ ଉରସ ଦିଶେ ଫୁଲି ।



GPNanda Colln., Digitized by srujanika@gmail.com

ଯୁବା ଫଭିଲ, ଧଇଲେ ତୋଳି, ଚୁମ୍ବିଲେ ତାର ମୁଖେ;
ବାପ୍ପେ ବାହ୍ୱାର, ପଡ଼ିଲା ଝରି ଲୋତକ ବାଳା-ବୁକେ:
'ମୋ ଲାଗି ବାଳା ସହିଲୁ ପରା, ଜଟା-ମେଖଳା-ଭାର ।
ପେଡ଼ ସୁମନ, ସହେ କେସନ ? ବଧି ଏସନ କ୍ରୁର ।'

ଖେଳିଗଲା ଭାବ, ଖେଳିଯାଏ ଯଥା
ଅଷାଢ଼-କଅରି ଭେଦ ପବନ;
ପଲକ-ସ୍ପନ୍ଦନେ କୁମାର ହୃଦୟ
ଥରିଗଲା, ଭେଦ ସେ ଅପଘନ ।
କହିଲେ କୁମାର ଫିଟାଇ ବଚନ,
ଗମ୍ଭୀର ମଜନ ଉଠାଇ ମୁଖେ;
ପୀରତ-ସୋହାଗେ ନାହିଁକି ବାରଣ ?
ନ ପଡ଼େ କି ବଧୂ ଶିଖର-ଶିଖେ ?
ମୃଗଶାଳା-ଗଡ- କବି ଥିଲେ ପାଶେ,
କହିଲେ ସୁରସ ସରଳ ଭାଷେ:
"ଏହି ବୀଣା-ତାରେ ନାଚଇ ତଟିନୀ
ମିଳାଇ ହୃଦୟ ନୀଳମ-ରସେ;
ଏହି ବୀଣା-ଗୁଣେ ସହେ କମଳିନୀ
ପ୍ରଚଣ୍ଡ ତପନ-କିରଣ-ଜାଲ;
ଏହି ବୀଣା-ତାନେ ଦାରୁ-ଭେଦ-ଭୃଙ୍ଗ
ପଡ଼ି ତା' କେଶରେ ହୁଅଇ ଭୋଳ;
ଏହି ବୀଣାବଳେ କାଳ ଭୁଜଙ୍ଗିନୀ
ଜାଙ୍ଗଳିକେ ଦେଖି, ଛାଡ଼ଇ ବ ଲ;
ଜ୍ୟୋଛନାରେ ପୁଣି ଏହି ଚ ବପଞ୍ଚୀ
କରଇ ଅଶନ ବରହି-ଶିରେ;

GPNanda Colln., Digitized by srujanika@gmail.com

ଏହି ବୀଣା କଂପେ　　　ଧ୍ୱନି ପ୍ରତିଧ୍ୱନି
　　କନ୍ଦରୁ କନ୍ଦରେ ବାଜଇ ଥରେ,
ଅନନ୍ତ ବିତାନେ　　　ମିଶିବ ବୋଲି ସେ
　　ଥରି ଥରି ନଭେ ଯାଉଛି ଗୁଳି ।
ପେଷଳ ଲଳନା-　　　ହୃଦେ ପୁଣି ଏହା
　　କରଇ ଅଶନି କଠୋର ଅତି;
ଖେଳଇ ରମଣୀ　　　ଦୁଂଦୁଭି-ଝମକେ
　　ଏହି ବୀଣା-ସ୍ୱର-ଉନ୍ମାଦେ ମାତି ।"
କହି ଏତେ କଥା,　　　ଗୁହିଁଲେ କୁମାରେ;
　　ଜନ-ସଂଘ ଦ୍ୱିଧା ଭଜିଲ କବା !
ଏକ-ପଦୀ-ବାଟେ　　　ଗୁଲ-ବନେ ଯଥା,
　　କୁମାର-ପୁରତେ ଆସିଲେ ଯୁବା ।
କମ୍ର ତାର-ଲସ୍ୟେ　　　ମୋହନ ବିପଞ୍ଚୀ
　　ସଜାଡ଼ି ସଜାଡ଼ି, ଧଇଲେ ତାନ;
ସରସୀ-ବସାରେ　　　ଜୋଛନା-ଶିଶିରେ
　　ମଧୁ-ପୂରେ ଝରି ପଡ଼ିଲା ଗାନ:

## ଗୀତ

( ରାଗ — ଶଙ୍କରାଭରଣ )

'ଏକାହୋଇ ଯାଅ ନାହିଁ, ନିଅ ମୋତେ ତୁଲେ;
ଅର୍ଦ୍ଧଅଙ୍ଗ କେମନେ ମୁଁ ରହିବଇଁ ଭଲେ ।
　　ଡାଳ ଛିଣ୍ଡିର ବୋହିବ;
ଛାଡ଼ ମୋ ପଣତ ମୁଁ ତ ଏକା ନ ରହିବ ।'

---

୮୫—ପେଷଳ=ସୁକୁମାର, କୋମଳ ।

GPNanda Colln., Digitized by srujanika@gmail.com

'ଛାଡ଼ି ତୋତେ ଯାଇ ଧନ ପାରିବ କି ମୁହିଁ ?
ଜ୍ୟୋଛନା ଛାଡ଼ି ଏ ଭବେ ବଧୂ କି ବୁଡ଼ଇ ?
ଯହିଁ ଥାଅ ତୁହି ବାଳା,
ଦିବାନିଶି ଦେଖୁଥିବ ମୁଁ ତୋହର ଲୀଳା ।'

'ଝିଅରୁ ବୋଲି ବଢ଼ୁଅଛ ଭୟ ହେବ ମୋର;
ମଙ୍ଗଳ-ମନ୍ଦିର ମୋର ତବ ରଣ-ଖେଳ ।
ସଙ୍ଗେ ଯିବଇଁ ମୁକର;
ପରାଣ ଛାଡ଼ି କେମନେ ରହିବ ଶରୀର ?'

'କିଏ ସେ ଶରୀର ବାଳା, ତୁହି ତ ପରାଣ;
ଯେଣେ ତୁହିଁ ଥିବ, ତେଣେ ଦିଶୁଥିବୁ ଧନ ।
କିପାଁ ଯିବୁ ଏକା ତୁହି ?
ରଣ ଜିଣି, କାଲିପରି ଆସିବଇଁ ମୁହିଁ ।'

'ଏକା ହୋଇ ଯିବ ନାହିଁ, ନ ରହିବ ଘରେ;
ସଂସାର-ସରଗ ମୋର ଥିବ ତୁମ୍ଭ ତୁଲେ ।
ତୁମ୍ଭ ସଙ୍ଗେ ଥିବ ମୁହିଁ;
ଖୋଜିଲେ ତୂଣୀରୁ ଶର ଦେବ ମୁଁ ବଢ଼ାଇ ।'

'ରଣଭୂମି ହୁଏ ଧନ କୁସୁମ-ତଳପ,
ଖୋଜିବାକୁ ଶର ତହିଁ ତର ତ ଅଳପ;
ଜଖ୍ୟା ନ କର ସୁନ୍ଦର,
ଚୁମ୍ବିବ ଲପନ-ଶଶୀ ଆସି କାଲିପରି ।'

'ନ ଜାଣନ୍ତୁ ପିତାମାତା, ନ ଜାଣନ୍ତୁ ଜନେ;
ଗୋପନେ ପରାଣ ସେନା ଯିବ ହେ କେମନେ ?
ପ୍ରାଣ ନିଅ ପିଣ୍ଡେ ଧରି;
ନ ଡର ଅବଳା ବୋଲି, ମୁଁ ବୀର-ସୁନ୍ଦରୀ ।'

GPNanda Colln., Digitized by srujanika@gmail.com

ଉଠିଲା ଜ୍ୱଳିତ ରଣ-ଦୁନ୍ଦୁଭି-ଚଞ୍ଚଳ;
ବୀର-ହୃଦେ ଅସେ ଏଡ଼ି ଖରଶାଣ ତୀର,
କିଏ ହେଲା ଆଗେ ଉଭା ?
ମରଣେ ସୁନ୍ଦରୀ-ମୁଖେ ବରଣର ବିଭା ।

କିଛି ହେଲା ! କିଛି ହେଲା ! 　　କହିଲେ ସରବେ,
ବିସ୍ମୟେ କୁମାର ରହିଲେ ଗୃହିଁ;
ଗ୍ରସ୍ତ-ବଧୂ-ଛବି 　　ପଲ୍ଲବ-ଉରସେ
ଗଲା କି ଚଂଚଳ ତରଙ୍ଗେ ବହି !
ମୋହନ-ପୀରତି- 　　ବିଷାଦ-ତରଙ୍ଗ
ଗଲା ଜନମେଲେ କଂପନେ ଖେଳି;
ବିସ୍ମିତ ବିଷାଦେ 　　ରହିଗଲା ସ୍ଥିର
ବିଶାଳ କୁମାର-ଲପନ-ଶିର ।
କିଏ ଦେଲା ଏହି 　　ବିଷାଦ କୁମାରେ ?
କି ପୀରତି ଥରେ କୁମାର-ହୃଦେ ?
ସଯମ-ପ୍ରାବୃଟେ 　　ଅସିଲା ଏ କାହୁଁ
ପୀରତିର ଲୀଳା ଜ୍ୟୋଛନା-ମୁଦେ ?
ସେହି ମୋଦ-ରସେ 　　ଭାସିଲେ ସଇନ,
ଭାସିଗଲେ କବି-କଦଂବ ତହିଁ;
ଶିଶିର-ସୋହାଗେ 　　ଆନନ୍ଦ-ଲୋତକ
ପଡ଼େ ତରୁ-ତନୁ ଉଦ୍ଭାଇ ମହୀ ।

୯୭—କଦମ୍ବ=ସମୂହ ।

GPNanda Colln., Digitized by srujanika@gmail.com

ପଞ୍ଚମୀ-ସୁଧାଂଶୁ ଉଠି ପ୍ରାଚୀନଭେ,
ଦେଉଳ-ମୁକୁଟେ ପାରଦ ଲେପେ;
ଘନ-ଅନ୍ତରାଳେ କୁହେଳୀର ଧାରେ
ନାଚଇ ସମୀର ପାରଦ-କଂପେ ।
ସେ କଂପ ନଗ୍ନଇ ଶବଳ ଶଷ୍ପରେ
ଚଳିଲେ ସଇନ ଛାଉଣୀ-ଘରେ,
ଆରାମ ଭଙ୍ଗିଲେ କୁମାର ମଉନେ,
ଥରଇ ହୃଦୟ ଆବେଶ-ଭରେ ।
ସେ ଆବେଶେ ଶୁଣି ରଣ-ସିଂଗା-ତାନ,
ସପନେ ଗଲେ ସେ ସମରେ ରସି;
ଚଳାଇ ସଇନ ବାହାରିଲେ ବୀର;
ହୁରେ ପଞ୍ଚୁ କିଏ ଡ଼ାକେ ଭରସି !
ଭାଙ୍ଗିଦେଲା ଏବେ ସେ ଡ଼ାକ ଚମକେ
କୁମାର-ସ୍ୱପନ-ସମର-ରଙ୍ଗେ;
ଦେଖିଲେ ସାମନ୍ତ ପାରିଧି-ବିଳାସେ,
ରାଜଛତ୍ର ବନ୍ଦୀ ସଇନ-ସଙ୍ଗେ :

## ପାରିଧି-ଗୀତ

(ସଂସ୍କୃତ ଗୁରୁ ଲଘୁ ନିୟମରେ ଗାଇବାକୁ ହେବ)

ତୁଙ୍ଗଶିରେ,
ଦେଖ ଶିଖର ନବ ଶୁଭ୍ର କରେ ।
ଉଠ ବୀର ଯୁବକ, ତେଜି ସପନ-ସୁଖ;
ଶ୍ୟାମ ବିପିନ ଭରି ପୁଣ୍ୟ ଝରେ ।

GPNanda Colln., Digitized by srujanika@gmail.com

ସୁନ୍ଦର ଗିରି-ଶିର,  ସୁନ୍ଦର କନ୍ଦର;
ସୁନ୍ଦର ବନ; ମୃଦୁ  ବିକଶିତ ଭାସ୍କର;
କ୍ଷତ୍ର-ଧରମ-ରତ  ବୀର-ନୃପତି-ସୁତ,
ଉଠ ହେ ରଣ-ମଦ-ଜୈତ୍ର-ବରେ ।

ଶ୍ୱାନ ଉଠଇ ହସି,  ପାରିଧି ସୁଖ ମଣି;
ରଙ୍ଗ କରି ତୁରଗ,  ଗୁନ୍ଥୁଛି ପଦ ଗଣି;
ଭେଦ୍ ବହ୍ନି ପବନ,  ସ୍ପନ୍ଦନ ରଚ ଘନ,
ବୀର-ହୃଦ ପୁରଇ ଆଶ ଖରେ ।

ସୈନ୍ୟ-ଗୁରୁ-ଗମନ  ଆୟୁଧ-ଝନ୍‌ଝନ
ଦୁନ୍ଦୁଭି-ଦମଦମ  ଉଠୁଅଛି କଂପନ;
ଗୁହୁଁଛି କାନନ  ଶୋହିବ ଗିରିବନ,
ଗଜପତି-ସୁତ-ପଦ-ସଂପଦରେ ।

ନାଚିବ ଗିରି-ଝର  ବୀର ତୁରଗ ଧରି;
ଦେଖିବ ଗିରି, ହସି  ଶାଶ୍ୱତ ତଟ ଭରି;
ଶାଳ ଗହଳ ବନ  ଲତିକା ମୋହନ
ସେବିବ ସୁବିମଳ ପ୍ରୀତି-ଭରେ ।

ସ୍ତବକେ ହସି ହସି,  ପୁଷ୍ପ ପଡ଼ିବ ଖସି;
ଶ୍ୱାପଦ ଲୁଚୁଅଛି  ଘୋର ଗହନ ରସି;
ଉଠ ଉଠ ବୀର-  କଦଂବକ-ପାଳକ,
ଶ୍ୟାମଳ ଅରୁଣିତ ସୌର-କରେ ।

ପାରିଧିରେ ଏବେ  ଗୁଲନ୍ତି ସଇନ,
କୁମାର ତୁରଙ୍ଗେ ସଇନ-ମୁଖେ;

GPNanda Colln., Digitized by srujanika@gmail.com

ଚଳନ୍ତି ମାତଙ୍ଗେ ତୁରଙ୍ଗେ ସାମନ୍ତେ,
ପାଦ ଚଳ ଗୁରୁ-ସଙ୍ଗୀତ-ସୁଖେ
ବହୁଗ ଅଦର, ଦଳେ ଦଳେ ପଥେ
ଯାଉଛନ୍ତି ସେନା ବିପିନେ ମିଶି,
ନଗ୍ରଜ ବରଜ ମହାନଦୀ ସେ କି
ଶାଖେ ଶାଖେ ଯାଏ ଅନପେ ପଶି !
ଏକାକୀ ତ ନିତ ଯାଆନ୍ତି କୁମାର,
କନ୍ଦରେ କନ୍ଦରେ ଶାର୍ଦ୍ଦୂଳ ଖୋଜି;
ଅଜ କପାଁ ସେଥୁ ସଇନ ବରଜି,
ଗଲେ ଦସ୍ୟୁ-ମୁଖେ ବିପିନେ ହଜି ?
ପାରିଧି-ବଚନେ ନାହିଁ ସେ ମମତା,
ନ ଦେଖନ୍ତି ଚାହିଁ ବିପିନ ପଥେ;
ଶାଳମାଳ ଭେଦି ଯାଆନ୍ତି ସେ ଚଳି,
ଅନ୍ୟ ମନେ ଭୁଲି ପାରିଧି ସତେ !
ଯୋଗଣେ ଗହଣେ ଥିଲେ ପଶ୍ଚତେ,
ଅପସ୍ତଦ୍ଧେ ଅଛି ନାହାନ୍ତି କେହି;
ରଜ-ଦାଣ୍ଡ-ସୁଖେ ଯାଉଛି, ଅଲକ୍ଷ୍ୟେ
କୁମାରେ କାନନ-ସରଣୀ ବହି ।
ବାରୁଣୀରେ ଢଳି କୋମଳ ତପନ,
ଖଣ୍ଡଗିରି-ଚୂଳେ ପଶିଲ୍ଲ ହସି;

---

୧୧୦—ନଗ୍ରଜଠାରୁ ମହାନଦୀ ଭିନ୍ନ ଭିନ୍ନ ଶାଖାରେ ଅନୂପ ପ୍ରଦେଶ ଭେଦ କରି ସମୁଦ୍ରରେ ପଶୁଅଛି ।

GPNanda Colln., Digitized by srujanika@gmail.com

ବୁଲନ୍ତି କୁମାର,   ନ ଦେଖନ୍ତି ଛାୟା,
ଯାଆନ୍ତି ଅଗମ୍ୟ ବିପିନେ ପଶି ।
ଯୂଥେ ଯୂଥେ ମୃଗ   ଯାଉଛନ୍ତି ବୁଲି,
ଯାଆନ୍ତି ଶୂକର ଶ୍ୱାପଦ କେତେ;
ନ ପଡ଼େ ସେ କାହିଁ   କୁମାର ନୟନେ,
ଧନୁଶର ଅସି ରହିଛି ହାତେ ।
ଅନ୍ୟମନେ ଜାଣି   କୁମାର, ତୁରଗ
ଯାଉଅଛି ଧୀର କଦଂବେ ବୁଲି;
ଭୁକି ଉଠେ ଶ୍ୱାନ,   ଦେଖି ଜନ୍ତୁ ଦୂରେ;
ନ ଶୁଣି ସେ ଅଶ୍ୱ ଦଅନ୍ତି ବୁଲି ।
ଚପଲ ନୟନ   ବୁଲୁ ନାହିଁ ବନେ,
ଶୂନ୍ୟେ ଦେଖୁଛନ୍ତି ପ୍ରବରେ ବୀର;
ନିବନ୍ଧ ମଜନେ   ଝୁଲୁଛି ଖଡ଼ଗ,
କଦଂବେ ତୂଣୀରେ ବାଜଇ ଶର ।
କଣ୍ଟକେ ଦଅନ୍ତି   ତୁରଗ ଚଳାଇ,
ବୁଲି ଯାଏ  ଆପେ ତୁରଗ ଜାଣି;
ଫେରି ଆସି କେବେ   ଘୁଞ୍ଚୁଛନ୍ତି ଶ୍ୱାନ,
ଲାଙ୍ଗୁଳ ହଲାଇ କୁମାରେ ପୁଣି ।
ପ୍ରଭାତ-ଗଗନେ   ତପନ-ସମାନ
ମୁଖେ ଖେଳେ କେବେ ଚପଳ ବିଭା;
ଚମକନ୍ତି କେବେ;   ବିକାଶେ ମାନସେ
କୃଷ୍ଣ ଘନେ କିବା ଚପଳା-ପ୍ରଭା !
ଚମକି ପଛକୁ   ଚାହାନ୍ତି କେବେ ସେ,
କଦଂବେ ଫେରାଇ ନିଅନ୍ତି ମୁଖ;

GPNanda Colln., Digitized by srujanika@gmail.com

ଖେଳିଯାଉ ଥାଏ  କଳ୍ପିତ ସପନେ
ଶୂନ୍ୟ-ଅଟ୍ଟାଳିକା-ଭବିଷ୍ୟ-ସୁଖ !
ଭାଙ୍ଗି ଯାଉଥାଏ  ଅଟ୍ଟାଳିକା ପୁଣି,
ଉଠୁଥାଏ ହୃଦେ ବିଷାଦ ଭରି;
ସେ ବିଷାଦେ ଆଶା  ଉଠଇ ପଲଟେ,
ପ୍ରଭାତ-କୁହେଳୀ-ତପନ-ସରି ।
ବିଷାଦଟି ସିନା  ପୀରତି-ଜୀବନ,
ମରମ-ବିଷାଦେ ପୀରତି ଶୋହେ;
ଦୁର୍ଦ୍ଦିନେ ବଢ଼ଇ  ଧରଣୀ-ସଂପଦ,
ଶିଶିର-ବିପିନେ ମଳୟ ବହେ ।
ସନ୍ତାପେ ମୃଦୁଳ  ହୁଅଇ ପରାଣ,
ଅଶ୍ରୁ-ଧାରେ ପଡ଼େ କବିତା ଝରି;
ରଜନୀରେ ସିନା  ବିକାଶେ ଜୋଛନା,
କର୍ଦ୍ଦମେ ଉଠଇ କମଳ-ଶିରୀ ।
ଶ୍ୟାମ ବନମାଳେ  ଶୋହେ ଗିରିନଦୀ,
କୃଷ୍ଣ ନଭ-ପଟେ ବିମଳ ତାରା;
ମରଣର ଭୟେ  ବୀର-ଭୃଙ୍ଗ-ଜଣ,
ହୃଦ-କରଷଣେ ହସଇ ଧରା ।
ସେହୁ ସେ ହୃଦୟ-  ଗୁରୁ-କରଷଣେ
ଗୃହାନ୍ତ କୁମାର ବିସାରି ବନେ;
ସଂଯମ-ଉଷରେ  ଉଠିବ କି ସତେ
ଶସ୍ୟ-ବଇଭବ ପୀରତି-ସନେ !
ଶସ୍ୟ-ବିଭା ସତେ  ଦେଖିଲେ କୁମାର
ପ୍ରଦୋଷ-ତାମସ-ବିପିନ ଭେଦି;

GPNanda Colln., Digitized by srujanika@gmail.com

ଶୁଙ୍ଘିଲେ ବାରୁଣୀ- ପାଟଳ-ପଟଳେ,
ନ ଦେଖିଲେ କାହିଁ ପଦାଙ୍କ ସାଧ୍ୱୀ ।
ନ ଜାଣନ୍ତି ବାଟ, ଫେରିବେ କେସନେ ?
ଘୋଟିଛି ଅସଇ ତାମସ ନଭେ;
ନଶିଥେ ଗମ୍ଭୀର କୁମ୍ଭାଟୁଆ ଜଣି
ସେ ବିଷାଦେ ଫୁଟେ ବିସ୍ମୟ ଏବେ ।
ଅଲପ-ପ୍ରସାର ବାଲୁଖଣ୍ଡ ପାରେ
ଲାଗିଛୁ ପୁଣି ସେ ତାମସ ବନ;
ସେ ତାମସେ ଦୂରେ ଅଣା-ବାଣୀ-ପରି
ପଡ଼ଲା ଶ୍ରବଣେ ସଂଗୀତ-ସ୍ୱନ ।
ବାର ବାର ଧୀରେ ଶବଦ-ସଂଗ୍ରହ,
ନିକଟୁ ନିକଟେ ଆସିଲେ ବୀର;
ଶୁଣିଲେ, ଶୀତଳ ମୃଦୁ ସମୀରଣ
ଭରି, ଭାସିଯାଏ କାମିନୀ-ସ୍ୱର ।
ବଣ-ଦେବୀ କିବା କଂନସ୍ୱ ବଜାସେ
ଆସନ୍ତି ମରତେ, ମଣିଲେ ସେଥୁ;
ତେଜି ତୁରଙ୍ଗମ, ବିପିନ-ସରଣୀ
ଭେଦ, ଉପବନ ଭେଟିଲେ କାହୁଁ ।
ମୁକୁଟ-ବିଭବ ପଯାଁଟଣେ ବରଜ୍ଜା,
ଅସିଥିଲେ ବୀର ସେ ଉପବନେ;
ତରୁ-ଅନ୍ତରାଳେ ଲୁଚାଇ ଶରୀର,
ସ୍ଥିର ରହିଗଲେ ସେ ଗୀତ-ତାନେ ।

GPNanda Colln., Digitized by srujanika@gmail.com

## ସଂଗୀତ

( 'ଜାଣିଛୁ ମୁଁ ଏତେ ମାନ ଗୋ ଲଳିତେ' ବୃତ୍ତେ )

କିପାଇଁ ସୁମନ, ସହୁ ଏ କଷଣ,
ଭୃଙ୍ଗ ବଧୂ-ମୁଖେ ରହୁ ଚୁହିଁ ?
ସେତ ଏତେ ଦୂରେ, ବୁଲଇ ସଂସାରେ
ଚୁହିଁ କି ତୋ ମୁଖେ ଯିବ ରହୁ । ଘୋଷା ।

ହସାଇ ରଜନୀ, ବଧୂ ତାର ସେନ,
ହସଇ ଗଗନେ, ନଚଇ ମେଦନୀ,
ସରସୀରେ ହୃଦ ଫିଟାଇ କୁମୁଦ,
କି ଆଶେ ତୁ ଚୁହିଁ ରହୁ ତହିଁ ? ୧ ।

ଘୋଟିଯାଏ ଘନ, ପିଟଇ ପବନ
ଖେଳୁଥାଏ ବଧୂ ହସାଇ ଗଗନ,
ସରସୀ-ସଲିଳେ ପ୍ରେମ-ଅସଂଯମେ
ଚୁହିଁ ଚୁହିଁ କିପାଁ ମରୁ ଭୁହୁ ? ୨ ।

କେଶର ସୋହାଗେ ମଧୁ ଅନୁରାଗେ
ଅଳିକୁ ଲୋଭଇ, ଧରୁ କଣିଭାଗେ,
ଲୋଭଇ ଦିବସେ ସରସୀ-ଉରସେ,
ବଧୂ କି ସେ ସବୁ ଜାଣୁଥାଇ ? ୩ ।

ଅନନ୍ତ ବିତାନେ ଖେଳଇ ଗଗନେ,
ଜୋଛନା-ବିକାଶେ କର-ପ୍ରସାରଣେ,
ଯାଉଛୁ କି ମିଶି, ସେ ଅନନ୍ତେ ରସି ?
ତୋ ହୃଦୟେ ବାଳା ବଳ କାହିଁ ? ୪ ।

GPNanda Colln., Digitized by srujanika@gmail.com

ସେ ଗାନେ ଲଳନା　　　　ହେଲେ ଆତ୍ମହରା,
　　ଅଂଚଳେ ପଡ଼ିଲା ଲୋତକ ଝରା;
ସଜଳ ସେ ନେତ୍ରେ　　　　ଗୃହ୍ମି ବୀର ହୃଷ୍ଟ,
　　ଅଲକ୍ଷ୍ୟେ ପଡ଼ିଲେ ଭାବେ ତରଳି ।
ସେ ତରଳ ଭାବେ　　　　ସଂଭ୍ରାନ୍ତ ହୃଦୟ,
　　ଭରସି ପଶିଲେ କାମିନୀ-କଣ୍ଠ, ୧୫୫
ଏବ କାଳ ପର　　　　ନଥିଲା ତ ସେବେ,
　　କାମିନୀ-କାଂଚନ-ଗୋପନ-ସ୍ୱତ୍ତ ।
ପଠାଣ-ବିଭବ　　　　ପଡ଼ି ଦେଶେ ଦେଶେ
　　ଲଭିଅଛି ତୁଙ୍ଗ-କୀରତି-କଳା;
ନିଜସ୍ୱ ହରାଇ,　　　　ପଠାଣ-ବିଭବେ
　　ପୂରିଅଛି ଅର୍ଦ୍ଧ-ଧରଣୀ ସାରା ।
ବାଲୁକାରେ ଯଥା　　　　ଇନ୍ଦ୍ରଦ୍ୟୁମ୍ନ-ଯଶ,
　　ତେସନେ ଯାଇଛି ମିଶର-ଶିର;
ତୁଙ୍ଗ ବାବିଲନ　　　　ଯାଇଛି ପଲଟେ,
　　ଗୁରୁ ପଠାଣଙ୍କ ପ୍ରଦୀପ-ସଙ୍ଗେ । ୧୬୦

---

୧୫୯—ମିଶର—ଆଫ୍ରିକା ମହାଦେଶସ୍ଥ ମିଶର ଦେଶର ପ୍ରାଚୀନ ସଭ୍ୟତାର ପରମ୍ପରା ମୁସଲମାନ ବିଜୟରେ ଛିନ୍ନ ହୋଇଅଛି; ମାତ୍ର ପ୍ରାଚୀନ କୀର୍ତ୍ତି ପିରାମିଡ ଓ ରକ୍ଷିତ ଶବସବୁ ବର୍ତ୍ତମାନ ଆବିଷ୍କୃତ ହେବାରୁ ପ୍ରାଚୀନ ମିଶର କଥା ଲୋକେ ଜାଣୁଅଛନ୍ତି ।

୧୬୦—ବାବିଲନ୍—ବର୍ତ୍ତମାନର ମେସୋପୋଟାମିଆରେ ଥିବା ପ୍ରାଚୀନ ବାବିଲନ୍‌ର ସଭ୍ୟତା ମୁସଲମାନ ବିଜୟରେ ଲୁପ୍ତ ହୋଇଅଛି ।

GPNanda Colln., Digitized by srujanika@gmail.com

ଆରବ-ଇରାଣ- ତୁରସ୍କ-ତାତାର-
କଦଳୀ-ବିପିନେ ପଠାଣ-ଝଞ୍ଜା
ବହ୍ନ, ନାରଖାର କରି ସେ ଗଲେ
ଶୋଭୁଅଛୁ ତହିଁ ପଠାଣ-ଧ୍ୱଜା ।
ପୁଣ୍ୟ ଆର୍ଯ୍ୟଭୂମି- ଲଲାଟ-ତପନେ
ଫୁଟିଅଛୁ କେତେ ବିପ୍ଳବ-ମସୀ;
ଗ୍ରହ-ପାତେ ଯଥା ଦୀପ୍ତ ରବି-ବକ୍ଷେ
ଫୁଟଇ ବିପ୍ଳବ, ତମସେ ଧସି ।
ସେହ୍ନ ସେ ତମସେ ଲୁଚଇ ରମଣୀ
ଜନ୍ମ-ଭୟେ ଏଥି ପୁରୁଷେ ତର ; ୧୬୫
ଅରକ୍ତ କାଂଚନ, ପୋତଇ ମାନବ,
ରାଜ-ଭୟେ କ୍ଷୀଣ-ପରାଣ ଭର ।
ଆର୍ଯ୍ୟ-ଗୌରବ ତୁଟି ନାହିଁ ପୁରା;
ଯାଇ ନାହିଁ ଲୁଚି ସେ ପରଂପରା;
ଶିର ଟେକି କୂଳେ ଉଠଇ ଶଇଳ,
ଭଙ୍ଗିଯାଏ ଯିବା ସିକତା-ବେଳା ।
ସେ ଶଇଳେ ପୁଣି ଗୁରୁ-ଘାତ-ଘାତେ
କାଳେ ପଡ଼ିଯାଏ ଲହରୀ-ଲେଖା;

---

୧୭୪—ଗ୍ରହମାନଙ୍କ ଆକର୍ଷଣରେ ସୂର୍ଯ୍ୟର ଉପରସ୍ଥ ବାଷ୍ପମଣ୍ଡଳ ଇତସ୍ତତଃ ହୋଇ ସୂର୍ଯ୍ୟରେ କୃଷ୍ଣଚିହ୍ନ ପ୍ରକାଶପାଏ । ଦୂରବୀକ୍ଷଣରେ ଦେଖିଲେ ଏ ସବୁ ସୌରକଳଙ୍କ ସ୍ପଷ୍ଟ ଦେଖାଯାଏ । ଗ୍ରହପାତ=ଗ୍ରହମାନଙ୍କ ଆକର୍ଷଣ ।

GPNanda Colln., Digitized by srujanika@gmail.com

ମିଶିଛୁ ପଠାଣ ହୃଦ୍ଦୂର ବଢ଼ବେ,
ଯାଏ କେତେ ମାନ ସଙ୍କୁର ଦେଖା ।
ନ ଥିଲା ସେ କଥା ନରସିଂହ-କାଳେ,
ରମଣୀ ସଙ୍ଗିଷି, କହିଲେ ବୀର;
"କଏ ତୁମ୍ଭେ ନାରୀ ? କପାଇଁ ବଧିବେ ?
କାହାଁକ ବିଷାଦ ସଙ୍ଗୀତ-ସ୍ୱର ?"
ପରଗୃହୀ-ଜନେ କହିଲେ ଅଳପେ,
"ଆସିଛନ୍ତି ଜେମା ପ୍ରଦୋଷେ ବୁଲି;
ଶିଶୁପାଳ-ଗଡ ଏଥି ଦିଶୁଅଛି;
ଏକାଠି ଏ ଜେମା ସେ-ଗଡ଼-ଶିରୀ ।"
ଅଳପ ଅଂଧାରେ ଚତୁରିଷ ହେଲା
ଜେମା ନରସିଂହେ ପ୍ରଦୋଷେ ତହିଁ;
ସ୍ମରଣ-ପୁଲକେ ଚମକେ କୁମାର,
ମଥା ପୋଛ ଜେମା ଦେଖିଲେ ମହୀ ।
ବ୍ରୀଡ଼ା-ପାଟଳିମା ଦଶିଲା କପୋଳେ,
ବୁଝି ନ ବୁଝିଲେ ସଙ୍ଗିନୀ-ଦଳ;
ସହକାର ହସେ ଗ୍ଲେହି-ମଧୁ-ବାତେ;
ଫିଟେ କି ଶିଶିରେ କମଳ-ଦଳ ।
ସେହି ସେ ନିମିଷ- ଗ୍ଲେହି-ଗୃହାଣୀରେ
ଗଲେ ନରସିଂହ ମରମେ ଥିର;
ସିଂହଦ୍ୱାର-ଦେଖା, ଗୃହୁ-ଚନ୍ଦ୍ର-ଲେଖା,
ପ୍ରଦୋଷ-ତାମସେ ଉଠିଲା ଭିର ।

---

୧୭୮—ଶିଶିର କାଳରେ ଅତି ସାମାନ୍ୟ ମଳୟସଂଗୃହରେ ଆମ୍ବ ବଉଳେ; କିନ୍ତୁ ତୁଙ୍ଗ ବସନ୍ତ ନ ବହିଲେ ପଦ୍ମ ଫୁଟେ ନାହିଁ ।

GPNanda Colln., Digitized by srujanika@gmail.com

ଶିଳ୍ପାଗ୍ରର ବନ୍ଧୁ ରମଣୀରେ, ଧୀରେ
ପଶିଲେ କୁମାର ବରଜ ସ୍ଥଳୀ;
ଶୁଣିଲେ ପଛକୁ ଫେର ଫେର, ଗଲେ
ରମଣୀ-ନଗର ତମସେ ମିଳି ।
ତାସ୍ ଦେଖି ଦେଖି ଶୁଣଇ ବୋଇତ,
ଧୀରେ ଧୀରେ ନଭେ ଘୋଟଇ ମେଘ;
ଦଗ-ଯନ୍ତ୍ରେ ଯଥା ନରେଖି ବାରଇ
ନାବିକ ସେ ଘନ ତାମସେ ଦଗ ।
ତେସନେ ଅନାଇଁ ଉପବନ-ତମେ,
ନଗଣେ କୁମାର ଶୁଣିଲେ ବନେ; ୧୮୫
ଦଗ ବାଉ କେତେ ଶୁଣିଲେ ବସିନେ,
ନ ଭେଟିଲେ କାହିଁ ତୁରଗ ସ୍ଥାନେ ।
ପଣି ସେ ବସିନେ, ଦେଖୁଥାନ୍ତି ରନ୍ଧୁ,
ବେଳେ ବେଳେ ଲକ୍ଷିୟ ଗଡ଼-ପାଶରୁ;
ଦୀପ-ସ୍ତମ୍ଭ କି ସେ ଝଡ଼-ପାସ୍ବାରେ !
କୁମାର ସତେ କି ନାବିକ-ସରୁ !
କୁମାର-ହୃଦୟୁ ପ୍ରଦୀପ ଯାଇଛି
ପଛ-ବାଟେ ଗଡ଼-ରମଣୀ-ପୁରେ;
କଳ୍ପନାରେ ସେହୁ ଦେଖନ୍ତି ସେ ଦୀପ
ତାମସେ ପ୍ରହସ୍ତି-ମନ୍ଦର-ଚୂଳେ । ୧୯୦
ସେ ମନ୍ଦର-ତଳେ ପଶ୍ଚିମର ସେତୁ
ଯାଇଛି ବିଭବ-ବନ୍ଧୁନେ ଭଙ୍ଗି ;

---

୧୮୪—ଦଗଯନ୍ତ୍ର=କମ୍ପାସ ।

GPNanda Colln., Digitized by srujanika@gmail.com

ପୁର-ଦ୍ୱାର-ଗଡ଼- ପାଚେରି-ଶିରେ
ଟଙ୍କ-ଗୁରୁ-ଘାତ ରହୁଛି ଲାଗି ।
ଅଯତନେ ଶିଳା ପଡ଼ିଅଛି ଖସି,
ଦଶେ ଅଘଟନ ସୁଘଟ-କଳା;
ସେଥୁ ଭେଦ ଦଶେ ପରିଖା-ଗରଭ,
ଭର୍ତ୍ତି ଠାବେ ଠାବେ ଅକର୍ମ ଶିଳା ।
ଅର୍ଦ୍ଧ-ଭଗ୍ନ-ଚୂଲେ ପ୍ରହରୀ-ନିଳୟ,
ସ୍ୱେଚ୍ଛର ମୁଖେ ଚଳେ ପ୍ରହରୀ ଠିଆ;
ଅଦୂରେ ଅତିଥି ଦେଖି ବନ-ପଥେ,
ଫୁଲି ଉଠେ କିବା ପ୍ରହରୀ-ହିଆ !
ଅତିଥି ଆର୍ଯ୍ୟର ପରମ ଦେବତା,
ସଂସାରେ ସରଗ ଅତିଥି-ସେବା;
କାଟେ ଯେଣୁ ମୂଳ, ତା' ଶିରେ ବିଟପୀ
ନିବାରେ ଜ୍ୱଳନ୍ତ-ତପନ-ବିଭା ।
ଏହି ଆଦରଣେ ଏ ପାବନ ଦେଶେ
ଦେଖନ୍ତି ଅତିଥି ଜୀବନ-ପଣେ;
ପ୍ରହରୀ-ଲପନେ ଏହି ଆଦରଣ
ଦେଖିଲେ ଯୁବକ ପ୍ରଫୁଲ୍ଲ ମନେ ।
ଅଳପେ ଅଳପେ ପକାଇ ଚରଣ,
ପାରିହେଲେ ଯେଣୁ କୁମାର-ବର;
ଅଳସ ପାଗ୍ଭେଛି ପ୍ରହରୀ ବଦନେ,
ଫିଟାଇଲେ ଧୀରେ ପୁର-ଦୁଆର ।
ଶିଶୁପାଳ-ଗଡ଼େ ପ୍ରବୀଣ ସାମନ୍ତ,
ଦସ୍ୟୁ-ବଳେ ଦାଇଥିଲେ ସେ ଦ୍ୱାର;

GPNanda Colln., Digitized by srujanika@gmail.com

ଅତିଥି ପଶିଲେ,           ଆଦେଶଟି ଥିଲା,
ନ ପଚ୍ଛରି ଛାଡ଼ ଦେବେ ଦୁଆର ।
କେତେ ଦସ୍ୟୁ ସୁଖେ           ଅତିଥି ଆଦରେ
ପଶି, କରିଥିଲେ ସେ ପୁର ଜୁର,
ଭାଙ୍ଗୁଥାଏ ସିନା           ଝଡ଼େ ମହୀରୁହ,
ମହୀତ ଉରସେ ଧରେ ସେ ଝଡ଼ !
ଝଡ଼ ନୁହେ, ଆଜ           ସେ ଗଡ଼େ କୁମାର
ପଡ଼ିଲେ ବିମଳ ଜ୍ୟୋଛନା-ପରି;
ଅତିଥି ଜାଣେଣି           ସେ ସାମନ୍ତ-ବର
ମନ୍ଦୁରୁ ପାଞ୍ଚୋଟି ଆସିଲେ ଗୁଲ୍ ।
ପଚ୍ଛରିଲେ, "କିଏ           ତରୁଣଟି ତୁମ୍ଭେ ?
ଏ ତାମସେ କାହୁଁ ଆସିଲ ଏକା ?
ଅଛନ୍ତି ଏ ବନେ           ନରସିଂହ ଏବେ,
କାହିଁକି ବା ହେବ ତସ୍କର-ଦେଖା ?
ଶ୍ୱାପଦ ଚକରେ           କୁମାର-ପାରିଧି
ଡରି, ରହିଲେଣି ଧନ୍ୱା-ସେ-ପାରେ;
ପାଦପରି ଦିଶେ           ଅଙ୍ଗନାଣି ତବ,
କାହିଁ ସମ୍ଭାଳିଲ ତୁରଗ-ବରେ ?"
ନମସ୍କାର କରି,           କହିଲେ କୁମାର,
"ଆସିଥିଲି ସେହି ପାରିଧି-ରସେ;
ପ୍ରଦୋଷେ ନ ପାଇ           ସହଜ ସରଣୀ,
ଆସିଲି ଖୋଜି ଏ ପୁର ତାମସେ ।
ଏହି ପାଶେ ଛାଡ଼ି           ଆସିଲି ତୁରଗ,
ନ ପାଇଲି ଆଉ ଖୋଜି ମୁଁ ତାରେ;

GPNanda Colln., Digitized by srujanika@gmail.com

ନ ଦେଲେ ଉତ୍ତର .     ଡାକେ ମୋର ଶ୍ୱାନ,
    ସକାଳେ ଖୋଜିବ ପ୍ରାନ୍ତର-ପାରେ ।”
“ଆସ ତେବେ ବାବୁ     ଏ ଭଙ୍ଗା କୁଟୀରେ,
    ନାହିଁ ତ ପୂର୍ବର ସଂପଦ-ଶିର;
ଦଳେ ଦଳେ ଦସ୍ୟୁ-     ଲୁଣ୍ଠନ-କରମେ
    ଯାଇଛନ୍ତି ଏ ଗଡ଼-ବିଭବ ସର ।
ଏହି ଭଙ୍ଗା ଖଟେ     ଶୋଇବ ଯୁବକ,
    କୃଷକ-ଭୋଜନେ ହରିବ କ୍ଷୁଧା;
କ୍ଷତ୍ରିପୁତ୍ର ତୁମ୍ଭେ,     ଦୁର୍ଗପତି ମୂର୍ତ୍ତି,
    ଗହଣେ ଭୁଞ୍ଜିବ; କି ଅଛି ବାଧା ?
ସରିଛି ବିଭବ,     ହୃଦୟ-ଆଦର
    ଦେବି ମୁଁ ହେ ବାବୁ ଭୋଜନ ପାନେ;
ଅତିଥି ଆପଣ,     କର ଅନୁଗ୍ରହ;
    କି ଅଛି ଅଧିକ ତୋଷିବ ମାନେ ?”
ଶୁଣିଲେ କୁମାର     ବୃଦ୍ଧ-ବୀର-ମୁଖେ,
    ଭାଷି ନ ପାରିଲେ ଉତ୍ତର-ବାଣୀ;
ସରସ ସମ୍ଭ୍ରମ     ଆଦର ପୁଲକେ
    ଦଶିଲା ମୋହନ-ଲପନ-ଠାଣି ।
ଆଦରେ ଆସନେ     ବସାଇ ଯୁବକେ,
    ବିଶ୍ରମିଲେ ବୃଦ୍ଧ ତଳପେ ଧୀରେ;
ଅନ୍ୟମନେ ଶୁଣି     ବହୁକ୍ଷଣ, ବୀର
    ଆଳାପେ ରସିଲେ ପ୍ରବୀଣବରେ ।
ପଚାରନ୍ତି କେବେ     ଅଳପେ ଯୁବକ,
    କହନ୍ତି ବଖାଣି ପ୍ରବୀଣ କେତେ;

GPNanda Colln., Digitized by srujanika@gmail.com

ଦୋହଲେ କଳିକା, ପ୍ରବୁଦ୍ଧ ପ୍ରସୂନ
ଝରଇ ସ୍ତବକୁ ବସିନ୍-ବାତେ ।
କହୁଗଲେ ବୃଦ୍ଧ, କେଶରୀ-ବଭବ,
ତୁଙ୍ଗ-ଅନଙ୍ଗ-ପାଳନ-ସୁଖ;
ଚନ୍ଦ୍ର-ଅପଗୃହ, ଦସ୍ୟୁ-ବଞ୍ଚିଷିକା,
କହୁ ଗଲେ ସବୁ ବଖାଣି ଦୁଃଖେ । ୨୩୦
"ଗଲେ ଗଜପତି ମହାନଦୀ-ପାରେ
ତସ୍କର-ଦଳନେ ବସିନମାଲେ;
ଧ୍ୱଂକସ-ତସ୍କର ଆସିଲେ ଏକାନ୍ତେ;
ଆସି ନ ଥିଲେ ସେ ଏ ଶିଶୁପାଳେ ।
ଜନନୀ-ବହୀନ ଜେମା ମୋର ଏକା
ଫୁଟନ୍ତି-କୁସୁମ ଏ ପୋଡ଼ା ବନେ,
କିଶୋର-ସୋହାଗେ ବୁଲନ୍ତ ବସିନେ,
ଯାଆନ୍ତ ଦେଉଳେ ସଂଗିନୀ-ସନେ ।
ଚନ୍ଦ୍ର-ଭ୍ରଇ ବଳୀ ଚନ୍ଦ୍ର-ସେନାପତି
ଦେଖି ଜେମା ଧନେ ସଜନୀମେଳେ; ୨୩୫
ଝୁଣିଲେ 'କୁମାରୀ', କହୁଲେ ତତ୍‌ତ,
'ବବାହେ କାପାଇଁ ମନ ନ ବଳେ ।
ଚନ୍ଦ୍ର-ବୀରବର- ସୋଦରଟି ମୁହିଁ,
ମାଗୁଛୁ ଗୋ ହାତ ଉଦ୍ଧତ-ପଦେ ।'
କିଛୁ ନ କହୁ ସେ, ଆସି ନେଜମାମଣି,
ବଲପିଲେ ପଡ଼ି ଏ ବୃଦ୍ଧ-ହୃଦେ ।
ମରମେ ଦହୁଲି ଯାତନା ମୋହର,
ବୃଦ୍ଧ ମୁହିଁ, ନାହିଁ ସଇନ-ବଳ;

GPNanda Colln., Digitized by srujanika@gmail.com

ପଠାଇଲେ ଦସ୍ୟୁ    ବିବାହେ ବ୍ରାହ୍ମଣ,
ସଂମତ ନ ପାଇ, ଘେରିଲେ ଗଡ଼ ।
ବୃଷଳଙ୍କ-ସେନା    ଢୋଫାନେ ଢୋଫାନେ
ପଡ଼ିଲେ ଏ ଗଡ଼-ଶଇଲ-ମୂଳେ;
କେତେ ବୀର ମୋର    କଲେ ପ୍ରାଣ ପଣ,
ପୂରିଲା ପରିଖା ପାଟଳ ଜଳେ ।
ଫେରି ଫେରି ଯାଏ    ତରଙ୍ଗ ପୁଳିନେ,
ଗରଜି ଅସଇ ଶିରସ ତୋଳି;
ଧଂକସ-ତସ୍କର-    ବୃଷଳ-ସଇନେ
ଫେରି ଯାଇ, ପୁଣି ଅସନ୍ତି ମାଡ଼ି ।
ରଜନୀରେ ଅସି    ବାରଂବାର, ଏବେ
କରିଛନ୍ତି ଗଡ଼ ଶ୍ମଶାନ-ସମ;
ଅତିଥି ଅସିଲେ,    ନାହିଁ ବଳ ମୋର,
ଅରକ୍ଷିତ, ରଣ ବିଧି ସମ୍ଭ୍ରମ ।"
ପୁଚ୍ଛିଲେ କୁମାର,    "ହୋଇଲେଣି ତ ଜେମା
ବିବାହ ବୟସେ; କରିବ କିସ ?"
କହିଲେ ସାମନ୍ତ,    "କି ଅଉ କରିବ ?
ବିବାହ ତାହାର ହୋଇଛି ବନ୍ଦ ।
କରିଛି କଟାଳ,    ଠେଙ୍କ-ସହୋଦରେ
ନାଶି, ଦସ୍ୟୁ ଯେହୁ କରିବେ ହାନ;
ସେହି ବୀରବରେ    ବରଣ ତାହାର;
ଅନାଦରେ ଏକା କାଟିବ ଦିନ ।"
କହୁ କହୁ ଏତେ,    ତରୁଣୀ-ଶେଖର
ଜେମାମଣି ଏବେ ପଶିଲେ ତହିଁ;

GPNanda Colln., Digitized by srujanika@gmail.com

ଚମକ-ଚଞ୍ଚଳେ ଅସ୍ଥିଲେ ବାଳା,
ରହିଗଲେ ବୀର ଅତିଥି-ଗୃହି ।
ଅନାଇଁ ରହିଲେ ଅତିଥି ରମଣୀ,
ଅତିଥି ଗୃହିଁଲେ ରମଣୀ-ମୂରୁଖ;
କାନ୍ତ-ଲେଖା-ପର ସ୍ଥିର ସେ ରମଣୀ,
ଅତିଥି ଆସନ-ଆରାମ-ସୁଖେ ।
ଅତିଥି-ସତ୍କାର କରନ୍ତିତ ବାଳା
କେତେ ଶିଶୁପାଳ ସାମନ୍ତ-ପୁରେ;
ବସନ ଶୟନ ଆହାର ବହାର,
ସବୁତ ଲଗାଇ ସେ କେମାବରେ ।
କୁଶଳ ଭୋଜନ ଦେଖନ୍ତି ସେ କେମା,
ଆରାମ-ଶୟନେ ଗାଅନ୍ତି ଗୀତ;
ପ୍ରବୀଣ ଜନକେ ନ ବାଧିବ ବୋଲି,
ଅତିଥି-ଆଳାପେ ହୁଅନ୍ତି ରତ ।
ପାନ୍ଥ-ଶାଳାତ ଏ ଶିଶୁପାଳ-ପୁର,
କେତେତ ଅତିଥି ଦେଖ ଗୋ ବାଳା;
ବସ୍ତୁସ୍ଥ ତରୁଣୀ ଏତେ ଅଜ୍ଞା କପାଁ ?
କପୋଳେ ଏ କବା କୁଂକୁମ-ଲୀଳା ?
ଚମକେ ଅନ୍ଧାରେ ଯଅତ ଭବନେ,
ଅଜ୍ଞା କପାଁ ଏତେ ବାରୁଛ ପଥ ?
ଏତେତ ଗୃହି କପାଁ ବସନ-ଭୂଷଣେ,
ଧରୁ ଧରୁ କପାଁ ଥରଇ ହାତ ?
ସେଧ୍ୟା ହାତେ ଏବେ ସରଶିଲେ ବାଳା,
କୁମାର ସାମନ୍ତ ବସିଲେ ଭୁଂଜ;

GPNanda Colln., Digitized by srujanika@gmail.com

ସେହି ହାତେ ବାଳା ଝାଡ଼ିଦେଲେ ଶେଯ,
ଅତିଥି ପାଇଁକି ପଲଂକ ଯାକ ।
ଆଦରେ ଆଦରେ ସୁରା-ହ୍ରଦ ଥରେ,
ଭୋଜନେ ଶୟନେ ସ୍ୱରଗ-ସୁଖ;
ଗୁହୁଁଥାଏ ବାଳା ଅପାଙ୍ଗେ କୁମାରେ,
କୁମାର ଗୁହୁଁଲେ ଫେରାଏ ମୁଖ ।
ରହି ରହି ଯାଏ ସେ ତରୁଣୀବର,
ନ କରେ ଅତିଥି ଆଳାପେ ସେବା;
ସଂଯମ ନ ମାନ ପଲକେ ପଲକେ
ବର୍ତ୍ତୁଳ କପୋଳେ ପାଟଳ ଆଭା ।
ଭରସି ଅଳପେ କହନ୍ତି କେତେ ସେ,
ଟଙ୍କ-କଥା ଯେବେ କହନ୍ତି ପିତା;
ଟଙ୍କ-ଧରଷଣେ ନରସିଂହ-କଥା
ପଡ଼ିଲେ, ମଡ଼ନେ ପୋତନ୍ତି ମଥା ।
ଶୟନ-ସମୟ ହେଲା ଏବେ ଆସି,
ବସିଲେ ପଲଙ୍କେ କୁମାର-ବର;
ଯତନେ ଗୀତ ଧର ପାଣିଘରେ ଜେମା
ରଚିଲେ ଅତିଥି-ମଣି-ସତ୍କାରଃ

## ସଂଗୀତ

( ରାଗ—ମାୟାମାଳବଗୌଡ଼ା )

ସମୀରଣ ବହଇ ମରମର,
ମରମରେ ପୂରଇ ଗିରିଦରୀ;
ମରମରେ ପୂରଇ ପରାଣ, ରହ ରହ,
କାହିଁ ଯାଉଛ ବହି ଥରଥର ? ଘୋଷା ।

GPNanda Colln., Digitized by srujanika@gmail.com

ଅରୁଣେ ଧ୍ୱସିଧ୍ୱସି, ଉଠଇ ନଭେ ଶଶୀ
ସରଗ-ଚୂଳେ ଦର ଦାଣ୍ଡର ପରକାଶି,
ମଲ୍ଲିକା ଉପବନେ ଚୁହିଁ ଅଶ୍ରୁ ଗଗନେ,
ଛଳ ଛଳ ତା' ଦଳ ସ୍ୱମେ ଭରି । ୧ ।

ଫୁଟି ତାର ଗଗନେ, ସୁମନପରି ବନେ,
ଫୁଟନ୍ତି ଲକ୍ଷ ଲକ୍ଷ, ଉଡ଼ି ଖର ତପନେ,
ଭାସି ଭାସି ଗଟନେ, ଭେଦ ସେ ସମୀରଣେ,
ମଉନେ ଯାଏ ପଡ଼ି, କେତେ ଜଳି । ୨ ।

ସରଗୁ ସୁଧା ଝରି, ଫୁଟେ ଜ୍ୟୋତ୍ସ୍ନା ଶିରି;
ଅନନ୍ତ ନଭେ ରସି, ଯାଉଛି ତାସ ଜଳି;
ସମୀର ମରମରେ ଥରିଥରି ପ୍ରସରେ,
ଫୁଲ ହିମେ ତରଳି ପଡ଼େ ଝରି । ୩ ।

ଦମ୍ଭେ କି ସମୀରଣ ? ଥରିଯାଏ ମରମ;
କେଉଁ ନଭସ ଆଶେ ଜଳି ଉଠଇ ପ୍ରାଣ ?
ମିଶିଯିବ କି କେହି, ନଭସେ ତାସ ହୋଇ ?
କି ବୁଝି ଯାଏ ଜନ ଶୂନ୍ୟେ ଧରି ? ୪ ।

ସଙ୍ଗୀତ ଲହରେ କେଉଁ ସୁଖ-ନଭେ
ଭାସି ଯାଉଛନ୍ତି କୁମାର-ମଣି !
ମରମର ସତେ, ଶୁଭୁଛି ଅନନ୍ତେ,
କାହିଁ କେଉଁ ଦେଶୁ ପରାଣ-ବାଣୀ !
ଥର ଯାଉଅଛି ପୁଲକେ ଶରୀର,
ନାଚ ଉଠୁଅଛି ହୃଦୟ ବୁକେ;

GPNanda Colln., Digitized by srujanika@gmail.com

ରୋମାଞ୍ଚ ଉଠୁଛି　　　　　　　ପଲକେ ପଲକେ
　　ସେ ଗୀତ-ବିଳାସ-ଅନନ୍ତ-ସୁଖେ ।
ଚମକେ ଭାଙ୍ଗିଲା　　　　　　ସେ ଭୃଙ୍ଗ ବିଳାସ,
　　ପଶିଲା ଶ୍ରବଣେ ତୁରଙ୍ଗ-ପଦ;
ନାଚେ ବୀରମଦ　　　　　　ମିଶିଲା ପରାଣେ,
　　ସାହସ-ଚମକେ ଥରିଲା ହୃଦ ।
ଚମକେ ବସିଲେ　　　　　　ତଳପେ କୁମାର,
　　ଆସିଲେ ସାମନ୍ତ ସେ ଘରେ ପଶି;
ଆସିଲେ କୁମାରୀ　　　　　　ସହଚରୀ-ସନେ,
　　ତରାସ-ଉଲ୍ଲାସେ ନୀରସେ ହସି ।

"ନରସିଂହ ବୀର　　　　　　ଅଛନ୍ତି ଏ ବନେ;
　　କାହୁଁ ସମ୍ଭବବ ତସ୍କର-ଭୀତି ?
ନରସିଂହ-ନାମ　　　　　　ତାମସ ବିପିନେ
　　କିପାଇଁ ବା ଏଥି କରିବେ ଗତି ?
କୁହକେ ପଶଇ　　　　　　ଧ୍ୱଂସ-ତସ୍କର,
　　ଯାଇଛନ୍ତି ଏବେ ଏ ବନ ଛାଡ଼ି;"
କହୁଁ ବୃଦ୍ଧ ଏହା,　　　　　　ପୁର-ଦ୍ୱାର ଭେଦ
　　ତୁରଙ୍ଗେ ସଇନ ଆସିଲେ ମାଡ଼ି ।
ଅତିଥି ସମାନେ　　　　　　ପ୍ରହରୀ କବାଟ
　　ଦେଇଛନ୍ତି କାଢ଼ି, ଜାଣିଲେ ବାଳା;
କୁମାର ଦେଖିଲେ,　　　　　　ଗଜପତି-ସାଜେ
　　ସଜ୍ଜିତ ସଇନ ତୁରଙ୍ଗ-ମାଳା ।
ସମ୍ଭାଷିଲେ ଆସି　　　　　　ସେନାପତି ବୀରେ,
　　ସଇନ ଚତ୍ୱରେ ରହିଲେ ଥିର;

GPNanda Colln., Digitized by srujanika@gmail.com

ନଦୀ-ମୁଖେ ଘୁଡ଼ି          ବନ୍ତମାଳ, ସେ କ୍ଷ
ପଦ୍ମଞ୍ଚଳ ଦ୍ୱୀପେ ବନ୍ଦନ-ବର !
ଝଲପେ କୁମାରେ          ଚାହିଁଲେ ସାମନ୍ତ,
ସ୍ଥିର ସେ ତରୁଣୀ-ଲପନ-ବିଭା;
ମିନତି ଆଚରି          କହୁଥିଲେ ବୃଦ୍ଧ,
ଶିଷ୍ଟ-ନମସ୍କାରେ ଗୃହିଁଲେ ଯୁବା ।
ଇଂଗିତ-ଗୃଲନେ          ସେନାପତି ଖରେ
ପ୍ରଣାମ ରଚିଲେ ପ୍ରବୀଣ-ପଦେ;
ସେନାପତି ତଥା          କୁମାରେ ସେ ବୃଦ୍ଧେ
ମୋହିଲ ବନସ୍ତ ବୀରତ୍ୱ-ମଦେ ।
ଲକ୍ଷିୟ ବ୍ୟଗ୍ରଭାବ          ସେନାପତି-ମୁଖେ
ଅଲପେ କୁମାର ପୃଚ୍ଛିଲେ ତାରେ;
କହେ ସେନାପତି,          "ଘୁଜଣୀରେ ଘୁମୁ
ନ ଯିବାରେ ହେଲେ ଚକିତ ବୀରେ ।
ଏହି ସେ ପ୍ରଦୋଷେ          ଫେରି ଆସି ଚର
ଝଙ୍କ-ପୁଚ୍ଛ, ଦେଲା ବାରତା ଆଣି;
ଶିବିରେ ଲାଗିଲା          ଘୋର କୋଳାହଳ,
'ନାହାନ୍ତି ଶିବିରେ କୁମାର-ମଣି ।'
ଗୃହୁଁ ଶ୍ୱାନେ ତବ          ଭେଟିଲେ ଘୁଜଣି
ବଦନ ବୁଲାଇ ଠାରିଲେ ବାଟ;
ବହୁପରେ ବୁଝି          କୁକୁର-ଇଂଗିତ,
ଆସିଲି ହେ ତବ ମଣି ସକାଶ ।
ସଜ୍ଜିତ ସଇନ,          ଚଳିବେ ପ୍ରଭାତେ
ମହାନଦୀ-କୂଳେ ବିପିନ-ପଥେ;
ଆସ, ପାଇଅଛୁଁ          ତୁରଙ୍ଗମ ତବ,
ଅଛି ସେ ତୁରଙ୍ଗ ସଇନ-ସାଥେ ।"

GPNanda Colln., Digitized by srujanika@gmail.com

ଉଲ୍ଲସି ଉଠିଲା ବୀର-ହୃଦ ବୀରର,
ଅଲପେ ସାମନ୍ତେ ସନ୍ତୋଷ କହି;
କେମା-ପରଶୁସ୍ତ ଶୁଣି ସେ କହିଲେ,
"ହଙ୍କ-ରଣେ ଅଜ ଚଳିଲୁ ମୁହିଁ ।
ପରଶୁର ମୁହିଁ ଭୁଲି କି ପାରିବି ?
ଅଧିକ କି ଅଉ କହିବି ଗୋପେ ?
ପଣ କରିଛନ୍ତି କେମା ତବ, କହି,
ସ୍ଥାନ ଏ ଅତିଥି ନ ଭୁଲିବେ ସେ ।"
ସ୍ମିତ-ରେଖା ଫୁଟି ଦଶିଲା ସାମନ୍ତେ,
ଲୋହିତ କପୋଳେ ତରଙ୍ଗ ରଚି;
ମଥା ପୋତେ କେମା ସାଧ୍ୱସ ପାଇଲେ,
ଧୀରେ ସହଚରୀ-ଉଢ଼ାଳେ ଲୁଚି ।
ଲୁପ୍ତ ସେନାପତି ଦେଖି ନ ଦେଖିଲେ
ତରୁଣ-ଅଧର-ପାଟଳ-ରେଖା;
ଜଳ-ବେଣୀ-କମ୍ପେ ଝରଇ ତଟିନୀ;
ବୁଝେ କି ସେ କାଂସ୍ର ଶଇଳ-ଶିଖା ?
ସେନାପତି-ତୁଲେ କୁମାର ପଲକେ
ଉଠିଲେ ତୁରଗେ ପୁର-ଚତ୍ୱରେ;
ମଶାଲେ ଉଜଳି ବିପିନ-ତାମସ,
ଗୁଳିଲେ ସଇନ ଏକାମ୍ର-ପୁରେ ।
ବନାଣି ସୋଦରେ, ଠକ୍କେ କରି ସ୍ଥାନ,
ଆସି ସେ କୁମାର ଦେଖିଲେ ବାଳା
ପୁର-ଉପବନେ ସଙ୍ଗିନୀର ମେଳେ;
ଜଣାଇଲେ ତହୁଁ ବୀର-ଅଶୋଳା ।

GPNanda Colln., Digitized by srujanika@gmail.com

# ପଞ୍ଚମ ସର୍ଗ

ଅକୂଳେ ଭାସଇ      ତରଣୀ ନିରତେ,
  ଖୁନ୍ଦିଥାଏ ତାରେ ଗଗନେ ତାର;
ଯୂଥିକା ହସଇ      ପ୍ରଦୋଷ-ସମୀରେ,
  ଜାଣି ବଧୂ ଢାଳେ କିରଣ-ଧାର।
ଉଷା ଦେଖି ହସି      ଉଠେ ବସୁଂଧରା,
  ଆସଇ ତପନ କନକ-ହାସେ;
ପୀରତି ଚେତନ      ଉଠଇ ପରାଣେ
  ତରୁଣୀ-ତରୁଣ-ପରାଣ-ରସେ।
ଉତ୍ତର-ସାଗରେ      ଧ୍ରୁବତାରା-ପରି,
  ପ୍ରଦୋଷେ ସୁଧାଂଶୁ ସକାଳେ ରବି;
ପୀରତି ପରାଣେ      ପଡ଼ଇ ଉଜଳି,
  ଶାଶ୍ୱତ ମହିମା ପୁଲକେ ସ୍ରବି।
ଭ୍ରମି ଭ୍ରମି ନଭେ      ଲଭଇ ତାରକା,
  ଦିନୁଦିନ ଲୁଚେ ଶୀତାଂଶୁ-କଳା;
ପ୍ରଦୋଷେ ପ୍ରଦୋଷେ      ବୁଡ଼ଇ ତପନ,
  ଦିଶଇ ଭୁବନ ତମସେ ବୋଳା।
ପୀରତି-ତାରକା      ପୀରତି-ଜୋଛନା
  ପୀରତି-ତପନ ନିରତେ ହସେ;
ପ୍ରାତଃ ପ୍ରଦୋଷ      କିଛୁ ଭେଦ, ଫୁଟେ
  ବିମଳ ପୀରତି ଶାଶ୍ୱତ ହାସେ।



GPNanda Colln., Digitized by srujanika@gmail.com

ପାଶେ ଥିଲେ, ପ୍ରାଣ ଉଜଳେ ପୀରତି,
ଦୂରେ ସ୍ମୃତି-ନଭେ ଉଠଇ ଭାସି;
ସାଗର ଲଂଘିନ ସଂକଟ କାନ୍ତାର
ଭେଦି ସେ ପୀରତି ଉଠଇ ହସି ।
କରମେ ବିରାମେ ଶୟନେ ସ୍ୱପନେ
ପୀରତି-ଜାଗରେ ପ୍ରଦୀପ ଜଳେ;
ବିଳାସ-ତଳପ ଖେଳ ରଙ୍ଗ-ଭୂମି
ସୋହାଗ ସଂପଦ ପୀରତି-ବଳେ ।
ପୀରତି-ସ୍ୱପନେ ତରୁଣ-ପରାଣେ
ଢଳି ଢଳ ବିଶ୍ୱ-ତରଳ-ଛବି;
ଶ୍ମଶାନ-ତମସେ ଭେଦି, ପରକାଶେ
ସେହି ସେ ବିମଳ ପୀରତି-ରବି ।
ପୀରତି ବିମଳା ତରୁଣେ ଚପଳା,
ଚମକେ କରଇ ଧାରଣ ବଶ;
କଠୋର କରମେ ନଗୁଇ ପରାଣ;
ସେହି ସେ ପୀରତି ଲଭଇ ଯଶ ।
ଗତତ ବହୁତ ହେଲାଣି, ଅଳପେ
ସେ ପୀରତି-କଥା କହେ ମୁଁ ଠୁଳେ·
ସେହି ପୀରତିରେ ବୁଡ଼ି, ଗଲେ ବୀର
ପାଶୋରି ବସୋରି ସେ ଶିଶୁପାଳେ;
ସେହି ପୀରତିରେ ଝଲସି ସେ ପୁଣି
ଧଂକସେ ପୋତିଲେ ଜୟ-କେତନ;
ସେହି ଧ୍ରୁବତାରା ଅନୁସରି, ରଣ
ପାଶୋରି ଫେରିଲେ ଏକାମ୍ରବନ;

GPNanda Colln., Digitized by srujanika@gmail.com

ସ୍ମୃତିରେ ପ୍ରଖ୍ୟାତ- ଘର ସେହି ତାର
ଦେଖିଲେ ଏକାନ୍ତେ ବିପିନ-କୁଞ୍ଜେ;
ସେହି ଗୃହ ଆଜ ଧରି ହାତେ, ଯୁବା
ଶିଶୁପାଳ-ଗଡ଼େ ଫଲଂକେ ବଜେ ।
ଧଂକସୁ ବାହୁଡ଼ି, ବାରମ୍ବାର ବୀର
ନିମନ୍ତ୍ରଣ ଲଭି, ସେ ଦୁର୍ଗେ ଯାଇ;
ସଂଖୋଳ ସାନଂତ, ସଭାଷି ତରୁଣୀ
ଆସୁଥିଲେ ତହିଁ ଦିବସ ରହି ।
ଫେଡ଼ି ହୃଦ ବାଳା, କହୁଥିଲେ କେତେ
ତରଳ-ପୀରତି-ସ୍ୱପନ-କଥା ;
କୁମାର କରନ୍ତି ତରଳ ସଂଭାଷ,
ରହନ୍ତି ତରୁଣୀ ନୁଆଇଁ ମଥା ।
ପଲକ-ସଂଗୃତରେ ଚାହିଁଥିଲେ ବାଳା
ସେ ରାଜ-କୁମାରେ ସିଂହ-ଦୁଆରେ,
ଚାହିଁଥିଲେ ପୁଣି ପ୍ରଦୋଷ-ତାମସେ
ଅତିଥି-ବିଭବେ ଜନକ-ପୁରେ ।
ଜାଣିଥିଲେ ସେହୁ, 'ନରସିଂହ ବଳେ
ହାରିବେ ସମରେ ଧଂକସ-ବୀର ।'
ଜାଣି ସେ ନ ଥିଲେ, 'ସତେ ନରସିଂହ
ଆଦରିବେ ଜେମା-ବରଣ-ମାଳ !'
ଜନକ ଥାଆନ୍ତି ଦୋଳା-ଚଳ-ଚିତ୍ତେ,
ଉପହାସେ ଥିଲେ ସଜନୀମାନେ;
ସରଗ-ତପନ କେ ମଣେ, ଧରିବ
କର-ପ୍ରସାରଣେ କନ୍ଦୁକ-ମାନେ ?

GPNanda Colln., Digitized by srujanika@gmail.com

ସେହି ସେ କନ୍ଦୁକ　　ପାଇ ହାତେ ବାଳା
　　ଉଲ୍ଲାସ-ବଢ଼ଦେ ପୀରତ ନରେ　　୩୫
ଭାସିଯାଏ କାହିଁ　　କେଉଁ ଶୂନ୍ୟ ଦେଶେ ?
　　ଶରୀର ନ ଥିଲେ ନ ଥାନ୍ତା ଭବେ ।
ଅସନ୍ତ କୁମାର,　　ଧାଇ ଜେମାପୁରେ
　　ଅବାରିତ-ଗତି ପଶନ୍ତ ସୁଖେ;
ଆଦରେ ଯୁବତୀ　　ବସାଇ ପଲଙ୍କେ,
　　ଠିଆ ହୋଇଥାନ୍ତ ଅବନୀ-ମୁଖେ ।
ଆଦର ବସାନ୍ତ　　କେବେ ଯୁବାମଣି,
　　ପଲଙ୍କେ ନ ବସି, ବସନ୍ତ ତଳେ;
ବାହୁଯନ୍ତ୍ରେ ଆଜି　　ବସାଇଲେ ଯୁବା,
　　ଜେମାମଣି ଆଣି ପଲଙ୍କ-ପରେ ।　　୪୦
ସମାଦରେ ଅଙ୍କେ　　ପକାଇ ଶୀଅଙ୍ଗ
　　ଆଉଁସି କପୋଳ ଛୁଇଁଲେ ସ୍ନେହେ,
ଉଷ୍ଣ-ବାରି ବନ୍ଦୁ　　ପଡ଼ିଲା କପାଳେ,
　　ଉଠି ସେ ରମଣୀ, ଚମକି ଗୃହେ ।
ଗଦ୍‌ଗଦ ସମ୍ଭାଳି,　　କହିଲେ ସୁନ୍ଦରୀ,
　　"କହ ପ୍ରାଣନାଥ; ଏ କିସ ରୀତି ?"
"କେସନ କହିବି,　　ତରୁଣୀ-ସଙ୍ଗିନୀ,
　　କହିବାକୁ ମୋରେ ଲାଗଇ ଭୀତି ।
କେତେତ ସହିଛି　　ଜୀବନେ ସୁନ୍ଦରୀ,
　　କେସନେ କହିବି ଏ ଦମାଗ୍ରରେ ?　　୪୫
ଫୁଙ୍କିବ କେସନେ　　ମରୁ-ବାତେ ଘଲ୍ ?
　　ଧରଣୀ ସଜନି ହୁଏ କାତର ।"

GPNanda Colln., Digitized by srujanika@gmail.com

"ବୀର ପ୍ରାଣନାଥ, କାତର କିପାଇଁ ?
ଅଭାଗିନୀ ଲଭି, ହେଲ କି ଏତେ ?
ଲଗିଛି ତ ତବ ପରାଣେ ବେଦନା,
ଲୁଚାଇ କପଟ ପାରୁଛ ମୋତେ ?
ନୁହେଁ ପ୍ରାଣନାଥ ରସାଳେ ଲତିକା
ମଳୟ-ସଂଗିନୀ ଭବେ କେବଳ,
ତୋଫାନେ ଭାଜିଲେ ଚୂତ-ଶାଖା, ପରା
ସେ ଡ଼ାଳେ ଛୁଟଇ ଲତିକା-ମୂଳ !
କହ ଫେଡ଼ ମୋରେ, ଏ ଗୁରୁ ବେଦନା
ସହ୍ୟ ନ ପାରଇ ଅଧିକ ଆଜ;
ପରାଣେ ପରାଣ ମିଶାଇ କେସନ
ସହୁଚ ଗୋପନେ ଏସନ ଦାଉ !"
"ସହକାର ସିନା ସହଇ ଝଟିକା,
ରଖଇ ଲତିକା ସମ୍ଭାଳି କୋଳେ;
ପରାଣ ସଜନ ନ ଫିଙ୍ଗାଇ ତୋରେ,
ସହି ନ ପାରିବ ବେଦନା ଛଳେ ।
ଜମ୍ବୁ-ଦେଶ-ରାଣ ନାରକେଲ ପେଷି,
ନିବନ୍ଧ ମାଗିଲେ ବିବାହେ ମୋର;
କଥା ଦେଇ ତହିଁ; ଅନଂଗ-ନୃପତି
ପଡ଼ିଛନ୍ତି ଏବେ ବିପାଦେ ଘୋର ।"
ଝଳକି ଉଠିଲା ଜେମା-ମୁଖ-ଛବି,
ଚମକେ ଦଶିଲା ନୟନ-ବିଭା;
ବାରି-ବରଷଣ ବଳକା, ମୁଦିର
ତପନ-ବିଭାସେ ଫିଟିଲା କିବା !

GPNanda Colln., Digitized by srujanika@gmail.com

ଉତ୍ତୁଙ୍ଗ ଦର୍ଶିଲା　　　　ରମଣୀ-ଗରିମା,
　　ବସାଗ୍ର କପାଳ ଦର୍ଶିଲା ଚୋରି;
ଉପରେ ହସିଲା　　　　ତାମରସ-ବକ୍ତ୍ର
　　ଲାବଣ୍ୟ-ପୀରତ-ମହିମା-ଭରି ।
"କି ହୋଇଛି ନାଥ ?　　　　ବିଷାଦ କିପାଇଁ ?
　　ଆସନ୍ତୁ ସରିଗେ ସେ ଜମ୍ବୁ-କେମା;
ଦାସୀ ହୋଇ ମୁହିଁ　　　　ରହିବ ଗହଣେ;
　　ଏଥକୁ ବିଧାନେ ଅଛି କି ମନା ?
ବାନ୍ଧିଦେବି ବାଲ,　　　　ସଜାଡ଼ିବି ଶେଜ,
　　ନ ଭଜିବେ ବାଲା ବିଷାଦ ଉଚେଲ;
ଏ ପଦ ତ ମୋର　　　　ସରଗ-ସଂସାର;
　　କିପାଁ ଏଥି ଏତେ ବେଦନା ଯାରେ ?
ଏଇଥି ପାଇଁକି　　　　ପଡ଼େଁ ଲୁହ ଝରି;
　　କି କଲା ମୋତେ, ମୋ ପରାଣ-ଧନ !
ଏଇଥି ପାଇଁକି　　　　ଏତେ ସବୁ ଉଟ୍ଟମ,
　　ଏଇଥି ପାଇଁକି ବିକଳ-ମନ ।"
କହୁ ଏହା ବାଲା,　　　　ପଡ଼ି ଯୁବା-କୋଳେ,
　　ବାହୁପାଶେ ଘେରି ଧଇଲେ ବୀରେ;
"ମିନତି ମୋହର,　　　　ନ ଭଜିବ ଖେଦ
　　ଜମ୍ବୁ-ଦେଶ-କେମା-ଚରଣ-ତଳେ ।"
ସଂଭାଳିଲେ ବୀର　　　　ବାସ୍ପର ବେଦନା,
　　ନୀରସ ଲୋଚନେ କି ଭାବ ବହି;
ଗୁହ୍ଲ ଯେ ଶବୁଙ୍କେ　　　　ଭୁଲାଇ ଶୀକର,
　　ସୁନ୍ଦରୀ-ବଦନେ ରହିଲେ ଗୁହିଁ ।



GPNanda Colln., Digitized by srujanika@gmail.com

ବହୁକ୍ଷଣ ରହି, ଗୁରୁଶ୍ୱାସ ଛାଡ଼ି,
ଗମ୍ଭୀର ଭଣିଲେ ଯୁବକ-ମଣି;
ତରୁଣୀ-ଲପନେ ଦେଖୁଥିଲେ କି ସେ
ପୀରତ-ଦୀପନେ ବିବେକ ଗଣି !
“ଦେଇଥିଲ ବାଳା ପସ୍ୱଣଛ ମୋରେ,
ରଖିଥିଲ କାଢ଼ି ବିବେକ କାହିଁ ?”
ଅଳପେ ଏତିକି କହି ନରସିଂହ,
ପୁଣି ରହିଲେ ସେ ଲପନେ ଚାହିଁ ।
ଛଳ ଛଳ କେବେ ହୁଏ ଆଖି ଡୋଳା,
ସମ୍ଭାଳି ନିଅନ୍ତି ବିବେକେ ବୀର;
‘ଯାଉଛି ଆସିବି’ ବୋଲି ଯୁବାମଣି
ପ୍ରଦୋଷ-ଧରଶେ ଛାଡ଼ିଲେ ପୁର ।
କଥାବେଳେ କେହି ନ ଥିଲେ ସେ ପୁରେ,
ସଜନୀଏ କିଛି ଜାଣିବେ କାହିଁ ?
ଜଷଟେ ରହିଲେ ଶିଶୁପାଳ-ବାଳା,
ଅନୁମାନେ କିପାଁ ଜାଣିବ କେହି ?
ପ୍ରବାଦେ ବାଜିଲା ଶିଶୁପାଳ-ଗଡ଼େ;
ଜମ୍ବୁ-ଦେଶ-ଜେମା-ବିବାହ-କଥା;
ସଜନୀଏ ହେଲେ ବିସ୍ମୟେ ମଗନ,
ପ୍ରବୀଣ ସାମନ୍ତ ପାଇଲେ ବ୍ୟଥା;
କହିଲେ ସଖୀଏ, ‘ବୀର ନରସିଂହ,
କିଏ ଜାଣିଥିଲା, ଚପଳ ସେହୁ ?’
କହିଲେ ସୁନ୍ଦରୀ, ‘ନ ବୋଲ ସଜନୀ,
ବୀର ନରସିଂହେ ଚପଳ ଅତି ।’

GPNanda Colln., Digitized by srujanika@gmail.com

ଅଳପେ ଏତିକି କହନ୍ତି ସେ ଜେମା,
ନ କହନ୍ତି ଆଉ ପୁଚ୍ଛିଲେ କିଛି;
ପରାଣ-ହରଷ ଫୁଟଇ ବଚନେ,
ଧୂମେ ବହ୍ନି ଯଥା ନ ପାରେ ଲୁଚି ।
ନିବନ୍ଧ ବରତି, ଅନଂଗ-ନୃପତି
ଛାଡ଼ିଲେ ଏ ଭବ ଅଳପ ଦିନେ; ୮୬
ଶିଶୁପାଳ-ଜେମା ମାୟାଦେବୀ-ନାମେ
ବାରବାଟୀ-ପୁରେ ଜାଣିଲେ ଜନେ ।
ଅନଙ୍ଗ-ବିୟୋଗ ଶୁଣି ଚର-ମୁଖେ,
ରହିଲେ ସେ ମାୟା ହରଷ ପାଳି;
ମଣିଲେ ସରବେ; ବୀର ନରସିଂହ
ଦେବେ ବା ନିବନ୍ଧ-ବିଧାନେ ଛାଡ଼ି ।
ଶୁଣି କହେ ମାୟା, 'ବୀର ସେ ରାଜନ,
ବିବେକେ ବୀରତ୍ୱ ଶୋଭଇ ଭବେ ;'
ଗୃହୁଁ ଜମ୍ବୁ-ଜେମା ଆସିଲେ ଉତ୍କଳେ;
ମାୟା-ମନ କେହି ନ ବୁଝେ ଲବେ । ୯୧
ନରସିଂହ ଶାଳୀ ବର୍ଷ ଅଭିଷେକେ,
ରାଜ ଭୋଗ ଥିଲେ ସୋଦରେ ଦେଇ;
ସେ ସବାଦେ ବାଳା ଭାସିଲେ ପୁଲକେ,
ଏ ପୁଲକ-ଲୀଳା ନ ବୁଝେ କେହି ।
ଉଡୁଥାଏ ପକ୍ଷୀ ଏ ଡାଳେ ସେ ଡ଼ାଳେ,
ଉପବନେ ବାଳା ବୁଲଇ ଖେଳି;
ସବଇ କୋକିଳ ସହକାରେ ବସି,
ସଙ୍ଗୀତେ ଯାଏ ତା' ପରାଣ ଢାଳି ।

GPNanda Colln., Digitized by srujanika@gmail.com

ମ୍ଳାନ ନଭେ ଶୁଭ୍ର      ଉଠେ ହସିହସି,
କନ୍ଦୁକ ଖେଳଇ ପ୍ରାଙ୍ଗଣେ ବାଳା;
ବିଦ୍ରୁମିତ ବନେ      ବିଦ୍ରୁମ-ଚରଣେ
ପାଳିତ କୁରଂଗେ ରଚଇ ଲୀଳା ।
ଫୁଟଇ ସୁହାସେ      ଶତଦଳ-ହାସ,
ବିମଳ ଲପନେ ମାଧବ-ଶ୍ରୀ;
ବାଳା-ନାଚେ କିବା      ନାଚି ଯାଉଥାଏ
ଅରୁଣ-ବିଭବେ ବିପିନ ଗିରି !
ଚଳାପାଙ୍ଗ-ଲୀଳା      କରିବର-ଗତି
କବି-କଲପନା ସେ ନାସ୍ତିବରେ;
ଆନନ୍ଦ ଫୁଟଇ      ପ୍ରଶାନ୍ତ ନୟନେ,
ଲଘୁ ସେ ଚଳନ ମାନସ ହରେ ।
ଦନୁଦନ ଜ୍ୟୋତି      ଫୁଟିଲା ଜେମାରେ
ବସନ୍ତ-ବିଭବ-ତପନ-ହାସେ;
ସୁର-ବାଳା-ସରି      ଦିଶିଲେ ସୁନ୍ଦରୀ,
ଯଉବନ ପୁରି ପୁଲକ ଭାସେ ।
ଭେଦ ସେ ପୁଲକେ      ଦିଶିଯାଏ କେବେ
ଶୂନ୍ୟ ଦରଶନେ ଗଂଭୀର ଲୀଳା;
ଅଲକ୍ଷ୍ୟେ ଫୁଟଇ      ବିଷାଦ-କାଳିମା,
ସମ୍ଭରିଲେ କିନ୍ତୁ ନ କହେ ବାଳା ।
ସୋହାଗର ଲୀଳା      ବିକାଶଇ ପୁଣି
ତରୁଣ-ବିଭବ-ତରଳ-ରସେ;

---

୯୬—ବିଦ୍ରୁମ=କଅଳ ପତ୍ର, ପୋଦ୍ବଳ ।

GPNanda Colln., Digitized by srujanika@gmail.com

ପୁଲକ-ଇଂଗିତେ   ନାଚଇ ପରାଣ,
ଶତଦଳ-ଶଯ୍ୟା ଲପନେ ହସେ ।
ସେ ପୁଲକ ଆଜି   ଫୁଟଇ ଉନ୍ମାଦେ,
ବପୁଚ୍ଛେଦ ଦଣ୍ଡେ ହୃଦୟ ପୁରା;
ଲପନେ ଶୀକରେ   ଚରଣେ ଝରଇ
ହୃଦ ଭେଦ ମୋଦ-ଲାବଣ୍ୟ-ଧାରା ।
ପାଦ ନ ଲାଗଇ   ସତେ ବା ମହୀରେ,
କେତେ ରଙ୍ଗେ ବାଳା ଯାଉଛନ୍ତି ଖେଳି;
ଶିଶୁପାଳ-ଗଡ଼େ   ଜମ୍ବୁ-ରାଜା-ଜେମା
ଆସିବେ ପରା, ସେ ମାୟା ସଂଖୋଳି !
ନରସିଂହ ହୁରେ   ଉତ୍ତର-ରାଇଜେ
ଯାଇଛନ୍ତି ଗୁରୁ କରମ-ବଣେ;
ଅନୁମତ ଘେନ   ଥିଲେ ଜମ୍ବୁ-ବାଳା,
ଆସିବେ ଆଜି ସେ ଏକାମ୍ର-ଦେଶେ ।
ଚତୁରଙ୍ଗ-ସେନା-   ଶବଦ ଶୃଙ୍ଖଳା,
ପାଞ୍ଚୋଟିଲେ ମାୟା ଗଡ଼-ଦୁଆରେ;
ଜମ୍ବୁ-ଜେମା ଗଲେ   ସେ ଗଡ଼-ଭିତରେ,
ବଧୂ-ମୁଖେ ଫୁଟେ ବିଷାଦ ଭାଲେ ।
ଚିର-ବିବାସିନୀ-   ଭଗିନୀ-ସଂଶ୍ରବେ
ସତ୍କାର ରଚିଲେ ସେ ମାୟାଦେବୀ;
ଜମ୍ବୁଜେମା କିନ୍ତୁ   ପରିଚର୍ଯ୍ୟା-ବିଧି
ନିରେଖି ନିରେଖି, ଦଅନ୍ତି ଦାବି ।
ସୁବାସ ସଲିଳ   ସ୍ନାହାନେ ଶୀକରେ
ଦେଲେ, ଜମ୍ବୁ- ଜେମା ହୁଅନ୍ତି ଦୀନ,

GPNanda Colln., Digitized by srujanika@gmail.com

ଜୋଗାଉଥିଲେ ଠାଆ, ସଜାଉଥିଲେ ଶେଜ,
ଜମ୍ବୁ-ରାଜ-ଜେମା ବିରସ-ମନ ।
ବିଶ୍ରାମେ କହିଲେ, "କିପାଇଁ ସଜନି,
ପରିଚର୍ଯ୍ୟା ଏତେ ଏ ଦାସୀଠାରେ ?
ଗୃହ୍ଳ ବାରବାଣ୍ଟୀ- ରାଜ-ପୁରେ ଦେବି,
ଲଭିବି ସେବା ଏ ରମଣୀ-କରେ ।
ଗୀର୍ ନରସିଂହେ ଜାଣି ମୁଁ ନ ଥିଲି
ଉଦାର-ମହିମା-ତପନ ଉଦେ;
ତୁମ୍ଭେ ପରି ତାଙ୍କ ପରାଣ ଉଜଳି,
ବିବେକ-ତାରକା ଗୀରତ୍ୱ-ନଭେ ।
ସେବା କରିବି ମୁଁ, ଆସିଅଛି ଦୂରୁ,
ଗୃହ୍ଳ ମହାଦେବି, ମହିଷୀ ତୁମ୍ଭେ ;
ତାରା ମୁଁ, ଦେଖିବି ରୋହିଣୀ ସୁଧାଂଶୁ
ମାଧୁ-ନରସିଂହ-ମିଳନ-ଶୁଭେ ।
ଜୀବନେ ମୋ ହର ଏ ସଂପଦ ସଖି,
ନ କର ବାରଣ, ନୁହ ବିମନା ;

୧୨୪—ରୋହିଣୀ ଚନ୍ଦ୍ରଙ୍କର ସ୍ତ୍ରୀ । ତାରାଙ୍କ ସଙ୍ଗେ ଚନ୍ଦ୍ର ବେଳେବେଳେ ମିଳିତ ହେବାର ପୁରାଣରେ ଅଛି । ମାତ୍ର ସେତେବେଳେ ରୋହିଣୀଙ୍କି ଛାଡ଼ନ୍ତି ନାହିଁ । ପୁଣି ସାଧାରଣଭାବରେ ଦେଖିଲେ ଆକାଶରେ ରୋହିଣୀ ନକ୍ଷତ୍ର ମଧ୍ୟ ତାରା । ସମସ୍ତ ତାରାଚକ୍ରକୁ ବୁଲି ଚନ୍ଦ୍ର ରୋହିଣୀକୁ ମାସକେ ଥରେ ଆସନ୍ତି । ଚତୁର୍ଦିଗରେ ମଧ୍ୟଆକାଶରେ ଅଧିକାଂଶ ଉଜ୍ଜ୍ୱଳ ଓ ସୁନ୍ଦର ତାରା, ଓ ନିକଟରେ ଛାୟାପଥ ଥିବାରୁ ରୋହିଣୀ ନିକଟରେ ଚନ୍ଦ୍ର ବଡ଼ ସୁନ୍ଦର ଦେଖାଯାଏ ।

GPNanda Colln., Digitized by srujanika@gmail.com

ଏ ତପ୍ତ ପରାଣେ　　ଦିଅ ସୁଧା ଢ଼ାଳି,
　　ବୀର-ଗରବିଣି ନ କର ମନା ।"
କହେ ମାୟାଦେବୀ,　　"ଶୁଣ ଜମ୍ବୁ-ତେଜା,
　　ପରାଣ ପରାଣ-ଭଗିନୀ ମମ ,
ପ୍ରୀତି-ଫୁଲ୍ଲମନେ　　ରହି ତବ ସଦନ,
　　ଲଭିଥାନ୍ତି ସୁଖ ଭଗିନୀ-ସମ ।
ସେବିଥାନ୍ତି ସୁଖେ　　ନରସିଂହ ରାଣେ
　　ପ୍ରସୂନ-ଶ୍ରୀକରେ ଦେବତା-ସରେ ;
ଚୁମ୍ବେ ସେ ପ୍ରସୂନ　　ଦେ'ଲି ବୀର-କରେ,
　　ଦେଇଥାନ୍ତି ମୋର ପରାଣ ଭରେ ।
ଏ ସରଗ-ସୁଖ　　ହେବ କି ସଜନି ?
　　ଏ ପୋଡ଼ା ପରାଣେ କାହିଁ ସେ ଆଶା ?
କେମନ୍ତେ କହିବି　　ସେ କଥା ଭଗିନି,
　　ନାରୀ-ତୁଣ୍ଡେ ମୋର କାହିଁ ସେ ଭାଷା ?
ଆସିବେ ସେ ବୀର,　　ଯାଇଛନ୍ତି କହି,
　　ଆସନ୍ତି ସେ ନିତି ଦେଖଇ ମୁହିଁ ;
ଅରୁଣ-ତପନେ　　ଆସନ୍ତି ଅରୁଣେ,
　　ବାରୁଣୀ-ତାମସେ କାଳିମା ବହି ।
ଗାବଇ କୋକିଳ,　　ଡ଼ାକନ୍ତି ସେ ତହିଁ,
　　ସମୀରଣେ ଛୁଇଁ ଯାଆନ୍ତି ମୋତେ ;
ଏହି ପଲଂକରେ　　ବସିଥିଲେ ସେହୁ,
　　ସୁମରି, ମୁଁ ତହିଁ ପଡ଼ଇ କେତେ ।
ହୃଦ-ଦହନେ　　ନାଚି ଯାଏ ଛବି,
　　ପଲକେ ପଲକେ ପରାଣ ପୁରି;

GPNanda Colln., Digitized by srujanika@gmail.com

ଜାଗରଣେ କେତେ ଦେଖଇ ସ୍ୱପନେ,
ସ୍ୱପନେ ଦେଖଇ ପରାଣ ଭରି ।
ରାଜ-ଗହନେ ମୁଁ ଦେଖେ ଛବି ମୁଖ
କଳ୍ପନାରେ କେତେ ଭୂପତି-ସୁଖେ;
ପରଶେ ପରାଣ ଫିଟାଇଛି ତୋରେ,
ଚୁମ୍ବି କେତେ ବଧୂ-ନଳିନ-ମୁଖେ ।
ମୋହନ ଲତିକା ଅଧରିଛି କେତେ
ଜମ୍ବୁଜେମା ବୋଲି ବସିଲେ ପୁଣି;
କହେ କେତେ କଥା ପୁର-ଉପବନେ;
ପଚାରିଲେ କେହି ହୁଏ ମୁଁ ତୁନି ।
ପଚାରିଲି ସଖି, କହିବଇଁ ଅଜ
ଦରଶ-ବାସନା ବିଷାଦ ମମ;
ଏ ରମଣୀ-ହୃଦ ଫିଟାଇବ ତୋରେ,
ଚୁମ୍ବିଥିଲି ଘଟନ ଚୁମ୍ବକ-ସମ ।
ଘନରସ-ଧାର ପଡ଼ୁଛି ପରାଣେ,
ଚୁମ୍ବକ-ପରି ମୁଁ ଯାଉଛି ବୁଡ଼ି;
କି କହିବ ଏବେ ଜାଣି ନ ପାରଇ,
ଭାଳିଲେ ବଚନ ଯାଉଛି ହୁଡ଼ି ।"
କହୁ ଏତେ, ବାଳା- ସରୋଜ-ବଦନ
ଝାଉଁଳି, ଫୁଟିଲା କାଳିମ-ମସୀ;
କମ୍ପିତ ଭାଷଣେ ଫୁଟିଲା ତରୁଣୀ,
ସଂଭାଳି ପୁଣି ସେ କହିଲା ହସି ।
"ସତ କି ସପନ ଶୁଣ, ମୁଁ କହୁଛି,
ଧରାଟଣ ଲାଗି ମୋ ରହୁଛି ସେହି;

GPNanda Colln., Digitized by srujanika@gmail.com

ସୋହାଗ-ବର୍ଷାରେ　　　　ପୂରୁଛି ପରାଣ,
　　ଦେଖିଅଛି ଯାହା, ଶିବ ମୁଁ କହ ।
ନରସିଂହ ଯାଇ　　　　ଧଇଲେ ଶୀକରେ,
　　ଭାସୁଥିଲି ମୁହିଁ ସାଗର-ଜଳେ;
ଶୂନ୍ୟ-ବାଣୀ ହେଲା,　　　　'ନ ଲଭିବ ଆର,
　　ଏ ରମଣୀ ତୁମ୍ଭେ ଏ ଭବ-ପୁରେ ।'
ଉଠିଲି ପଲଂକୁ,　　　　ଦେଖିଲି ମୁଁ ଘରେ
　　ଦେବ-ଜ୍ୟୋତି-ଭରା-ଲପନେ ଯୁବା;
କହିଲେ ସେ ମୋରେ,　　　　'ଭବେ ନରସିଂହ
　　ନ ଲଭିବେ ତବ ଚରଣ-ସେବା ।'
ଅଚମ୍ବିତ ମଣି,　　　　କିଛି ନ ବୁଝିଲି,
　　ଚୁହୁଁ ଚୁହୁଁ ମୁରା କାହିଁ ସେ ଗଲେ;
ଅନ୍ଧାର ଏ ପୁର　　　　ଦିଶୁଥିଲା ଗୋରା,
　　ଘୋଟିଗଲା ପୁଣି ଘୋର ଅନ୍ଧାରେ ।
ସେହି ଦିନୁ ସୁଖେ　　　　ଝଙ୍କ ଚଲ ବନ
　　ନରସିଂହ-ଭରା ଦେଖୁଛି ସଖି ?
ଜୀବନ୍ତ ସ୍ମରଣେ　　　　ପଡ଼ିଲେ ସେ କଥା,
　　ପରାଣ କପାଇଁ ଯାଉଛି ଶୁଖି ?
ସଧବା-ମରଣ-　　　　ସୋହାଗେ ଦେଖୁଛି
　　ଜ୍ୟୋଛନା-ଧବଳ ବିପିନ ବଲ;
ଅବଶ ଲାଗୁଛି　　　　ଦିନୁଦିନ ମୋରେ,
　　ତୁଟି ଯାଉଅଛି ତରୁଣ-ବଳ ।
ବିଭ୍ରାନ୍ତ ଗରବେ　　　　ନାଚଇ ମୁଁ ବନେ
　　କି ଭାବଇ ସଖି, ନ ଜାଣେ ମୁହିଁ;

GPNanda Colln., Digitized by srujanika@gmail.com

ସ୍ୱରଣେ ସଗୁଣ- ଦେବତା ବସାଇ
କରେ ବେଳେ ବେଳେ ଆରତି ତହିଁ ।
ପିଣ୍ଡ ଫୁଟି, ପ୍ରାଣ ବାହାରଇ କେବେ,
ଆଶା-ବନ୍ଧ ଯାଏ ଚମକେ ଛୁଟି;
ନାଚୁଥାଏ, ନଭେ କନ୍ଦୁକ ପୋଷାକ,
ଛଳନେ ଯାଏ ମୋ ଚରଣ ଫୁଟି ।
ସତପରି ଲାଗେ, ହେବ ଏ ସପନ,
ଆଦର ବଅଁଳେ କର ଭଗିନ;
ନ ଦେଖି ସ୍ୱଜନେ, ହେବ ଯେବେ ଏହା,
ଶୁଣ, ମୁଁ କହୁଛି ପ୍ରାଣସଂଗିନ;
'ଆସିବ' ବୋଲି ସେ ଯାଇଛନ୍ତି ଗାଡ଼,
ନ ଦେଖିବ ଯେବେ ଏ ଭବେ ତାରେ;
ମୋ ପାଇଁ ସ୍ୱଜନ ଦେଖୁଥିବ ନିତ,
କହିବ ମୋ'କଥା ସେ ବୀରବରେ ।
ବିଦାୟ ନେବାକୁ ନ ମିଳିବ ଯେବେ
ବେଳ, ମୋ ପାଇଁକି ମାଗିବ ବିଦା;
ନରସିଂହ ଯେବେ ହେବେ ଗୋ ବିମନା,
କହିବ ବୁଝାଇ ନ କରି ଦ୍ୱିଧା ।
ଏକାମ୍ରେ ଆସିବ ନରସିଂହ-ଭୂଲେ,
ଝଲିବ ମମ ପ୍ରବୀଣ ତାତେ;
ଏଥି ପୁତ୍ରବର ଆସି, ଉପବନ-ସୁଖେ
ରଖିବ ବିହାର ବିପିନ-ବାଟେ ।
ଏହି ପଲଙ୍କରେ ବସି ନରସିଂହ,
ଧରି ଥିଲେ ମୋତେ ସଖ୍ୟରେ କୋଳେ;

GPNanda Colln., Digitized by srujanika@gmail.com

ଏହି ଉପବନେ ପ୍ରଦୋଷ-ଛାମରେ
ଚାହିଁଥିଲି ମୁହିଁ ଅତିଥିବରେ ।
ଏହି ଘରେ କରି ଅତିଥି-ଚରଣ୍ଟ,
ସେହି ଘରେ ବସି, ଗାଇଲି ଗୀତେ;
ରଖିଥିବ ମନେ, କହିବ ସଜନି,
ରଖିଥିବେ ବୀର ସ୍ମରଣେ ମୋତେ ।
ନରସିଂହ ମୋର ପରାଣ-ସଂପଦ,
ତୁମ୍ଭେ ଟି ପରାଣ-ଦୋସର ମମ;
ହୃଦୟେ ଧରି, ମୋ ଜୀବନ୍ତ ସ୍ମରଣ,
ନରସିଂହେ ଅରପିବ ପରାଣ ।
ବିରସ ନୋହିବ, ଭଗିନୀଟି ତୁମ୍ଭେ,
ବିରସ ନୋହିବେ ସେ ନରସିଂହ;
ଶରଦ-ଅରୁଣେ କନକ-ପ୍ରସୂନ
ସୁରଭି-ବିଳାସେ ଫୁଟିବ, କହ ।
ସେ ଶରଦେ ମୁହିଁ ଦଶିବି ବିମଳ,
ସେ ସୁରଭି ହେବ ମୋହର ସଖି;
ହୃଦୟେ ହୃଦୟ ମିଶାଅ ଭଗିନି,
ଏ ଜୀବନେ ଦିନେ କର ଗୋ ସୁଖୀ ।"
ପ୍ରସାରିଲେ ମାୟା କମ୍ର କର-ଲତା,
ଆଲିଙ୍ଗି ଧଇଲେ ଜମ୍ବୁ-ନନ୍ଦନୀ;
ପଲକେ ଚମକି ଥରଗଲେ ବାଳା,
ଖସିଗଲା ଦୃଢ ବାହୁ-ବନ୍ଧନୀ ।
କନକ-ପ୍ରତିମା ପଡ଼ିଗଲେ ତଳେ,
ଫିକା ଦିଶିଗଲା ଲପନ-ଜ୍ୟୋତି;

GPNanda Colln., Digitized by srujanika@gmail.com

କପାଳେ କପୋଳେ    କର-ପୀଠେ ପଦେ
ଝକାଣି ଦଶିଲା ଘର୍ମର ମୋତି ।
ମରମେ ଚମକି    ଜମ୍ବୁ-ଜେମା କ୍ଷଣେ,
ଟର ଥର ଗଡିଲ ପଲଙ୍କେ ପଡ଼ି;
ନମେଷ-ବହ୍ନି-    ନୟନେ ଉଠି ସେ,
ଗୁହାଁଲେ ମରଣେ ବଗ୍ରହ-ଶିର ।
ମନେ ପଡ଼ଗଲା    ବଜୁଳି-ଚମକେ,
ବିଶ୍ୱନାଥ ଯେବେ ଗଲେ କାଶ୍ମୀରେ;
ମନେ ପଡ଼ଗଲା    ସେ ନିଶି-ସ୍ୱପନ,
ପଡଲେ କେସନେ ସେ ପାଗ୍‌ବାରେ;
ତା'ର୍ ଦ୍ୱୋଇ ନଭେ    ଅନ ତାରକାରେ
ମିଶିଲେ କେସନେ ଗଗନ-ପଥେ;
କି ପୁଣି ଭାବଲେ,    ଜାଣୁ ସେ ନ ଥିଲେ;
ଶୂନ୍ୟେ ରହିଗଲେ ଗୁହାଁ ପୁରତେ ।
ଅର୍ଦ୍ଧ-ବଧୂ-ନିଭ    କାଶ୍ମୀସ୍ ଲଲାଟେ
ଫୁଟି ଉଠେ ଘନ ନୀଳିମ-ମସୀ,
ଗୁହାଁ ଗୁହାଁ ପୁଣି    କପୋଳ-ପାଟେଳେ
ଦଶଇ ବାରୁଣୀ ପ୍ରଦୋଷ ମିଶି ।
ତରୁଣ ହୃଦୟ,    ମନେ ହୁଏ ସତେ,
ଏହି ପଡ଼େ ଝର କଂପିତ ଭାଲେ;
ଶୁଷ୍କ-ନେତ୍ର-ବଭା    ବୁଲିଯାଏ ପୁଣି,
ନଖୁ ଶିଖଯାଏ ଶବ-ଶଯ୍ୟାରେ ।
"ଆହା ରେ ଦଇବ,    କି କଲୁ ତୁ ସତେ !"
ଶିଶୁପାଳେ ଉଠେ କନ୍ଦନ-ରୋଳ;

GPNanda Colln., Digitized by srujanika@gmail.com

ଅବନୀ ଅଦର　　ଷଡ଼ଯନ୍ତ୍ର ମାୟା,
ପରାଣ ଯାଉଛି ଛାଡ଼ ଶରୀର ।
ପରଶୁଷା କେତେ　　କଲେ ଉପଚାର,
କି ଅଛି ବିଧାନ ନିୟତି-ବଳେ ?
ପ୍ରବୀଣ ସାମନ୍ତ　　ଆସିଲେ ସେ ପୁରେ,
ଥକ୍କା ମାରି ବସିଗଲେ ସେ ତଳେ ।
ଜ୍ୟୋତି-ହୀନ ବୃଦ୍ଧ-　　ନୟନ, ସେ କାହିଁ
ତରଳି ବହିବ ଲୋତକ-ଧାରେ !
ବନ୍ଧୁଷଣ ରୁଦ୍ଧ,　　ଗୁରୁ ଶ୍ୱାସ ଛାଡ଼ି,
ଗୃହିଁଲେ ସେ ନାରୀ-ଅତିଥି-ବରେ ।
ପ୍ରଚଣ୍ଡ ବିଷାଦେ　　ସରମ-ମଉନେ
ରହିଥିଲେ ସ୍ତବ୍ଧ ଜମ୍ବୁ-ଦୁହିତା;
ଦୁହିତା-ସମ୍ମୁଖେ　　କହିଲେ ପ୍ରବୀଣ,
"ବିହି-ଲେଖେ କିଆଁ ପାଅ ମା ବ୍ୟଥା ?
କେତେ ଧନ ଅଛି　　ଏ ଜଗତେ ଆଉ !
ଥିଲା ତ ଶେଷେ ମୋ କପାଳେ ଏତେ !
ନରସିଂହଦେବ ବର,　　ଧରମ-ଦୁହିତା,
ତୁମ୍ଭ ଶୋକ ଏବେ ବାଧିବ ମୋତେ ।
ଯେତେ ଧନ ଥିବ　　ଏ ଭବେ, ମୋ' ମାଅ,
ଆସୁଥିବ ଏଥି ଦୟିତ-ତୁଲେ;
ଦେଖି ସୁଖୀ ହେବ,　　ଅତିଥି-ବିଧାନ
ରଖିବ ଆପଣେ ଆପଣା-କରେ ।
କିଏ ଅଛି ଆଉ ?　　କାହାକୁ କହିବ ?
ବୟସତ ନାହିଁ, କରିବ କିସ ?

GPNanda Colln., Digitized by srujanika@gmail.com

ଶୋକ-ମସୀ-ଭରା ବିଶୁଷ୍କ ଲପନେ
ଏ ପରାଣେ ଆଉ ନ କର ବିଷ ।”
ଝର ଝର ଧାରା ନୟନୁ କପୋଳେ
ଝରଲା ବହ୍ନି ଶୋକର ଧାର;
କହିଲେ ସାମନ୍ତ, “କାହିଁ କର କୋହ ?
ଶର କେହି ନୁହେ ଭୁବନ ସାର ।
ଯେ ଯାହା ନୟନ ଘେନି,ଯିବେ ଭବେ,
ବହିବ ଉଚିମା ସାଗର-ମୁଖେ;
ଯେଝା କାଳେ ଭବେ ଭୁଲିବେ ସରବେ
ବିପଦ ସଂପଦ ବିଷାଦ ସୁଖେ ।
ସୁଖେ ହସି ଦନେ, ଝର ପଡ଼େ କାଳେ,
ମଧୁ-ବଇଭବ-ସୁମନ ବନେ;
ବଳେ ଝର ବହେ ରମ୍ୟ ଗିରି-ନଦୀ,
କାଳେ ସେ ଜଷର ହୋଇବ ଦନେ ।
ରଜତ-ମଣ୍ଡଳ ହିମାଦ୍ରି ଶୋଭିବ
କାଳେ ଲୁଚି ଯିବ ସାଗର-ଜଳେ;
ମରୁ ଗରଜିବ ପାରାବାର-ତଳେ,
ବିପିନ ପଶିବ ପାତାଳ-ପୁରେ ।
ଜଡ ହେବ ଏହି ବିଶାଳ ଧରଣୀ,
ଅଲଂଘ୍ୟ କାଳର କବଳେ ପଡ଼ି;
ବିପୁଳ-ଶ୍ରୀଷମେ ବିକାଶିବ କାଳେ
ମେରୁ-ଦେଶ-ଘନ-ତୁହିନ-ଶିର ।
ଏଚଣ୍ଡ ତପନ ଦେଖୁଛ ଗଗନେ
କାଳ-ବଳେ ଦନେ ଲଭିବ ଏହା;

GPNanda Colln., Digitized by srujanika@gmail.com

ଅନନ୍ତ ବଢାନେ　　　　ଅନନ୍ତ ଭୁବନ
　　ସେଥି ନ ପାରବେ କାଳର ସୀମା ।
ଦନୁଦନ ବହ　　　　ଯାଉଛୁ ଜୀବନ;
　　ଯଉବନ ଭେଦ, ଆସଇ ଜରା;
ପଞ୍ଜୁରରୁ ପକ୍ଷୀ-　　　　ପର ଉଡଯାଏ
　　ଜୀବନ, ଛାଡ ଏ ଶରୀର-କାରା ।
ଦୁଇଦନ ପାଇଁ　　　　ଶରୀର-ବଇଭବ,
　　ଅନନ୍ତ ଜୀବନ ଅନନ୍ତେ ମିଶେ;
ସବୁ ସୁଖ ଦୁଃଖେ　　　　ସୋହାଗ ବଷାଦ
　　ଏକାକାର ସେହି ଅନନ୍ତ ଦେଶେ ।”
ଶୁଷ୍କ ମୁଖେ ବୃଦ୍ଧ　　　　ସଂବୋଧି ଏସନ
　　ବଜ୍ରାହତ-ତୁଙ୍ଗ-ଶିଖର-ସମ,
ତୁଙ୍ଗ ଶୁଷ୍କ ଶିରେ　　　　ଅଦେଶି ସଂସ୍କାର,
　　ଛାଡ଼ିଲେ ମଉନେ ଜେମା-ଭବନ ।
ସେଦନ ସଂଧ୍ୟାକ,　　　　ଜେମା-ସହଚରୀ
　　କହିଲେ, “ଦହନ ନ ହେବ ପିଣ୍ଡ;
କାଲି ଜେମା ହସି　　　　କହୁଛନ୍ତି ମୋରେ;
　　‘ହେବ ଯେବେ ସଖି ଶମନ-ଦଣ୍ଡ;
ନ ଦେଖି ରାଜନ　　　　ଯିବ ଯେବେ ମୋର
　　ପରାଣ, ଏ ପିଣ୍ଡ ବରଜ ସତେ;
ନ ଦେଖିବ ଯେବେ　　　　ପରାଣ-ଦେବତା
　　ଏ ପୋଡ଼ା ନୟନେ ଏହି ମରତେ;
ଭାଙ୍ଗି ଯିବ ଯେବେ　　　　ମୋ ସୁନା-ସଂସାର,
　　ଥିବେ ନରସିଂହ ଦୂର ବଦେଶେ;

ପଡ଼ ଯେବେ ଯିବ ବୃନ୍ତ ଛାଡ଼ ଫୁଲ,
ନ ଦେଖି ଅରୁଣ କଣି-ତାମସେ;
ନ ପୂରି ବାସନା, ଖୁଲି ଯିବ ଯେବେ
ପରାଣ, ବରଜ ଏ ଭବ-ପୁରେ;
ସିଂଧୁକେ ପୁରାଇ, ଛପନେ ହସାଇ,
ଖସାଇବ ପିଣ୍ଡ ତଟିନୀ-ନୀରେ ।
ଏହି ଦୟା-ଧାରେ ବହି ମୋରେ ନେବ,
ଦେଖାଇବ ପଥେ ବଡ଼ଦେଉଳ;
ଦେଖାଇବ, ନେଇ ନଦୀ-କୂଳେ କୂଳେ
ସେହି ବାରବାଟୀ-ସଉଧ-ଚୂଳ ।
ଛପନେ ହସାଇ, ସେ ପୁର ଦେଖାଇ,
ଦେବ ପିଣ୍ଡ ମୋର ଭସାଇ ଜଳେ,
ଭେଟିବ ସାଗର, ସାଗରେ ସଜନି,
ସ୍ୱଜନ-ଛୁଇଁବେ ମୋତେ ଶୀକରେ ।”
ସେହି ସେ ଶୀକରେ ଜମ୍ବୁ-ସ୍ୱଜ-ଜେମା
ଶୁଆଇଲେ ଶବ ସିଂଧୁକେ ନେଇ;
ସଜନୀ-ଗହଣେ ଦୟା-ଧାରେ ଧାରେ
ସଂଭ୍ରେ ନେଲେ ସେ ସିଂଧୁକ ବହି ।
କାଠଯୋଡ଼ି ପନ୍ଥେ ଯାଏ ନୀଳ:ଚଳେ
ଦଣ୍ଡେ ବାରବାଟୀ ଉନ୍ନତ ଚୂଳ;
ହସି ହସି ବାଳା କନକ-ଛପନେ,
ଥରି ଥରି ଭାସେ ତଟିନୀ-ଜଳେ ।

---

୧୩୭—ବଡ଼ଦେଉଳ=ପୁରୀଦେଉଳପରି ଭୁବନେଶ୍ୱରର ଲିଙ୍ଗରାଜଙ୍କ ଦେଉଳକୁ ମଧ୍ୟ ବଡ଼ଦେଉଳ କହନ୍ତି ।

GPNanda Colln., Digitized by srujanika@gmail.com

# ଷଷ୍ଠ ସର୍ଗ

କମ୍ପାଇ ସାଗର          ଧରଣୀ ଗଗନ,
ଫଟାଇ ରଜନୀ-ତାମସ ଘୋର;
ତାମ୍ରଲିପ୍ତ-ବେଳା-          ବିସାର ବୁଡ଼ାଇ;
ଉଠଇ ଗଗନେ ଦୁଂଦୁଭି-ରୋଳ ।
ସେ ନାଦେ ନଗ୍ନଇ          କଦମ୍ବେ ପ୍ରଦୀପ,
ମାଳ ମାଳ ଭାସେ ସମରେ ତରୀ;
ଜଳ-ଦସ୍ୟୁ-ପୋତେ          ଘେର ଦୀପମାଳା,
ବୋଇତେ ବୋଇତେ ଯାଉଛି ବୁଲି ।
କେତେ ଦସ୍ୟୁ-ପୋତେ          ଦୋହଲି, ପ୍ରଦୀପ
ଅତଳ ସାଗରେ ବୁଡ଼ଇ ଜଳେ;
ବୀର-ନରସିଂହ-          କନକ-ତରଣୀ
କନକ-ପ୍ରଦୀପେ କନକେ ଜଳେ ।
ପୋତମାଳ ସାଜି,          ବଣିକ-ସଇନ
ଭେଦ ଚକ୍ରବାଳ, ପାତାଳେ ପଶେ;
ଚଳ-ତାରକିତ-          ଗଗନ-ସୋହାଗେ
ତାମ୍ରଲିପ୍ତ-କୂଳ ଚମକ ହସେ ।
ଚଞ୍ଚଳ ଚଳନେ          ଦୁଲିଯାଏ ତରୀ,
ଦୁଲିଯାଏ ଘନ ପ୍ରଦୀପମାଳା;
ଉଠେ ପୋତ କାହିଁ          ଅନଳ ଉଗାରି,
ତାମସେ ଉଠଇ ବାଡ଼ବ-ଲୀଳା ।





GPNanda Colln., Digitized by srujanika@gmail.com

ଜଳ ଉଠେ ପୁଣି    ଅନଳ ତାପରେ,
ଝଲେ ଚଉପାଶେ ବୋଇତ-ପାଲ,
ଧଳାଏ ତରଣୀ,    ଲିଭଇ ପ୍ରଦୀପ,
ଛୁଟେ ପଛେ ପଛେ ପ୍ରଦୀପମାଳ ।
ଯେଣେ ଗୃହଁ, ତେଣେ    ଚଳ ଦୀପମାଳା,
ରଜତ-ହ୍ରଣ୍ଡୀର କନକେ ଝଲେ;
ଗଗନ-ବିତାନେ    ଉଠେ ଧୂମ-ଶିଖା,
ଉଜଳି ସେ ଧୂମ; ବୋଇତ ଜଳେ ।
ଉଠଇ ଅନଳ-    କରାଳ-ରସନା,
ବଢ଼େ ଅଣଂଗୁଣ ପବନ ତହିଁ;
ଲିଭଏ ପ୍ରଦୀପ,    ବୁଲଏ ତରଣୀ,
ଲୁଚେ ଦସ୍ୟୁ-ତରି ଅନ୍ଧାରେ ରହି ।
ଘୂରି ଘୂରି ତରି    ଅନନ୍ତ ବିତାନେ,
ଜଳି ଉଠେ ପୁଣି ପ୍ରଦୀପମାଳେ;
ସିକତା-ପୁଳିନୁ    ଚକ୍ରବାଳ-ଯାଏ
ଅନନ୍ତ ଅବକାଶେ ପ୍ରଦୀପ ଜଳେ ।
ଦୂର ଚକ୍ରବାଳ-    ସୀମନ୍ତ-ତିଳକେ
ଚମକେ ଉଠଇ ଅନଳ-ଶିଖା;
ଗଜଧ୍ୱଜ-ଲକ୍ଷ୍ମୀ    ରାଜନ-ବୋଇତେ
ଆଦେଶ-ଇଂଗିତ ଉଠଇ ଜଳି ।
ସେ ଆଦେଶ ଦେଖି,    ପୁଳିନ-ନାବିକେ
ଛୁଟନ୍ତି ସେ ଭୀମ ଅନଳ ଲକ୍ଷ୍ୟ;
ଇଙ୍ଗିତେ ନବାରୁ,    ଦୂରେ ଉଠେ ବହ୍ନି,
ଆବେଗେ ପୁଳିନ-ତରଣୀ ଦେଖି ।

GPNanda Colln., Digitized by srujanika@gmail.com

ଚଳନ୍ତ ତାରକା ଯେସନ ଗଗନେ,
ଜ୍ୱଳନ୍ତ ପ୍ରଦୀପ ସାଗରେ ଭାସେ;
ତୁଙ୍ଗ ଗୁଣବୃକ୍ଷ କାଠ ପାଲେ ଜଳି,
ବକଟ୍ଠ ଦୀପନେ ନୀଳିମା ହସେ ।
ସେ ବକଟ୍ଠ ହାସ ଦୃଶ୍ୟ-ବହ୍ନିଷିକା
ଫିଟାଇ, ଫିଟିଲା ସର୍ବରୀ-ବନ୍ଧ; ୨୫
ବୋଇତ-କଙ୍କାଳ- କଳଂକିତ-ଧାଲ-
ରଞ୍ଜିତ-ସାଗରେ ହସିଲା ଦିବା ।
ଥୋପା ଥୋପା ହୋଇ ନୀଳ ପାରାବାରେ
ରଂଜା ପାଲ, ଦିଶେ ଅରୁଣ-କର;
ପୂଲନେ ବୋଇତ ଠୁଳ ହେଲେ ଆସି;
ସ୍ତବକେ ହୋଇଛୁ ଡମ୍ବର ଜୂର ।
ସକାଳେ ସିଂହଳ- ଯାତ୍ରା-ବାଲି-କୂଳେ
ପଠାଇଲେ ଗୁରୁ ବୋଇତମାନ;
ପଥେ ଥିବେ ଦସ୍ୟୁ ବର୍ବର, ପେଷିଲେ
ସେ ବୋଇତେ କେତେ ବଣ୍ଟ ସଇନ । ୩୦
ଦେଖିଲେ ଯୋଜନ- ବସାରେ ଭାସଇ
ଗୁଣବୃକ୍ଷ-ଖଣ୍ଡ ବୋଇତ-କାଠ;
ଅରୁଣ-ଚମକେ ନନ୍ଦିତ-କଂଚୁକେ
ଭାସୁଛନ୍ତି କେତେ ବଣିକ-ଥାଟ ।
ଲହରେ ଲହରେ ଲାଗୁଛନ୍ତି କେତେ
ଭାସି ଭାସି ବେଳା-ଶକ୍‌କଣ-ଧାରେ;
ତନୁ-ତସ୍ର-କୁଳ ଖୋଜି ଖୋଜି ଜଳେ,
ଆଣୁଛନ୍ତି ଶବ ସାଗର-ତୀରେ ।

GPNanda Colln., Digitized by srujanika@gmail.com

ସଂସ୍କାର-ବନ୍ଧନ ଅଦେଖି, ରାଜନ
ତାମ୍ରଲିପ୍ତ-ପୁରେ ଆସିଲେ ଫେରି;
ଦୂର ଜପକୂଳୁ ଫେରିଲେ ବୋଇତ,
ବାରବାଟୀ-ପୁରେ ଯିବେ ବାହୁଡ଼ି ।
ମିଳନ-ସରାଗେ ଭେଟିବେ ସୁନ୍ଦରୀ
ଶିଶୁପାଳ-ଜେମା କାଶ୍ମୀର-ବାଳା;
ଏକ-ବୃନ୍ତେ ଦୁଇ ଲୀଳା-ଅରବିନ୍ଦ
ବୀର-କରେ ଦୋହେଁ, କରିବ ଲୀଳା ।
ପଲକେ ପଲକେ ନାଚଇ ସ୍ମରଣେ
ଜଳଦସ୍ୟୁ-ଚକ୍ଷୁ ପ୍ରଦୀପ-ମାଳ;
ଏକାମ୍ର-କାନନେ ପ୍ରଦୋଷ-ବିହାର
ଅତିଥି-ପାଳନେ ସେ ଶିଶୁପାଳ ।
ବେଳେ ବେଳେ କାହିଁ ପରାଣ ଚସୋର,
ସ୍ମରଣେ ସମୀରେ ଯାଆନ୍ତି ଭାସି;
କି ଭୀଷଣ ବୀର- କଠୋର-ପରାଣ ?
କରମେ କେସନେ ଥାଆନ୍ତି ରସି ?
ପ୍ରଚଣ୍ଡ ତପନ ସହ୍ୟ ଘନ ତରୁ,
ସଂଭାଳଇ ଯଥା ଖଦ୍ୟୋତ ତପେ;
କଠୋର କରମେ ବଣିକ ବପଣି
ସଂଭାଳି, ସେ ବୀର ନିରତ ଶ୍ରମେ ।
ଝଟିକା-ଝଙ୍କାରେ ଦୋହଲେ ପାଦପ,
ନୀଡେ ପକ୍ଷି-ବଧୂ ନ ଜାଣେ ତାହା;
କି ଘୋର ତୋଫାନେ ଥରଇ ପରାଣ ?
ବଣିକ-ବଂପଦେ ରାଜନ ସାହା ।

GPNanda Colln., Digitized by srujanika@gmail.com

ଦକ୍ଷିଣୁ ବହଇ　　ମୃଦୁ ସମୀରଣ,
　ମେଲଇ ଦଅନ୍ତ ଉରସ ବୀର;
ଦକ୍ଷିଣ-ଗଗନେ　　ଚମକେ ଚପଳା,
　ଚମକେ ଥରଇ ବୀର-ଶରୀର ।
କେ କହିବ, କିବା　　ପୀରତିରେ ମୃତି,
　ମୃତିରେ ପୀରତି ତରୁଣ-ରସେ ?
କେଉଁ ଦୂର ନଭେ　　ହସଇ ଚପଳା',
　ଚମକେ କମ୍ପାଇ ବୀର ସେ ହାସେ ?
ସେହି ହାସ ପରି　　ଦେଖଇ ତରୁଣ
　ଶ୍ମଶାନେ ପୀରତି-ମରମ-ଭରି !
ସେହି ମୃତି ପରି　　କରଇ ପଲକେ
　ଆଶାର ସ୍ୱପନ ଧରଣୀ ସାରି !
ସାରି ଧରଣୀରେ　　ଦେଖେ ବୀର ଅଜ୍ଞ
　ଶିଶୁପାଳ-ଗଡ଼-କାନନ-ଭୂମି;
ଉପକୂଳୁ ଲୋକ　　ଆସିଲେ ମନ୍ତ୍ରି,
　'ସିଂହଳ-ସମ୍ବାଦ ଦେବ ସେ ଆଣି ।'
ଧନକ ମନ୍ତ୍ରି　　ବରଷେ ତରୁଣ,
　କରମ ଲାଗଇ କର୍କଶ କେତେ;
ଉଠଇ ବିବେକ;　　ଉଠଇ ସ୍ମରଣେ
　ଶିଶୁପାଳ-ଜେମା-ବଦନ ଯେବେ ।
ସେହି-ଜେମା-ମଧୁ　　ଦଶଇ ସଂସାର
　ତରଣୀ ସଉଧ ବିପଣି ଜଳ;
ସଂକଟା ପଖାଳ,　　ପଡ଼ଇ ଶିଶିରେ
　ସେହି-ଜେମା-କମ୍ର-ଶୀତଳ-କର ।

GPNanda Colln., Digitized by srujanika@gmail.com

କରମ-କଂଚୁକ          ଆବରଣ ଯିନା,
ତୀବ୍ର ପ୍ରୀତି-ପୂର-ନିବନ୍ଧ ତଳେ ।
ସେ କଂଚୁକ ଆଜ          ଯାଇଅଛୁ ଖସି,
ଭସନ୍ତ ତରୁଣ ଉନ୍ମାଦ-ଜଳେ ।
ମଣନ୍ତ, ପଲକେ          ଯିବେ ଦାରବାଟୀ,
ଶିଶୁପାଳ-ଗଡ଼େ ପଶିବେ ହସି;
ପାଛୋଟିବେ ବାଳା,          ସଂଭାଷିବେ ସେହୁ
ବାଳାମଣି-ଶୁଭ୍ର-ପଲଂକେ ବସି ।
ସରମେ ତରୁଣୀ          ଥିବେ ମଥା ପୋତ,
ସରସେ ତରୁଣ କହିବେ କଥା,
କେତେ ବୀର-କର୍ମ          ଅଦ୍ଭୁତ ଚରିତ
ତାମ୍ରଲିପ୍ତ-କୂଳ-ସମର-ଗାଥା ।
କହିବେ, "ପୁରୁଷ          କରମ-କଠୋର,
କି କରନ୍ତି ପ୍ରିୟେ ? କରମ-ବଶେ
ଯାଇ ଦୂରେ ବାଳା,          ମୃତର ସଂଗାଳ
କରିଥିଲି ତୋରେ ନିଶି ଦିବସେ ।
ବୁଡ଼ିଯାଏ ରବି          ବାରୁଣୀ-ବଳୟେ;
ଲମ୍ବିଥାଏ କର ଗଗନ-ଚୂଳେ;
ଯାଉଥିଲି ଯିନା          ନେବାଇବ ଉପାଇ,
ଫେରି ଆସୁଥିଲି ପରାଣ ଦୂରେ ।
ଜାଣି ମୁଁ ନ ଥିଲି,          ଦୂରେ ପ୍ରାଣ ରଖି,
ସମରେ କେସନେ ପଶଇ ବୀର;
ଝଂକସେ ଯିନା ମୁଁ          ଶୁଣିଥିଲି ବାଳା
ଦୁଂଦୁଭି-ନିନାଦେ ତୋହର ସ୍ୱର !

GPNanda Colln., Digitized by srujanika@gmail.com

ଦେଖୁଥିଲ୍ ବାଳା　　　　ପଲକେ ପୁଲକେ
　　ଜଳ ଦସ୍ୟୁ-ଚକ୍ଷୁ-ପ୍ରଦୀପ-ମାଳେ,
ଏହି ଉପବନ-　　　　ପ୍ରଦୋଷ-ଦ୍ୱାର
　　ଅତିଥି-ବରଣ ଏ ଶିଶୁପାଳେ ।”
ଆହା ରେ ପ୍ରଣୟେ　　　　ମିଳନର ଆଶା !
　　କିଏ ସେ ଗାଇବ ସ୍ୱପ୍ନୀ-ତାନେ ?
ଶତବୀଣା ଜିଣି,　　　　ଉଠେ ଯେ ପଗ୍ରଣେ,
　　ଟଳିଯାଏ ଭବ ତରଙ୍ଗ-ସନେ ।
ମଳୟେ ଫୁଟଇ　　　　ରସାଳ-ଲତିକା,
　　କଳ-ମଧୁ-ହୃତ-ମୋହନ-ସ୍ୱନ;
ମିଳନର ଆଶେ　　　　ପୀରତି ଉଠଇ,
　　ତରଙ୍ଗେ ତରଙ୍ଗେ ଭରି ପଗ୍ରଣ ।
ଲୁଂଗ ପାତେ ନଦୀ　　　　ଭାସଇ ସାଗରେ,
　　ପୀରତି ବହଇ ମିଳନ-ଆଶେ;
କଠୋର କରମ,　　　　ଗୁରୁ ପ୍ରତିବନ୍ଧ,
　　ତୃଣ ପରି ସେହି ସଲିଳେ ଭାସେ ।
ସେ ମିଳନ ଆଶା　　　　ନରସିଂହେ ଆଜ
　　ବୁଡାଇ ମରମ, ଶଙ୍କରେ ବନ୍ଧେ;
ମଣୁଥାନ୍ତି ନିତ　　　　ଆସିବେ କଟକେ,
　　ଛୁଟାଇ ଅଳପେ କରମ ଗ୍ରଏ ।
ବିବେକୀ ଯୁବକ,　　　　ଗୁରୁ-କର୍ମ-ବନ୍ଧ
　　ଛାଡ଼ି ବା ଆସି ସେ ପାରିବେ କାହିଁ ?
କରମେ କରମେ　　　　ମନୋଭବ-ଗ୍ରଣି
　　ପ୍ରତିଫଳେ, ତହିଁ ଦେଖନ୍ତି ରହି ।

GPNanda Colln., Digitized by srujanika@gmail.com

ସହକାର-କୁଞ୍ଜେ ପଞ୍ଚମି-କୂଜନେ
ଶୁଣନ୍ତି ସେ କାହିଁ ସୁଦୂର-ଡାକ;
ନିଶୀଥ-ମାଳତେ ପ୍ରଦୋଷେ ଅରୁଣେ
ଦିଶୁଥାଏ ଫୁଟି ସୁନ୍ଦରୀ-ମୁଖ ।
ଦେଖିବାକୁ ଲୋକ ଧ୍ୱଜା-ଖାତ-ଗଡ଼
ବାହାରନ୍ତି କେବେ ପରାଣ ଭୁଲି;
ଚୂଡ଼ଙ୍ଗ-ଭାରତ- ତାମ୍ରଲିପ୍ତ-ପୁର
ରଙ୍ଗଣୀ-ତାମସେ ଦେଖନ୍ତି ବୁଲି ।
ଦ୍ୱାରେ ଦ୍ୱାରେ କେତେ ଶୁଣନ୍ତି କାହାଣୀ,
ଶୈରଗଙ୍ଗ-କଳା, ଅନଙ୍ଗ-ଯଶ;
ବୀର-ନରସିଂହ- କୁଶଳ-କରମ
ଶୁଣି, ହୁଏ ଯୁବା-ହୃଦ ସରସ ।
ଲୋକ ଲୋକ ସବୁ ଶୁଣନ୍ତି ମଉନେ,
ନାଗରିକ-ଲୀଳା ଦେଖନ୍ତି କେତେ;
ଆପଣେ ବଟସାର, ଅନ୍ୟ ମନେ କେବେ
ଭୁଲି ବୁଲୁଥାନ୍ତି ଅପଥ-ପଥେ ।
ବୁଲି ବୁଲି କ୍ୱାଁ ରହିଗଲେ ସ୍ଥିର ?
କି ଦେଖିଲେ ସେହୁ ପୁରୁଷମଣି ?
ଗୁହଁ ଗୁହଁ ଭେଦ ନିଶି-ନୀଳ-ତମେ
ଶୁଭେ ଚଉଢଣା-ମୋହନ-ବାଣୀ :

GPNanda Colln., Digitized by srujanika@gmail.com

## ଚଉତିଶା

( ଆଷାଢ଼ଶୁକ୍ଳ-ବାଣୀ )

କପାଇଁ ଆସିଲ ଦୂର ବଦେଶେ ?
ଖ-ସୂକ୍ଷ୍ମ ଲେଉଡ଼ କେଉଁ ଶୂନ୍ୟ ଅଶେ;
ଗଗନେ ସେ ବାଳା ଗୃହିଁ ତ ଥିବ;
ଘଡକ ଯୁଗପର ସେ ମଣିବ;
ନ ଗଲ ମୁଁ ଫେର,      ନିଠୂର ମୁଁ କଷ୍ଟ କର ଆସିଲ ।

ଚଳନେ ଫୁଟିବ ରମଣୀ-ମଣି;
ଛଳ ଛଳ ଆଖି କରିବ ପୁଣି;
ଜୂନ୍ହ କରି ବାନ୍ଧୁ ନ ଥିବ ଜୁଡ଼ା;
ଝଡୁଥିବ ଶିରେ ଫୁଲ-ପାଖୁଡ଼ା;
ନ ବହ୍ନି ଆରତି,      ନ ଭଜୁଥିବ ପଲଂକ ସୁପାଟ ।

ଟାଣ ମଣୁଥିବ ପୁରୁଷେ ବାଳା;
ଠକିଲେ ବୋଲି, ମଣୁଥିବ ପରା !
ଡାକୁଥିବେ ସଖୀ, ଶୁଣିବ ନାହିଁ;
ଢଗ ମେଲିବେ ପରିହାସେ ସହି;
ନ କଲି ମୁ କସ ?      ନ ମାରି ହାତେ, ମୁଁ ଦେଲଇ ବଷ ।

ତନ୍ତୁ ଯାଉଥିବ ବଷାଦେ ଶୁଖି;
ଥକୁଥିବ ବାଳା, ଦେଖିଲେ ସଖୀ;
ଦରହାସ ଦଶୁ ନ ଥିବ ମୁଖେ;
ଧରୁ ନ ଥିବ ସେ ମୁକୁର ସୁଖେ;
ନିଠୂର ମୁଁ ଅଛି,      ନ ବୁଝି କପାଇଁ ବରିଲି ସତୀ ?

GPNanda Colln., Digitized by srujanika@gmail.com

ପଡ଼ୁଥିବ କାନେ କୋକିଳ-ସ୍ୱନ;
ଫୁଟୁଥିବ ବନେ କେତେ ସୁମନ;
ବସୁଥିବ ଉପବନେ ପ୍ରଦୋଷେ;
ଭାସି ଉଠୁଥିବ କାଣି ଦାବସେ
ମୋ କଥା ସ୍ମରଣେ; ମଉନେ ରହୁଥିବ, ଗୃହଁ ବନେ ।

ଯମ ଦଣ୍ଡ ଭୋଗୁଥିବ ଜୀବନେ;
ରହୁଥିବ ବାଳା ବିକଳ ମନେ;
ଲାଗି ଯାଉଥିବ ଶେଜେ ତରୁଣୀ;
ଶକୁନ ଦେଖୁଥିବ କତ, ଗଣି;
ସମ୍ଭବ ସେ କେତେ ? ହେବ କି ଆଉ ମିଳନ ମରତେ ?

ତାଳପତ୍ର-ପୋଥି ପିଞ୍ଚାଇ ପ୍ରଦୀପେ
ପଢୁଥିଲେ ଯୁବା, ଶୁଣନ୍ତି ନାରୀ;
ଶୁଣୁ ଶୁଣୁ ନାରୀ- ମରମ ତରଳି,
ନୟନେ ବହିଲା ଲୋତକ-ବାରି ।
'ହେବ କି ଆଉ (ସେ, ମିଳନ ମରତେ ?'
ରହିଗଲା ନାରୀ-ଶ୍ରବଣେ ଭାଜି; ୯୫
ଥର ଥର ହୃଦ, ଚମକେ ଚମକେ
ଉଠିଲା ସେ ଗୀତ ମରମେ ବାଜି ।
ଆସି ବିଶ୍ରମିଲେ, ନ ଲାଗଇ ନିଦ,
ଲାଗଇ ନିଦ ଯେବେ ଆସଇ କାହୁଁ;
ସ୍ୱପନେ ଏକାନ୍ତେ ଦେଖି ଅଘଟଣ,
ପଲକେ ଚମକି ଉଠନ୍ତି ତହୁଁ ।
ଲାଗଇ ନିଦେ କେବେ କି ଦେଖି, ବହଇ
ତନ୍ଦ୍ରାଇ ତଳପେ ଲୋତକ-ଧାର;

GPNanda Colln., Digitized by srujanika@gmail.com

ଜମ୍ବୁ-ଜେମା କେବେ    କେଉଁଠି ଧରାଇଲେ,
ଦଅନ୍ତ ଅଶୁଭ କି ସମାଚାର !
ସେହି ସମାଚାର—    ସ୍ୱପନେ ଅରୁଣେ
ବନ୍ଦୀ-ରୋଳେ ନିଦୁ ଉଠିଲେ ବୀର;
ଅରୁଣ-ନୟନେ    ଆସିଲେ ବାହାରେ,
ଦେଖିଲେ ଅଛନ୍ତି କଟକ ଚର ।
ଦେଲା ଅସି-ଚର    ବାରବାଟୀ-ପୁରୁ
ଭୂର୍ଜପତ୍ର-ଲେଖ ରାଜନ-କରେ;
ଧରୁ ଧରୁ ଲେଖ,    ରୋମାଂଚ ରାଜନେ;
ମରମେ ମରମେ ପରାଣ ଥରେ ।
ହେମନ୍ତ-ବରଷା    ଶିଶିର-ପବନ
ଜଳ-ବିନ୍ଦୁ-ଝରେ ସହଇ ଦ୍ରୁମ;
ମଳୟ-ପରଶେ    ଥରଇ ମରମ,
ସୋହାଗେ ମୁଞ୍ଜରି ହସାଏ ବନ ।
ଥରି ଥରି ମୁହ    ଫିଟାଇଲେ ରାଏ,
ଅଳପେ ନୟନ ବୁଲାଇ ଗଲେ;
"ଜାଣେ ପ୍ରାଣନାଥ,    ସିହକୁ ବୋଇତ
ଆସିଲେ, ଫେରିବ କଟକ-ପୁରେ ।
ଅନୁମତି ଦେଇ    ଯାଇଥିଲ ମୋରେ,
ଯାଉଅଛୁ ଶିଶୁପାଳେ ମୁଁ ଆଜ;
ଚତୁରଙ୍ଗ-ସେନା    ଯାଉଛନ୍ତି ଭୁଲେ,
ଆସନ୍ତୁ ରମଣୀ ଏକାମ୍ର ତେଜ ।
କହ ନାହିଁ ନାଥ    ଆଣିବାକୁ ତାରେ,
କହିଥିଲ, ଯିବ ଦେଖିବ ବୋଲି;

GPNanda Colln., Digitized by srujanika@gmail.com

ପରାଣ ମୋହର          ହେଉଛନ୍ତି ଅଧୀର,
କ୍ଷମା କରିବ ମୁଁ ସହଜେ ନାହିଁ ।
କେତେ କାଳ ଆଉ          ରହିଥିବେ ଦୂରେ
ଆସନ୍ତୁ ମହିଷୀ ମହିଷୀ-ପୁରେ;
ଦୁଇ ସହଚରୀ          ବନ୍ଧାଇ ଆଣିବୁ,
ତାମ୍ରଲିପ୍ତୁ ଯେବେ ଫେରିବ ଘରେ ।”
ନାଚି ଗଲା ବୀର-          ହୃଦୟ ପୁଲକେ,
ଫେରିଗଲା କରେ ମହିଷୀ-ଲେଖା;
କି ଭାବେ ମରମ          ଗଳିଗଲା, ଦେଲା
ଆନନ୍ଦ-ସଲିଳ ନୟନେ ଦେଖା ।
ତରୁଣ-ସୋହାଗ-          ପୀରତି ପରାଣେ
ବିନ୍ଦୁ ବିନ୍ଦୁ ଝରି, ପଡ଼ିଲା ତଳେ;
ବିମୋହନ ଶ୍ମଶ୍ରୁ-          କଜ୍ଜଳ-ଚକ୍ରରେ
ବିମଳ ମୁକ୍ତା-ଫଳ ଝଲେ ।
ଖେଳିଗଲା ହୃଦେ          ଅପାର ବାସନା
ଅପାର ସାଗରେ ସମୀର-ସୁଖେ;
ବିକାଶି ଉଠିଲା          ଶୁଭ୍ର-ଜ୍ୟୋତି-ଲେଖା
ତରୁଣ-ହୃଦୟ-ମୁକୁର-ମୁଖେ ।
ପ୍ରଶାନ୍ତ ନୟନେ          ଚାହିଁଲେ ଗଗନେ,
ଭୁଲିଗଲା ଶୂନ୍ୟେ ପରାଣ କାହିଁ;
ସ୍ଥିର ରହିଗଲେ          ନୃପତି ଶେଖର,
ଅନନ୍ତ ଅରୁଣ-ବିତାନେ ଚାହିଁ ।
ଶିଶୁପାଳ-ଗଡ଼          ନାଚିଲା ନୟନେ,
ଉପବନ-ଗୀତ ପଡ଼ିଲା ମନେ ;

GPNanda Colln., Digitized by srujanika@gmail.com

ବକଟ କଟକ		ଘୁଞ୍ଚ, ଯାଏ ଲୁଚ
ପ୍ରୀତି-ଢଳଢଳ ଏକାମ୍ର-ବନେ ।
ଜମ୍ବୁ-ଗଜ-ସ୍ତୁତା-		ଉଦାର-ମହିମା
ମିଶି ପୁଣି ସେହି ପୀରତି ରସେ;
ତରଙ୍ଗେ ତରଙ୍ଗେ		ନାଚଇ ପରାଣ,
ଫୁଟଇ ଲପନ ତରଳ ହାସେ ।
ବାରୁଣୀ-ଲଲାଟେ		ବଳସି ତପନ,
ଛୁଅଁଇ ପରାଚୀ ଅରୁଣ-କରେ;
ଭାସିଯାଏ ତରୀ		ମହା ପାରାବାରେ,
ବାଟ ବାଉ ପୁଣି ଫେରଇ ତୀରେ ।
ବହେ ନଦୀ ତଳେ;		ଶିଖର-ଶିଖରେ
ଜୀବନର ଧାରା ନ ପାରେ ଘୁଞ୍ଚ;
ଦଶ-ମୃଗ ଭେଦ		ପଶଇ ପବନ,
ଦଶ-ମୁଖେ ପୁଣି ଆସଇ ଫେରି ।
ଏକାମ୍ର-କାନନ-		ବହାର-ସ୍ୱପନ
ବାରବାଟୀ-ପୁରେ କରିବେ ବଜେ;
କପାଇଁ ମାନସ		ଫେରି ଫେରି ଢେବେ,
ସେହି ସେ ଏକାମ୍ର-କାନନେ ଖୋଜେ ?
ସେହି ପଲ୍ୟଂକରେ		ସଉଣେ ବସନ୍ତ,
ସେ ଅତଥି-ସେବା ହୁଅନ୍ତ ଭାଳ;
ସେହି ସିଂହଦ୍ୱାର-		ଚମକ-ଗୃହାଣୀ,
ସେହି ଉପବନ, ସେ ପରିଗୃହ ।
ସୋହାଗର ଦନ		ଭୋଗିବେ କଟକେ,
ଉଙ୍ଗ! ଶିଶୁପାଳେ କଅଛୁ ଅଦା ?

GPNanda Colln., Digitized by srujanika@gmail.com

ତେବେହେଁ ପରାଣ ଫେରି ଫେରି ଗୃହେଁ,
ହରଷ-ବରଷେ ବୁଡ଼ନ୍ତି ଯୁବା ।
ତରୁଣୀ-ବସନ ତରୁଣୀ-ଭୂଷଣ
ତରୁଣୀ-ଲପନ-ତରଳ-ଦ୍ୟୁତି
ଶିଶୁପାଳ-ଗଡ଼- କାନନ-କାନ୍ତାରେ
ସ୍ମରଣ-ପଲକେ ଭ୍ରଠଇ ଖ୍ୟାତି ।
କଳ୍ପନାରେ ପୁଣି ଦେଖନ୍ତି ସେ କେବେ
କଣ୍ଠେ ତରୁଣୀ ମହର୍ଷା-ମାନେ;
ତରୁଣୀର ସୁଖ ମଣି ତହୁଁ, ବୀର
ବଡେଶର ଯାଆନ୍ତି ଏକାନ୍ତ-ବନେ ।
ଆବର ମରମ, ରହି କେତେ କାଳ
ତାମ୍ରଲିପ୍ତେ, ଶୁଣି ସଂଦେଶ ହୁରୁ:
'ଦସ୍ୟୁ ନାହିଁ ପଥେ, ଫେରିଛୁ ବୋଇତ,
ଯାବା-ବାଲିଦ୍ୱୀପ-ସଂହାଳ-କୂଳୁ ।'
ଚତୁରଙ୍ଗ ସେନା ଆସିଲେ ଗହଣେ,
ଆସିଲେ ରାଜନ କଣ୍ଠକେ ଫେରି;
ଦେଖିଲେ, ଡ଼ଗର ଆସି, ଅଛି ପଥେ,
ଦାଣ୍ଡୁଛି ଲପନ ବିଷାଦେ ପୁରି ।
"କି ବିଷାଦ ତବ ? କହ କହ ଚର !
କି ହୋଇଛି ତହୁଁ କଣ୍ଠକ-ପୁରେ ?"
ଆବେଗେ କହିଲେ ବୀର; କେହି କେବେ
ଏ ଆବେଗ ଦେଖି ନ ଥିଲେ ବୀରେ ।
କି କହିବ ଚର, ନ ଫିଟେ ବଚନ,
କାନ୍ଦି ପଡ଼ିଗଲା ନୃପତି-ପଦେ;

GPNanda Colln., Digitized by srujanika@gmail.com

କାନ୍ଦ କାନ୍ଦ, କାନ୍ଦ-　　　　ଅବୁଝା-ଭାରତୀ
　　କଅବା ସେ ତବ କନ୍ଦନ୍ତ ପଦେ ।
ଶ୍ରାବଣ-ତଟିନୀ　　　　ବଢ଼ଇ ଆବେଗେ,
　　ଛୁଦ୍ରେ ଫାଟି ଯାଏ ଶଇଳ-ବନ୍ଧ;
ଧାମସେ ପଥିକ　　　　ଗୁଲୁଥାଏ ପଥେ,
　　ଚପଳା-ଚମକେ ହୁଅଇ ଅନ୍ଧ ।
ଚଂଚଳ ପବନେ　　　　ଯାଉଥାଏ ପୋତ,
　　ଜଳ-ତଳେ ଗିର ବାଜଇ କାହିଁ;
ଅତଳେ ପଲକେ　　　　ବୁଡ଼ଇ ତରଣୀ,
　　ତୁଙ୍ଗ ଗୁଣବୃକ୍ଷ ଲୁଚଇ ତହିଁ ।
ତୁଙ୍ଗ ଶିଖରେ　　　　ପଡ଼େ ବଜ୍ର ଯଥା,
　　ଭୀମ ଭୂମିକମ୍ପେ ସଉଧମାଳ;
କାଳ-ପ୍ରଭଞ୍ଜନେ　　　　ଥର ଥର ଯଥା,
　　ପଡ଼ଇ ଅଚଟେ ବିଟପୀ ବର !
ପ୍ରଳୟେ ସତେ କି　　　　ଛୁଟିଲା ତପନ,
　　ଫାଟିଲା ସତେ କି ବିଶାଳ ମହୀ;
ଜଳିଗଲା ସିନ୍ଧୁ-　　　　ଅନନ୍ତ-ପ୍ରସାର,
　　ପଡିଲା ଗଗନୁ ତାରକା ତହିଁ !
ପଡ଼ିଗଲେ ବୀର,　　　　ପଡ଼ିଯାଏ ଯଥା
　　କାଟିଦେଲେ ମୂଳେ ବିଶାଳ ଶାଳ !
ଘିମିତେ ଗୁହିଁଲେ　　　　ସଇନ-ପଟଳ,
　　ଚଳ ପରିବାର ହେଲା କି ସ୍ଥିର !
ଚମକି ରହିଲା　　　　ମେଦନୀ ଗଗନ,
　　ଚକ୍ରବାଳେ ଗିର ଗୁହିଁଲେ ଚୂଳେ ।

GPNanda Colln., Digitized by srujanika@gmail.com

ବହୁ ଚର୍ଯ୍ୟା ସାର    ଲଭି, ଲଭି ସଂଜ୍ଞା,
ଅଳପେ ପୁଚ୍ଛିଲେ କଣ୍ଠକ ଚରେଃ
"ସତେ ମାୟାଦେବୀ    ନାହାନ୍ତି ଏ ଭବେ !"
ରହିଲା ସେ ଚର ନୀରବେ ଗୃହିଁ;
"ସତ କହୁଛୁ କି ?"    ପଚ୍ଚରନ୍ତି ସିଏ,
ଅଳପେ ଡ଼ଗର ଆରମ୍ଭେ କହିଃ
"ମିଛ ଜଣାକରି,    କି ଯଶ ପାଇବି ?
ବହି ତ କରିଛି ଡ଼ଗର ମୋତେ !
ଶ୍ରୀଅଙ୍ଗେ ଲାଗିବ    ଯାତନା ସ୍ୱଜନ,
କୋହ ନ କରନ୍ତୁ ମଣିମା ଏତେ ।"
ସରମ-ଚମକେ    ଧଶିଲେ କୁମାର,
ନୀରସ-ଲୋଚନ ଗମ୍ଭୀର-ମୁଖ;
ବେଳେ ବେଳେ ପଥେ    ପଚ୍ଚରନ୍ତି ଚରେ,
ନ ଦେଖି ନିକଟେ ବାହକଲୋକ ।
ସତ ମିଛ ପୁଣି    ପଚ୍ଚରନ୍ତି କେବେ,
ରଖାଣି ବୃତ୍ତାନ୍ତ ଘଟଣା ଗଣି;
ନ ଜାଣେ ସେ ଚର,    ନ କହଇ କିଛି,
କହେ, "ଯାଇଥିଲେ ସେ ପୁରେ ରାଣୀ ।"
ପୁଣି କେବେ କେବେ    ପଚ୍ଚରନ୍ତି ତାରେ,
ଆଶା-ବନ୍ଧ କେବେ ତୁଟଇ ନାହିଁ;
ମଣୁଥାନ୍ତି କେବେ,    'ସତ କି ଏ କଥା ?'
କେବେ ଯେ ଦେଖନ୍ତି ସ୍ୱପନ ତହିଁ ।
ଆଶାର ବଚନ    ବାଭୁଯେ ପୀରତ
ବଳସେ ତରୁଣ-ତରୁଣୀ-ପ୍ରାଣେ;

GPNanda Colln., Digitized by srujanika@gmail.com

ଜୀବନେ ଭୁଞ୍ଜଇ  କ୍ଷଣେ କ୍ଷଣେ, ପୁଣି
  କ୍ଷଣେ କ୍ଷଣେ ଉଠେ ମରଣ-ସନେ ।
ପାଇଲେ ମଣଇ,  'ହଜିଯିବ ଧନ;'
  ହଜିଗଲେ, ମଣେ, 'ପାଇବ ପୁଣି';
ସଞ୍ଚ ଧନ ଯଥା  ମଣଇ କୃପଣ,
  ତେସନ ପ୍ରଣୟେ ପରଶ-ବାଣୀ ।
ବୁଡ଼ଇ ତପନ  ପ୍ରଦୋଷେ ପ୍ରଦୋଷେ,
  ଫୁଲ୍ଲ ଦଳେ ଥାଏ କମଳ ଗୃହେଁ;
ଛାଡ଼ି ନ ପାରଇ  ଆଶା ତରଙ୍ଗିଣୀ,
  ଗିରି-ଚୂଳ ନିଏ ସଲିଳେ ଧୋଇ ।
ଜୀବନ୍ତ ସ୍ମରଣେ  ଆଶାର ଶ୍ମଶାନେ
  ଜୀବନ୍ତ ଦିଶଇ ପ୍ରଣୟ-ଲେଖା;
ଅନନ୍ତ ପିପାସା  ପ୍ରଣୟି-ପରଶେ;
  ନିରାଶା କି ଦେଇ ପାରଇ ଦେଖା ?
ସ୍ମରଣେ ସ୍ମରଣେ  ବନ-ତରୁ-ଲତା
  ଗଗନ ତପନ ଉଠଇ ତହିଁ;
ବର୍ଷାଦେ ବର୍ଷାଦେ  ଖେଳଇ ଚପଳା,
  ପ୍ରଣୟେ ଜଗତ ପଡ଼ଇ ବନ୍ଧି ।
ମେଘ-ମନ୍ଦ୍ର-ନାଦେ  ଉଠଇ ଆରବ,
  ନିରାଶ ପୀଡ଼ିତ ଶୁଣଇ ଡାକ;
ଉଡ଼ଯାଏ ଧରି  ପତଙ୍ଗ ପରଶ
  ହୃଦଘନେ, ଯହିଁ ଉଠେ ଗୃତକ ।
ସମୀରଣ-ସ୍ୱରେ  ନଦୀ-କଳକଳେ
  ଜ୍ୟୋଛନା କୁହେଳୀ ତପନ ତମେ

GPNanda Colln., Digitized by srujanika@gmail.com

ପ୍ରଣୟୀ ଦେଖଇ          ପରାଣ-ଇଂଗିତେ
ସ୍ମରଣ-ଶ୍ମଶାନ ପରାଣ-ଧନେ ।
ସେହୁ ଗିରି ବନ,          ସେହୁ ସେ ସମୀର,
ସେହୁ ସେ ତପନ, ସେହୁ ସେ ବିଧୁ,
ଅନନ୍ତ ବିସାରେ          ସେହୁ ନୀଳ ନଭ,
ସେହି ସେ ସିକତା, ସେହୁ ସେ ସିନ୍ଧୁ;
ଖୋଜ ଖୋଜ ବୀର          ଦେଖୁଛନ୍ତି ନିତ,
ସେହୁ ଶିଶୁପାଳ-ନଗର-ଧନ;
ଆଶା-ବନ୍ଧେ ପଡ଼ି,          ଦେଖନ୍ତି କେତେ ସେ,
ଫେରାଇ ଲପନ, ବିରସ ମନ ।
ନାଚ ନାଉଅଛି          ପୁରତେ ପ୍ରତିମା,
ପଲକେ ପଲକେ ଡାକୁଛି କାହିଁ ?
ଧ୍ୱଂସ-ସମର          ଏକାମ୍ର-ପାରିଧି
ଦେଖୁଛନ୍ତି ଯୁବା ପଲକେ ତହିଁ ।
'କାହିଁ ଯାଅ ବାଳା ?'          ମଣନ୍ତି କେବେ ସେ,
ଚମକି ଶୁଣନ୍ତି ସଇନ-ରୋଳ;
ପଲକେ ବିଦାରି          ପରାଣ, କାହିଁକି
କେଉଁ ଶୂନ୍ୟ-ରସେ ହୁଅନ୍ତି ଭୋଳ ।
ମନେ ପଡ଼ିଯାଏ          ସେ ଲପନ-ଶଶୀ,
ଛନ୍ଦ ବାହୁ-ପାଶ ସେ ସୁଖ-ହାସ;
ମଣନ୍ତି, 'ଜୀବନେ          ହେବ କି ସେ ଆଉ ?
ବିଦରେ ବିଷାଦେ ମରମ-ଦେଶ ।
ଫାଟିଯାଏ ପ୍ରାଣ,          କି ହୁଏ ଭିତରେ ?
ନ ବହେ ଲୋଚନେ ଲୋତକ-ଧାର;

GPNanda Colln., Digitized by srujanika@gmail.com

ଗମ୍ଭୀର ମନ୍ତ୍ରନେ　　　　ଯାଆନ୍ତି ସେ ପଥେ,
　　ଶୂନ୍ୟ ଦିଶୁଥାଏ ଅନନ୍ତ ଧରା ।
ବର୍ଷପର ଲାଗେ　　　　ବାରଵାଣ୍ଟୀ-ପୁର,
　　ଏକାମ୍ରେ କାହିଁକି ଜୀବନ ବଢ଼େ ?
କି ଅଛୁ ଆଜ ସେ　　　　ଏକାମ୍ର-କାନନେ ?
　　ଆହାରେ ମାନବ କେତେ ନ ସହେ !
କେତେଦିନେ ସେହୁ　　　　ବାରବାଣ୍ଠୀ ପୁରେ
　　ପ୍ରବେଶିଲେ ଆସି ଜମ୍ବୁ-ନନ୍ଦନୀ;
ଗୁରୁ ମୁଖ ବହୁ　　　　ଶୁଣିଲେ, ବଖାଣି
　　ଗଦଗଦ ଭାଷେ, କହିଲେ ରାଣୀ ।
କହିଲେ, କେସନେ　　　　ହସୁଥିଲେ ମାୟା,
　　ଶିଶୁପାଳ-ଗଡ଼େ ପୀରତି-ଭୋଳା;
କହିଲେ, କେସନେ　　　　ହସି ହସି ସୁଖେ,
　　କାଠଯୋଡ଼ି-ଜଳେ ଭସିଲେ ବାଳା ।
କହିଲେ ଯୁବତୀ,　　　　"ଏହି ହୃଦେ ମୁହିଁ
　　ଧରି ରଖିଅଛୁ ପରାଣ ଭାର !
ଏହି ମରୁମୟ　　　　ହୃଦୟେ ପଲକେ
　　ଶୁଖିଗଲା ଫୁଲ ସେ ଶତଦଳ ।"
ବାମ୍ପେ ରାଣୀ ଆଉ　　　　ନ କହିଲେ, ଧୀରେ
　　ଲୋତକେ ଭାସିଲେ ରାଜନନ୍ଦିଣୀ;
ବସି କେତେ କାଳେ　　　　ଅନ୍ୟମନେ ହାତ
　　ବଢ଼ାଇଲେ, କୋଳେ ଧରିବେ ରାଣୀ ।
"ପିଶାଚୀ ମୁଁ ନାଥ,　　　　ଛୁଇଁବ କେସନେ ?
　　ଛାଡ଼ି ଯାଇଥିଲ ପରା ମୋ ପାଶେ !

GPNanda Colln., Digitized by srujanika@gmail.com

ନିମନ୍ତ୍ରଣ କରି          ଯାଇଥିଲି ମୁହିଁ,
ଆଣିଛୁ ପରାଣ ଏ ବାହୁ-ପାଶେ !"
କହୁଁ କହୁଁ ବାଳା          ପଡ଼ିଗଲେ ଲୋଟି
ମହୀରେ ନୃପତି-ଚରଣ-ତଳେ;
ଧଇଲେ ନୃପତି;          ସମ ଦୁଃଖ ଲଭି,
ନୃପତି ଫିଟିଲେ ରୋଦନ-ସ୍ୱରେ ।
କରମ-କଠୋର          ସଂଯମ ଛୁଟାଇ,
ବାଷ୍ପ ଗଦଗଦ ଫିଟିଲା ରୋଳେ;
ରୁଦ୍ଧ ଗିରି-ନଦୀ          ଆନ ଧାରେ ମିଶି,
ବନ୍ଧଦସ୍ପ ଭେଦ ବୁଡ଼ାଏ ବଳେ ।
ବହୁ କ୍ଷଣେ ସେ୍ୟ          କହିଲେ, "ତରୁଣୀ,
ମିଶାଇ ପାରିଲି ହୃଦୟେ ତାରେ !
'ଆସିବ', ବୋଲି ମୁଁ          କହି ଆସିଥିଲି !
କେ ରୋଧି ପାରିବ ନିୟତି-ବଳେ ?"
ସମ୍ଭାଳି ରାଜନ,          ବସିଲେ ଗମ୍ଭୀର,
ବନେ ଲୁଚିଗଲା ନୟନ-ଧାର;
ସନ୍ନ୍ୟାସି-ବିଧାନେ          ସେ ରାଜ-ଦମ୍ପତି
ସେହି ଦିନୁ ଭବ ମଣିଲେ ଭାର ।
ସେହି ଭାରି ବହି          ମହର୍ଷି-ଗହ୍ୱରେ
ଗଲେ ନରସିଂହ ନଉକା ଗୃହି;
ବରଷ ବହାରେ          କାଠଯୋଡ଼ି-ଧାରେ
ଶିଶୁପାଳ-କେମା-ସଂକେତ ଭୂମି ।
ପ୍ରାଚୀ ଯାଏ ବହି          କୁଶଭଦ୍ରା-ଧାରେ,
ମିଶି ଚନ୍ଦ୍ରଭାଗା-ପାବନ-ଜଳେ;

GPNanda Colln., Digitized by srujanika@gmail.com

ଉରସ-ବସାରେ　　ନଦୀ-ସମାଗମ
　　ପାରାବାରେ ପଶେ ପ୍ରଶାନ୍ତ ପୂରେ ।
ନଦୀ-ମୁଖେ କେତେ　　ଭାସଇ ବୋଇତ,
　　ସ୍ଥଳ-ସମୀରଣେ ଫୁଲାଇ ପାଲ;
ରମ୍ୟ ସିନ୍ଧବନେ　　ରଚି ଉପବନ,
　　ସଜ୍ଜେ ଶୋଭଇ ଗୃରନ୍ଦ-ପୁର ।
ସଉଧ-ମୁକୁଟେ　　ସିନ୍ଧୁ-ସମୀରଣ
　　ଖେଳି, ବହିଯାଏ ବନ-ତରଙ୍ଗେ;
ରଜତ-ବସାରେ　　କୃଷ୍ଣସାର-ବଧୂ
　　ଦୂରେ ଗୃହେଁ ଗୃହୁ-ଚଳନ-ଭଙ୍ଗେ ।
ନାରିକେଳ-ଲତା　　ଉଠେ କୁଂଜେ କୁଂଜେ,
　　ପନ୍ଦଗୁଚ୍ଛେ ଧରି ଶ୍ରୀଫଳ-ଭାର;
ବୋଇତୁ ବଣିକେ　　ଗୃରନ୍ଦେ ଆଣନ୍ତି,
　　ସିଂହଳ-ମୁକୁତା ସୁମାତ୍ରା-ଫଳ ।
ଅନନ୍ତ ହୃଦୟେ　　ନୀଳ ପାରାବାର
　　ଚକ୍ରବାଳ ଧରି, ଉଠଇ ହସି;
ଫେନ-ତାରକିତ-　　ବୀଚି ଉଠି, କ୍ଷଣେ
　　ସେ ବିଶାଳ ହୃଦେ ଯାଉଛନ୍ତି ମିଶି ।
ଦୂର ଜମ୍ବୁ-ଜେମା　　ଦେଖିଲେ ସୁଷମା,
　　ନରସିଂହ-ହୃଦେ ଆବେଗ ଢଳି;
ନରସିଂହ ରାଣୀ　　ହୃଦୟେ ମହିଷୀ,
　　ଶୂନ୍ୟ ଦେଖୁଥିଲେ ସେ ମଧୁରିରି ।
ରାଜନ ସଂଭ୍ରମେ　　ଭେଟିଲେ ବଣିକେ,
　　ଭେଟିଲେ ଗୃରନ୍ଦ-ନାଗର-ଜନେ;

GPNanda Colln., Digitized by srujanika@gmail.com

ଜାଣିଲେ ଦଂପତି: ଶିଶୁପାଳ-ଜେମା-
ବିଗ୍ରହ ଅଛଇ ସେ ମିତ୍ରବନେ ।
'ଜୀବନ୍ତ ରହିଛି,' କହିଲେ ସରବେ
'ନର-ଶବ ଦୋଲ୍ ନୁହଇ ପ୍ରତେ;
କମଳା ହସଇ ଜୀବନ୍ତ ଲପନେ,
ଶ୍ରୀଅଙ୍ଗ ଦିଶଇ ଜୀବନ୍ତ ସତେ !
ଆଚମ୍ବିତେ ଜଳେ ଭାସଇ ସିନ୍ଧୁକ,
ବହୁଶ୍ରମେ ନୁହେଁ ଓଠାର କୂଳେ;
ନୟନ-ତାରକା ଦିଶଇ ବିକାଶି,
ମଧୁ-ଋତୁ କି ସେ ମାଧବ ଫୁଲେ !'
ଯାଇ ନରସିଂହ, ଛୁଇଁଲେ ଶରୀର,
ଶୁଣିଛୁ, ଉଠିଲା ଜୀବନେ ବାଳା;
ଅନ୍ଧାର ଦିଶିଲା ମଧ୍ୟାହ୍ନ ସେ ପୁରେ,
କେହି ନ ଜାଣିଲେ, କି ତହିଁ ହେଲା ।
ଜମ୍ବୁ-ବାଳା, ପୁଣି ନରସିଂହ-ରାଣ
ରହିଲେ ସେଦିନ ସିଂଧୁକ-ପାଶେ;
ଅରୁଣେ ସରବେ ଦେଖିଲେ ସେ ପୁରେ
ନଦୀ-ଧାରେ ଖାଲି ସିଂଧୁକ ଭାସେ ।
ବିଷାଦିତ ଆଜି ନାହିଁ ନରସିଂହେ,
ଜମ୍ବୁ-ଜେମା ଜମ୍ବୁ-ସୋହାଗେ ଭରା;
ଝଟିକା ବରଜ, ମଧୁ ଉପବନ
ଦିଶେ କି ମାଧବ ତପନେ ତୋରା !
ବୀରତ୍ୱ ମହିମା ଆଦରେ କୀରତି,
ପଦ୍ମବନେ ଫୁଟେ ଜ୍ୱଳନ୍ତ ଜ୍ୟୋତି;

GPNanda Colln., Digitized by srujanika@gmail.com

ହୃଦୟୁ ଧରେ କ୍ଷ   ପ୍ରୀତି-ରସ-ସାର ?
ବୀର ଦ୍ୱୋମାନଳ, ମଙ୍ଗଳ ସତୀ ।
ଭୂଷତ ଭଜାଲେ   ପୁରଜନେ ଉଦ୍ଧିଁ,
ଶୁଣି ଦାରବାଟୀ-କଟକ-ଲୋକେ;   ୨୪୫
ସୁରଧୁନୀଠାରୁ   ଗୋଦାବରୀ-ଯାଏ
ମହେନ୍ଦ୍ର ଖେଳିଲା ମାଧବ ସୁଖେ ।
ଶିବେଇ ସାମନ୍ତା   ହକର୍ଗ ଲଭିଲେ,
କୁଶଳ ସ୍ଥପତ ଆସିଲେ ଘରେ;
ମାୟାଦେବୀ-ପୁରେ   ନୂଳକର ଶୁଭ,
ଢୋଳଲେ କୋଣାର୍କ ତଟିନୀଜଳେ ।   ୨୪୮

GPNanda Colln., Digitized by srujanika@gmail.com

# ଉପସଂହାର

ଏବ କାଳ-ଲୋକେ      ଯିବଙ୍କ ପରତେ ?
ଶୁଣିଛୁ ମୁଁ ଯାହା, ଶୁଣ ହେ ତେବେ;
ବେଳେ ବେଳେ ଆସି      ସ୍ୱରଗୁ ଦେବତା,
ମାନବ-ବହ୍ୱାର ରଚନ୍ତି ଭବେ ।
ଲଭନ୍ତି ମାନବ-      ଜନମ ସେ ଏଥି,
ନରପର ଭୁଲି ରହନ୍ତି ସୁଖେ;
ମହତ-ବଳାସେ      ବଗ୍ରହ-ବଭବେ
ରହନ୍ତି ସେ ଏହୁ ମାନବ-ଲୋକେ ।
ବାଲମିକ ପର      ଗାଇଛନ୍ତି ଗୀତ,
ରାମଚନ୍ଦ୍ର-କଥା ଶୁଣିଛ ବାବୁ;
ପୁରାଣେ ପୁରାଣେ      ଶୁଣିଥିବ କେତେ,
ଅଭିଶାପେ ଦେବେ ଭୁଲନ୍ତି ସବୁ ।
ସୁର-କୁଳେ ତର,      ବହ୍ୱାରଛି ପୁଣି
କରନ୍ତି ମରତେ ଦେବତାମାନେ;
ଭୁଲି ସେ ରହନ୍ତି      ନରଲୋକ-ପର,
ଚେତାଇଲେ ପୁଣି ପଡ଼ଇ ମନେ ।
ମର୍ତ୍ତ୍ୟଲୋକେ କେତେ      ସଜକେ ଆସନ୍ତି
ସରଗୁ ଦେବତା ସୁର-ସୁନ୍ଦରୀ;
ଏ ମରତେ ପୁଣି      ଆଦର ବସନ୍ତି
ତୀର୍ଥନାମେ ପୁର ବପିନ ଗିର ।

---

୨୪୪—(ପୂର୍ବ ପୃଷ୍ଠାଦେଖ) ଯଜ୍ଞ ଅଗ୍ନିରେ ଜଗତର ମଙ୍ଗଳ ପ୍ରକାଶ ପାଏ ।



GPNanda Colln., Digitized by srujanika@gmail.com

ସରଗେ ତ ବାହୁ ଅଛୁ ଚିର ସୁଖ,
ଚିର ଯଉବନ, ସଂଭୋଗ ଚିର;
ନନ୍ଦନେ ମଳୟ- ଚିର-ବଇଭବ,
ଚିର ତହିଁ ଶୁଭ୍ର ତପନ-କର ।
ସମ ବଇଭବେ ଅଛଇ କି ସୁଖ ?
ବିଷମେ ସିନା ଏ ପରାଣ ଖେଳେ;
ଦିବସେ ହସଇ କାନନ ଧରଣୀ
ରଜନୀ-ତାମସ-ସ୍ମରଣ-ବଳେ ।
ବ୍ରତତୀ-ଗନ୍ଧରେ ତରୁ-କୁଞ୍ଜ-ମାଳେ
ସୁନ୍ଦର ଦିଶଇ ଶବଳ ବର୍ଣ୍ଣ;
ଶ୍ରମ-ପରେ ସିନା ଆରାମ-ସଂପଦ,
ପ୍ରବୀଣତା ସିନା ଲୋଡ଼ଇ ଯୁବା ।
ସେ ଆରାମ ପୁଣି ନ ସହେ ପରାଣ,
କରମେ ମାନବ ଉଠଇ ମାତି;
ପ୍ରବୀଣ ଦେଖଇ - ସଂତାପ-ବିଷାଦେ
ଯୁବ-ମୁଖ-ଶୁଭ୍ର-ଲାବଣ୍ୟ-ଦ୍ୟୁତି ।
ତେସନେ ବରଜି ସରଗ-ଭୁବନ,
ଆସନ୍ତି ଦେବତା ମର୍ତ୍ତ୍ୟ-ବିହାରେ;
ବିଷ୍ଣୁ-ପଦ ଶିବ- ଜଟା ଛାଡ଼ି, ଗଙ୍ଗା
ଆସନ୍ତି ବିପିନ-କେଦାର-ମାଳେ ।
ଭୃଙ୍ଗ ସମୀରଣ ପରବାହ-ସୁଖ
ବରଜି, କରଇ ବିପିନ ଜୁର ;
ଘନରସ ନଭେ ବରଜି, ସୋହାଗେ
ଶ୍ୟାମଳ ବହଇ ମେଦିନୀ-ଉର ।

GPNanda Colln., Digitized by srujanika@gmail.com

ମହିମା ସେ ଧନ୍ୟ ଗରବେ ବରଷି,
ବିଜୟୀ ଆଦର ସରମେ ହସେ ;
ବୀର-ଦର୍ପେ ଧନ୍ୟ ଆତ୍ମ-ବଳି-ସୁଖ,
ବଦାନ୍ୟତା ବଢ଼େ କରୁଣ-ରସେ ।
ନରସିଂହ ଥିଲେ ତପନ ଏ ଭବେ,
ମାୟା ଥିଲେ ଛାୟା ତପନ-ଜାୟା ;
ଜମ୍ବୁ-ଜେମା ଥିଲେ ବିଶ୍ୱକର୍ମ-ସୁତା,
ଆଦର୍ଶ ମରତେ ମାନବ-କାୟା ।
ବିଶ୍ୱକର୍ମା ସେହୁ ଶିବେଇ ସାମନ୍ତା,
ବୃହସ୍ପତି ଥିଲେ ସେ ବିଶ୍ୱନାଥ ;
ଯବନ-ନୃପତି ଥିଲେ ଶୁକ୍ର-ସୁତ;
ଶୁକ୍ର-ଶିଷ୍ୟ ଯେଣୁ ହେଲେ ସେ ଜାତ ।
ତପନେ ବିମନା ମଣି ଦନେ ବିଧୁ,
ଆସିଥିଲେ ଛାୟା-ପାଶେ-ଭରସି ;
ଛାୟା-ଅଭିଶାପେ ଧଂକସ-ନବରେ
ଝଙ୍କ-ଭାଇ ନେସହୁ ରହିଲେ ଶଶୀ ।
ବିଶ୍ୱକର୍ମ-ସୁତା ସଂଜ୍ଞା-ନାମେ ଥିଲେ,
ଶୁକ୍ର-ସୁତ ଭୁଲି ରହିଲେ ତାରେ ;
କେତେ ଥର ସେହୁ ମାଗିଲେ ବରଣ ;
ବାତୁଳ-ଗିରେ କି କବିତା ଫେରେ ?
ତପନେ ତରୁଣୀ ହେଲେ ସୋହାଗିନୀ,
ସୁର-ଗୁରୁ ହେଲେ ମଧ୍ୟଗ ତହିଁ ;
ତପନ ବହିଲେ ଛାୟାରେ ଆରତି,
ଆଗୁରେ ଗରବ ପଡ଼ଇ ଲଇଁ ।

GPNanda Colln., Digitized by srujanika@gmail.com

କେତେ କାଳେ ରବି ମଣିଲେ; ଭ୍ରମିବେ
ଚନ୍ଦ୍ରଭାଗା-କୂଳେ ସମ୍ବାର-ସ୍ଥଳେ ;
ସତ୍ୟେ ଚନ୍ଦ୍ରଭାଗା ସିନା ଜମ୍ବୁ-ଦେଶେ,
ଦ୍ୱାପରେ ଥିଲେ ସେ ଆସି ଉତ୍କଳେ ।
ଶାମ୍ବ-ନିମନ୍ତ୍ରଣେ ଆସି ରବି ତହିଁ;
ଦେଖିଥିଲେ ଗୃହୁ ସମ୍ବାର-ବନ;
ଆସି ବଳସିଲେ ଦାରବାଟୀ-ପୁରେ,
ସଙ୍ଗ ଭ୍ରମେ ଗଲେ ଜମ୍ବୁ-ଭୁବନ ।
ଦେଖୁଥିଲେ ଛାୟା ସବର୍ଣ୍ଣ-ଆଦରେ
ସ୍ୱରଗେ ସଙ୍ଗରେ ଭଗିନୀ-ପରି ;
ହୁଡଲେ ଅଗୃର ଗର୍ବେ ପରଂପରା;
ପରଂପରା ଛାଟର ପାରେ କି ଛାଡ଼ ?
ପ୍ରଚଣ୍ଡ ତପନେ ଝଲସିବେ ସଂଜ୍ଞା
ଜାଣି, ଶିଶୁପାଳେ ଆସିଲେ ଛାୟା ;
ସଗରେ ଜ୍ୟୋତିଷ- ପ୍ରତିଚକ୍ଷୁ-ପଦେ
ଅବରିବେ ଦୋଳି ସଙ୍ଗାର କାୟା ।
ସେ ତପନ-ବଧୂ ସ୍ୱର-ଗୁରୁଠାରୁ
ସେହ୍ନ ସେ ସ୍ୱରଗେ ମାଗିଲେ ବରଃ
'ସଂଜ୍ଞାର ପରଶେ ଧୋଇବେ ତା' ହ୍ରଦେ,
ବରଜ ଆସିବେ ନର-ଶରୀର ।'
ଜମ୍ବୁ-ଜେମା-ହ୍ରଦେ ରହିଥିଲେ ମାୟା,
ଛାୟା ରହିଥିଲେ ସଙ୍ଗାରେ ଘେର;
ସିଂଧୁକରୁ ମାୟା ଉଠି, ନରସିଂହେ
କହିଥିଲେ ସବୁ, ସଶମ୍ବୁ ଫେଡ଼ । ୪୨

GPNanda Colln., Digitized by srujanika@gmail.com

# ପ୍ରାନ୍ତ ଭାଷଣ

ଭାସିଯାଏ ଯଥା      ଜଳ ଛାୟା ନଭେ,
   ଲଭଇ ଯେସନ ଅନ୍ଧାର ଘନ;
ସମୀର-ତରଙ୍ଗେ      ଥର କୁହୁ-ତାନ,
   ଗୃଳିଯାଏ ଯଥା ବୁଡାଇ ବନ;
ସୁଦୂର ସ୍ୱରଣ      ଉଜଳି ପରାଣ,
   ଧୀରେ ପୁଣି ଯଥା ବିଷାଦେ ମିଶେ;
ଥରେ ଥର ସେହି      ବୀଣା-ଗୀତ-ତାନ
   ମିଶିଲା ନିଶୀଥ-ନୀଳିମ-ଭରେ ।
ଯନ୍ତ୍ର ତଳେ ରଖି,      ପ୍ରଶାନ୍ତ ଲୋଚନେ
   ଅର୍ଦ୍ଧ-ସ୍ୱପ୍ନର ମୂର୍ଚ୍ଛେ ଗୃହିଁଲେ କବି;
କ୍ଷୀଣ-ଦୀପ-ଭାସେ      ନିଶୀଥ-ତାମସେ
   ରହିଲି ମୁଁ ଚାହିଁ ବସନ୍ତେ ଦ୍ରବି ।
କ୍ଷଣେ ରହି କବି,      କହିଲେ ସଂଭାଳି,
   "କିଏସେ ଏ ଗୀତ ଶୁଣୁଛି ଆଜି ?
ଶୁଣୁଥିଲେ ଆମ୍ଭେ      ରହନ୍ତୁ ଉପରେ,
   ବଦାଙ୍କ ମେଳଣି ତେଣିକି ଥାଉ ।
ଗାଇଲିତ ବାବୁ      ସେ-କାଳ-ଚରିତ
   ସୁନ୍ଦର, ଯିବ କି ପରତେ ଏବେ ?
ଏହି ମହାନଦୀ      ବହୁଛି ସାଗରେ;
   ରଖିଛି କି ମନେ ସେ କଥା ଲବେ ।



GPNanda Colln., Digitized by srujanika@gmail.com

ଏହି ତୀର-ବନେ ଗିରିଦୁର୍ଗ-ଚୂଳେ
ଉଠୁଥିଲା କେତେ ଅନଲ-ଶିଖା;
ଅବଳ-ବିମଳ- ଜଳବେଣୀ-କମ୍ପେ
ଭାସୁଥିଲା ସେହି ଅନଳ-ଲେଖା ।
ଅନଳେ ଝଲସି ଗ୍ରୀଷମ-ନିଶୀଥେ
ସିକତା-ଶଯାରେ ଭୁଜଙ୍ଗ ଗୃଳ;
ଉଜ୍ଜ୍ୱଳ କଂଚୁକେ ଦେଖିଥିଲେ କେତେ
ସାଦ-ସେନା ଏହି ଛଟିମା ପାର ।
ଶ୍ୟାମଳ ଜଙ୍ଗଲେ ଉପକଣ୍ଠ-ସ୍ତରେ
ଶୋଭୁଥିଲା କେତେ ଜଟିଲ ବନ;
ପାରଧି-ଉତ୍ସବେ ସଇନ ସାମନ୍ତ
ବୁଲୁଥିଲେ, ବାର ଶ୍ୱାପଦ-ସ୍ୱନ ।
କୃଷକ-ଗରବେ ଗଜ-ଗର୍ଜନେ
ଫାଟି ଉଠୁଥିଲା ବିଶାଳ ଧରା;
ବନ୍ଦୀ ଗାଉଥିଲେ ସୋହାଗେ ସଂଗୀତ,
ପୁର ପଲ୍ଲି ଥିଲା ସମ୍ପଦ-ଭରା ।
ଦେବ-ଭୂମି ଏହି ଉତ୍କଳ-ଭୁବନ;
ବସ୍ତ୍ର-କଳା ଧେନ, ସଜନ ଥିଲେ;
କମଳା-ବିଳାସେ ହସୁଥିଲା ଦେଶ,
ବନ୍ଦ-ସରସ୍ୱତୀ ଶପିନ ବଲେ ।
କି ଦେଖିବ ଆଉ ? ଆସିଅଛ ବାବୁ,
ଓଡ଼ିଶା-ମୂଲକୁ ବିହାର-ଲସେ;
ଶୁଷ୍କ ତମେ ବୋଲା କାନ୍ତାର କନ୍ଦର,
ଶଲ ପୁର ପଲ୍ଲି ନୀରବେ ହସେ ।

GPNanda Colln., Digitized by srujanika@gmail.com

ଦେଖି ନାହିଁ ମୁହିଁ ନୀଳାଚଳ କେବେ,
ଦେଖି ନାହିଁ ତୁଙ୍ଗ ଏକାମ୍ର-ଶିର;
ଶୁଣିଛି, କୋଣାର୍କେ ସିକତାର ସ୍ତୂପ,
ମନ୍ଦିର ନଗର କାନନ ଭିର;
କି ଦେଖିବ ଆଉ ? କୁପାଁ ଯିବ ତହିଁ ?
ଭାସେ କି ସାଗରେ ଓଡ଼ିଆ-ପୋତ ?
କଳ୍ପନାରେ ଭୁଲି, ସୁମରି ଅତୀତ,
ଘରେ ବେଳେ ବେଳେ ବୋଲଇ ଗୀତ ।”
“ବଞ୍ଚି ଥାଅ କବି ଆଉ କେତେ ଦିନ,
ଇତିହାସ ଏହୁ ଶସ୍ତରେ ଧରି !
ବିଜନ ପୁଳିନେ ଗାଉଥାଅ ଗୀତ,
ତରଙ୍ଗେ ଶୁଣିବ ତଟିନୀ-ବାରି !
ଶାଳମାଳେ ଘନ ତାମସ କନ୍ଦର;
ଗୁଳ୍ମ ଜଙ୍ଘା ତୋଳା ଶିଖର-ଚୂଳ;
ଶିଶିର-ନୈଶତକେ ଶୁଣିବ ଲହରୀ,
ଭଗ୍ନ-ଭିତ୍ତି-କର୍ମେ ଶୁଣିବ ଗଡ଼ !



କଟକ ନବଭାରତ ପ୍ରେସରେ ଶ୍ରୀ ବନମାଳି ମିଶ୍ରଙ୍କ ଦ୍ୱାରା ମୁଦ୍ରିତ—୧୯୪୭

GPNanda Colln., Digitized by srujanika@gmail.com

## ଟୀକା

—o—

# ପ୍ରଥମ ଭାଗ

(ପ୍ରାୟ ସବୁ ପୁସ୍ତକରେ ଥିବା ପାଠର ଧାଡ଼ିସଂଖ୍ୟା ସୂଚିତ ହୋଇଛି)

## ରାମଚଣ୍ଡୀଠାରେ ରାତି

୨୦, ୨୨—କୋଣାର୍କ ବାଲି ପାଟରେ ବର୍ଷା ହୋଇଗଲେ ସାପପରି ବଙ୍କା ଟେଢ଼ ଧାର ସବୁ ବହିଯାଏ । ୪୬—ଝଲ-ଡଣ୍ଡୁଳ-ଝୁଇ=ଝୁପ ଝୁପକିଆ; ଝୁଇ ଓ ଚନ୍ଦ୍ର କିରଣ ଗଛ ତଳେ ଯେପରି ଦେଖାଯାଏ । ୫୬—ବିତାନେ=(ଏଠାରେ) ବିସ୍ତୃତ ସ୍ଥଳରେ । ୭୨—ବିମାନ=ଆକାଶଗାମୀ ଦେବ ରଥ । ୭୬—ଲହରୀ ଭାଙ୍ଗିଲା ପରେ ଲହୁଣୀପରି ଧଳା ଫେଣ ଚିକ୍କଣ ଓଦା ବାଲି ଉପରେ ସୁନ୍ଦର ବଙ୍କା ଗାର କାଟିଲା ପରି ମାଡି-ଯାଏ । ୭୭-୮୮—ଲୁଣି ପବନ ଖାଇ ଖାଇ କେତେକାଂଶରେ ବିକୃତ ହୋଇ ଯାଇ ଥିବା କୋଣାର୍କର ଶିଳ୍ପ-କଳା ଖରରଶ୍ମି ଆଲୋକରେ ଭଙ୍ଗାବୁଜା ଦେଖାଯିବାରୁ ଖରାପ ଦିଶେ । ପୁଣି ମେଘୁଆ ଦିନରେ ସେ ବିଶାଳ ଓ କମନୀୟ କଳା ବଡ଼ ଗମ୍ଭୀର ଓ ଭୀଷଣ ଦିଶେ । ମାତ୍ର ସ୍ନିଗ୍ଧ



GPNanda Colln., Digitized by srujanika@gmail.com

ଚନ୍ଦ୍ରକିରଣରେ ବଡ଼ ମଧୁର ଓ ପ୍ରାଣସ୍ପର୍ଶୀ ହୁଏ । ୮୯ ଠାରୁ ଢଳ ନଉର ପିଲ୍ଲାଦିନର ଅନୁଭୂତି କହୁଚନ୍ତି । ୯୩,୯୪—ସନ୍ଧ୍ୟାର ରକ୍ତିମା ଅନ୍ଧାରରେ ମିଶି ଆସୁଥିଲା । ସେଇ ତେଜ ପୂର୍ବରେ ସମୁଦ୍ର ଆଡ଼େ ଥିବା ମନ୍ଦିର ଉପରେ ପଡ଼ୁଥିଲା । ୯୭—ଲଘୁ=ଚଂଚଳ । ୧୦୩—ଭଂଗା ପାଚିରିର ପଥର ଗଦାକୁ ଡେଇଁ । ୧୧୨—କାରୁ=ଶିଳ୍ପୀ । ୧୩୪—ରାମଚଣ୍ଡୀ-ଶିଖରେ=ରାମଚଣ୍ଡୀ ଠାକୁରାଣୀଥିବା ବାଲି ଉପରେ । ୧୫୦—କାଳ-ବୀଚି ଭଂଗି=କୂଳରେ ଉଚ୍ଛ୍ୱାସି ଉଠି; ସମୁଦ୍ରରେ ଗାଧୋଇଲା ବେଳେ ଲହରୀ ଡେଇଁ ତା ପଛକୁ ଯିବାଟାକୁ "ଲହଡ଼ୀ ଭାଙ୍ଗିବା" ବୋଲି କହନ୍ତି । ୧୬୩—ବାଉଛି=ସଙ୍କେତରେ ଅନୁକୂଳତା ପ୍ରତିକୂଳତା କଳନା କରୁଛି । ୧୭୫-୬—ସୂର୍ଯ୍ୟ ମନ୍ଦିର ନ ଥିବାରୁ ସମୁଦ୍ରବାୟୁ ସେଥିରେ ଆଉ ବାଜୁନାଇ । ୧୭୭-୮—କୋଣାର୍କ ମନ୍ଦିର ଏପରି ତିଆରି ହୋଇଥିଲା ଯେ କୋଣ ବା ଆଗ୍ନେୟ କୋଣରେ ସୂର୍ଯ୍ୟ ଉଇଁଲାବେଳେ ସିଂହଦ୍ୱାର ବାଟେ ସୂର୍ଯ୍ୟର ଅଦ୍ୟରଶ୍ମି ସିଂହାସନ ଉପରେ ପଡୁଥିଲା । ୧୮୮—କୁଶଭଦ୍ରା ନଦୀ ଏବେ ଚନ୍ଦ୍ରଭାଗାକୁ ଛାଡ଼ି ଅଲଗା ହୋଇ ଲଆଖିଆ ମୁହାଣରେ ସମୁଦ୍ରରେ ପଡ଼ିଛି । ୨୫୩-୮୨—ସ୍ୱପ୍ନର ଅଘଟନ-ଘଟନ-ପଟୁତା ବର୍ଣ୍ଣନା କରାଯାଇଛି । ୨୮୭—ତରଳ ନିଦ=ପତଳା ନିଦରେ ସ୍ୱପ୍ନ ହୁଏ; ସୁଷୁପ୍ତିରେ ହୁଏନାଇ । ୩୦୩-୪—ବାହାରର ଝଣ-ଝଂକାର ସଙ୍ଗେ ସ୍ୱପ୍ନରେ ଶୁଣୁଥିବା ରଣଭେରୀ ଝଂକାର ମିଶିଯିବ । ୪୨୧—ସଜାଇ=ସଜାଡ଼ି ( ଗୁଛାଇ ) । ୪୨୫—ବଲମ ବା ବର୍ଚ୍ଛା ହସ୍ତରେ ଧାଡ଼ି ଧରି ଚାଲୁଥିବା ସେନାଙ୍କ ଚଳକୁ ଲକ୍ଷ୍ୟ । ବର୍ଚ୍ଛାର ଫଳାରେ ସକାଳ ସୂର୍ଯ୍ୟ କିରଣ ପଡ଼ି ନିଆଁ ପରି ଝଟକୁଛି । ୪୩୫-୬—ସେନା ଦଳଫେରି ଗତିକଲାବେଳକୁ ସାଜୁରେ ଖରାପଡ଼ି ଦେଖିବା ଲୋକର ଆଖିକୁ ଝଲସାଇ ଦେଲା । ୪୫୨—ଭେରୀ=(ଏଠାରେ) ତୂରୀ । ୫୧୬—ସହ୍ୟାଦ୍ରି=ପଶ୍ଚିମଘାଟ ପର୍ବତ; ଏହା ପୁରାଣରେ କୁଳାଚଳମାନଙ୍କ ଭିତରୁ ଗୋଟିଏ । ୫୨୬-୩୪—ଅନ୍ୟ ଘଟନା; ନେରୁର ସନ୍ଧିପ୍ରାର୍ଥୀ ଦୂତକୁ କୌଣସି ରାଜାଙ୍କର ସାମନ୍ତ-ସେନାପତି ଅପମାନ ଦେଇ ସେଇ ରାଜାଙ୍କ ଅଙ୍କରେ ମୁଣ୍ଡକାଟ ଶାସ୍ତି ପାଇଲେ । ସେଇ ଦୂତ ଯାଇ ସେନା-

GPNanda Colln., Digitized by srujanika@gmail.com

ପଛର ମୃତ୍ୟୁ ସମ୍ବାଦ ଜଣାଇବାରୁ ଶତ୍ରୁମାନେ ସନ୍ଧି ପ୍ରସ୍ତାବ ଛାଡ଼ ଆକ୍ରମଣ କଲେ । ସେନାନାୟକ ଅଭାବରେ ଯୁଦ୍ଧ ଉଦ୍ୟମରେ ବାଧା ଘଟିଲେ ସୁଦ୍ଧା, ରାଜା ନିଜେ ମରଣାନ୍ତ ଯୁଦ୍ଧ କରି ଜିଣିଲେ । ୬୨୪—ଭମନ୍ତ ନୁହେଁ, ଭ୍ରମନ୍ତ । ୬୮୧-୮୨—କୁଳେ ନୁହେଁ, କୂଳେ (ଛପାଭୁଲ) । ୬୮୨—ଗୋନାସା-ଘାଟ=ଗୋନାସା ପର୍ବତରେ ବୈତରଣୀ ଘାଟ । ୬୮୫—ପାଟଣା-କଟକେ=ଏକ ବନ୍ଦରର ପାଟନାରେ । ୭୩୧-୭୪—ଇଂରେଜ କବି ସ୍କଟ୍ (Scott) ଙ୍କ 'Lay of the last minstrel' 'ଶେଷବନ୍ଦୀ ଭାରତୀ'ରେ ଏଇ ଭଳି ଗୋଟିଏ ଚିତ୍ର ଅଛି । ୭୩୩-୩୪—ଏବେ ସିଂହାସନରେ ମୂର୍ତ୍ତି ନାଇ; ମୁଖଶାଳା ଆଗରେ ମଣ୍ଡପରେ ଚ୍ଛୋମରେ ପଥର ଯୋଡ଼ ଯାଇଥିବାର ଦାଗ ଅଛି । ୭୬୮—ଉତ୍ତଗ ନୁହେଁ, ଉତ୍ତୁଙ୍ଗ (ଛପା ଭୁଲ) ୭୪୧—ଯୁଗ-ପରିତ୍ୟାଗ ବା ବହୁକାଳର ବର୍ଜନ ଓ ସମୁଦ୍ର ବାୟୁର ଶୋଷଣ ଆଘାତ ସତ୍ତ୍ୱେ । ୮୦୫—ଅଯୁଚ୍ଛୁ ନୁହେଁ, ଅସିଛୁ (ଛପାଭୁଲ) । ୮୫୫—ଉଠୁଛୁ ନୁହେଁ, ଉଠିଛୁ (ଛପାଭୁଲ) ।

## ସକାଳ

୮୨୫-୨୬—ଦୂରରେ ଥିବା ଧୂଆଁଳିଆ ପର୍ବତ ପାଚିରି ପରି ଦିଶୁଥିବା ଶରତ୍ କାଳର କାନ୍ତି ମେଘ ଭିତରେ ଉଜ୍ଜ୍ୱଳ ସୂର୍ଯ୍ୟ ମଣ୍ଡଳ । ୮୮୧-୮୨—ଶରତ୍ କାଳର ନଦୀର ଜଳ ଦର୍ପଣ ପରି ସ୍ୱଚ୍ଛ । ପ୍ରଭାତ ବାୟୁ ଯୋଗେ ତହିଁରେ ଛୋଟ ଛୋଟ ତରଙ୍ଗ । ଆକାଶରେ ପତଳା ମେଘ ଖଣ୍ଡିତ । ସେଥିରେ କ୍ଷଣେ କ୍ଷଣେ ତାରା ଦିଶୁଚି, ଲୁଚୁଚି । ୮୮୭—ଡକ୍ଟର ମାୟାଧର ମାନସିଂହଙ୍କ ଭୂମିକା ଦେଖ ।

——o——

GPNanda Colln., Digitized by srujanika@gmail.com

# ଦ୍ୱିତୀୟ ଭାଗ

## ମାୟାଦେବୀ

### ପ୍ରାରମ୍ଭଦୃଶ୍ୟ—

୩-୬—କାବ୍ୟର ବର୍ଣ୍ଣନୀୟ ବିଷୟର ସୂଚନା । ୯—କବିଙ୍କୁ ସେତେବେଳେ ୩୫ ବରଷ ହୋଇଥିଲା । ତାକୁଇ ଜୀବନର ମଧ୍ୟକାଳ କହନ୍ତି । ୧୧-୧୬—ଏଠାରେ କବିଙ୍କର ହୃଏତ କୌଣସି ଗଭୀର ବ୍ୟକ୍ତିଗତ ଅନୁଭୂତି ପ୍ରକାଶ ପାଉଛି । ୧୩—ମର୍ମ୍ମର ଦହନ=ଘୁମ୍‌ଗୁମିଆ ନିଆଁ ; ଦୂଷାନଳ । ତୁଳାମେଘ=ତୁଳା ପରି ବା ଆଶ୍ୱିନ କାର୍ତ୍ତିକର ଧଳା ମେଘ । ବନ୍ଧୁମାନଙ୍କର ଆବିଳମାନସ ବା ଗୋଳିଆମନ, ୧୬—ବିଷବ୍ରଣ=ବିଷପରି ବା ବିସବ୍ରଣ, ଆଲୁବାଲୁଆ । ୨୩—ନିଷାଦ-ସ୍ୱରକ୍ଷେ=ନିଜକୁ ଗଜାରୋହୀ ଭାବି । ଆସାରଚୟ=ବରଷା ଅସରମାନ । ୨୪—ଉପାନ୍ତ ପ୍ରସାରେ=ବଣର ଶେଷଆଡ଼କୁ । ୫୧—କବି ସେଇ ସ୍ଥଳୀର ପ୍ରକୃତିରୁ ଉପମା ଦେଇ ବନ୍ଧୀକୁ ମନେ ପକାଇ ତାର ସ୍ତୁତି ଗାଇବାପାଇଁ ଉତ୍ସାହିତ କରୁଚନ୍ତି । ୫୬—ସ୍ମୃତି-ନଦେଇ ହୃଦ୍ରେ, ସ୍ମୃତି-ନଦେଇ (ଛପା ଭୁଲ ) ।

### ପ୍ରଥମସର୍ଗ—

୬—ଦରେ ଦରେ—ପ୍ରତି କନ୍ଦରରେ; ଉପକଣ୍ଠ ଶିଳା=ଦରୀପାଖ-ପଥର । ୯—ଶାଖାର ପ୍ରତିବିମ୍ବ । ୧୧—ଲବଙ୍ଗ ଗ୍ରୀଷ୍ମଦେଶୀୟ ଫୁଲ ହେଲେ ବି,



GPNanda Colln., Digitized by srujanika@gmail.com

ସୁରସୁନ୍ଦ ବୋଲି ପ୍ରସିଦ୍ଧ । ୧୫—ଶାମଳ=ଶ୍ୟାମଳ । ୨୩, ୨୪—ସ୍ୱର ଭେଦରେ ଶୀତୋଷ୍ଣଭେଦ ହେତୁ ଏପରି ହୁଏ । ୨୯—ନିଗ୍ରଜନ=ଗୀତ ଜନ, ସ୍ଥାନ । ୩୫—ବଗ୍ରଂଗ=ମସ୍ତକ । ୩୮—ଵଭ୍ରମ=ନାସିର ସ୍ୱାଭାବିକ ଭଂଗୀ । ୩୯—ହାତୀଦାନ୍ତକୁ ଶାଣରେ ବସାଇ, ପରେ ଲକ୍ଷାର ବାନକ ଦେଇ । ୪୧, ୪୨—ପର୍ବତତଳେ ଶ୍ୱେତ ହ୍ରଦରେ ରାଜହଂସ ପହଁରୁଥାନ୍ତି । ପେଣ୍ଡୁ ଫିଙ୍ଗିବାରୁ ତରଙ୍ଗ ଉଠେ । ସେଥିରେ ରାଜହଂସ ଦୋହଲନ୍ତି ଓ ସେ ତରଂଗ କୂଳ ପଥରରେ ବାଜି ଫେରେ । ୪୬-୫୧—ସେକାଳ ମୁସଲମାନଙ୍କ ଯୁଦ୍ଧନୀତି ପ୍ରଭୃତି ପାଇଁ ବିଶେଷରେ ରାଖାଲଦାସ ବାନର୍ଜିଙ୍କ ଓଡ଼ିଶା ଇତିହାସର ପ୍ରଥମଖଣ୍ଡ ୨୫୯ପୃଷ୍ଠା(R. D Banerji's Hisory of Orissa Vol—I. p, 259 ) ଦେଖ । ୬୮—ଚନ୍ଦ୍ର-ଗହଳରେ ଗୃଲନ୍ତା ଘୋଡ଼ା ଦେହରେ ପଡ଼ିଥିବା ଅଳ୍ପ ସୁନାଖଣ୍ଡ ପରି । ୭୨—ଖଲିନ ଆସ୍ଫାଳ=ଲଗାମ୍ ଟାଣି । ୭୪—ସନ୍ୟାସୀଙ୍କ ତାରିପରି ନୟନ ଓ ବିଶାଳ ବକ୍ଷ ଦେଖି କୁମାରଙ୍କ ଭକ୍ତି ହେଲା । ୮୫—ଗେରୁଆ ଲୁଗାରେ ଉଜଳ ଧଳାଦାନ୍ତ ସଂଧ୍ୟା ମେଘରେ ଚନ୍ଦ୍ରତେଜ ପରି । ୯୨—ହଂସ ମୁଣ୍ଡରେ ମୋତିକୁଂଭ ବା ମୁଣି ଥିବା ପ୍ରସିଦ୍ଧ । ୧୦୪—ତାତ=ପୂର୍ବପୁରୁଷ । ୧୩୩—ତେଉ ଖେଳିଲା ପରି ଦେଖାଯାଉଥିବା ଶୃଂଗମାଳା । ୧୩୪—ପ୍ରସର ପ୍ରସାରେ=ସମୁଦ୍ର ଆଡ଼କୁ ନଈର ଓସାର ବଢ଼ିଯାଏ । ୧୪୬—ଚତୁରଂଗ=ହସ୍ତୀ, ଅଶ୍ୱ, ରଥ, ପଦାତି, ଏଇ ଚାରି ସେନାଙ୍ଗର ମିଳନ; ଓ ସାହିତ୍ୟ (କାବ୍ୟାଦି) ସଙ୍ଗୀତ (ନୃତ୍ୟ, ଗୀତ, ନାଟ୍ୟ), ଚିତ୍ର, ସ୍ଥାପତ୍ୟ, ଏଇ ଚାରି କଳା । ସୀମାନ୍ତ ଦେଶମାନଙ୍କରେ ସେନା ସନ୍ନିବିଷ୍ଟ ଥିବାରୁ ଦେଶରେ ଶାନ୍ତି ଥିଲା; ପୁଣି ସୀମାନ୍ତ ପ୍ରଦେଶମାନଙ୍କରେ ମଧ୍ୟ ଓଡ଼ିଶାର ଚତୁରଂଗ କଳା ପ୍ରଭାବ ବିସ୍ତାର କରୁଥିଲା; ଏଇ ଦୁଇଅର୍ଥ ଏଠାରେ ଅଛି । ୧୪୯, ୧୫୦—ଖରା ଟାଣ ହେବା ସଂଗେ ସଂଗେ ମେଘ ଦେଖାଦିଏ; ସୂର୍ଯ୍ୟ ଦକ୍ଷିଣକୁ ଗଲେ ଚନ୍ଦ୍ର ମୁଣ୍ଡ ଉପରେ ରହେ । ୧୫୭—କୂଳକୁ ଲହରି ବଡ଼ ହୁଏ । କହନ୍ତି ସାତ ଲହଡ଼ୀ ପରେ ପାଣି ଥିର ଥାଏ । ୧୫୯ଠାରୁ ଚିତ୍ରରେ ଜମ୍ବୁଦେଶ ପ୍ରକୃତିର ଚିତ୍ରଠାରୁ ଭିନ୍ନତା ପ୍ରତି ସୂଚନା ।

GPNanda Colln., Digitized by srujanika@gmail.com

୧୬୧—ଲକ୍ଷ୍ମୀରେ ଫେଣ ବନ୍ଦ ଓ ତାହାର ପ୍ରତିବଂବ ଉଭୟ ଲକ୍ଷ୍ୟ । ୧୬୦—ଗୃହେଶ୍ବର ଶିଳାଲିପି ଦେଖ । ତୃତୀୟ ଅନଙ୍ଗଭୀମ ବଙ୍ଗର ମୁସଲମାନ ସୁଲତାନଙ୍କୁ ଜିଣିଥିଲେ । ପୁଣି ତାଙ୍କ ବୃଦ୍ଧ ପିତା ରାଜ ରାଜ-ଦେବଙ୍କ ଅମଳରେ ମୁସଲମାନମାନେ ବଂଗଳାରୁ ଆସୁ ଅସୁ ଫେରି ଯାଇ ଥିଲେ । ୧୬୩—ଶତ୍ରୁଙ୍କୁ ବନ୍ଦୀ ଆଦର ରହିଲା ପରି ନରସିଂହଙ୍କୁ ସାମନ୍ତମାନେ ଆଦର ଥାନ୍ତି ।

## ଦ୍ୱିତୀୟ ସର୍ଗ

୧୧—ଶୋଭାଯାନ=ଶୋଭାଯାତ୍ରା । ୧୨—ବିବାହ ନିର୍ବନ୍ଧର ପୂର୍ବ କର୍ମର ସଙ୍କେତ ରୂପେ ନାରିକେଳ ପଠାଯିବାର ବିଧିକୁ ଲକ୍ଷ୍ୟ । ୧୭—ସନ୍ଧ୍ୟା ମେଘ ଉପରେ କଳା ହାଲୁକା ବଉଦ ଭାସିଗଲା ପରି । ୨୯ ଠାରୁ ଉଦାହରଣରେ ଦୁହିତା ନିଜର ଜନ୍ମସ୍ଥାନ ଛାଡି ଅନ୍ୟତ୍ର ଯିବାର ସୂଚନା । ୪୨,୫୦—ସର୍ବଦା ଜାଗ୍ରତ ରହି ସବୁ ଅବସ୍ଥାରେ ମାଆ ଶିଶୁକୁ ଗୃହିଁ-ଥାଏ । ଦର୍ପଣରେ ମୁହଁ ଦେଖିଲା ପରି ସେ ସଂତାନ ମୁହଁରେ ନିଜ ଭାବ ଦେଖେ । ୫୧—ସଂତାନ-ସ୍ନେହ-ସମୁଦ୍ରରେ ବୁଡ଼ିଥିବାରୁ ଜଗତରେ ଜୀବନ ଅଛି । ୫୫ଠାରୁ ଜନନୀର ମମତା ଯେ ସର୍ବ ବିକାଶର ମୂଳ, ଏହା ସୂଚିତ ହୋଇଛି । ୭୪—ଜୀବନ୍ତ ଜ୍ୱଳନ=ରତ୍ନନାଁ ; ଆଖି ଦେଇପରି ଲାଲ । ୮୭,୮୮—ପର୍ବତ ଉପରୁ ନଦୀ ଜନ୍ମ ହୁଏ । ସେଇ ପର୍ବତ ଝିଡ଼ର ମାଡ଼ ସହେ, କିନ୍ତୁ ଜନ୍ମିଥିବା ନଦୀ ଛାଡି ଫୁଲାଇ ଗଲେ ଓ ସେଇ ପର୍ବତର ଆଶ୍ରିତ ଶ୍ରେଷ୍ଠ ପଥର ଗୁଡ଼ିକ ଚୂର୍ ହୁଏ । ସାଧଇ=ପୀଡ଼ା ହୁଏ । ୯୩ ଠାରୁ ଲେମା ସ୍ୱପ୍ନ ଦେଖି ପଲଂକରୁ ଖସି ପଡି ଉତ୍ସାହରେ କହିବାର ବର୍ଣ୍ଣନା କରାଯାଇଛି । ୧୦୭—ହିମକୂଟ=ତୁଷାରାବୃତ ଗିରିଶୃଂଗ । ୧୨୦—ନିର୍ବନ୍ଧ-ବିଧାନ=ନରସିଂହଙ୍କ ସଙ୍ଗେ ବିବାହ ପ୍ରସ୍ତାବ । ୧୪୯—ବୁଢ଼ ନୁହେଁ, ବୁଢ଼ା । ୧୫୨—ରାଜପୁତ ନାରୀଙ୍କ ଜହର-ବ୍ରତକୁ ଲକ୍ଷ୍ୟ । ୧୬୦—ଏ ଦେଶେ=ଏଠାଲୋକେ । ୧୭୮—କୌସାଂବ=ବତ୍ସରାଜ୍ୟ । ୧୭୭—ଦଣ୍ଡକ=ଦଣ୍ଡକାରଣ୍ୟକୁ । ୧୮୨—ଦଶାର୍ଣ୍ଣ କଟକେ ସଭାଜନ=ଦଶାର୍ଣ୍ଣ ଦେଶ ରାଜଧାନୀରେ ଅଭ୍ୟର୍ଥନା । ୧୯୮ ଠାରୁ ଜମ୍ବୁସେନାଙ୍କ ଭାବ

GPNanda Colln., Digitized by srujanika@gmail.com

ଓ ସେଠା ପ୍ରକୃତିର ସାମ୍ୟ ପ୍ରତି ସଙ୍କେତ । ୨୧୪—ସନ୍ଧ୍ୟାବେଳେ ପଶ୍ଚିମ ଦିଗ୍‌ବଳୟରୁ ନଇଁ ବନ୍ଧ ଆସିବାର ଦୃଶ୍ୟ । ୨୩୨—ଈପ୍‌ସିତ=ଇଚ୍ଛା ।

## ତୃତୀୟ ସର୍ଗ

୩—ବାରବାଟୀର ସଜ୍ଞ ଉପର ମହଲରେ ଦେବ ମନ୍ଦିର ଥିଲା । ୧୮—ଆନନ୍ଦ ଆଲୋକ ଛଳରେ ପୃଥିବୀ ଫୁଟାଇ ବାହାରି ଦିଶିଲା କି ? ୨୦-ଉତ୍ତୁଙ୍ଗ=ଅତି ଉଚ୍ଚ; ବଡ଼ବା=ସମୁଦ୍ର ଅଗ୍ନି; ଅନ୍ଧକାରରୁ ସମୁଦ୍ର ମଣି ବାହାରିଲା କି ? ୬୯—ରାଣୀ-ପୁରକୁ ରାଜା ପଶି ଆସିଲେ । ୭୪—ବିସ୍ମିତ ହୋଇଥିବା ରାଣୀଙ୍କୁ କହିଲେ । ୧୨୪-ତଳପ ପ୍ରସାଦେ=ଶେଯରେ ଶୋଇଲା ପରି ଖୁସିରେ । ୧୩୬—ଅର୍ଦ୍ଧଚନ୍ଦ୍ର ଆକାରରେ ସେନା ସଜାଡ଼ି ରଖିଲେ । ୧୪୧—ଚର୍ମ=ଢାଲ । ୧୫୦—ମେଘ ଗୃଲ୍‌ଥିଲେ ତାହା ତହିଁରୁ ବାହାରିଲା ପରି ଦିଶନ୍ତି । ପର୍ବ=ପୂର୍ଣ୍ଣିମା । ୧୫୩—ସୂର୍ଯ୍ୟ କିରଣରେ ଶର ଚକ ଚକ ହୋଇ ନୀଳ ବଣଭିତରେ ମେଘରେ ବିଜୁଳି ପରି ଦିଶେ । ୧୬୧—ଦ୍ଵିଧା=ଦୁଇଭାଗ । ୧୭୨—ମାଧବ ସୋହାଗ=(ଏଠାରେ) ଫୁଲ । ୧୭୩—ନଭ=ମେଘ; ପର୍ବତ ଜାହାଜ ହୁଏ, ତହିଁରେ ଲାଗି-ଥିବା ମେଘ ପାଲ ହୁଏ । ୧୮୩=ଗୋଲଆ ଗଡ଼ଆରେ ପୂର୍ଣ୍ଣଗ୍ରସ୍ତ ଚନ୍ଦ୍ର ପରି ମୁଖ ଦିଶୁଛି । ୧୯୧-୯୨—ଏଣେ ବଣରେ ଚଳନ୍ତା ଖଣ୍ଡା ଜକ୍ ଜକ୍ ହେଉଛି, ତେଣେ ସେଇ ପରି କଳା କାନ୍ତି ମେଘମାନଙ୍କ ଅଙ୍ଗରେ ବିଜୁଳି ଚମକୁଛି । ୧୯୬—ଟଙ୍କ ପରିସରେ=ଟାଙ୍ଗି ଉପରେ । ୨୧୨—ବାଡ଼ ଗହୀର ବା ପାଟରେ ବର୍ଷା ମେଘ ଉଠିଲେ, ତା ଯେପରି ଭୀଷଣ ହୁଏ, ସେହିପରି ମୁଖ । ୨୪୫—ଜୀବନ-ପଦ୍ମ=ଜଳ ରୂପକ ସ୍ତନ୍ୟ । ୨୫୪—ନିରୟେ=ନରକେ । ୨୫୯-୬୧—ଟଙ୍କ କଳା, ନରସିଂହ ଗୋଡ଼, ଏଇ କଥାକୁ ଲକ୍ଷ୍ୟ । ୨୬୮—ସେତେବେଳକୁ ଧ୍ୱଂସ ଗଡ଼ ଉପରେ ପ୍ରହର-ମନ୍ଦିରରେ ସନ୍ଧ୍ୟାତେଜ ପଡ଼ିଥିଲା । ୨୮୪—ସବୁ ଗିରିନଦୀ ପଥର ଫଟାଏ, ମାତ୍ର ସମୁଦ୍ର ପାଖେ ଜଳ ସମ୍ଭାର ବେଶି ହେଲେ ବି ଶାନ୍ତ ହୁଏ । ୨୮୯—ବଣ ଭିତରେ ସଙ୍କୁଚିତ ହୋଇ ଦୁର୍ଗ ପାଖେ ସୈନ୍ୟସେନ ଥାଏ । ୨୯୯ଠାରୁ ବରୁଣେଇ ପାହାଡ଼ ଉପରୁ ଗୃହପାଖର ଦୃଶ୍ୟ । ୩୦୩-୪—ସେତେବେଳା

GPNanda Colln., Digitized by srujanika@gmail.com

ପାଉଥିଲ୍ ଧାନ ପରେ ସମୁଦ୍ର ଜଳ ଧଳା ଦାଗ ଦିଶୁଥିଲା । ନଡ଼ିଆ ମାଳ-ମାନଙ୍କରେ ଜମା ହୋଇଥିବା ଅନ୍ଧାର ପ୍ରସାରିତ ହୋଇ ସାଗର ହୋଇଛି କି ? ୩୪୬—ଚୈଙ୍କରୁ ଜାଣି ଆସିଲେ ଶିଶୁପାଳ ଜେମାଙ୍କୁ ବିଭା ହେବାକୁ ପ୍ରତିଜ୍ଞାବଦ୍ଧ ହୋଇଥିବା କଥା ପର ସର୍ଗରେ ଅଛି ।

## ଚତୁର୍ଥ ସର୍ଗ

ଯୌବନରେ ଚିତ୍ତବୃତ୍ତି ବନ୍ଧୁରୂପରେ ଅଭିଳଷିତ ମାର୍ଗରେ ଅଦମ୍ୟ ହୁଏ । ତହିଁରେ କୌଣସି କଳନା ବା ଇଯୁକ୍ତି ନ ଥାଏ । ସେଥିରେ ପ୍ରୀତି ଅଲକ୍ଷିତ ଭାବରେ ଫୁଟି ଓ ତରୁଣକୁ ବଶ କରେ । ଏଇ କଥା ପ୍ରଥମରୁ ବୁଝାଯାଇଛି । ୭—ଆବରଣ=ସଂଯମାଦିର ବାଧା । ୮—କୀର୍ତ୍ତି, କର୍ତ୍ତବ୍ୟ, ବୀରତ୍ୱ ଓ ବିବେକ ପ୍ରକୃତ ପ୍ରୀତିରେହିଁ ଅଧିକ ଉଜ୍ଜ୍ୱଳ ହୋଇ ଉଠେ । ପ୍ରକୃତିରୁ ତାହାର ଉଦାହରଣମାନ ପରେ ବୁଝାଯାଇଛି । ୧୩-୨୨—ନାରୀମାନେ ବୀରପ୍ରିୟା ହୋଇଥିବାରୁ ବୀରମାନଙ୍କର ରଣ-ଦୁର୍ଦ୍ଧର୍ଷ ବାହୁକୁ ମୃଣାଳପରି ଆଦରନ୍ତି । ୨୯,୩୦—କୁମାର ନରସିଂହଙ୍କ ବନକୁ ଯିବାର କାରଣ ଓ ଏକାମ୍ରରେ ଶିବ ୨ ସ୍ଥାପନ ବର୍ଣ୍ଣିତ । ୩୧-୪୨—ସ୍ୱପ୍ନାଦେଶରେ କୁମାରଙ୍କ ସେନାଙ୍କ ଭିତରେ ଯେ ଭାବ ଓ କ୍ରିୟା ହେଲା ତାହାର ଉପମା । ୪୪—ଆମୋଦ-ଭସିଲେ ହବେ, ଆମୋଦେ ଭସିଲେ (ଛପାଭୁଲ) । ୪୯—ଗୁରୁ=ଶଂକର । ୫୩—କୁମାର-ଜନେ=କୁମାରଙ୍କ ଲୋକେ । ୬୫-୬୮—ସୂର୍ଯ୍ୟ ତଳେ ଚଳନ୍ତା ବଉଦ ଚୂଳ ଥିଲେ କ୍ଷଣକେ ଛାଇ, କ୍ଷଣକେ ଖରା ହେଲାପରି ସେଠି ଏକାଠି ହୋଇଥିବା ଲୋକଙ୍କ ମନରେ କବିତାରେ ଆନନ୍ଦ ଓ କୁମାରଙ୍କ ଆଗେ ଏପରି ପ୍ରେମ କରିବା ଠିକ୍ ହବେ ବୋଲି ଶଂକାର କାଳିମା ଖେଳିଗଲା । ୭୧—ବାଦ=ପ୍ରତିଦ୍ୱନ୍ଦ୍ୱିତା । ୭୮-୮୭—ପ୍ରେମ ହେତୁରୁ ସବୁ ଭାବ ଅଭିବ୍ୟକ୍ତ ହୁଏ । ୮୮—ଏକପଦୀ-ବାଟେ=ଜଣକ ପାଦ ପଡ଼ିବାଭଳି ବାଟରେ । ଗୁଳ୍ମବନେ=ବୁଦାପୂର୍ଣ୍ଣ ବଣରେ; ଗୁଲ-ବନେ ନୁହେ ( ଛପାଭୁଲ ) । ୧୬୨ ପୃଷ୍ଠା ଗୀତ ଶେଷ ଧାଡ଼ି—ପେଢ଼ ହବେ, ପୋଢ଼ ( ଛପାଭୁଲ ) । ୨୬୪ ପୃଷ୍ଠାର ଶେଷ ପଦ—'ନ ଜାଣନ୍ତି', ଏଠାରେ କାକୁକ୍ତି; ଅର୍ଥାତ୍, ତୁ ତମର ପ୍ରାଣ ବୋଲି ସମସ୍ତେ ତ ଜାଣନ୍ତି, ଲୁଚାଇ କର

GPNanda Colln., Digitized by srujanika@gmail.com

ମୋତେ ସାଙ୍ଗରେ ନେବ ବୋଲି କାହିଁ ଭାବୁଚ ? ପିଣ୍ଡ ସଂଗେ ପ୍ରାଣଯିବା ସ୍ୱାଭାବିକ । ଲାଜ ନାହିଁ । ପୁଣି ମୁଁ ବୀର ହାତ ଧରିଚ, ଭୟ ବି ନାହିଁ । ଛନୋଟି ବନ୍ଦୀ ଗୀତ—ଏ ଛନୋଟିରେ କବିତାର କ୍ରମ ବିକାଶ ସଂଗେ ପ୍ରେମର ନିବିଡ଼ ଗଣ୍ଠି ନିପୁଣ ଭାବରେ ଚିତ୍ରିତ ହୋଇଚି । ୯୬—କବି-କଦଂବ=କବି-ସମୂହ । ୧୧୦—ଅନପେ=ଅନୁପେ (ଛପାଭୁଲ) ; ୧୧୩—ବଣ ଭିତରେ ବାଠ ବାରି ଫେରିବାକୁ ଚିହ୍ନ ବା ସଂକେତ ରଖୁ ନାହାନ୍ତି । ୧୨୫—ଯୋଗଣେ—ଭୋଜନ ବେଳେ । ୧୨୭—ଅନ୍ୟମନସ୍କ ଥିବାରୁ ବାଠ ସରିଯିବା କଥା ଜାଣିପାରୁ ନାହାନ୍ତି । ୧୪୦-ଶସ୍ପ= ବାଲତୃଣ, ଶସ୍ୟ । ୧୪୧—ବଣ ଭିତରେ ସଂଧ୍ୟାବେଳକୁ ଶସ୍ୟକ୍ଷେତ୍ର ଦେଖିଲେ । ୧୪୨--ପାଟଳ-ପଟଳେ=ରକ୍ତବର୍ଣ୍ଣ ପରଦା ବା ଆବରଣକୁ । ୧୪୪—ନିସ୍ତବ୍ଧ ଜଣାଥରେ କୁମ୍ଭାଟୁଆ ପକ୍ଷିର ଶବ୍ଦପରି ବିଷାଦରେ ବିସ୍ମୟ । ୧୭୪—ଭୁବନେଶ୍ୱରଠାରୁ ପ୍ରାୟ ମାଇଲଏ ଦୂରରେ 'ଶିଶୁପାଳ' ଗଡ଼ର ଧ୍ୱଂସାବଶେଷ ଏବେ ଅଛି; ଗଡ଼ଖାଇ ଓ ପ୍ରାଚୀର ସ୍ପଷ୍ଟ ବାରି ହେଉଚି । ୧୮୦—ସିଂହଦ୍ୱାରରେ ପହଲି ଦେଖା ଆଗରୁ ବୁଝାଯାଇଚି । ୨୨୮—ବୁଢ଼ା ହେଲେ, ଲୋକେ ବେଶି ଗପନ୍ତି । ୨୫୭—'ଲଗାଇ' ନୁହେଁ, 'ଲାଗଇ' (ଛପାଭୁଲ) । ୨୫୯ ଠାରୁ ଜେମାଙ୍କୁ ଲକ୍ଷ୍ୟ କରି କବି କହୁଚନ୍ତି । ୨୮୪ ପୃଷ୍ଠା, ୨ୟ ଧାଡ଼ି, 'ହଣର' ନୁହେଁ, 'ହୁଣଇ' (ଛପାଭୁଲ) । ୩୮୩— ପରିଗ୍ରହ=ସତ୍କାର ଓ ସେବକ, ଦୁଇ ଅର୍ଥରେ ବ୍ୟବହୃତ । ଶ୍ଳେଷ ।

## ପଞ୍ଚମ ସର୍ଗ

୪ର୍ଥ ସର୍ଗର ପ୍ରଥମରୁ ପ୍ରୀତିର ପ୍ରସାର ଓ ଏଠାରେ ପ୍ରଥମରୁ ପ୍ରୀତିର ପ୍ରତିଦାନ ସୂଚନା ଅନୁସଂଧାନ ଯୋଗ୍ୟ । ୨୨୯,୩୦—ନରସିଂହ, ଦେବତା; ଜମ୍ବୁଜେମା ତାଙ୍କ ହାତରେ ଫୁଲ, ତାଙ୍କୁଇ ଦେଖି ମାୟାଦେବୀ କୃତାର୍ଥ ହୁଅନ୍ତେ । ୨୦୨—'ବନ୍ଧୁକ୍ଷଣ' ନୁହେଁ, ବନ୍ଧୁକ୍ଷଣ (ଛପାଭୁଲ) ।

## ଷଷ୍ଠ ସର୍ଗ

୪୩—ଗହଳ ପତ୍ର ଥିବା ଗଛ ଖସିବେଳେ ମଧ୍ୟ ନିଜ ଅନ୍ଧାରିଆ ଛାୟାରେ ଜୁଳୁଜୁଳା ପୋକକୁ ସଂଭାଳି ରଖିଥିଲାପରି । ୫୯—ତିକ୍ତ ପ୍ରୀତିପୂର

GPNanda Colln., Digitized by srujanika@gmail.com

=ଉତ୍କଟ ପ୍ରେମର ପ୍ରବାହ, କର୍ମ ଆବରଣ ତଳେ ଅଟକକର ଥାଏ । ୧୨୪—କଟକ=ରାଜଧାନୀ; ଏଠାରେ 'ବାରାଣସୀ କଟକ' । 'ବାରାଣସୀ' ଠାରୁ ଏବ 'କଟକ' ସହରକୁ ଯେଉଁ 'ବାରାଣସୀ କଟକ' ବା 'କଟକ-ବାରାଣସୀ' ସହରଟି ପୂର୍ବରୁ ଥିଲା । ୧୩୩—'ସରଣେ' ନୁହେଁ, ସ୍ମରଣେ ( ଛପାଭୁଲ ) । ୧୫୮—ପରିବାର ନୁହେଁ, ପାରିବାର ( ଛପାଭୁଲ ) । ୧୭୭—ଗ୍ରୀଷ୍ମର ଉଷ୍ଣ ରୂପେ ନଦୀ ଜଳ ଉତ୍ପତ୍ତି ସ୍ଥଳରୁ ମାଟି, ପଥର ଜଳ ସାଂଗରେ ଘେନି ଆସେ । ୮୨—ପତଙ୍ଗ=ପକ୍ଷିର ଡେଣା । ୨୦୪—ଫୁଲ୍ଲ=ପୂର୍ଣ୍ଣ ବିକଶିତ । ୨୨୯—'ଦୂର' ନୁହେଁ 'ଦୂରୁ' ( ଛପାଭୁଲ ) । ୨୪୧—ଜମ୍ବୁ-ମୋହାଗେ=କାଶ୍ମୀର ସୌନ୍ଦର୍ଯ୍ୟରେ ।

## ଉପସଂହାର—

୨୩୩ପୃଷ୍ଠା ୨୧ ଧାଡ଼ି—ପରିବାହ=ଆକାଶ ବାୟୁ । ୨୩୪ ପୃଷ୍ଠା ୫ ଧାଡ଼ି ଠାରୁ—ପୁରାଣରେ ଅଛି, ସୂର୍ଯ୍ୟ, ବିଶ୍ୱକର୍ମାଙ୍କ ଝିଅ ସଞ୍ଜ୍ଞାଙ୍କୁ ବିଭା ହୋଇ ଥିଲେ । ସଞ୍ଜ୍ଞା, ସୂର୍ଯ୍ୟଙ୍କ ତେଜ ସହି ନ ପାରି 'ଛାୟା' ନାମ୍ନୀ କନ୍ୟାଟିକୁ ସୂର୍ଯ୍ୟଙ୍କ ପାଖେ ରଖି ନିଜେ ଅନ୍ତର ହୋଇ ଥିଲେ । ପରେ ସୂର୍ଯ୍ୟ ପୁଣି ସଞ୍ଜ୍ଞାଙ୍କୁ ଖୋଜି ତାଙ୍କ ପାଖକୁ ଯିବାରୁ ବିଶ୍ୱକର୍ମା ଭ୍ରମ ବା ଶାଣ ଯନ୍ତ୍ରରେ ବସାଇ ସୂର୍ଯ୍ୟଙ୍କ ତେଜ କମାଇ ଦେଲେ । ୨୩୫ ପୃଷ୍ଠା ୧୫ ଧାଡ଼ି—ସୂର୍ଯ୍ୟୋପରାଗରେ ଜ୍ୟୋତିଷମାନେ ଏକ ପ୍ରକାର କଳା ପ୍ରତିଚକ୍ଷୁ ବା ଚଷମା ଦେଇ ଗ୍ରହଣ ଦେଖନ୍ତି । ସେପରି ଚଷମା ନ ଦେଇ ଦେଖିଲେ ଆଖି ସହି ପାରେ ନାହିଁ ।

## ପ୍ରାନ୍ତ ଦୂଷଣ—

୨୩୭ ପୃଷ୍ଠା ୯ ଧାଡ଼ି—ଉପକଣ୍ଠପୁରେ=ପର୍ବତ ନିକଟବର୍ତ୍ତୀ ସ୍ଥଳୀରେ । ୨୦ ଧାଡ଼ି—ବନ୍ଦୀବରସ୍ତୁତି=ଭଟ୍ଟଗୀତ । ୨୨ ଧାଡ଼ି—ଗଂଜାମ ଓ ଗଡ଼ଜାତରେ କେତେକାଂଶରେ ଲୋକେ ପୁରୀ ଓ ଖୋର୍ଦ୍ଧାକୁ 'ଓଡ଼ିଶା' କହନ୍ତି ।

GPNanda Colln., Digitized by srujanika@gmail.com

Printer
Banamali Misra
NABA BHARAT PRESS
CUTTACK.
1947

GPNanda Colln., Digitized by srujanika@gmail.com